

ପଦାରେ ପଡ଼ିଲା ଆପ୍ କନ୍ଦଳ

ପୃଷ୍ଠା ୪

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 13 ଭାଗ ୩୪ | ସଂଖ୍ୟା ୧୩ | Saturday 4 April 2026 | Page 8 Rs. 5.00 | ● ଭୁବନେଶ୍ୱର ଶନିବାର ୪ ଏପ୍ରିଲ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


ୱାଲଟିୟର ପରେ ପଲାସା-ଇଚ୍ଛାପୁରମ ସେକ୍ସନ

## କ୍ଷତିଗ୍ରସ୍ତ ହେବନି ପୂର୍ବତଟ ରେଳବାଇ

**ବିରୋଧ ପରେ ସ୍ପଷ୍ଟୀକରଣ**

**ଓଡ଼ିଶାର ଇଞ୍ଚେ ବି ଟ୍ରାକ ଅନ୍ୟ ରାଜ୍ୟକୁ ଯିବନି**

**ଅସନ୍ତୋଷ ଝାଡ଼ିଲେ ବ୍ରହ୍ମପୁର ସାଂସଦ**

**ନିଷ୍ପତ୍ତି ବଦଳାଇବାକୁ ବିଜେଡିର ଦାବି**





ଭୁବନେଶ୍ୱର,୩।୪(ସଂଚାର ବ୍ୟୁରୋ): ପୂର୍ବତଟ ରେଳବାଇରୁ ପଲାସା ଓ ଇଚ୍ଛାପୁରମ୍ ସେକ୍ସନକୁ କାଢ଼ି ଦକ୍ଷିଣ ତଟ ରେଳବାଇରେ ମିଶ୍ରଣ କରାଯିବାକୁ ନେଇ ଜୋର ଧରିଛି ରାଜ୍ୟ ରାଜନୀତି। ବିରୋଧୀ ଦଳମାନେ ବିଜେପି ସରକାରଙ୍କୁ ଦାୟୀ କରୁଥିବା ବେଳେ ରେଳବାଇ ପକ୍ଷରୁ ଏନେଇ ଆଜି ଦିଆଯାଇଛି ସ୍ପଷ୍ଟୀକରଣ। ଓଡ଼ିଶାର ଗୋଟିଏ ଇଞ୍ଚ ରେଳ ଟ୍ରାକ ଅନ୍ୟ ରାଜ୍ୟକୁ ଯାଉନାହିଁ ବୋଲି ରେଳବାଇ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି।

ରେଳବାଇ ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ ରେଳ ପ୍ରକଳ୍ପର ବିକାଶ ପାଇଁ ୯୩ ହଜାର କୋଟିରୁ ଅଧିକ ଅର୍ଥ ମଞ୍ଜୁର କରାଯାଇଛି। ଓଡିଶାରେ ରେଳ ନେଟୱର୍କର ବିକାଶକୁ କେନ୍ଦ୍ର ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଯେଉଁଥିପାଇଁ ରେଳ ବଜେଟରେ ରାଜ୍ୟକୁ ଗତ ତିନି ବର୍ଷ ଧରି କ୍ରମାଗତ ଭାବେ ୧୦ ହଜାର କୋଟିରୁ ଊର୍ଦ୍ଧ୍ୱ ଅନୁଦାନ ଯୋଗାଇ ଦିଆଯାଇଛି। ଗତ ଦୁଇ ଦଶନ୍ଧି ଧରି ଶେଷ ହୋଇପାରୁ ନ ଥିବା ରେଳ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଗତ ଦୁଇ ବର୍ଷ ମଧ୍ୟରେ ତ୍ୱରାନ୍ୱିତ ହେବା ସହ ସେସବୁ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

ଓଡ଼ିଶାରେ ରେଳବାଇର ବିକାଶ ପାଇଁ କେନ୍ଦ୍ର ସରକାର ସ୍ୱତନ୍ତ୍ର ଭାବେ ରାୟଗଡ଼ା ଡିଭିଜନକୁ ମଞ୍ଜୁରୀ ଦେଇଛନ୍ତି। ଏହି ନୂଆ ଡିଭିଜନ ଖୁବଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି। ରାୟଗଡ଼ା ଡିଭିଜନ ଅଧୀନକୁ ଆସିଛି ସର୍ବାଧିକ ରାଜସ୍ୱ ଆଦାୟ କରୁଥିବା ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶର କୋଟାଭାସଲା-କିରାଣ୍ଡୁଲ ଅଞ୍ଚଳ। ଏହି ଅଞ୍ଚଳ ଏବେ ରାୟଗଡ଼ା ଡିଭିଜନ ଅଧିନରେ କାର୍ଯ୍ୟ କରିବ। ଏହାଦ୍ୱାରା ପୂର୍ବତଟ ରେଳବାଇର କୌଣସି ରାଜସ୍ୱ କ୍ଷତି ହେବ ନାହିଁ ବୋଲି କୁହାଯାଇଛି। ସେହିଭଳି ପଲାସା-ଇଚ୍ଛାପୁରମ ସେକ୍ସନରୁ ବିଶେଷ ରାଜସ୍ୱ ଆୟ ହେଉନାହିଁ। ତେଣୁ ପୂର୍ବତଟ ରେଳବାଇର ଆୟ ସହ କୌଣସି ସାଲିସ କରାଯାଉନାହିଁ ବୋଲି ରେଳବାଇ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ପୂର୍ବତଟ ରେଳପଥର ଗୁରତ୍ୱପୂର୍ଣ୍ଣ ପଲାସା-ଇଚ୍ଛାପୁରମ ସେକ୍ସନକୁ କାଢ଼ିନେଇ ଦକ୍ଷିଣତଟ ରେଳପଥର ବିଶାଖାପାଟଣା ଡିଭିଜନ ସହ ଯୋଡ଼ିବାକୁ ଚିଠି ଲେଖି ଜଣାଇଛି ରେଲୱେ ବୋର୍ଡ। କ୍ରମାଗତ ଭାବେ ସର୍ବାଧିକ ରାଜସ୍ୱ ପ୍ରଦାନ କରୁଥିବା ପୂର୍ବତଟ ରେଳପଥର ଗୋଟିଏ ପରେ ଗୋଟିଏ ଅଙ୍ଗ କାଟି ଅକାମୀ କରିବାକୁ ଉଦ୍ୟମ ହେଉଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। କେନ୍ଦ୍ରର ଏହି ନିଷ୍ପତ୍ତିକୁ ନେଇ ଉଭୟ ଶାସକ ଓ ବିରୋଧୀ ସାଂସଦ ଉଦବେଗ ପ୍ରକାଶ କରିଛନ୍ତି। ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ରେଳମନ୍ତ୍ରୀଙ୍କୁ ଚିଠି ଲେଖି ଦାବି କରିଛନ୍ତି ବିଜେଡି ସାଂସଦ ସସ୍ମିତ ପାତ୍ର। ସେପଟେ ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ସୋସିଆଲ ମିଡ଼ିଆ ପୋଷ୍ଟ ଜରିଆରେ ତାଙ୍କର କ୍ଷୋଭ ଝାଡ଼ିଛନ୍ତି।

ପୂର୍ବତଟ ରେଳପଥ କେନ୍ଦ୍ର ଅବହେଳାର ବାରମ୍ବାର ଶିକାର ହୋଇଛି। ପୂର୍ବରୁ ୱାଲଟିୟର ଡିଭିଜନକୁ କାଢ଼ି ନିଆଯାଇଥିଲା। ଏବେ ପଲାସା-ଇଚ୍ଛାପୁରମ ସେକ୍ସନ ଦକ୍ଷିଣତଟ ରେଳପଥକୁ ଗଲେ ପୂର୍ବତଟ ରେଳପଥର ପରିସୀମା ହ୍ରାସ ସହ ରାଜସ୍ୱ ହାନିର ଆଶଙ୍କା ବଢ଼ିଛି। ହେଲେ ଖାମଖିଆଲି ଢଙ୍ଗରେ ପ୍ରତିକ୍ରିୟା ରଖି ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା କହିଛନ୍ତି ଯେ ପଲାସା-ଇଚ୍ଛାପୁରମ୍ ଡିଭିଜନ ହାତରୁ ଗଲେ ରାଜସ୍ୱ ➪ପୃଷ୍ଠା-୬

ରାଜ୍ୟରେ ଡିଜିଟାଲ ଜନଗଣନା

## ସ୍ୱ-ଗଣନା କଲେ ମୁଖ୍ୟମନ୍ତ୍ରୀ



**● ସଫଳତା ପାଇଁ ଲୋଡ଼ିଲେ ସହଯୋଗ**

**● ବିକାଶ ପାଇଁ ସଠିକ୍ ତଥ୍ୟ ଜରୁରୀ**

ଭୁବନେଶ୍ୱର,୩।୪(ସଂଚାର ବ୍ୟୁରୋ): ଗତ ଏପ୍ରିଲ ପହିଲାରୁ ରାଜ୍ୟରେ ଡିଜିଟାଲ୍ ଜନଗଣନା ଆରମ୍ଭ ହୋଇଛି, ଯେଉଁଥିରେ ପ୍ରଥମେ ରାଜ୍ୟପାଳ ନିଜର ସ୍ୱ-ଗଣନା କରି ପ୍ରକ୍ରିୟାର ଶୁଭାରମ୍ଭ କରିଥିଲେ। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ମଧ୍ୟ ନିଜର ସ୍ୱ-ଗଣନା କରିଛନ୍ତି। ଏହା ଏକ ପରୀକ୍ଷାମୂଳକ ଡିଜିଟାଲ୍ ପଦକ୍ଷେପ, ଯେଉଁଥିରେ ନାଗରିକମାନେ ନିଜେ ଅନଲାଇନରେ ତଥ୍ୟ ପ୍ରଦାନ କରିପାରିବେ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ସରକାରୀ ବାସଭବନରେ ନିଜର ସ୍ୱ-ଗଣନା କରିଛନ୍ତି। ଏହି ଅବସରରେ ସେ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଏକ ବାର୍ତ୍ତା ଦେଇ କହିଛନ୍ତି ଯେ ଜନଗଣନା ୨୦୨୭ର ପ୍ରଥମ ପର୍ଯ୍ୟାୟ ଗୃହଗଣନା ଓ ଗୃହତାଲିକା-୨୦୨୬। ➪ପୃଷ୍ଠା-୬

ପୁଣି ପାକ୍ ପ୍ରତିରକ୍ଷା ମନ୍ତ୍ରୀଙ୍କ ଉତ୍ତେଜକ ବୟାନ

## ଭାରତ ସୀମାରେ ପଶିକି ମାରିବୁ



ଇସଲାମାବାଦ,୩।୪: ପାକିସ୍ତାନ ପକ୍ଷରୁ ପୁଣି ଥରେ ଭାରତ ପାଇଁ ଆକ୍ରମଣାତ୍ମକ ଓ ଉସୁକାଇବା ଭଳି ବୟାନବାଜି କରାଯାଇଛି। ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ପୁଣିଥରେ ବାହାଦୁରିଆ ଗପ ଗପିଛନ୍ତି। ସେ କହିଛନ୍ତି ଯେ ଗତ ବର୍ଷ ମେ'ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଆକାଶ ମାର୍ଗରେ ଲଢ଼େଇ ହୋଇଥିଲା। କିନ୍ତୁ ଏଥର ପାକିସ୍ତାନ ସେନା ଭାରତ ସୀମାରେ ପ୍ରବେଶ କରିବ।

ଏକ ଟିଭି କାର୍ଯ୍ୟକ୍ରମରେ ଅସିଫ୍ କହିଛନ୍ତି ଯେ ଗତ ବର୍ଷ ଭାରତ ଆମ ଉପରେ ଆକ୍ରମଣ କରିଥିଲା। କିନ୍ତୁ ଏବେ ଯଦି ଭାରତ ପୁଣିଥରେ ପାକିସ୍ତାନକୁ ଆକ୍ରମଣ କରେ, ତା'ହେଲେ ଗତ ବର୍ଷ ଅପେକ୍ଷା ଭାରତକୁ ଅଧିକ ଲଜ୍ଜାଜନକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ। ଏଥର ସଂଘର୍ଷ ୨୦୦ରୁ ୨୫୦ କିମି ମଧ୍ୟରେ ସୀମିତ ରହିବ ନାହିଁ। ଆମେ ସେମାନଙ୍କ ଅଞ୍ଚଳରେ ପଶିବୁ ଓ ଭିତରେ ପଶି ଭାରତୀୟଙ୍କୁ ଉଚିତ ଶିକ୍ଷା ଦେବୁ ବୋଲି ଆସିଫ୍ କହିଛନ୍ତି।

ସୂଚନାଯୋଗ୍ୟ ଯେ ପାକିସ୍ତାନର ଶେହବାଜ ସରିଫଙ୍କ ସରକାରରେ ପ୍ରତିରକ୍ଷା ମନ୍ତ୍ରୀ ଆସିଫ୍ ତାଙ୍କର ବୟାନବାଜି ପାଇଁ ଅନେକ ସମୟରେ ଚର୍ଚ୍ଚାରେ ରହିଆସିଛନ୍ତି। ଗତବର୍ଷ ମେ'ରେ ଭାରତ ଓ ପାକିସ୍ତାନ ମଧ୍ୟରେ ୪ ଦିନର ସମ୍ମୁଖ ଲଢେଇ ପରେ ସେ ନିୟମିତ ଭାବେ କିଛି ନା କିଛି ବୟାନବାଜି କରିଆସିଛନ୍ତି।

ନିକଟରେ ଭାରତୀୟ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କେରଳରେ ଅପରେସନ୍ ସିନ୍ଦୂର ସମ୍ପର୍କରେ ଆଲୋଚନା କରିଥିଲେ। ରାଜନାଥ କହିଥିଲେ ଯେ ପାକିସ୍ତାନ ପକ୍ଷରୁ କରାଯାଇଥିବା କିଛି ବି ଦୁଃସାହସ ଏକ ଅଭୂତପୂର୍ବ ଓ ନିର୍ଣ୍ଣାୟକ ଜବାବକୁ ଆମନ୍ତ୍ରଣ କରିବ। ରାଜନାଥଙ୍କ ଏପରି ➪ପୃଷ୍ଠା-୬

'ମହାକାଳ: ଦି ମାଷ୍ଟର ଅଫ୍ ଟାଇମ୍' ଅନ୍ତର୍ଜାତୀୟ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ

## ପୁରୀ, ଉଜ୍ଜୟିନୀ ଓ କାଶୀ ଭାରତୀୟ ଜ୍ଞାନ ପରମ୍ପରାର ପ୍ରମୁଖ କେନ୍ଦ୍ର

**● ଏନ୍ଇପି ଆମକୁ ମୂଳ ଜ୍ଞାନ ଓ ଭାଷା ସହ ଯୋଡୁଛି**

**● ସ୍ୱାଭିମାନୀ ଓ ବିକଶିତ ରାଷ୍ଟ୍ର ଗଠନ ଦିଗରେ ଭାରତ ଅଗ୍ରସର**



ଉଜ୍ଜୟିନୀ,୩।୪: ପୁରୀ, ଉଜ୍ଜୟିନୀ ଓ କାଶୀ ଭାରତୀୟ ଜ୍ଞାନ ପରମ୍ପରାର ପ୍ରମୁଖ କେନ୍ଦ୍ର, ଯେଉଁଠାରେ ବିଜ୍ଞାନ ଓ ଆଧ୍ୟାତ୍ମିକତାର ଅଭୂତପୂର୍ବ ସମନ୍ୱୟ ଦେଖିବାକୁ ମିଳେ ବୋଲି ଆଜି ବାବା ମହାକାଳଙ୍କ ପବିତ୍ର ନଗରୀ ଉଜ୍ଜୟିନୀ (ଅବନ୍ତୀକା)ରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଗସ୍ତ କାଳରେ ଶ୍ରୀ ପ୍ରଧାନ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡା. ମୋହନ ଯାଦବ ଏବଂ ଆରଏସଏସର ଅଖିଳ ଭାରତୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ ସୋନୀଙ୍କ ସହ ମିଳିତ ଭାବେ 'ମହାକାଳ: ଦ ମାଷ୍ଟର ଅଫ୍ ଟାଇମ୍' ଅନ୍ତର୍ଜାତୀୟ ସମ୍ମିଳନୀର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନ 'ବିଦ୍ୟାର୍ଥୀ ବିଜ୍ଞାନ ମନ୍ଥନ ୨୦୨୬-୨୭'ର ୱେବସାଇଟ୍ ଓ ପୁସ୍ତିକା ମଧ୍ୟ ଉନ୍ମୋଚନ କରିଛନ୍ତି। ସେ କହିଛନ୍ତି ଯେ ଉଜ୍ଜୟିନୀ କେବଳ ଏକ ସ୍ଥାନ ନୁହେଁ, ବରଂ ଏହା ସମୟ ଗଣନାର ଏକ ପ୍ରମୁଖ କେନ୍ଦ୍ର। ଉଜ୍ଜୟିନୀକୁ ପୁନର୍ବାର 'ଗ୍ଲୋବାଲ୍ ମେରିଡିଆନ୍' ବା ବିଶ୍ୱ ସମୟ ନିର୍ଦ୍ଧାରଣର ମାନକ ଭାବେ ପ୍ରତିଷ୍ଠା କରିବା ପାଇଁ ଚାଲିଥିବା ପ୍ରୟାସ ଆମର ପ୍ରାଚୀନ ବିଜ୍ଞାନକୁ ଆଧୁନିକ ଯୁଗ ସହ ଯୋଡ଼ିବ। ଅପରପକ୍ଷରେ ଜାତୀୟ ଶିକ୍ଷା ନୀତି (ଏନ୍ଇପି)- ➪ପୃଷ୍ଠା-୬

## ଆଫଗାନିସ୍ତାନରେ ଭୂକମ୍ପ, ଥରିଲା ଭାରତୀୟ ସହର

**ତୀବ୍ରତା ୫.୯ ରେକର୍ଡ**

ନୂଆଦିଲ୍ଲୀ,୩।୪: ଭାରତର ରାଜଧାନୀ ଦିଲ୍ଲୀ-ଏନ୍ସିଆର, ଜମ୍ମୁ-କାଶ୍ମୀର ଓ ଚଣ୍ଡିଗଡ଼ ସମେତ ଉତ୍ତର ଭାରତର ବିଭିନ୍ନ ସ୍ଥାନରେ ଶକ୍ତିଶାଳୀ ଭୂକମ୍ପ ଝଟକା ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହି ଭୂମିକମ୍ପର ତୀବ୍ରତା ୫.୯ ରେକର୍ଡ କରାଯାଇଛି। ଜମ୍ମୁ-କାଶ୍ମୀରରେ ଲଗାତାର ଦୁଇଟି ଝଟକା ଲୋକଙ୍କୁ ସ୍ତବ୍ଧ କରିଦେଇଥିଲା। ଦିଲ୍ଲୀ ଓ ନୋଏଡାରେ ଦପ୍ତରରେ କାମ କରୁଥିବା କର୍ମଚାରୀ ଓ ଆବାସିକ ଅଞ୍ଚଳର ଲୋକେ ଭୟରେ ଘରୁ ବାହାରକୁ ଚାଲିଆସିଥିଲେ। ତେବେ ସୌଭାଗ୍ୟବଶତଃ ଏହି ଭୂମିକମ୍ପରେ ବିଶେଷ କୌଣସି କ୍ଷତି ନେଇ ସୂଚନା ମିଳିନାହିଁ। ଏହି ଭୂମିକମ୍ପର ପ୍ରଭାବ ଦିଲ୍ଲୀ, ନଏଡା ବ୍ୟତୀତ ପଞ୍ଜାବର ଲୁଧିଆନା, ଜମ୍ମୁ-କଶ୍ମୀରର ଶ୍ରୀନଗର, ପୁଞ୍ଚ୍ ଓ ଉଧମପୁର ଆଦିରେ ବି ଅନୁଭୂତ ହୋଇଛି।

ରିପୋର୍ଟ ଅନୁଯାୟୀ, ଏହି ଭୂକମ୍ପର କେନ୍ଦ୍ରବିନ୍ଦୁ ଆଫଗାନିସ୍ତାନ-ତାଜିକସ୍ତାନ ସୀମାବର୍ତ୍ତୀ ହିନ୍ଦୁ କୁଶ୍ ଅଞ୍ଚଳରେ ଥିଲା। ରାତି ପ୍ରାୟ ୯ଟା ୫୦ ମିନିଟ୍ ସମୟରେ ଏହି ଭୂମିକମ୍ପ ଝଟ୍‌କା ଅନୁଭୂତ ହୋଇଥିଲା। ଆଫଗାନିସ୍ତାନରେ ଏହାର ତୀବ୍ରତା ରିକ୍ଟର ସ୍କେଲରେ ୫.୯ ରେକର୍ଡ ➪ପୃଷ୍ଠା-୬

ଜୋର୍ ଧରିଲା ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚା

## ବିଦା ହେବେ ୪, ସାମିଲ ହେବେ ୧୦ ନୂଆମୁହଁ



**ରାଜ୍ୟ ଯୋଜନା ବୋର୍ଡ ଓ ବିକାଶ ପରିଷଦ ପାଇଁ ବି ରେସ**

ଭୁବନେଶ୍ୱର,୩।୪(ସଂଚାର ବ୍ୟୁରୋ): ଜିଲ୍ଲା ଯୋଜନା ବୋର୍ଡର ପୁନର୍ଗଠନ ପରେ ଏବେ ସମସ୍ତଙ୍କ ଆଖି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଉପରେ। ସାମ୍ବିଧାନିକ ବ୍ୟବସ୍ଥାରେ ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟ ମନ୍ତ୍ରିମଣ୍ଡଳରେ ୨୨ ଜଣ ସଦସ୍ୟ ରହିପାରିବେ। ଏବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟ ସଂଖ୍ୟା ହେଉଛି ୧୬। ତେଣୁ ସେ ଆଉ ୬ ଜଣଙ୍କୁ ମନ୍ତ୍ରୀ ଭାବେ ଗ୍ରହଣ କରିପାରିବେ। ତା' ସାଙ୍ଗକୁ ଅଛି ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଓ ଉତ୍ତର ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଭଳି କ୍ୟାବିନେଟ ମନ୍ତ୍ରୀ ପାହ୍ୟାର ପଦ। ତେଣୁ ଏସବୁ ପଦରେ କାହାକୁ ଦାୟିତ୍ୱ ଦେବେ, ସେନେଇ ତୃତୀୟ ମହଲାରେ ଗଣିତ ଆପାତତଃ ଚୂଡ଼ାନ୍ତ ହୋଇସାରିଛି। କେବଳ ଘୋଷଣା ବାକି ବୋଲି କୁହାଯାଉଛି। ତେବେ ଏହା ସମ୍ପୂର୍ଣ୍ଣ ଭାବେ ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛାଧୀନ ବ୍ୟାପାର। ମିଳୁଥିବା ସୂଚନାନୁଯାୟୀ ମୁଖ୍ୟମନ୍ତ୍ରୀ ଏଥର ପ୍ରଦର୍ଶନ ଆଧାରରେ ୪ ଜଣଙ୍କୁ ମନ୍ତ୍ରିମଣ୍ଡଳରୁ ବିଦା କରିପାରନ୍ତି। ଚର୍ଚ୍ଚା ହେଉଛି, ସବୁଠୁ ଅଧିକ ବିବାଦୀୟ ହୋଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଦା ହେବାର ସମ୍ଭାବନା ରହିଛି। ସେହିଭଳି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ବିବାଦୀୟ ହୋଇ ନ ଥିଲେ ବି ତାଙ୍କୁ ଦଳୀୟ ଆବଶ୍ୟକତା ଦୃଷ୍ଟିରୁ ବିଦା କରିପାରନ୍ତି ମୁଖ୍ୟମନ୍ତ୍ରୀ। ଏଥିସହ ଦକ୍ଷିଣ ଓଡ଼ିଶାକୁ ପ୍ରତିନିଧିତ୍ୱ କରୁଥିବା ଆଉ ଜଣେ ମନ୍ତ୍ରୀଙ୍କୁ ବିଦା କରିବା ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି।

ସେପଟେ ମନ୍ତ୍ରିମଣ୍ଡଳରେ ସାମିଲ ହେବାକୁ ଅନେକ ନେତା ଆଶାୟୀ ଅଛନ୍ତି। ସେମାନଙ୍କ ଭିତରୁ ଦଳର ଓ ସଂଗଠନର ହିତ ପାଇଁ କାହାକୁ ଗ୍ରହଣ କରିବେ, ସେନେଇ ମୁଖ୍ୟମନ୍ତ୍ରୀ ଆକଳନ କରୁଛନ୍ତି। କାରଣ ୪ ଜଣଙ୍କୁ ବିଦା କରି ପୂର୍ଣ୍ଣ ମନ୍ତ୍ରିମଣ୍ଡଳ ଗଠନ କରିବାକୁ ହେଲେ ମୁଖ୍ୟମନ୍ତ୍ରୀଙ୍କୁ ୧୦ ଜଣଙ୍କ ନାମ ଚୂଡ଼ାନ୍ତ କରିବାକୁ ପଡ଼ିବ। ସେଥିରେ ରେସରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ପୁରୀ ଜିଲ୍ଲାରୁ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କ ନାଁ ➪ପୃଷ୍ଠା-୬

ଓଡ଼ିଆ ଅସ୍ମିତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ

## ପରିବର୍ତ୍ତନର କାରଣ ଥିଲା ଓଡ଼ିଆ ଅସ୍ମିତା



**● ଅଣଓଡ଼ିଆ ଅଫିସରଙ୍କୁ ଆଉଟସୋର୍ସ ହୋଇଥିଲା ଶାସନ**

**● ଅସନ୍ତୋଷର ପ୍ରତିଫଳନ ଥିଲା ୨୦୨୪ ଜନାଦେଶ**

ଭୁବନେଶ୍ୱର,୩।୪(ସଂଚାର ବ୍ୟୁରୋ): ଗତ ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଆ ଅସ୍ମିତା ଏକ ପ୍ରସଙ୍ଗ ହେଲା ଏବଂ ସରକାର ପରିବର୍ତ୍ତନର ଏକ ପ୍ରମୁଖ କାରଣ ଥିଲା। କାରଣ ପୂର୍ବ ସରକାର ପ୍ରଶାସନକୁ ଅଣଓଡ଼ିଆ ପ୍ରଶାସକଙ୍କୁ ଆଉଟସୋର୍ସ କରିଦେଇଥିଲେ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏକ ଘରୋଇ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଏହି ଦାବି କରିବା ସହ ଗତ ନିର୍ବାଚନରେ ଓଡ଼ିଶାବାସୀ ଆତ୍ମସମ୍ମାନକୁ ଗୁରୁତ୍ୱ ଦେଇଥିବା କହିଛନ୍ତି।

ଓଡ଼ିଶା ପର୍ବ ଅବସରରେ ଏକ ଘରୋଇ ଟିଭି ଚ୍ୟାନେଲ ପକ୍ଷରୁ ଆୟୋଜିତ 'ଓଡ଼ିଆ ଅସ୍ମିତା ସମ୍ମିଳନୀ'ରେ ଯୋଗଦେଇ ସେ କହିଛନ୍ତି ଯେ ତାଙ୍କୁ ଅନେକ ଲୋକ ପଚାରନ୍ତି ଓଡ଼ିଆ ଅସ୍ମିତା କାହିଁକି ଗତ ନିର୍ବାଚନରେ ଏକ ପ୍ରସଙ୍ଗ ହେଲା। ଏନେଇ ତାଙ୍କର ଉତ୍ତର ରହେ 'ଜଣେ ସାଧାରଣ ଓଡ଼ିଆ ଭାବେ ମୋ ପାଇଁ ଏହାର ସଂଜ୍ଞା ସ୍ପଷ୍ଟ- ମୁଁ ଓଡ଼ିଆ, ମୋ ଭାଷା ଓଡ଼ିଆ ଓ ଓଡ଼ିଶା ହିଁ ମୋର ପରିଚୟ'। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନାଁ ନ ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କୁ ଇଙ୍ଗୀତ କରିଥିଲେ। ସେ କହିଥିଲେ ଯେ ୨୦୨୪ ଓଡ଼ିଶା ପାଇଁ ଏକ ପରିବର୍ତ୍ତନର ବର୍ଷ ଥିଲା। ନିର୍ବାଚନରେ ଓଡ଼ିଆ ଅସ୍ମିତା, ଲୋକଙ୍କୁ ଆନ୍ଦୋଳିତ କରିବାର ମୂଳ କାରଣ ଥିଲା ଆତ୍ମସମ୍ମାନ। ଜଣେ ଓଡ଼ିଆ ଚାହେଁ, ତାଙ୍କ ଶାସନ ବ୍ୟବସ୍ଥାରେ ନିଜ ଭାଷା ଓ ଭାବକୁ ବୁଝୁଥିବା ବ୍ୟକ୍ତି ଓଡ଼ିଶାର ଦାୟିତ୍ୱ ନିଅନ୍ତୁ।

ଏଥିସହ ଯେତେବେଳେ ପ୍ରଶାସନକୁ ଅଣଓଡ଼ିଆ ଅଧିକାରୀଙ୍କ ଦ୍ୱାରା 'ଆଉଟସୋର୍ସ' ➪ପୃଷ୍ଠା-୬



### କାନ ଡେରିଥା

ମଧୁବାବୁ ସହ ଲଢ଼ି ହେଲା ନାହିଁ  
କାଳିଆ ଘୋଡାଟା ମିଳୁନି  
ଓଡ଼ିଶା ଲୋକଟା ବିଦେଶ ଧାଉଁଛି  
ନିଜ ରାଜ୍ୟେ କାମ ପାଉନି  
ଉତ୍କଳ ଲୋକଙ୍କ କାହାଣୀ...  
ଓଡ଼ିଆଟେ ବୋଲି  
ଗର୍ବ କରୁ ସିନା  
ଭୁଲି ଯେ ଗଲାଣି ଘରଣୀ ।

■ ଦେବାଶିଷ

## ଯୋଗାଣ ମନ୍ତ୍ରୀଙ୍କ ପାଇଁ ଅକଳରେ ପ୍ରଶାସନ

**➪ ଧାନଠାରୁ ଗ୍ୟାସ ପର୍ଯ୍ୟନ୍ତ ଭିନ୍ନ ମତ**

**➪ ସମାଲୋଚନା ପାଇଁ ବିରୋଧୀଙ୍କୁ ସୁଯୋଗ**



ଭୁବନେଶ୍ୱର,୩।୪(ସଂଚାର ବ୍ୟୁରୋ): ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ବୟାନକୁ ନେଇ ରାଜ୍ୟ ପ୍ରଶାସନ ଅକଳରେ ପଡ଼ିଯାଉଛନ୍ତି। ନିକଟରେ ପିଏନ୍ଜି ସଂଯୋଗ ନେଇ ମନ୍ତ୍ରୀ ଦେଇଥିବା ତିନି ମାସ କଣ୍ଟ ଏବେ ଉଭୟ ପ୍ରଶାସନ ଓ ସରକାରଙ୍କ ପାଇଁ କଣ୍ଟା ସାଜିଛି। ଗୋଟିଏ ପଟେ ଗ୍ୟାସ ସିଲିଣ୍ଡରଟିଏ ପାଇବା ପାଇଁ ଖୋଦ୍ ରାଜଧାନୀରେ ଲୋକେ କାମଦାମ ଛାଡ଼ି ଧାଡ଼ି ଲଗାଉଥିବା ବେଳେ ମନ୍ତ୍ରୀ କିଭଳି ତିନି ମାସ ମଧ୍ୟରେ ରାଜ୍ୟର ସମସ୍ତ ସହରାଞ୍ଚଳରେ ଘରକୁ ପାଇପ୍ ଯୋଗେ ଗ୍ୟାସ ସଂଯୋଗ ଦେବେ, ତାହା ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି।

ଏହା ପୂର୍ବରୁ ଧାନ ସଂଗ୍ରହକୁ ନେଇ ମନ୍ତ୍ରୀୟ ବୟାନକୁ ନେଇ ସରକାରଙ୍କଠାରୁ ସାଧାରଣ ଲୋକେ ଦ୍ୱନ୍ଦ୍ୱରେ ରହିଛନ୍ତି। ଧାନ ସଂଗ୍ରହର ସମୟ ସୀମା ବାରମ୍ବାର ବଢ଼ିବାରେ ଲାଗିଛି। ଫଳରେ ସରକାର କେବେ ସୁଦ୍ଧା ଚାଷୀଙ୍କର ସମସ୍ତ ଧାନ କ୍ରୟ କରିବେ, ତାହାକୁ ନେଇ ଆଲୋଚନା ଜାରି ରହିଛି। ଏହା ପୂର୍ବରୁ ରାସନ କାର୍ଡର କେୱାଇସି ପୂରଣ ଅବଧିକୁ ନେଇ ମଧ୍ୟ ମନ୍ତ୍ରୀ ବାରମ୍ବାର ସମୟ ଧାର୍ଯ୍ୟ କରିଥିଲେ। ଏହାକୁ ନେଇ ସେତେବେଳେ ସାଧାରଣ ଲୋକେ ହଇରାଣ ହରକତ ହେବା ସହ ସରକାରଙ୍କୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା।

ରାଜ୍ୟରେ ବର୍ତ୍ତମାନ ଖାଦ୍ୟ ସାମଗ୍ରୀ ବିଶେଷକରି ଖାଇବା ତେଲ ଓ ଡାଲିର ଦର ହୁହୁ ହୋଇ ବଢୁଥିବା ବେଳେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏ ଦିଗରେ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ସେହିଭଳି ଲୋକେ କିଭଳି ପୂର୍ବଭଳି ଗ୍ୟାସ ସିଲିଣ୍ଡରଟିଏ ପାଇବେ, ସେଥିନେଇ ପଦକ୍ଷେପ ମଧ୍ୟ ଗ୍ରହଣ କରୁନାହାନ୍ତି। ଅନ୍ୟ ପକ୍ଷରେ ତୈଳ କମ୍ପାନୀର ଅଧିକାରୀମାନଙ୍କ ଡାକି ବୈଠକ କରିବା ସହ ତିନି ମାସ ମଧ୍ୟରେ ସମସ୍ତ ଘରକୁ ପିଏନଜି ସଂଯୋଗ ହେବ ଓ ସେମାନେ ଆଉ ସିଲିଣ୍ଡର ରଖିପାରିବେ ନାହିଁ ବୋଲି ମନ୍ତ୍ରୀ କହିବା ଏବେ ସହରବାସୀଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି।

ପୂର୍ବରୁ ରାଜ୍ୟରେ ଆଳୁ ସଙ୍କଟ ସମୟରେ ବିଭାଗୀୟ ମନ୍ତ୍ରୀଙ୍କ ବୟାନ ମଧ୍ୟ ସାଧାରଣ ଲୋକ ଓ ➪ପୃଷ୍ଠା-୬

ସମ୍ବଲପୁର ଅବକାରୀ ବିଭାଗରେ କେଲେଙ୍କାରୀ

## ବନ୍ଧାହେଲେ ଅବସରପ୍ରାପ୍ତ ଏଏସଆଇ ଓ କିରାଣି



ସମ୍ବଲପୁର,୩।୪ (ସଂଚାର ବ୍ୟୁରୋ): ସମ୍ବଲପୁର ଅବକାରୀ ବିଭାଗରେ କୋଟି କୋଟି ଟଙ୍କାର ଠକେଇ ମାମଲାରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ୩ କୋଟି ୬୭ ଲକ୍ଷ ଟଙ୍କାର ହେରଫେର୍ ନେଇ ଅଇଁଠାପାଲି ଥାନାରେ ଅଭିଯୋଗ ହେବା ପରେ ଏହି ମାମଲାରେ ଅବସରପ୍ରାପ୍ତ ଏଏସଆଇ ଶରତ ଚନ୍ଦ୍ର ବେହେରା ଓ ଅବକାରୀ ବିଭାଗର କନିଷ୍ଠ କିରାଣି ସନ୍ଦୀପ କୁମାର ପଟ୍ଟନାୟକଙ୍କୁ ଗିରଫ କରାଯାଇଛି। ଏଥିସହ ସେମାନଙ୍କ ନିକଟରୁ ୨୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମଧ୍ୟ ଜବତ ହୋଇଛି। ତା'ଛଡ଼ା ବିଭନ୍ନ ବ୍ୟାଙ୍କ ଆକାଉଣ୍ଟରେ ଥିବା ୪୪ ଲକ୍ଷ ଟଙ୍କାର ଜମାକୁ ବି ଫ୍ରିଜ କରାଯାଇଛି। ଅଇଁଠାପାଲି ଥାନାରେ ରୁଜୁ ହୋଇଥିବା ମାମଲା ଅନୁସାରେ, ସମ୍ବଲପୁର ଅବକାରୀ କାର୍ଯ୍ୟାଳୟରେ ଗତ ୨୦୨୨ ନଭେମ୍ବରରୁ ଗତ ବର୍ଷ ଅକ୍ଟୋବର ମଧ୍ୟରେ ଏହି ➪ପୃଷ୍ଠା-୬

## ବିଲରେ କାମ କରୁଥିବା ବେଳେ ଟଳିପଡିଲେ ଚାଷୀ

● ଅଂଶୁଘାତ ମୃତ୍ୟୁ ଅଭିଯୋଗ

ବାରିପଦା,୩।୪ (ସଂଚାର ବ୍ୟୁରୋ)ଃ ମୟୁରଭଞ୍ଜ ଜିଲ୍ଲାରେ ଚଳିତ ବର୍ଷ ର ପ୍ରଥମ ଅଂଶୁଘାତ ଜନିତ ମୃତ୍ୟୁ ଅଭିଯୋଗ । ମୟୁରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ବନ୍ଧମୁଣ୍ଡି ଗ୍ରାମର ରଘୁନାଥ ମାହାଳୀ ନାମକ ଜଣେ ଚାଷୀ ଆଜି ଦୁଇପ୍ରହର ସମୟରେ ନିଜ ବିଲରେ କାମ କରୁଥିବା ସମୟରେ ହଠାତ ଚେତାଶୂନ୍ୟ ହୋଇ ବିଲରେ ପୋଡ଼ିଯାଇଥିଲେ। ଆଜି ଟାଣ ଖରା ଯୋଗୁଁ ବିଲରେ ଥିବା ପାଣି ମଧ୍ୟ ତାତି ଯାଇଥିଲା । ଫଳରେ ତାଙ୍କର ସେଠାରେ ମୃତ୍ୟୁ ଘିଟିଥିଲା । ତେବେ ଏହା ଅଂଶୁଘାତଜନିତ ମୃତ୍ୟୁ ଘଟିଥିବାର ପରିବାରବର୍ଗ ଅଭିଯୋଗ କରିଛନ୍ତି।

## ସନ୍ଦେହ ଘେରରେ ନାବାଳକର ମୃତ୍ୟୁ

● ହତ୍ୟା ଅଭିଯୋଗ ଆଣିଲେ ପରିବାର



ଯାଜପୁର,୩।୪ (ସଂଚାର ବ୍ୟୁରୋ)ଃ ଯାଜପୁର ଜିଲ୍ଲା କଳିଙ୍ଗ ନଗର ଥାନା ବାରଖାଇର ଗାଁରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ନାବାଳକଙ୍କ ସନ୍ଦେହ ଜନକ ଭାବେ ମୃତ୍ୟୁ ଘଟିଛି । ମୃତ ନାବାଳକ ସୁଶାନ୍ତ ମଲ୍ଲିକଙ୍କ ପୁଅ ଶୁଭମ(୧୩ ) । କିନ୍ତୁ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଅପରପକ୍ଷରେ ନାବାଳକ ମୃତ୍ୟୁକୁ ନେଇ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିବା ଘଟଣା ଏହା ଭିନ୍ନ ମୋଡ଼ ନେଇଛି । କାରଣ ଘରେ କେହି ନ ଥିବା ସୁଯୋଗ ନେଇ କେହି ଦୁର୍ବୃତ୍ତ ତାଙ୍କୁ ମାରି ଘରେ ଟାଙ୍ଗି ଦେଇଥିବା ଥାନାରେ ଅଭିଯୋଗ ହୋଇଛି । ସୂଚନା ମୁତାବକ ବାରଖାଇ ଗ୍ରାମର ସୁଶାନ୍ତଙ୍କ ପୁଅ ଶୁଭମ(୧୩) । ଆଜି ତାଙ୍କ ଘରେ କେହି ନ ଥିଲେ । ଶୁଭମ ଏକୁଟିଆ ଥିଲେ ବୋଲି ପରିବାର ଲୋକେ ଅଭିଯୋଗ ଉଠାଇଛନ୍ତି । ଏକୁଟିଆ ଥିବାର ସୁଯୋଗ ନେଇ ତାଙ୍କୁ ମାରି ଘରେ ଟାଙ୍ଗି ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ମୃତ୍ୟୁ ଖବର ପାଇବା ପରେ ପରିବାର ପକ୍ଷରୁ କଳିଙ୍ଗନଗର ଥାନାରେ ଏକ ଅଭିଯୋଗ କରିଥିଲେ । ପୋଲିସ କେସ ନଂ-୯୦/୨୬ରେ ଏକ ମାମଲା ରୁଜୁ ହୋଇଛି । ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ ପହଁଚି ତଦନ୍ତ କରି ସାରିଥିଲେ ।ପରେ ମୃତକଙ୍କ ଶବ ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇ ଥିଲା । ଏହାର ତଦନ୍ତ ଭାର ଥାନା ଅଧିକାରୀ ପ୍ରକାଶ ସାହୁ କରୁଛନ୍ତି । ପରିବାର ପକ୍ଷରୁ ହତ୍ୟା ଅଭିଯୋଗ ଆଣିବା ପରେ ପୋଲିସ ତଦନ୍ତକୁ ଜୋରଦାର କରିଛି ।

### ବ୍ୟବସାୟୀଙ୍କ ଘରୁ ଲୁଟ୍ ଘଟଣାର ପର୍ଦ୍ଦାଫାଶ

## ୩ ଅଭିଯୁକ୍ତ ଥାନାରେ ଅଟକ

ନୀଳଗିରି,୩।୪ (ସଂଚାର ବ୍ୟୁରୋ)ଃଗତ ମାର୍ଚ୍ଚ ମାସ ୨୫ତାରିଖରେ ନୀଳଗିରି ଥାନା ତଥା ଏନଏସି ଅନ୍ତର୍ଗତ ୯ନଂ ୱାର୍ଡ କାଳାକିଆ ଗ୍ରାମର ବିଶିଷ୍ଟ ବ୍ୟବସାୟୀ ଗୋବିନ୍ଦା ସିଂହଙ୍କ ଘରେ ରାତି ୯.୩୦ମିନିଟ ସମୟ ରେ ଘରେ ଖାଉଥିବା ବେଳେ ହଠାତ ୬ଜଣ ଅଜ୍ଞାତଲୁଟେରା ବନ୍ଧୁକ, ତେଲେଙ୍ଗାକଟୁରୀ ଆଦି ମାରଣାସ୍ତ୍ରଦେଖାଇ ପ୍ରାୟ ୩୦ଲକ୍ଷରୁ ଉର୍ଦ୍ଧ୍ୱ ମୂଲ୍ୟର ସୁନାଅଳଙ୍କାର ସହିତ ନଗଦ ୨୦ ଲକ୍ଷ ଟଙ୍କା ଲୁଟିନେଇ ଛୁ ମାରିଥିବା ଅଭିଯୋଗ ହୋଇଥିଲା । ଆଜି ନୀଳଗିରି ପୋଲିସ ଉକ୍ତ ଲୁଟେରା ଗ୍ରୁପର ୩ଜଣଙ୍କୁ ଅଟକରଖି ଅନ୍ୟ ୩ଜଣଙ୍କୁ ଧରିବା ପାଇଁ ଅଧିକ ତଦନ୍ତକାରି ରଖିଛନ୍ତି । ସୂଚନା ଯୋଗ୍ୟ ଉକ୍ତରାତି ପ୍ରାୟ ୯.୩୦ସମୟରେ ସିଂହ ପରିବାରର ସମସ୍ତ ସଦସ୍ୟ ଖାଇବାକୁ ବସିଥିବା ବେଳେ ହଠାତ ଦୁର୍ବୃତ୍ତମାନେ ମାରଣାସ୍ତ୍ର ଧରି ଭୟଭୀତକରିବା ସହିତ ଗୋବିନ୍ଦା ସିଂହଙ୍କ ସମେତ ପରିବାରର ଅନ୍ୟମହିଳା ମାନଙ୍କୁ ମୁହଁରେ ପ୍ଲାଷ୍ଟେପ୍ ଲଗାଇ ମୁହଁବନ୍ଦ କରିବା ସହିତ ସମସ୍ତଙ୍କ ମୋବାଇଲ ଛଡ଼ାଇନେଇଥିଲେ। ପରେ ଗଡରେଜ୍ ଚାବିଭାଙ୍ଗି ପ୍ରାୟ ୨୦ଲକ୍ଷ ଟଙ୍କାର ନଗଦରାଶି ସହ ୩୦ଲକ୍ଷ ଟଙ୍କାର ସୁନା ଅଳଙ୍କାର ନେଇଯାଇଥିଲେ। ପୋଲିସ ଘଟଣାକୁ ଗୁରୁତର ସହ ନେଇ ଆଜି ୩ଜଣ ଲୁଟେରାଙ୍କୁ ଅଟକରଖି ଥିବା ଜଣାପଡ଼ିଛି। ଅଟକ ଅଭିଯୁକ୍ତ ମଧ୍ୟରୁ ଜଣେ ରେମୁଣା ଅଞ୍ଚଳର ହୋଇଥିବା ବେଳେ ଅନ୍ୟଦୁଇଜଣ ଖନ୍ତାପଡ଼ା ଅଞ୍ଚଳର ବୋଲି ଜଣାପଡିଛି। ତଦନ୍ତ ଚାଲିଥିବାରୁ ପୋଲିସ ଅଧିକ ସୂଚନା ଦେବାକୁ ମନା କରିଛି।

# କେନାଲରୁ ୭ ବର୍ଷୀୟା ନାବାଳିକାର ମୃତଦେହ ଉଦ୍ଧାର

ରାଜନଗର,୩।୪ (ସଂଚାର ବ୍ୟୁରୋ)ଃ ଗତକାଲି ଠାରୁ ନିଖୋଜ ଥିବା ଶୁଭଲକ୍ଷ୍ମୀଙ୍କ ମୃତଦେହ ଆଜି କେନାଲରୁ ମିଳିଛି । ଗାଁ ନିକଟ କେନାଲରେ ଆଜି ଖୋଜାଖୋଜି ପୂର୍ବରୁ କେନାଲରେ ମୃତଦେହ ଭାସି ଭାସି ଆସିଥିଲା। ସନ୍ଧାନୀ କୁକୁର ମାଧ୍ୟମରେ ତଦନ୍ତ ସମୟରେ ପଡୋଶୀ ଘରକୁ ସନ୍ଧାନୀ କୁକୁର ବାରମ୍ବାର ଯାଉଥିଲା। ପୁଲିସ ପଡୋଶୀ ଘରର ବାପ, ପୁଅଙ୍କୁ ଉଠାଇ ଆଣି ପଚରାଉଚରା କରୁଛି। ଘଟଣାସ୍ଥଳରେ କେନ୍ଦ୍ରାପଡା ଏସପି ସିଦ୍ଧାର୍ଥ କଟାରିଆ ପହଞ୍ଚି ତଦନ୍ତ କରିଥିବା ବେଳେ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଛି। ଶୁଭଲକ୍ଷ୍ମୀଙ୍କୁ କିଏ କାହିଁକି ମାରିଲା ତାହାକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି |

**ହତ୍ୟା ସନ୍ଦେହରେ ଦୁଇ ଅଟକ**

**ଘଟଣାସ୍ଥଳରେ ଏସପିଙ୍କ ତଦନ୍ତ**

ରାଜନଗର ଥାନା ଅନ୍ତର୍ଗତ ଡାନ୍ଦିବାଙ୍କିଶମୂଳ ପଞ୍ଚାୟତ ବଡକୋଳୁା ଗାଁରେ ଗତକାଲି ଦିନ ପ୍ରାୟ ୧୧ଟା ବେଳେ ୭ ବର୍ଷୀୟ ନାବାଳିକା ଶୁଭଲକ୍ଷ୍ମୀ ସେନାପତି ନିଖୋଜ ହୋଇଯାଇଥିଲେ। ମାଳିପୁର ଗାଁର ମାନଗୋବିନ୍ଦ ସେନାପତିଙ୍କ ଝିଅ ଶୁଭଲକ୍ଷ୍ମୀ ମା'ଙ୍କ ସହିତ ବର୍ଷେ ହେଲା ମାମୁଁ ଘରେ ରହୁଥିଲା। ୫ ମାସ ତଳେ ପଡୋଶୀ ବେଣୁ ଦାସଙ୍କ ନାତି ପୋଖରୀରେ ବୁଡି ମୃତ୍ୟୁବରଣ କରିଥିଲା | ମୋ ନାତି ତମ ନାତୁଣୀ ପାଇଁ



(ଫାଇଲ୍ ଫଟୋ)

ମରିଛି, ତମ ନତୁଣୀକୁ ୬ ମାସ ଭିତରେ ମାରିବି ବୋଲି ବେଣୁ ଦାସ ବାରମ୍ବାର ଧମକ ଦେଇ ଆସୁଥିବା ନେଇ ପରିବାର ଲୋକେ ଗତକାଲି ପୁଲିସକୁ କହିଥିଲେ। ଏହାପରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସାହାଯ୍ୟରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା | ସନ୍ଧାନୀ କୁକୁର ପଡୋଶୀ ବେଣୁ ଦାସଙ୍କ ଘର, ଗୋଶେଡ ଘରକୁ ଯିବା ପରେ ଘର ପଛପଟେ ଥିବା କେନାଲ ନିକଟକୁ ଯାଇ ଶୋଇ ରହିଥିଲା | କୁକୁର ବାରମ୍ବାର ବେଣୁ ଦାସଙ୍କ ଘରକୁ ଯାଇଥିବାରୁ ଓ ପରିବାର ଲୋକେ ବେଣୁ ଦାସଙ୍କ ନାଁରେ ଗତକାଲି ଠାରୁ ପୁଲିସ ନିକଟରେ ଅଭିଯୋଗ କରିଥିବାରୁ ନୁଲିସ ବେଣୁ ଦାସ ଓ ତାଙ୍କ ପୁଅକୁ ଉଠାଇ ଆଣି ଅଟକ ରଖି ପଚରାଉଚରା କରୁଛି |

# ବିରଜା ହାଟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପିତ



ଯାଜପୁର,୩।୪ (ସଂଚାର ବ୍ୟୁରୋ)ଃ ଓଡ଼ିଶା ସରକାରଙ୍କ ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ଦ୍ୱାରା ମାଆ ବିରଜା ମନ୍ଦିର ନିକଟରେ ବିରଜା ହାଟର ପୁନରୁଦ୍ଧାର ଓ ନିର୍ମାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯାଜପୁର ଲୋକସଭା ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଏବଂ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଯୋଗ ଦେଇଥିଲେ। ବିରଜା ହାଟର ବିକାଶ ପାଇଁ ପ୍ରାୟ ୧୭ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଛି। ଜାନୁଆରୀ ୨୦୨୭ ସୁଦ୍ଧା ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ବୋଲି ଆଶା କରାଯାଉଛି। ବିରଜା ହାଟ ପ୍ରକଳ୍ପରେ ୧୨୪ ଟି ସ୍ଥାୟୀ ଦୋକାନ, ୩୧୨ ଟି ଭେଣ୍ଡିଂ ସପ୍ ସହ ପାର୍କିଂ, ଚଲାପଥ, ସୁରକ୍ଷା କିଓସ୍କ, ପାଚେରୀ, ଜଳ ନିଷ୍କାସନ ବ୍ୟବସ୍ଥା ଇତ୍ୟାଦି ବିକଶିତ ହେବ।

ନୂତନ ବିରଜା ହାଟର ଉନ୍ନତ ଭିତ୍ତିଭୂମି ଏବଂ ସୁବ୍ୟବସ୍ଥିତ ବଜାର ଯୋଗୁଁ ସ୍ଥାନୀୟ ଅଞ୍ଚଳର ସାମାଜିକ-ଅର୍ଥନୈତିକ ବିକାଶ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ବଳ ସାମନ୍ତ କହିଥିଲେ। ବିରଜା ହାଟ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ସ୍ଥାନୀୟ ବାସିନ୍ଦାଙ୍କୁ ଏକ ସୁରକ୍ଷିତ ଏବଂ ସ୍ୱଚ୍ଛ ବଜାର ସୁବିଧା ମିଳିବ। ଏହି ପ୍ରକଳ୍ପ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀ, ରାସ୍ତା ଓ କୋଠାବାଡ଼ି ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ କୋମଲ କୁମାର ସ୍ୱାଇଁଙ୍କ ସମେତ ପ୍ରଶାସନର ଅଧିକାରୀଗଣ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ଢେଙ୍କାନାଳ ପାଇଁ ଗୌରବ ଆଣିଲେ କୀର୍ତ୍ତିରାଣୀ




ଢେଙ୍କାନାଳ, ୩।୪ (ସଂଚାର ବ୍ୟୁରୋ)ଃ ଗତ ମାର୍ଚ୍ଚ ୨୬ରୁ ୨୯ ପର୍ଯ୍ୟନ୍ତ ଅସ୍ମିତା ଖେଲୋ ଇଣ୍ଡିଆ ନେସନାଲ୍ କିକ୍ ବକ୍ସିଂ ଲିଗ୍ ତାମିଲନାଡୁର ବିନାୟକ ମିସନ୍ ଚେନ୍ନାଇ କ୍ୟାମ୍ପସ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସମସ୍ତ ରାଜ୍ୟର ୬୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ।

ଏହି ପ୍ରତିଯୋଗିତରେ ଓଡ଼ିଶାର ମୋଟ୍ ୨୪ ଜଣ ପ୍ରତିଯୋଗୀ ଯାଇଥିବା ବେଳେ ଢେଙ୍କାନାଳ ଜିଲ୍ଲାର ୦୬ ଜଣ ମହିଳା ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଏକ ମାତ୍ର ଖେଳାଳୀ ଭାବେ ଉଲ୍ଲେଖନୀୟ ପ୍ରଦର୍ଶନ କରି ଫାଇନାଲ ପ୍ରତିଯୋଗିତାରେ ପଞ୍ଜାବର ପ୍ରତିଯୋଗୀଙ୍କୁ ୧୨|୦୨ ପଏଂଟ୍‌ରେ ନକ୍‌ଆଉଟ୍ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ କୀର୍ତିରାଣୀ ସାହୁଙ୍କ ପ୍ରଦର୍ଶନ ଉଚ୍ଚକୋଟିର ଥିଲା । ଏହି ପ୍ରତିଯୋଗିତା ପାଇଁ ସେ କଠିନ ପରିଶ୍ରମ କରି ଢେଙ୍କାନାଳ ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଏହି ଅବସରରେ ଅର୍ମେଚର କିକ୍ ବକ୍ସିଂ ଆସୋସିଏସନ୍ ଅଫ୍ ଓଡିଶାର ସଭାପତି କାର୍ତିକ ଡାକୁଆ, ସମ୍ପାଦକ ବିଚିତ୍ର ନାରାୟଣ ଜେନା, ଢେଙ୍କାନାଳ କ୍ରୀଡା ଅଧିକାରୀ ଦୟାନିଧି ପାତ୍ର ଏବଂ ଢେଙ୍କାନାଳ ଡାଇମଣ୍ଡ କିକ୍ ବକ୍ସିଂ ଆସୋସିଏସନ୍‌ର ସମସ୍ତ ସଦସ୍ୟ ଓ କୋଚିଙ୍ଗ କମିଟି ଖେଳାଳୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

## ଗରଡ଼ିହି ପଞ୍ଚାୟତରେ ନୂତନ କଂଗ୍ରେସ କମିଟି ଗଠିତ

ନୀଳଗିରି,୩।୪ (ସଂଚାର ବ୍ୟୁରୋ)ଃ ନୀଳଗିରି ବ୍ଲକରେ କଂଗ୍ରେସ ସଭାପତି ଭାବେ ତପନ କୁମାର ରାଉତ ଦାଇତ୍ୱ ନେବା ପରେ ଗରଡିହି ଗ୍ରାମ ପଂଚାୟତରେ ନୂତନ କରି କମିଟି ଗଠନ କରାଯାଇଥିବା ଜଣାପଡ଼ିଛି। ଉକ୍ତ ପଞ୍ଚାୟତ ରେ ସଭାପତି ଭାବେ ଚୈତନ୍ୟ ନାୟକ ଏବଂ ଉପସଭାପତି ଭାବେ କାର୍ତ୍ତିକ ଚନ୍ଦ୍ର ପଣ୍ଡା, ସମ୍ପାଦକ ଭାବେ ଗୋବିନ୍ଦ ସିଂ ଓ ସହ ସମ୍ପାଦକ ଭାବେ ଗୌରାଙ୍ଗ ସଙ୍ଗୁ ବ୍ଲକ ସଭାପତି ସର୍ବ ସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ଉକ୍ତ କମିଟିରେ ୪୫ ଜଣ ସଦସ୍ୟ ଥିବାବେଳେ



ତୃଣମୂଳ ସ୍ତରରୁ ଅଂଚଳବାସୀଙ୍କ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବେ ବୋଲି ନବ ନିଯୁକ୍ତ ପଦାଧିକାରୀ ମାନେ ସଂକଳ୍ପ କରିଥିଲେ।

## ପାଣି ମଟର ପମ୍ପରୁ କଏଲ ଚୋରି ଅଭିଯୋଗରେ ୫ ଗିରଫ

ସୁନ୍ଦରଗଡ଼,୩।୪ (ସଂଚାର ବ୍ୟୁରୋ)ଃ ଭସ୍ମା ଥାନା ଅନ୍ତର୍ଗତ କୁଣ୍ଡୁକେଲା ନିକଟସ୍ଥ ଇବ ନଦୀ କୂଳରୁ ପାଣି ମୋଟର ପମ୍ପରୁ କଏଲ ଚୋରି ଘଟଣାରେ ଭସ୍ମା ପୋଲିସ ବଡ଼ ସଫଳତା ହାସଲ କରିଛି। ଅଭିଯୋଗକାରୀ ମୁକ୍ତେଶ୍ୱର ପଟେଲଙ୍କ ରିପୋର୍ଟ ଅନୁଯାୟୀ ଗତ ମାର୍ଚ୍ଚ ୩୧ ଓ ଏପ୍ରିଲ ୧ ତାରିଖ ରାତ୍ରି ସମୟରେ କିଛି ଅଜଣା ବ୍ୟକ୍ତି ଇବ ନଦୀ କୂଳରୁ ୩ଟି ପାଣି ମୋଟର ପମ୍ପରୁ କଏଲ ଚୋରି କରିଥିଲେ। ଚୋରି ହୋଇଥିବା ସାମଗ୍ରୀର ଆନୁମାନିକ ମୂଲ୍ୟ ୧,୦୬,୫୦୦ ଟଙ୍କା ଜଣାପଡିଛି। ଏହି ଘଟଣାକୁ ନେଇ ଭସ୍ମା ଥାନାରେ କେସ ନମ୍ବର ୧୩୭, ତାରିଖ ୦୧.୦୪.୨୦୨୬ ରେ ବିଏନଏସ ଧାରା ୩୦୩(୨) ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ପୋଲିସ ତଦନ୍ତ ପରେ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେଃ ଜଗନ୍ନାଥ ସୁରେନ (୨୦), ଓ ଦେବାନନ୍ଦ ସୁରେନ (୨୪), ପିତା- ମଧୁସୂଦନ ସୁରେନ, ଦୀପକ ବିଲୁଙ୍ଗ (୨୦), ପିତା- କୁନୁ ବିଲୁଙ୍ଗ, ଚୈତନ୍ୟ ସା (୨୬), ପିତା- ନନ୍ଦଲାଲ ସା ଏହି ସମସ୍ତେ ଗ୍ରାମ- ସୁରଡା, ସାଗଜୋରି ପଡା, ଥାନା- ଭାସ୍ମା, ଓ ସୁନୀଲ ଖଡିଆ (୨୪), ପିତା- ଶିବଲାଲ ଖଡିଆ, ଗ୍ରାମ- ରୂପାବାହାଲ, ଥାନା- ସଦର, ଜିଲ୍ଲା- ସୁନ୍ଦରଗଡ଼ର । ପୋଲିସ ଘଟଣାରେ ଅଧିକ ତଦନ୍ତ ଜାରିରଖିଛି ଏବଂ ଚୋରି ହୋଇଥିବା ସାମଗ୍ରୀ ତମ୍ବା ତାର ଜବତ କରିଛି । ଅଭିଯୁକ୍ତ ମାନଙ୍କୁ ସୁନ୍ଦରଗଡ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ବିଚାରଧୀନ ଜେଲ ହାଜତ କୁ ପଠାଯାଇଛି।

# ବାଲିଆପାଳ ପୂଜ୍ୟପୂଜା ସଂସଦ ପକ୍ଷରୁ ଉତ୍କଳ ଦିବସ ପାଳିତ

### ହସ୍ତତନ୍ତ ପରିଧାନକଲେ ସମସ୍ତ ସଦସ୍ୟ ସଦସ୍ୟା



ବାଲିଆପାଳ,୩।୪ (ସଂଚାର ବ୍ୟୁରୋ)ଃ ଓଡ଼ିଶାର କୀର୍ତ୍ତି, ସାହିତ୍ୟ ଓ ସଂସ୍କୃତି ଅତୀବ ମହାନ। ଆଜିର ସ୍ୱତନ୍ତ୍ର ଉତ୍କଳ ଦିବସର ମହତ୍ୱ ତଥା ତାର ଅଖଣ୍ଡତା ରକ୍ଷା ପ୍ରତ୍ୟେକ ଓଡ଼ିଆଙ୍କର ଧ୍ୟେୟ ହେବା ଉଚିତ ବୋଲି ଆଜି ବାଲିଆପାଳ ପୂଜ୍ୟ ପୂଜା ସଂସଦ ପକ୍ଷରୁ ଅନୁଷ୍ଠିତ ଉତ୍କଳ ଦିବସ ସମାରୋହରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି।

ଜଗନ୍ନାଥ ସେବା ସଂସ୍ଥା ପରିସରରେ ଅନୁଷ୍ଠିତ ଉତ୍କଳ ଦିବସ ସମାରୋହ କାର୍ଯ୍ୟକ୍ରମରେ ବିଭିନ୍ନ ହସ୍ତତନ୍ତ ପରିଧାନ କରି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସଭାପତି ଝାଡେଶ୍ୱର ପ୍ରଧାନ ପୌରହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବରେ ବରିଷ୍ଠ କବି ଜଗନ୍ନାଥ ପ୍ରଧାନ, ମୁଖ୍ୟ ବକ୍ତା ଅଧ୍ୟାପକ ଡ଼ଃ ଦୟାନିଧୀ ସାହୁ, ବରେଣ୍ୟ ବକ୍ତା ଶିକ୍ଷାବିତ ବୀରମାଧବ ଦାସ ପ୍ରମୁଖ ଯୋଗଦେଇ ଓଡିଆ ଭାଷାର ସ୍ୱାଭିମାନ ରକ୍ଷା ପାଇଁ ସଚେତନ ହେବାକୁ ବାର୍ତ୍ତା ପ୍ରଦାନ କରିଥିଲେ। ନଳିନୀକାନ୍ତ ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଏହି ଅବସରରେ କବି ସରୋଜ କୁମାର ଦାସ, କବୟତ୍ରୀ ସ୍ନେହଲତା ନାୟକ, ସୁଜାତା ରଣା, ପୂଜା ରାଣୀ ସାହୁ, ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ, ବିଜୟ କୁମାର ପାତ୍ର, ଜଗନ୍ନାଥ ପ୍ରଧାନ, ବିଦ୍ୟୁତପ୍ରଭା ସାମଲ, କାଳୀଚରଣ ମାଝୀ, ସାମ୍ବାଦିକ ପ୍ରକାଶ ଚନ୍ଦ୍ର ପ୍ରଧାନ, ଉମାକାନ୍ତ ନାୟକ ପ୍ରଫୁଲ୍ଲ କୁମାର ବାଗ, ଲକ୍ଷ୍ମୀପ୍ରିୟା ପରିଡା, ଅର୍ପିତା ଦାସ, ଗିରିଧାରୀ ଭୂୟାଁ ପ୍ରଦୀପ କୁମାର ଦାସ, ଭୀମ ଚରଣ ବେହେରା ପ୍ରମୁଖ ସ୍ୱରଚିତ କବିତାପାଠ କରିଥିଲେ।

## ଶଙ୍ଖଚିଲାରେ ମା' ହିଙ୍ଗୁଳାଙ୍କ ବିଶ୍ୱଶାନ୍ତି ମହାଯଜ୍ଞ

 କୋରେଇ,୩।୪ (ସଂଚାର ବ୍ୟୁରୋ)ଃ କୋରେଇ ବ୍ଲକ ଅନ୍ତର୍ଗତ ଶଙ୍ଖଚିଲା ଠାରେ ମା' ହେଙ୍ଗୁଳାଙ୍କର ଚାଲିଛି ୯୬ ତମ ବିଶ୍ୱଶାନ୍ତି ମହାଯଜ୍ଞ। ମା' ହିଙ୍ଗୁଳାଙ୍କୁ ଦେଖିବା ଲାଗି କାଇଁ କେତେ ଆଡୁ ସହସ୍ରାଧିକ ଭକ୍ତଙ୍କର ଜନ ସମାଗମ ଏଠାରେ ଦେଖିବାକୁ ମିଳୁଛି।



୧୯୨୯ ମସିହାରେ ପବିତ୍ର ପୀଠ ଶଙ୍ଖଚିଲାରେ ଆବିର୍ଭାବ ହୋଇଥିବା ମା'ଙ୍କ ପୂଜାରେ ଦୁଲୁକୁଛି ଶଙ୍ଖଚିଲା । ଚଳଚଂଚଳ ହୋଇପଡୁଛି ଆରାଧ୍ୟଦେବୀ ମା'ଙ୍କ ପୀଠ। ମା'ଙ୍କ ପୂଜା ବହୁ ଆଡ଼ମ୍ବରରେ ପାଳିତ ହୋଇଥିବା ବେଳେ କମିଟି ପକ୍ଷରୁ ମନୋରଞ୍ଜନ ପାଇଁ ମିନାବଜାର ଓ ବିଭିନ୍ନ ପ୍ରକାର ଦୋଳିର ଆୟୋଜନ କରାଯାଇଥିବା ଦେଖିବାକୁ ମିଳୁଛି । ଭକ୍ତମାନେ ମା'ଙ୍କ ଯଜ୍ଞ ପାଇଁ ନଡ଼ିଆ, ଦୀପ, ଧୂପ, ଘିଅ ଦେଇ ମା'ଙ୍କର ଆଶିଷ ଲାଭ କରିଥାନ୍ତି। ଜ୍ଞାନି ବ୍ରାହ୍ମଣପଣ୍ଡିତଙ୍କ ଦ୍ୱାରା ଯଜ୍ଞକାର୍ଯ୍ୟ ଚାଲୁରହିଥିବା ବେଳେ ବ୍ରାହ୍ମଣଙ୍କ ଦ୍ୱାରା ମା'ଙ୍କ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ଚାଲୁ ରହିଛି। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିବା ସହିତ କମିଟି ପକ୍ଷରୁ ସିସିଟିଭିର ବ୍ୟବସ୍ଥା କରାଯାଇଥିବା ମଧ୍ୟ ସୂଚନା ଦିଆଯାଇଅଛି।

# ପୋଖରୀଆପଡ଼ାରେ ଭାଗବତ ପାରାୟଣ ଓ ହରିହାଟ

ପଟ୍ଟାମୁଣ୍ଡାଇ,୩।୪ (ସଂଚାର ବ୍ୟୁରୋ)ଃ ପଟ୍ଟାମୁଣ୍ଡାଇ ବଜାରସ୍ଥିତ ୧୩ ନଂ. ୱାର୍ଡ ପୋଖରୀଆପଡ଼ାରେ ୨୫ତମ ଭାଗବତ ପାରାୟଣ ଓ ହରିହାଟ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପୂଜକ ଶାରଦା ପ୍ରସାଦ ପଣ୍ଡା ଓ ପ୍ରବଚକ ପଣ୍ଡିତ ବିଭୂତି ଭୂଷଣ ପଣ୍ଡାଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟ ଚାଲୁରହିଥିବାବେଳେ କର୍ତ୍ତା ଭାବେ ଶତ୍ରୁଘ୍ନ ଦାଶ ଓ କର୍ତ୍ତୀ ଭାବେ ପୁଷ୍ପରେଖା ଦାଶଙ୍କ ଦ୍ୱାରା ୭ ଦିନ ବ୍ୟାପି ପୂଜାର୍ଚ୍ଚନା କରାଯାଇଥିଲା। ପ୍ରତିଦିନ ସନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ସହିତ ପ୍ରବଚନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶହ ଶହ ଭଗବତପ୍ରେମୀ ନିଷ୍ଠାର ସହିତ ଭାଗବତ ବାଣୀ ଓ ପ୍ରବଚନ ଶୁଣି ଆନନ୍ଦବଜାରରେ ପ୍ରସାଦ ସେବନ କରିବାର ଦେଖିବାକୁ ମିଳିଥିଲା।



ଗତକାଲି ଅନ୍ତିମ ଦିବସରେ ହରିହାଟ ମହୋତ୍ସବ କାର୍ଯ୍ୟକ୍ରମରେ ବିଭିନ୍ନ ଅଚଂଳର ସଂକୀର୍ତନ ମଣ୍ଡଳୀଙ୍କ ଦ୍ୱାରା ସଂକୀର୍ତନ, ଦାଣ୍ଡିଆ ନୃତ୍ୟ ଓ ତପନ ମିଶ୍ର ଭଜନ ମଚଂ କଳାକାରମାନଙ୍କ ଦ୍ୱାରା ଭଜନ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ହରିହାଟରେ ୬୪ ଜଣ ବ୍ରାହ୍ମଣ ଯୋଗ ଦେଇ ଭକ୍ତମାନଙ୍କୁ ଆର୍ଶିବାଦ ପ୍ରଦାନ କରିଥିଲେ। ଏଇ ଅବସରରେ ପୋଖରୀଆପଡ଼ା ଗ୍ରାମର ମୁରବୀମାନଙ୍କ ଦ୍ୱାରା ଦୀର୍ଘ ୨୫ ବର୍ଷ ଧରି ଭାଗବତ ପାରାୟଣ କାର୍ଯ୍ୟକ୍ରମ ତଥା ଚଳିତ ବର୍ଷ ମୁରବୀମାନଙ୍କ ଉଦ୍ୟମରେ ଜଗନ୍ନାଥଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କରାଯାଇ ଭାଗବତ ପାରାୟଣ କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଥିବାରୁ ଅନୁଷ୍ଠାନର ମୁରବୀମାନଙ୍କୁ ଉକ୍ତ ଗ୍ରାମର ଉଦୀୟମାନ ଯୁବସମ୍ପ୍ରଦାୟ ଉତରୀୟଣ ଦେଇ ସମ୍ବର୍ଦ୍ଧନା କରିଥିଲେ। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ଆଇଆଇସି ବନ୍ଦନା ପାତ୍ରଙ୍କୁ ମଧ୍ୟ କମିଟି ପକ୍ଷରୁ ଉତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା।

ଉକ୍ତ କାର୍ଯ୍ୟକ୍ରମରେ ଜଗନ୍ନାଥ କମିଟି ଓ ଗ୍ରାମର ମୁରବୀ ଦୈତାରୀ ଜେନା, ଶୁକଦେବ ସ୍ୱାଇଁ, ଭରତ ଚନ୍ଦ୍ର ଦାଶ, ଲିପୁନ ଦାଶ, ପ୍ରେମାନନ୍ଦ ପଣ୍ଡା, ଚିତରଞ୍ଜନ ମହାନ୍ତି, ନଗେନ୍ଦ୍ର ଦାଶ, ରବୀନ୍ଦ୍ର ଦାଶ, ସ୍ମୃତିରଞ୍ଜନ ଷଣ୍ଢ, ପର୍ଶୁରାମ ଷଣ୍ଢ, ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ଇଂ. ତ୍ରିଲୋଚନ ସୂତାର ପ୍ରମୁଖ ଜଗନ୍ନାଥ ମନ୍ଦିର କମିଟିର ସଭ୍ୟମାନେ ତଥା ଅନନ୍ତ ଗୋପାଳ କାର୍ତିକେଶ୍ୱର ପୂଜା କମିଟିର ସଦସ୍ୟମାନେ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ତିମ ଦିବସରେ ହଜାର ହଜାର ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ।

# ଦୀର୍ଘଦିନ ପରେ ଡ୍ରେନ୍ ସଫା ହେଲା




ଯାଜପୁର ରୋଡ଼,୩।୪(ସଂଚାର ବ୍ୟୁରୋ)ଃ ବ୍ୟାସନଗର ପୌରାଅଂଚଳ ସହରରେ ଥିବା ଡ଼ାକବଙ୍ଗଳା ଛକ ରାସ୍ତା ଠାରୁ ପନିପରିବା ମାର୍କେଟ, ଯାଜପୁର କେନ୍ଦୁଝର ରୋଡ଼ ରେଲୱେ ଷ୍ଟେସନର ମିଲଗୋଦାମ ରାସ୍ତା ପର୍ଯ୍ୟନ୍ତ ଲାଗିଥିବା ରାସ୍ତାର ଡ୍ରେନ ଦିର୍ଘଦିନ ପରେ ଆଜି ସଫା ହେଉଛି। ହେଲେ ଏହି ଇଲାକାରେ ବ୍ୟାପକ ଅନୀୟମିତ ଓ ବେନିୟମ ଭାବେ ଦୀର୍ଘ ବର୍ଷ ହେବ ପନିପରିବା ବେପାରୀମାନେ ଜଣାତରେ ଡ୍ରେନ ଉପରେ ପଡ଼ିଥିବା ସ୍ଲାପ ଉପରେ ବସି ପନିପରିବା ଓ ବିଭିନ୍ନ ସାମଗ୍ରୀ ବିକ୍ରି କରୁଥିଲେ। ଫଳରେ ଡ୍ରେନ୍ ସଫା ହେବା ଲାଗି ବାଧା ଉପୁଜୁଥିଲା ଓ ବର୍ଷା ଦିନେ କିମ୍ବା କାଳ ବୈଶାଖୀର ବର୍ଷାରେ ରାସ୍ତାରେ ଡ୍ରେନ୍ ପାଣି ଭାସୁଥିଲା। ଏନେଇ ଜନତା ଜନାର୍ଦ୍ଦନମାନେ ପୌରବିଭାଗକୁ ବହୁ ଅଭିଯୋଗ କରି ଆସୁଥିଲେ ମଧ୍ୟ ବିଭାଗ ନିଦାବିଷ୍ଟୁ ସାଜିଥିଲା। ଏହି ରାସ୍ତାରେ ଡ୍ରେନ୍ ସଫେଇ ନହେବା ପଛରେ କି ସ୍ୱାର୍ଥ ଲୁଚି ରହିଥିଲା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଉଥିଲା |

ତେବେ ଦୀର୍ଘଦିନ ପରେ ଆଜି ରେଲୱେ ବିଭାଗ ଓ ବ୍ୟାସନଗର ପୌର ପରିଷଦର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ, ପରୀମଳ ଅଧିକାରୀ ମାଣିକ ରଞ୍ଜନ ନାୟକଙ୍କ ସହଯୋଗରେ ଏହି ଡ୍ରେନ୍ ସଫେଇ କାର୍ଯ୍ୟ ହେଉଥିବାର ଦୃଶ୍ୟକୁ ଅଂଚଳର ସାଧାରଣ ଜନତା ଦେଖି ଉଭୟ ବିଭାଗର ପ୍ରଶାସନିକ କଳକୁ ପ୍ରଶଂସା କରୁଛନ୍ତି। ଆଗାମୀ ଦିନରେ ରାସ୍ତା ଉପରେ ଡ୍ରେନ୍ ପାଣି ଆଉ ଭାସିବ ନାଁହିଁ ବୋଲି ଜନସାଧାରଣ ମାନେ ଆଶା କରୁଛନ୍ତି।

## ପ୍ରମୋଦ ପଣ୍ଡା କଟକ ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ



ନିଶ୍ଚିନ୍ତକୋଇଲି, ୩।୪ (ସଂଚାର ବ୍ୟୁରୋ)ଃ କଟକ ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଭାବେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ନିଶ୍ଚିନ୍ତକୋଇଲି ପଞ୍ଚାୟତର ଜଣେ ସକ୍ରିୟ କଂଗ୍ରେସ କର୍ମୀ ଶ୍ରୀଯୁକ୍ତ ପ୍ରମୋଦ କୁମାର ପଣ୍ଡାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ତାଙ୍କୁ ଦାୟିତ୍ୱ ପ୍ରଦାନ ପରେ ଶ୍ରୀଯୁକ୍ତ ପଣ୍ଡା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ଭକ୍ତଚରଣ ଦାସ ଓ କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ପ୍ରଦୀପ୍ତ ଦାସଙ୍କୁ କୃତଜ୍ଞତା ଜଣାଇବା ସହ ତାଙ୍କ ଉପରେ ରାଜ୍ୟ ଓ ଜିଲ୍ଲା ସଭାପତି ଆସ୍ଥା ପ୍ରକଟ କରି ତାଙ୍କୁ ଯେଉଁ ଦାୟିତ୍ୱ ପ୍ରଦାନ କରିଛନ୍ତି ସେ ସେହି ଦାୟିତ୍ୱକୁ ସୁଚାର ରୂପେ ତୁଲାଇବେ ବୋଲି ଆମ ପ୍ରତିନିଧିଙ୍କୁ ଶ୍ରୀ ପଣ୍ଡା କହିଛନ୍ତି। ଶ୍ରୀ ପଣ୍ଡାଙ୍କ ମତରେ ଦଳର ଦାୟିତ୍ୱ ମୋର କର୍ତ୍ତବ୍ୟ ଭାବି ମୁଁ କଂଗ୍ରେସ ଦଳ ପାଇଁ କାର୍ଯ୍ୟ କରିବି।

## କଲଭର୍ଟରେ ଗାତ ଯୋଗୁଁ ଯାତାୟାତ ବାଧାପ୍ରାପ୍ତ

ମାହାଙ୍ଗା, ୩।୪ (ସଂଚାର ବ୍ୟୁରୋ)ଃ ମାହାଙ୍ଗା ବ୍ଲକ ଅନ୍ତର୍ଗତ ଆନନ୍ଦପୁର ପଞ୍ଚାୟତସ୍ଥିତ ବରିଦିଆ ସବ ମାଇନର କେନାଲ ଖର୍ଡାଙ୍ଗ ଠାରେ କଲଭର୍ଟରେ ଗର୍ତ ହୋଇଥିବା ଦେଖିବାକୁ ମିଳିଛି। ଏହି ରାସ୍ତାଟି ଧନୁ ବାବା ମଠ ଠାରୁ ଖର୍ଡାଙ୍ଗ, ଶିରିପୁର ସହ ନୁର୍ତାଙ୍ଗ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଅଛି। ଏହି ରାସ୍ତା ଦେଇ ପ୍ରତ୍ୟହ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଜନସାଧାରଣମାନେ ସ୍କୁଲ, କଲେଜ, ବ୍ୟାଙ୍କ, ଡାକଘର.ଡାକ୍ତରଖାନା, ଥାନା ଆଦି ସ୍ଥାନକୁ ଯାଇଥାନ୍ତି। ଏହି ରାସ୍ତାରେ ଗର୍ତ ସୃଷ୍ଟି ହୋଇଥିବାରୁ ଯାତାୟତରେ ଘୋର ସମସ୍ୟା ଦେଖାଦେଇଛି। ଯାହା ଫଳରେ ଜରୁରୀକାଳୀନ ସେବା ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ତେଣୁ ବିଭାଗୀୟ ଉଚ୍ଚ କର୍ତୃପକ୍ଷ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହି କଲଭର୍ଟରେ ହୋଇଥିବା ଗର୍ତର ମରାମତି ପାଇଁ ସ୍ଥାନୀୟ ଗ୍ରାମବାସୀମାନେ ଦାବୀ କରିଛନ୍ତି।



**ଦକ୍ଷିଣ ତଟରେ ପଲାସା ଓ ଇଚ୍ଛାପୁରମ ମିଶ୍ରଣକୁ ବିଜେଡିର ବିରୋଧ**

# ଆନ୍ଧ୍ରକୁ ଖୁସି କରିବାକୁ ଚକ୍ରାନ୍ତ



**ଭୁବନେଶ୍ୱର, ୩।୪ (ସଂଚାର ବ୍ୟୁରୋ):** ଡବଲ ଇଞ୍ଜିନ ଡବଲ ବିକାଶ ନାରା ଦେଇ ରାଜ୍ୟରେ କ୍ଷମତାକୁ ଆସିଥିବା ବିଜେପି ସରକାରରେ ଓଡ଼ିଶାକୁ ଅଧିକ ମିଳିବା ପରିବର୍ତ୍ତେ ଓଡ଼ିଶାର ହକ୍‌କୁ ଛଡାଇ ନିଆଯାଉଛି ବୋଲି ବିଜେଡି ଅଭିଯୋଗ କରିଛି। ଓଡ଼ିଶା ଦିବସ ପାଳନ ସମୟରେ ପଲାସା ଓ ଇଚ୍ଛାପୁରମ ଅଞ୍ଚଳକୁ ଓଡ଼ିଶାରେ ଥିବା ପୂର୍ବତଟ ରେଳବାଇରୁ କାଢ଼ିନେଇ ଆନ୍ଧ୍ରପ୍ରଦେଶର ଦକ୍ଷିଣତଟ ରେଳବାଇରେ ମିଶାଇ ଦିଆଯାଇଥିବା ବେଳେ ଏହାକୁ ନେଇ ବିଜେଡି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି।

ଆଜି ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ଅତନୁ ସବ୍ୟସାଚୀ ନାୟକ ଓ ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି ଡବଲ ଇଞ୍ଜିନ ସରକାର ରାଜ୍ୟକୁ ଡବଲ ଧୋକା ଦେଉଥିବା ଅଭିଯୋଗ କରିଛନ୍ତି। ଶ୍ରୀ ନାୟକ କହିଥିଲେ ଯେ ପୂର୍ବତଟ ରେଳବାଇ ଦେଶରେ ଥିବା ସମସ୍ତ ରେଳବାଇ ଡିଭିଜନ ମଧ୍ୟରେ ସବୁଠାରୁ ଅଧିକ ରାଜସ୍ୱ ଦେଉଥିବା ଡିଭିଜନ। ଆନ୍ଧ୍ରକୁ ଖୁସି କରାଇବାକୁ ଯାଇ ଓଡ଼ିଶାରେ ଥିବା ପୂର୍ବତଟ ରେଳବାଇକୁ ଦୁର୍ବଳ କରିବା ସକାଶେ ଲଗାତାର ଉଦ୍ୟମ ହେଉଛି। ପ୍ରାୟ ବର୍ଷେ ତଳେ କୋରାପୁଟ ଓ ରାୟଗଡା ଜିଲ୍ଲାର କିଛି ଅଂଶକୁ ଦକ୍ଷିଣତଟ ରେଳବାଇରେ ସାମିଲ କରାଯାଇଥିଲା। ଏବେ ଓଡ଼ିଶା ଦିବସ ପାଳିତ ହେଉଥିବା ବେଳେ ପଲାସା ଓ ଇଚ୍ଛାପୁରମକୁ ଦକ୍ଷିଣତଟ ରେଳବାଇରେ ସାମିଲ କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଡବଲ ଇଞ୍ଜିନ ଡବଲ ବିକାଶ ନାରା ଦେଇ କ୍ଷମତାକୁ ଆସିଥିବା ବିଜେପି ନେତାମାନେ ରାଜ୍ୟ ପ୍ରତି ଏହି ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ସାହସ ଜୁଟାଇ ପାରୁନାହାନ୍ତି। ପୂର୍ବତଟ ରେଳବାଇକୁ ଲଗାତାର ଭାବେ ସଙ୍କୁଚିତ କରାଯାଉଛି। କିନ୍ତୁ ଓଡ଼ିଶାର ୨୦ ଜଣ ବିଜେପି ସାଂସଦ ଓ ରାଜ୍ୟର ନେତୃତ୍ୱ ମୁହଁରେ ତୁଣ୍ଡି ଦେଇ ବସି ରହିଛନ୍ତି। ଏହା ଅତ୍ୟନ୍ତ ଦୁଃଖଦ ଓ ଦୁର୍ଭାଗ୍ୟଜନକ। ଯେଉଁ ୨୦ ଜଣ ବିଜେପି ସାଂସଦ ଲୋକସଭାକୁ ଯାଇଛନ୍ତି, ରାଜ୍ୟବାସୀ ଜାଣିବାକୁ ଚାହୁଁଛନ୍ତି ସେମାନଙ୍କ ଭୂମିକା କ'ଣ? ଏହାଛଡା ଜଣେ ଓଡ଼ିଶାର ସାଂସଦ ରେଳମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଥିବା ବେଳେ ଓଡ଼ିଶାର ସ୍ୱାର୍ଥକୁ ଆନ୍ଧ୍ର ପାଖରେ ବନ୍ଧା ପକାଇଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

**● ଡବଲ ଇଞ୍ଜିନ ସରକାରଙ୍କ ଓଡ଼ିଶା ଦିବସର ଉପହାର**

# ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ପ୍ରତି ବଢୁଛି ଆଗ୍ରହ



**ଭୁବନେଶ୍ୱର,୩।୪(ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗତ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ପାଳନ ହେଉଛି ଓଡ଼ିଆ ପକ୍ଷ। ଓଡ଼ିଆ ପକ୍ଷ ପାଳନର ଦ୍ୱିତୀୟ ଓ ତୃତୀୟ ଦିନ ଅର୍ଥାତ୍ ଏପ୍ରିଲ ୨ ଓ ୩ ତାରିଖକୁ ପାରମ୍ପରିକ ପୋଷାକ ପରିଧାନ ଦିବସ 'ଆମ ପୋଷାକ ଆମ ପରିଚୟ' ଦିବସ ଭାବେ ପାଳନ କରାଯାଇଛି। ଆଜି 'ଆମ ପୋଷାକ ଆମ ପରିଚୟ' ଦିବସ ପାଳନ ଅବସରରେ ବରଗଡ଼ ଜିଲ୍ଲାସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ହ୍ୟାଣ୍ଡଲୁମ ଟେକ୍ନୋଲୋଜିରେ ଫ୍ୟାସନ ଶୋ' ଓ ହ୍ୟାଣ୍ଡଲୁମ୍ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ହ୍ୟାଣ୍ଡଲୁମ ଟେକ୍ନୋଲୋଜିର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପାରମ୍ପରିକ ଓ ସମ୍ବଲପୁରୀ ପୋଷାକ ପ୍ରଦର୍ଶନୀ ଆୟୋଜିତ ହେବା ସହ ଫ୍ୟାସନ୍ ଶୋ'ରେ ଛାତ୍ରଛାତ୍ରୀମାନେ ପାରମ୍ପରିକ ପୋଷାକ ପରିଧାନ କରି ଓଡ଼ିଶାର ହସ୍ତତନ୍ତର ସ୍ୱତନ୍ତ୍ରତା ଓ ବୟନ ଅସ୍ମିତାକୁ ସୁନ୍ଦର ଭାବେ ପ୍ରଦର୍ଶିତ କରିଥିଲେ। ଓଡ଼ିଆ ପାରମ୍ପରିକ ପୋଷାକକୁ ବିଶ୍ୱବିଦିତ କରିବା ସହ ନିଜର ଦୈନନ୍ଦିନ ଜୀବନରେ ଏହାକୁ ସାମିଲ କରିବାର ଲକ୍ଷ୍ୟ ନେଇ ପାରମ୍ପରିକ ପୋଷାକ ପ୍ରଦର୍ଶନୀ ଓ ଫ୍ୟାସନ ଶୋ'ର ଆୟୋଜନ କରାଯାଇଥିଲା। ଆମ ହସ୍ତତନ୍ତ ଓ ପାରମ୍ପରିକ ପୋଷାକ ଆମ ପରିଚୟ ଓ ଏହାକୁ ନେଇ ଆମେ ଗର୍ବିତ ବୋଲି କହିଛନ୍ତି ଛାତ୍ରଛାତ୍ରୀମାନେ।

## ପାଣିରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ଭଦ୍ରକ,୩।୪(ସଂଚାର ବ୍ୟୁରୋ):** ଜିଲ୍ଲାର ଧାମନଗର ବ୍ଲକ କୋଠାର ନଲଗାପୁର ଗ୍ରାମର ନୃସିଂହ ଚରଣ ପୃଷ୍ଟି(୮୨)ଙ୍କର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ମିଳିଥିବା ସୂଚନାନୁସାରେ, ନୃସିଂହ ଆଜି ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଗାଧୋଇବା ପାଇଁ ନଲଗାପୁର ସ୍କୁଲ ନିକଟରେ ଥିବା ପୋଖରୀକୁ ଆସିଥିଲେ। ଗାଧୋଇବା ସମୟରେ ନୃସିଂହ ପାଣିରେ ଅସାବଧାନତାବଶତଃ ବୁଡ଼ି ଯାଇଥିଲେ। ଦୀର୍ଘ ସମୟ ଧରି ସେ ଘରକୁ ନ ଫେରିବାରୁ ଘର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ଖବର ପାଇ ଧାମନଗରରୁ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ପୋଖରୀରୁ ନୃସିଂହଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏନେଇ ଧୁସୁରୀ ପୁଲିସ ମୃତଦେହ ଉଦ୍ଧାର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

**ମହିଳା ହାବିଲଦାରଙ୍କୁ ନିର୍ଯାତନା ପ୍ରସଙ୍ଗ: କଂଗ୍ରେସ ଟାର୍ଗେଟ୍‌ରେ ମୁଖ୍ୟମନ୍ତ୍ରୀ**

# ସରକାରୀ ମହିଳା କର୍ମଚାରୀଙ୍କ ଦୁଃସ୍ଥିତିର ସ୍ପଷ୍ଟ ପ୍ରମାଣ



**ଭୁବନେଶ୍ୱର,୩।୪(ସଂଚାର ବ୍ୟୁରୋ):** ଅନୁଗୁଳର ମହିଳା ହାବିଲଦାର ସୁମିତ୍ରା ବିଶ୍ୱାଳ ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ନିର୍ଯାତିତ ହେଉଥିବା ଅଭିଯୋଗ ନେଇ ଚର୍ଚ୍ଚିତ … ଏନେଇ ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅପରାହ୍ନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନତି ବାହିନୀପତି ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ କର୍ମଜୀବୀ ମହିଳାମାନେ କିପରି ଦୁଃସ୍ଥିତି ମଧ୍ୟରେ କାର୍ଯ୍ୟ କରୁଛନ୍ତି, ଆଲୋଚ୍ୟ ଘଟଣା ହେଉଛି ତା'ର ଏକ ସ୍ପଷ୍ଟ ପ୍ରମାଣ। ଏହି ଘଟଣାରେ କଂଗ୍ରେସର ଏକ ରାଜ୍ୟସ୍ତରୀୟ କମିଟି ଏବଂ ଅନୁଗୁଳ ଜିଲ୍ଲା କଂଗ୍ରେସ କମିଟି ଗତକାଲି ଅନୁଗୁଳ ଏସ୍‌ପିଙ୍କୁ ଭେଟ କରିବାକୁ ଚାହିଁଥିଲେ ସେ ଏଥିପାଇଁ ସମୟ ଦେଇନଥିଲେ। ସେହିପରି ଆଡିସିନାଲ୍ ଏସ୍‌ପି କହିଛନ୍ତି ଯେ ସୁମିତ୍ରା ଉପଯୁକ୍ତ ଫୋରମରେ ଅଭିଯୋଗ କରିନାହାନ୍ତି। ସୁମିତ୍ରା ତାଙ୍କ ପ୍ରତି ଘଟୁଥିବା ଅନ୍ୟାୟ ନେଇ ସେ ସେଇ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ଏଥିରେ କାହାର କ'ଣ ବୁଝିବାକୁ ବାକି ରହିଲା, ତା' ବୁଝିବା କଷ୍ଟକର ବ୍ୟାପାର ବୋଲି ଶ୍ରୀମତୀ ବାହିନୀପତି କହିଛନ୍ତି। ଏପରି ଏକ ସମ୍ବେଦନଶୀଳ ଘଟଣାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କାହିଁକି ନିରବ ରହିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାଛଡ଼ା ଆଇନଶୃଙ୍ଖଳା ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଡିଜିପି ଓ ଗୃହ ବିଭାଗ ସଚିବ ସମସ୍ତେ ନିରବ ରହିବା ବି କୌତୂହଳ ସୃଷ୍ଟି କରୁଛି ବୋଲି ସେ କହିଛନ୍ତି।

## ଓଡ଼ିଶା ଫାର୍ମାସୀ ଅଫିସର୍ସ ସେବା ସଂଘର ସାଧାରଣ ସଭା

**କଟକ,୩।୪(ସଂଚାର ବ୍ୟୁରୋ):** ଓଡ଼ିଶା ଫାର୍ମାସୀ ଅଫିସର୍ସ ସେବା ସଂଘ, କଟକ ଶାଖା ପକ୍ଷରୁ ସଭାପତି ସୁବ୍ରତ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ କଟକ ସିଟି ହସ୍ପିଟାଲ ସମ୍ମିଳନୀ କକ୍ଷରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ସହସମ୍ପାଦକ ରିଆଜୁଦ୍ଦିନ ଖାନ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ। ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଉପଦେଷ୍ଟା ଉମେଶ ଚନ୍ଦ୍ର ସାହୁ ସାଙ୍ଗଠନିକ ବିଷୟ ଉପରେ ଆଲୋଚନା କରିଥିଲେ। ଏହାଛଡ଼ା କୋଷାଧ୍ୟକ୍ଷ ନାରାୟଣ ପ୍ରସାଦ ତିୱାରୀ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ସଭାରେ ରାଜ୍ୟ ଓ କେନ୍ଦ୍ର ସରକାର ତଥା ଭାରତର ଫାର୍ମାସୀ କାଉନସିଲ୍‌ର ପ୍ରସ୍ତାବିତ ଚିଠି ଅନୁଯାୟୀ ଫାର୍ମାସୀ ଅଧିକାରୀଙ୍କ ମୂଳ ଦରମା ୯୩୦୦-୪୬୦୦ ଗ୍ରେଡ୍ ପେ' କରିବା ପାଇଁ ବିଧାୟକଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯିବା ସକାଶେ ନିଷ୍ପତ୍ତି ହୋଇଥିଲା। ଏକକାଳୀନ ପଦୋନ୍ନତି ଯଥା ବରିଷ୍ଠ ଫାର୍ମାସୀ ଅଧିକାରୀ ଲେଭଲ୍-୧, ମୁଖ୍ୟ ଫାର୍ମାସୀ ଅଧିକାରୀ ସହ ନିର୍ଦ୍ଦେଶକ ପଦ ପୂରଣ ପାଇଁ ମଧ୍ୟ ଦାବି କରାଯାଇଛି। ସଭାରେ ବରିଷ୍ଠ ଫାର୍ମାସୀ ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକଙ୍କୁ ଉପଢୌକନ, ମାନପତ୍ର ପ୍ରଦାନ ପୂର୍ବକ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଂଘ ପକ୍ଷରୁ ପ୍ରବୋଧ କୁମାର ପଣ୍ଡା, ହିମାଂଶୁ ଶେଖର ସାହୁ, ବିଶ୍ୱଜିତ ଷଡ଼ଙ୍ଗୀ, ମଦନ ଗୋପାଳ ସେନ, ରଞ୍ଜିତ୍ କୁମାର ସାହୁ, ମହେନ୍ଦ୍ର କୁମାର ସାହୁ, ଅଭିଷେକ ମହାପାତ୍ର, ରୋଶନୀ ପରବୀନ, ହେମନ୍ତ କୁମାର ମହାନ୍ତି, ଜୟଦେବ ପାତ୍ର, ପ୍ରଗତିକା ପତି, ରିଙ୍କି ଦେବତା, ଧନଞ୍ଜୟ ପଟ୍ଟନାୟକ ସଭାକୁ ପରିଚାଳନା କରିଥିବା ବେଳେ ଅନ୍ୟତମ ସହସମ୍ପାଦକ ଅନ୍ତର୍ଯ୍ୟାମୀ ଲେଙ୍କା ଧନ୍ୟବାଦ ଦେଇଥିଲେ।

## ବିଶ୍ୱ ଅଟିଜିମ୍ ସଚେତନତା ଦିବସ




**ଭୁବନେଶ୍ୱର,୩।୪(ସଂଚାର ବ୍ୟୁରୋ):** ଅଟିଜିମ୍‌ରେ ଆକ୍ରାନ୍ତ ପିଲାଙ୍କୁ ବିଭିନ୍ନ ଥେରାପି ଚିକିତ୍ସା ମାଧ୍ୟମରେ ସୁସ୍ଥ କରାଯାଇପାରୁଛି ବୋଲି ଇଗନାଇଟ ସ୍ପିଚ ଆଣ୍ଡ ହିଅରିଂ କ୍ଲିନିକ ପକ୍ଷରୁ କୁହାଯାଇଛି। ଏହି ଅନୁଷ୍ଠାନ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ କାର୍ଯ୍ୟ କରିଆସୁଥିବା ବେଳେ ଅଟିଜିମ ଆକ୍ରାନ୍ତ ଶତାଧିକ ପିଲାଙ୍କୁ ଆରୋଗ୍ୟ କରିପାରିଥିବା ଦାବି କରିଛି। ଗତକାଲି ବିଶ୍ୱ ଅଟିଜିମ ସଚେତନତା ଦିବସରେ ଗୁରୁ କେଲୁଚରଣ ଗବେଷଣା କେନ୍ଦ୍ର ରଙ୍ଗମଞ୍ଚରେ ଇଗନାଇଟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ସିଇଓ ଡା. ଶୁଭଶ୍ରୀ ଜେନା, ନିର୍ଦ୍ଦେଶକ ଡା. ରାଜଲକ୍ଷ୍ମୀ ଜେନା, ଓଡ଼ିଶା ଅଲିମ୍ପିକ ଆସୋସିଏସନ ସଭାପତି ସମୀର ମହାନ୍ତି, ବିଜେପି ଯୁବ ସଭାପତି ଦୀପକ ମହାନ୍ତି, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ସିଇଓ ଡା. ଜେନା କହିଛନ୍ତି ଯେ ସଠିକ ସମୟରେ ଥେରାପି ଦ୍ୱାରା ଚିକିତ୍ସା କରାଗଲେ ଅଟିଜିମ୍‌ରୁ ମୁକ୍ତି ମିଳିପାରିବ। ଆଗାମୀ ଦିନରେ ଓଡ଼ିଶାରୁ ଅଟିଜିମ୍‌କୁ ସମ୍ପୂର୍ଣ୍ଣ ଭାବେ ଦୂର କରିବା ଲକ୍ଷ୍ୟ ନେଇ ଅନୁଷ୍ଠାନ କାର୍ଯ୍ୟ କରୁଛି। ସେହିପରି ୧୧ଟି କେନ୍ଦ୍ରରୁ ଆସିଥିବା ଶତାଧିକ ପିଲାଙ୍କ ମଧ୍ୟରୁ କେତେକ ପିଲା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ୧୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ହେରୋଇନ୍ ଜବତ, ୩ ଗିରଫ



**କଟକ,୩।୪(ସଂଚାର ବ୍ୟୁରୋ):** କଟକ କେନ୍ଦ୍ରୀୟ ଅବକାରୀ ଅଧିକାରୀମାନେ ଗତକାଲି ୧୬ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ହେରୋଇନ୍ ଜବତ କରିବା ସହ ଏହି ମାମଲାରେ ୩ ଜଣଙ୍କୁ ଗିରଫ କରିଛନ୍ତି। ସୂଚନା ପାଇ ଅବକାରୀ ଅଧିକାରୀମାନେ ମର୍କତନଗର ଥାନା ସୀମା ଅନ୍ତର୍ଗତ ଜୁଡିସିଆଲ୍ ଏକାଡେମୀ ଛକରେ ଚଢ଼ାଉ କରି ୧୬୪ ଗ୍ରାମ ଓଜନର ହେରୋଇନ୍ ଜବତ କରିଥିଲେ। ଏଥିସହ ସେମାନଙ୍କ ନିକଟରୁ ସ୍କୁଟି ଓ ମୋବାଇଲ୍ ଫୋନ୍ ମଧ୍ୟ ଜବତ କରାଯାଇଛି। ଜବତ ହେରୋଇନ୍‌ର ବଜାର ମୂଲ୍ୟ ପାଖାପାଖି ୧୬ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି। ଗିରଫ ୩ ଅଭିଯୁକ୍ତମାନେ ହେଲେ ଲାଲବାଗ ଥାନା ସୀମା ଅନ୍ତର୍ଗତ ଆଲିଶା ବଜାର ଅଞ୍ଚଳର ସୋମ ନାୟକ, କାଳିଆ ନାୟକ ଓ ରୋହିତ ଘଡ଼େଇ। ନିଶା ବ୍ୟବସାୟୀଙ୍କ ବିରୁଦ୍ଧରେ ନାର୍କୋଟିକ୍ସ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରୋପିକ୍ ସବଷ୍ଟାନ୍ସ (ଏନ୍‌ଡିପିଏସ୍)ଆଇନ, ୧୯୮୫ ଅନୁଯାୟୀ ଏକ ମାମଲା ରୁଜୁ କରାଯିବା ସହ ଆଇନଗତ ପ୍ରକ୍ରିୟା ସମାପ୍ତ ହେବା ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

# ଝାରସୁଗୁଡ଼ାରେ ଏୟାର କାର୍ଗୋ ସେବା

**ବ୍ୟାବସାୟିକ ଦୃଷ୍ଟିରୁ ହେବ ଲାଭଜନକ**




**ଝାରସୁଗୁଡ଼ା,୩।୪(ସଂଚାର ବ୍ୟୁରୋ):** ଝାରସୁଗୁଡ଼ା ବିମାନ ବନ୍ଦରର ରୂପାନ୍ତରଣ କାମ ଆରମ୍ଭ ହୋଇଛି। ଶିଳ୍ପ, ସ୍ୱାସ୍ଥ୍ୟ ଓ ନିଯୁକ୍ତି କ୍ଷେତ୍ରରେ ବଦଳିବାକୁ ଯାଉଛି ଝାରସୁଗୁଡ଼ାର ଭାଗ୍ୟ। ଆରମ୍ଭ ହେବାକୁ ଯାଉଛି ପରିବର୍ତ୍ତନର ନୂଆ ଅଧ୍ୟାୟ। ଝାରସୁଗୁଡ଼ା ହେବ ପଶ୍ଚିମ ଓଡ଼ିଶାର ଅର୍ଥନୈତିକ ଶକ୍ତି କେନ୍ଦ୍ର। ଖୁବଶୀଘ୍ର ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରୁ ଆରମ୍ଭ ହେବ ଏୟାର କାର୍ଗୋ ସେବା। ପୂର୍ବରୁ କେବଳ ରୋଡ୍ ଓ ଟ୍ରେନ୍ ଯୋଗେ ପରିବହନ ସମ୍ଭବ ଥିଲା। ଏବେ ଏୟାର କାର୍ଗୋ ସେବା ଦ୍ୱାରା ଝାରସୁଗୁଡ଼ାରୁ ସିଧାସଳଖ ଦେଶ ଓ ବିଦେଶକୁ ପଠାଯାଇପାରିବ ସାମଗ୍ରୀ, ଯାହା ଝାରସୁଗୁଡ଼ା ପାଇଁ ବହୁତ ବଡ଼ ସୁଯୋଗ ହେବ ବୋଲି ବିଶେଷଜ୍ଞମାନେ ଆକଳନ କରୁଛନ୍ତି।

ଇସ୍ପାତ, ଲୁହାପଥର ଓ ପାୱାର ପ୍ଲାଣ୍ଟକୁ ଛାଡ଼ି ଅନ୍ୟ ଶିଳ୍ପର ବିସ୍ତାର ବି ହୋଇପାରିବ। ବିଶେଷକରି ଖୁବ୍‌ଶୀଘ୍ର ନଷ୍ଟ ହୋଇଯାଉଥିବା ସାମଗ୍ରୀକୁ ସ୍ଥାନାନ୍ତର କରିବାରେ ଏହା ସହାୟକ ହେବ। ଦାମୀ ସାମଗ୍ରୀ ପରିବହନରେ ଖର୍ଚ୍ଚ ମଧ୍ୟ କମିବ ବୋଲି କହିଛନ୍ତି ବ୍ୟାବସାୟିକ ବିଶେଷଜ୍ଞ।

ଏୟାର କାର୍ଗୋ ଆସିଲେ ଝାରସୁଗୁଡ଼ା ସହ ପଶ୍ଚିମ ଓଡ଼ିଶାରେ ନିବେଶ ଓ ବ୍ୟବସାୟ ବଢ଼ିବ। ଝାରସୁଗୁଡା ଏୟାରପୋର୍ଟରେ ଏକ ଉଚ୍ଚସ୍ତରୀୟ ବୈଠକରେ ଏୟାର କାର୍ଗୋ ସେବା ଆରମ୍ଭ ଦିଗରେ ଆଲୋଚନା ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ କ୍ଷୁଦ୍ର ଏୟାର କାର୍ଗୋ ସେବା ଆରମ୍ଭ ହେବ ଏବଂ ପରେ ଆବଶ୍ୟକତା ଅନୁଯାୟୀ ବୃହତ ଏୟାର କାର୍ଗୋ ପରିବହନ କରାଯିବ ବୋଲି କହିଛନ୍ତି ବିମାନବନ୍ଦର ନିର୍ଦ୍ଦେଶକ।

ଝାରସୁଗୁଡ଼ା ଭୌଗୋଳିକ ଓ ଯାନ୍ତ୍ରିକ ଦୃଷ୍ଟିକୋଣରୁ କାର୍ଗୋ ବିମାନ ବନ୍ଦର ପାଇଁ ଉପଯୁକ୍ତ ସ୍ଥାନ। ଭୁବନେଶ୍ୱର, ନାଗପୁର ପରେ ଆଉ କୌଣସି ବିମାନ ବନ୍ଦରରେ କାର୍ଗୋ ସେବା ଉପଲବ୍ଧ ନାହିଁ। ତେବେ ଏହି ବ୍ୟବସାୟରେ ସ୍ଥାନୀୟ କ୍ଷୁଦ୍ର ବ୍ୟବସାୟୀଙ୍କୁ ସୁଯୋଗ ମିଳିଲେ ଏୟାର କାର୍ଗୋର ପୂର୍ଣ୍ଣାଙ୍ଗ ଲାଭ ସେମାନେ ଉଠାଇପାରିବେ ବୋଲି ମତ ପ୍ରକାଶ ପାଇଛି।

**● ରାଜଧାନୀରେ ଘୁଙ୍ଗୁର ମିଶ୍ରଙ୍କୁ ଦୁଷ୍କର୍ମ ପ୍ରସଙ୍ଗ**

# ନ୍ୟାୟ ବଦଳରେ ଶୋଷଣ କରିଛି ପୁଲିସ:ବିଜେଡି



**ଭୁବନେଶ୍ୱର,୩।୪(ସଂଚାର ବ୍ୟୁରୋ):** ରାଜଧାନୀରେ ଗତ ବର୍ଷ ଜୁନ୍‌ରେ ଘୁଙ୍ଗୁର ମିଶ୍ର ନାମକ ଜନୈକା ମହିଳାଙ୍କ ସହ ହୋଇଥିବା ଦୁଷ୍କର୍ମ ଘଟଣାକୁ ବର୍ଷେ ପୂରିବାକୁ ଯାଉଥିବା ବେଳେ ପୀଡ଼ିତା ଜଣକ ନ୍ୟାୟ ପାଇବା ପାଇଁ ବାରମ୍ବାର ପୁଲିସର ଦ୍ୱାରସ୍ଥ ହୋଇ ନିରାଶ ହୋଇଥିଲେ। ପୁଲିସ ପୀଡ଼ିତାଙ୍କୁ ନ୍ୟାୟ ଦେବା ବଦଳରେ ଶୋଷଣ କରିବା ଘଟଣାକୁ ତୀବ୍ର ନିନ୍ଦା କରିଛି ବିଜେଡି।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଈପ୍‌ସିତା ସାହୁ ଓ ବିଜୁ ଯୁବ ଜନତା ଦଳ ସମ୍ପାଦିକା ସୋଫିଆ ଆଲାମ ରାଜ୍ୟରେ ଦୁଷ୍କର୍ମ ଘଟଣା ଉଦବେଗଜନକ ଭାବେ ବୃଦ୍ଧି ପାଉଥିବା ବେଳେ ପୁଲିସ ପ୍ରଶାସନର ଅପାରଗପଣିଆ ପାଇଁ ପୀଡ଼ିତା ନ୍ୟାୟ ପାଇବା ପରିବର୍ତ୍ତେ ଶୋଷଣର ଶିକାର ହେବା ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି ବୋଲି ଅଭିଯୋଗ କରିଛନ୍ତି। ନାରୀ ନିର୍ଯାତନା ଘଟଣାକୁ ନେଇ ଓଡ଼ିଶା ସାରା ବିଶ୍ୱରେ ନିନ୍ଦିତ ହେଉଛି। ରାଜ୍ୟରେ ପୁଲିସ ପ୍ରଶାସନ ମହିଳାଙ୍କୁ ନ୍ୟାୟ ପ୍ରଦାନରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ସେ କହିଥିଲେ।

**ପୀଡ଼ିତାଙ୍କୁ ପଇସା ଓ ନେଗେଟିଭ ଫେବର ମଗାଯାଉଛି**

ଶ୍ରୀମତୀ ସାହୁ ଆହୁରି କହିଥିଲେ ଯେ ଗତବର୍ଷ ଭରତପୁର ଥାନାର ଏସ୍ଆଇ ପାର୍ଥସାରଥୀ ସ୍ୱାଇଁ, ଗଙ୍ଗାଧର ରାହୁଳ, କନଷ୍ଟେବଲ ସର୍ବେଶ୍ୱର ଦାସ ଓ ଆର ସତୀଶ ରାଓ ତଦନ୍ତ ଆଳରେ ଘୁଙ୍ଗୁର ମିଶ୍ରଙ୍କଠାରୁ ଟଙ୍କା ନେବା ସହ ଆସାମୀକୁ ଧରିବା ବାହାନାରେ ବିମାନ ଯାତ୍ରା ପାଇଁ ଟିକେଟ ନେଇଥିଲେ। ରାତି ଅଧରେ ବିଭିନ୍ନ ଆଳ ଦେଖାଇ ତାଙ୍କୁ ନେଗେଟିଭ ଫେବର ମାଗିଥିଲେ। ଏହି ସମସ୍ତ ଘଟଣାରୁ ଜଣାପଡୁଛି ପୁଲିସ ପୀଡ଼ିତାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ଶୋଷଣ କରିବା ପାଇଁ ସବୁ ପ୍ରକାର ପଦକ୍ଷେପ ନେଇଛି। ଶେଷରେ ବାଧ୍ୟ ହୋଇ ଘୁଙ୍ଗୁର ମିଶ୍ର ଗଣମାଧ୍ୟମ ସମ୍ମୁଖରେ ନିର୍ଯାତନାର କାହାଣୀ ବଖାଣିଥିଲେ। ଗଣମାଧ୍ୟମରେ ମୁହଁ ଖୋଲିବା ପରେ ତାଙ୍କୁ ଅଜଣା ନମ୍ବରରୁ ହତ୍ୟା ଧମକ ମିଳୁଥିବା ଶ୍ରୀମତୀ ସାହୁ ଅଭିଯୋଗ କରିଛନ୍ତି।

## ୫୧ ଗ୍ରାମ୍ ବ୍ରାଉନସୁଗର ଜବତ, ୩ ଗିରଫ



**ଖୋର୍ଦ୍ଧା,୩।୪(ସଂଚାର ବ୍ୟୁରୋ):** ସଦର ଥାନା ଅନ୍ତର୍ଗତ ଛଟିପୁର ଖେଳ ପଡ଼ିଆ ନିକଟରେ ପୁଲିସ ଚଢ଼ାଉ କରି ୫୧ ଗ୍ରାମ୍ ଓଜନର ବ୍ରାଉନସୁଗର ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜାମ ବିଜିପୁରର ସୁଧୀର ଚୌଧୁରୀ, ଗଞ୍ଜାମ ଟାଉନ ଥାନା ମୋଚିସାହିର ଏସ୍‌କେ ଆସିଫ ଓ ଜଟଣୀ ତିରିମଲ୍ଲର ପୂର୍ଣ୍ଣଚନ୍ଦ୍ର ମହାନ୍ତି। ସେମାନଙ୍କଠାରୁ ପୁଲିସ ତିନିଟି ମୋବାଇଲ୍ ଓ ଗୋଟିଏ ବୁଲେଟ୍ (ନଂ.ଓଡି ୦୨ବିକେ ୬୬୦୧) ଜବତ କରିଛି। ଖୋର୍ଦ୍ଧା ସଦର ଥାନା କାର୍ଯ୍ୟାଳୟରେ ଶୁକ୍ରବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଖୋର୍ଦ୍ଧା ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ଥାନାଧିକାରୀ ବାସୁଦେବ ଜୟସିଂହ ଏନେଇ ସୂଚନା ଦେଇଛନ୍ତି।

# ଧାତୁ ଓ ଉତ୍ପାଦନ ଶକ୍ତି ଓଡ଼ିଶାର ନିଯୁକ୍ତି ଅଭିବୃଦ୍ଧିରେ ସହାୟକ ହୋଇଛି



**ଭୁବନେଶ୍ୱର,୩।୪(ସଂଚାର ବ୍ୟୁରୋ):** ଓଡ଼ିଶା ଆଜି ଦେଶରେ ଆଲୁମିନା, ଆଲୁମିନିୟମ ଓ ଇସ୍ପାତର ସର୍ବାଧିକ ଉତ୍ପାଦକ। କିନ୍ତୁ ଦଶନ୍ଧି ଧରି ଓଡ଼ିଶାର ଅର୍ଥନୈତିକ କାହାଣୀ ସୀମିତ ସ୍ଥାନୀୟ ସୁଯୋଗ ଦ୍ୱାରା ପ୍ରଭାବିତ ହୋଇଥିଲା, ଯାହା ଫଳରେ ବହୁଳ ପରିମାଣରେ ଶ୍ରମ ପ୍ରବାସ ହୋଇଥିଲା। ବିଶେଷକରି ଦକ୍ଷିଣ-ପଶ୍ଚିମ ବେଲ୍ଟରେ ସୀମିତ ଅଣ-କୃଷି ନିଯୁକ୍ତି, କୃଷି ଚାପ ଓ କମ ଶିଳ୍ପ ଅବଶୋଷଣ ହେତୁ ସଙ୍କଟଚାଳିତ ପ୍ରବାସ ପ୍ରବଣତା ପ୍ରଚଳିତ ଅଛି। ତଥାପି ଗତ ଦଶନ୍ଧିରେ କୃଷିରୁ ଧାତୁ ଓ ଉତ୍ପାଦନକୁ କ୍ରମାଗତ ଭାବରେ ଶ୍ରମ ଶକ୍ତି ସ୍ଥାନାନ୍ତରିତ ହେବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିଛି। ଏହା ସାମୟିକ ଶ୍ରମ ଶକ୍ତି ସର୍ଭେ ମାଧ୍ୟମରେ ସ୍ପଷ୍ଟ ହୋଇଛି, ଯାହା କୃଷି କାର୍ଯ୍ୟଶକ୍ତିରେ ସ୍ଥିର ହ୍ରାସ ସୂଚାଇଥାଏ ଓ ସାମ୍ପ୍ରତିକ ଆର୍ଥିକ ସର୍ଭେ ୨୦୨୫-୨୬ ଅନୁଯାୟୀ ରାଜ୍ୟରେ ଉତ୍ପାଦନ କ୍ଷେତ୍ରରେ ଶ୍ରମ ଶକ୍ତିର ଅଂଶଗ୍ରହଣ ପ୍ରାୟ ୨୭ ପ୍ରତିଶତ ବୃଦ୍ଧି ପାଇଛି। ରାଜ୍ୟ ଏକ ସମ୍ବଳଭିତ୍ତିକ ଅର୍ଥନୀତିରୁ ମୂଲ୍ୟଯୁକ୍ତ ଉତ୍ପାଦନ ଆଡ଼କୁ ଗତି କରୁଥିବା ବେଳେ ବେଦାନ୍ତ ଆଲୁମିନିୟମ ଭଳି କମ୍ପାନୀଗୁଡ଼ିକ ଏକ ଉତ୍ପ୍ରେରକ ଭୂମିକା ଗ୍ରହଣ କରୁଛନ୍ତି। ରାଜ୍ୟ ଭିତରେ ୧୦୦ ପ୍ରତିଶତ ମୂଲ୍ୟ ବୃଦ୍ଧି ସହ ବେଦାନ୍ତ ୧ ଲକ୍ଷ କୋଟିରୁ ଅଧିକ ସଞ୍ଚିତ ନିବେଶ ମାଧ୍ୟମରେ ସ୍ଥାନୀୟ ଶିଳ୍ପ ଇକୋସିଷ୍ଟମକୁ ଉଲ୍ଲେଖନୀୟ ଭାବେ ସୁଦୃଢ଼ କରିଛି। କମ୍ପାନୀ ଅଦ୍ୟାବଧି ପ୍ରାୟ ୫ ଲକ୍ଷ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିଛି।

ଲାଞ୍ଜିଗଡ଼ରେ ୫ ଏମଟିପିଏ ଆଲୁମିନା ରିଫାଇନାରୀ ଓ ଝାରସୁଗୁଡାରେ ୧.୮ ଏମଟିପିଏ ଆଲୁମିନିୟମ ସ୍ମେଲ୍ଟର ସମେତ ଏହାର ବିଶ୍ୱସ୍ତରୀୟ ସମ୍ପତ୍ତି ବିଶ୍ୱ ସ୍ତରରେ ସେମାନଙ୍କ ପ୍ରକାରର ସର୍ବବୃହତ, ସ୍କେଲ୍ ଓ ଆଉଟପୁଟ୍ ଅପେକ୍ଷା ଅଧିକ ପ୍ରତିନିଧିତ୍ୱ କରେ। ଓଡ଼ିଶାର ଅନୁନ୍ନତ ଅଞ୍ଚଳ ମଧ୍ୟରୁ କିଛି କଳାହାଣ୍ଡି ଏବଂ ଝାରସୁଗୁଡାରେ ଏହାର ମୁଖ୍ୟ କାର୍ଯ୍ୟ ଆଧାରରେ ବେଦାନ୍ତ ଆଲୁମିନିୟମ ଶିଳ୍ପ କ୍ଷମତା ନିର୍ମାଣ କରିଛି ଓ ରାଜ୍ୟର ନିଯୁକ୍ତି ଭୂଗୋଳର ପୁନଃନିର୍ମାଣ କରିଛି। ଲାଞ୍ଜିଗଡ଼ର ସ୍କିଲ୍ ସ୍କୁଲ୍‌ରୁ ଆସିଷ୍ଟାଣ୍ଟ୍ ଇଲେକ୍ଟ୍ରିସିଆନ୍ ଭାବେ ତାଲିମ୍ ପାଇଥିବା ଗୀତା ମାଝୀ କହନ୍ତି ଯେ ଏହି ଚାକିରି ତାଙ୍କୁ ଆୟ ଅପେକ୍ଷା ଅଧିକ ଦେବାସହ ଆତ୍ମବିଶ୍ୱାସକୁ ମଧ୍ୟ ଅଧିକ ମଜବୁତ କରିଛି ବୋଲି ସେ କହିଛନ୍ତି।

# ନିଶା ନିବାରଣ ଦାୟିତ୍ୱରେ ମଦ କମ୍ପାନୀ



**ଭୁବନେଶ୍ୱର,୩।୪:** ଅବକାରୀରୁ ରାଜ୍ୟ ସରକାର ବର୍ଷକୁ ୧୦ ହଜାର କୋଟି ଟଙ୍କାରୁ ଅଧିକ ଆୟ କରୁଥିବା ବେଳେ ଲୋକଙ୍କୁ ମଦ ଓ ଅନ୍ୟାନ୍ୟ ନିଶା ସାମଗ୍ରୀର ଖରାପ ପ୍ରଭାବ ସଂକ୍ରାନ୍ତରେ ଶିକ୍ଷା ଦେବା ପାଇଁ ୧୦୦ କୋଟି ଟଙ୍କାର ଏକ ସ୍ୱତନ୍ତ୍ର ଉତ୍ସର୍ଗୀକୃତ ପାଣ୍ଠି ସୃଷ୍ଟି କରିବେ। ସଦ୍ୟ ଘୋଷିତ ଓଡ଼ିଶା ସରକାରଙ୍କ ଅବକାରୀ ନୀତିରେ ଏହା କୁହାଯାଇଛି।

କେବଳ ସେତିକି ନୁହେଁ, ମଦ ତିଆରି କରୁଥିବା କମ୍ପାନୀ ଓ ଏହାକୁ ବାଣ୍ଟିବା ଦାୟିତ୍ୱରେ ଥିବା ସଂସ୍ଥାମାନେ ସେମାନଙ୍କ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସଆର) କାର୍ଯ୍ୟକ୍ରମରେ ମଦ ବିରୁଦ୍ଧରେ ସଚେତନତା ସୃଷ୍ଟି ପାଇଁ ମଧ୍ୟ ଅର୍ଥ ଖର୍ଚ୍ଚ କରିବେ। ଆଲକୋହଲ ଗୋଟିଏ ଭୀଷଣ ପାପ ଏବଂ ଏହାର ସୁଦୂରପ୍ରସାରୀ ସାମାଜିକ ପ୍ରଭାବ ରହୁଥିବା ଦୃଷ୍ଟିରୁ ଓଡ଼ିଶାରେ ଯେଉଁ ମଦ କମ୍ପାନୀଗୁଡ଼ିକ ବ୍ୟବସାୟ ଚଳାଉଛନ୍ତି, ସେମାନେ ମଦ ସେବନର ଖରାପ ପ୍ରଭାବ ଦୂର କରିବା ପାଇଁ ଉଦ୍ୟମ କରିବେ। ଏଥିଲାଗି ସମ୍ପୃକ୍ତ କମ୍ପାନୀମାନେ ଯଥାସମ୍ଭବ ତାଙ୍କ ସିଏସଆର ପାଣ୍ଠିର ସର୍ବାଧିକ ଖର୍ଚ୍ଚ କରିବା ପାଇଁ କୁହାଯାଇଛି।

କେଉଁ ମଦ ପ୍ରସ୍ତୁତକାରୀ ଓ ବିତରକ ସଂସ୍ଥା ତାଙ୍କ ସିଏସଆର କାର୍ଯ୍ୟକ୍ରମରେ ଯାହାସବୁ କାମ କରିବେ ତାହାକୁ ଅବକାରୀ ନିର୍ଦ୍ଦେଶାଳୟ ନିୟନ୍ତ୍ରଣ କରିବ। ପ୍ରତିବର୍ଷ ମଦ ପ୍ରସ୍ତୁତକାରୀ ଓ ବିତରକ ସଂସ୍ଥାମାନେ ତାଙ୍କ ସିଏସଆର କାର୍ଯ୍ୟକଳାପ ସଂକ୍ରାନ୍ତରେ ଓଡ଼ିଶାର ଅବକାରୀ କମିଶନରଙ୍କୁ ଅବିଗତ କରାଇବେ ଏବଂ ଅବକାରୀ କମିଶନର ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ବିସ୍ତୃତ ରିପୋର୍ଟ ପ୍ରଦାନ କରିବେ ବୋଲି ଅବକାରୀ ନୀତିରେ ଉଲ୍ଲେଖ ରହିଛି।

ଏଠାରେ ଉଲ୍ଲେଖନୀୟ ଯେ ଚଳିତବର୍ଷ ବଜେଟରେ ରାଜ୍ୟ ସରକାର ୧୦,୯୦୦ କୋଟି ଟଙ୍କାର ଅବକାରୀ ଟିକସ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଅବକାରୀ ଟିକସ ସହ ଭାଟ୍ ଆଦିକୁ ମିଶାଇଲେ ଏହା ୧୪ ହଜାର କୋଟି ଟଙ୍କାକୁ ଟପିପାରେ ବୋଲି ଆଶା କରାଯାଉଛି। ୨୦୨୩-୨୪ ବର୍ଷରେ ଏହାର ପରିମାଣ ୭୨୧୫ କୋଟି ଟଙ୍କା ଥିବାବେଳେ ୨୦୦୦-୦୧ ବର୍ଷରେ ଏହା ଥିଲା ୧୩୫ କୋଟି ୩୫ ଲକ୍ଷ ଟଙ୍କା।

ଓଡ଼ିଶାରେ ସରକାରୀ ଲାଇସେନ୍ସପ୍ରାପ୍ତ ଦୋକାନଗୁଡ଼ିକ ମାଧ୍ୟମରେ ବର୍ଷକୁ ବର୍ଷ ମଦ ବିକ୍ରି ବଢ଼ିବା ସହ ଅବକାରୀ ରାଜସ୍ୱ ବି ବଢୁଛି ଏବଂ ଏଥିସହ ତାଳଦେଇ ରୋଗବ୍ୟାଧିଠାରୁ ଆରମ୍ଭ କରି ନାରୀ ନିର୍ଯାତନା, ଦୁର୍ଘଟଣା, ହତ୍ୟା, ଧର୍ଷଣ ଆଦି ମଧ୍ୟ ବୃଦ୍ଧି ପାଉଛି। ୨୦୨୦-୨୧ ବର୍ଷରେ ସରକାର ୨୦ କୋଟି ଲିଟର ମଦ ଯୋଗାଇଥିବା ବେଳେ ୨୦୨୪-୨୫ ବର୍ଷରେ ମଦୁଆମାନଙ୍କ ଚାହିଦା ମେଣ୍ଟାଇବା ପାଇଁ ୪୦ କୋଟି ଲିଟରରୁ ଅଧିକ ଯୋଗାଇଛନ୍ତି।

ମୋଟାମୋଟି ଭାବେ ଖଣି ଓ ଜିଏସ୍‌ଟି ରାଜସ୍ୱ ଭଳି ଅବକାରୀ ରାଜସ୍ୱ ସରକାରଙ୍କର ଏକ ପ୍ରମୁଖ ଆୟ ଭାବେ ଗଣାଯାଇଥାଏ। ତେବେ ରାଜସ୍ୱ ବାର୍ଷିକ ବଜେଟ୍ ୩ ଲକ୍ଷ ୧୦ ହଜାର କୋଟି ଟଙ୍କା ରହିଥିବା ବେଳେ ଅବକାରୀରୁ ଏଥିକୁ ମିଳିବାକୁ ଅଛି ମାତ୍ର ୧୦,୯୦୦ କୋଟି ଟଙ୍କା। ନୂଆ ଅବକାରୀ ନୀତିରେ କୁହାଯାଇଛି ଯେ ଜାତୀୟ ଓ ରାଜ୍ୟ ରାଜପଥ କଡ଼ରେ ନୂଆ ମଦ ଦୋକାନ ଖୋଲିବା ବେଳେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅନୁପାଳନ କରାଯିବା ଆବଶ୍ୟକ। ଏହାଛଡ଼ା ରାଜପଥ କଡ଼ରେ କୌଣସି ମଦ ଦୋକାନ ସାଇନବୋର୍ଡ ଲଗାଇପାରିବେ ନାହିଁ। ଗ୍ରାମାଞ୍ଚଳରେ ଗୋଟିଏ ସ୍ଥାନରୁ ମଦ ଦୋକାନ ଉଠାଗଲେ ତାହା ଗ୍ରାମାଞ୍ଚଳର ଅନ୍ୟ ସ୍ଥାନରେ ହିଁ ଖୋଲିବ। ସେହିପରି ସହରାଞ୍ଚଳରେ ବନ୍ଦ ହେଉଥିବା ଗୋଟିଏ ମଦ ଦୋକାନ ମଧ୍ୟ ସହରାଞ୍ଚଳର ଅନ୍ୟ ସ୍ଥାନରେ ଖୋଲିବାକୁ କୁହାଯାଇଛି। ଏଥିପାଇଁ ସାଧାରଣ ଲୋକଙ୍କ ଆପତ୍ତି ଅଭିଯୋଗ ଆହ୍ୱାନ କରିବା ଲାଗି ମଧ୍ୟ ପରାମର୍ଶ ଦିଆଯାଇଛି। ସିଡ୍ୟୁଲ ଅଞ୍ଚଳରେ ନୂଆ ମଦଦୋକାନ ଖୋଲିବା କିମ୍ବା ପୁରୁଣା ମଦ ଦୋକାନର ନବୀକରଣ ବେଳେ ପେସା ଆଇନ୍‌କୁ କଡ଼ାକଡ଼ି ଭାବେ ଜିଲ୍ଲାପାଳମାନେ ଅନୁସରଣ କରିବାକୁ ଅବକାରୀ ନୀତିରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ତେବେ ତିନି ତାରକା କିମ୍ବା ତଦୁର୍ଦ୍ଧ୍ୱ ବର୍ଗର ହୋଟେଲଗୁଡିକୁ ଠିପିଖୋଲା ମଦ ଲାଇସେନ୍ସ ଦିଆଯିବା ବେଳେ ସାଧାରଣ ଲୋକଙ୍କ ଆପତ୍ତି ଅଭିଯୋଗର ଆବଶ୍ୟକତା ରହିବ ନାହିଁ। (ତଥ୍ୟ)



ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

ଶନିବାର ୪ ଏପ୍ରିଲ ୨୦୨୬, ଭୁବନେଶ୍ୱର

Saturday 4 April 2026, Bhubaneswar




# ଶକ୍ତି ସନ୍ତୁଳନର ଖେଳ

ବିଶ୍ୱ ରାଜନୀତିର ଏକ ନୂତନ ସଙ୍କଟ ସମ୍ମୁଖୀନ ହୋଇଛି। ଫେବୃଆରୀ ୨୮, ୨୦୨୬ରେ ଆମେରିକା ଓ ଇସ୍ରାଏଲ୍ ଇରାନ୍ ଉପରେ ଆକ୍ରମଣ ଆରମ୍ଭ କରିବା ପରେ ଇରାନ ହର୍ମୁଜ ଷ୍ଟ୍ରେଟକୁ ପ୍ରାୟ ବନ୍ଦ କରିଦେଇଛି। ବିଶ୍ୱର ପ୍ରାୟ ଏକ ପଞ୍ଚମାଂଶ ତୈଳ ଏହି ସଙ୍କୀର୍ଣ୍ଣ ଜଳପଥ ଦେଇ ଯାଇଥାଏ। ଇରାନର ଏହି ପଦକ୍ଷେପ ଯୋଗୁଁ ବିଶ୍ୱ ତୈଳ ମୂଲ୍ୟ ଆକାଶ ଛୁଆଁ ହୋଇଛି, ଅର୍ଥନୈତିକ ଅସ୍ଥିରତା ବଢ଼ିଛି ଏବଂ ଗଲ୍ଫ ଦେଶଗୁଡ଼ିକ ଆତଙ୍କିତ ହୋଇଛନ୍ତି। ଏହି ପୃଷ୍ଠଭୂମିରେ ୟୁନାଇଟେଡ୍ ନେସନ୍ସ ସିକ୍ୟୁରିଟି କାଉନ୍ସିଲ (ୟୁଏନ୍ଏସ୍‌ସି) ଏକ ନୂତନ ପ୍ରସ୍ତାବ ଆଗତ କରିଛି। ବାହାରୀନ୍ ପ୍ରସ୍ତାବିତ ଏହି ରିଜୋଲ୍ୟୁସନ୍ ହର୍ମୁଜ୍ ଷ୍ଟ୍ରେଟରେ ଜାହାଜ ଚଳାଚଳ ସୁରକ୍ଷିତ କରିବା ପାଇଁ 'ଆତ୍ମରକ୍ଷାମୂଳକ ଉପାୟ' ବ୍ୟବହାର କରିବାକୁ ଅନୁମତି ଦେବାର ଲକ୍ଷ୍ୟ ରଖିଛି। ପୂର୍ବ ରିଜୋଲ୍ୟୁସନ୍ ୨୮୧୭ (ମାର୍ଚ୍ଚ ୧୧) ଇରାନର ଆକ୍ରମଣକୁ ନିନ୍ଦା କରିଥିଲା। କିନ୍ତୁ ଏହି ନୂତନ ପ୍ରସ୍ତାବ ଚୀନ୍, ରୁଷିଆ ଓ ଫ୍ରାନ୍ସର ବିରୋଧ ଯୋଗୁଁ ବର୍ତ୍ତମାନ ପାଇଁ ସ୍ଥଗିତ ରହିଛି। ଭୋଟ ଏପ୍ରିଲ୍ ୩ ପାଇଁ ନିର୍ଦ୍ଧାରିତ ଥିଲା କିନ୍ତୁ ଗୁଡ୍ ଫ୍ରାଇଡେ ଯୋଗୁଁ ସ୍ଥଗିତ ରହିଛି। ଏହି ପ୍ରସଙ୍ଗରେ ମୁଖ୍ୟ ପ୍ରଶ୍ନ ହେଉଛି – ଆମେରିକା ମିଳିତ ଜାତିସଂଘ ସୁରକ୍ଷା ପରିଷଦ ନିର୍ଣ୍ଣୟକୁ ଗ୍ରହଣ କରିବ କି?



ଆମେରିକା ଏହି ପ୍ରସ୍ତାବକୁ ସମର୍ଥନ କରୁଛି। ଟ୍ରମ୍ପ ପ୍ରଶାସନ ହର୍ମୁଜ୍ ଖୋଲା ରଖିବାକୁ ଚାହୁଁଛି କାରଣ ଏହା ତା'ର ଅର୍ଥନୈତିକ ଓ ରଣନୀତିକ ସ୍ୱାର୍ଥର ସହିତ ଜଡ଼ିତ। ଇରାନ୍ ଉପରେ ଜାରି ଆକ୍ରମଣ ସତ୍ତ୍ୱେ ଟ୍ରମ୍ପ ବହୁଜାତିକ ନୌସେନା ମେଳନୀ ଆହ୍ୱାନ କରିଛନ୍ତି ଏବଂ ଅନ୍ୟ ଦେଶଗୁଡ଼ିକୁ ନିଜର ତୈଳ ନିଜେ ଆଣ ବୋଲି କହିଛନ୍ତି। ତେଣୁ ଯଦି ୟୁଏନ୍ଏସ୍‌ସି ରିଜୋଲ୍ୟୁସନ୍ ପାରିତ ହୁଏ, ଆମେରିକା ଏହାକୁ ପୂର୍ଣ୍ଣ ସମର୍ଥନ ଦେବ ଓ ଏହାର କାର୍ଯ୍ୟକାରିତା ପାଇଁ ନେତୃତ୍ୱ ନେବ ବୋଲି ମନେ ହୁଏ। କାରଣ ଏହା ଆମେରିକାର ପଦକ୍ଷେପକୁ ଆନ୍ତର୍ଜାତିକ ବୈଧତା ପ୍ରଦାନ କରିବ। କିନ୍ତୁ ଇତିହାସ ଆମକୁ ଶିଖାଏ ଯେ ଆମେରିକା ନିଜ ସ୍ୱାର୍ଥ ପାଇଁ ସବୁବେଳେ ୟୁଏନକୁ ଉପେକ୍ଷା କରିଛି। ଭିଏତନାମ୍, ଇରାକ୍ ଯୁଦ୍ଧ ତା'ର ଉଦାହରଣ। ଯଦି ରିଜୋଲ୍ୟୁସନ୍ ଦୁର୍ବଳ ହୁଏ କିମ୍ବା ଚୀନ୍-ରୁଷିଆ ଭେଟୋ କରନ୍ତି, ଆମେରିକା ଏକପାକ୍ଷିକ କାର୍ଯ୍ୟାନୁଷ୍ଠାନ ନେଇପାରେ। ଟ୍ରମ୍ପଙ୍କ ବୟାନ ଅନୁଯାୟୀ ସେ ଇରାନର ଶକ୍ତି କେନ୍ଦ୍ର ଧ୍ୱଂସ କରିବାକୁ ପ୍ରସ୍ତୁତ।

ଏହି ପ୍ରସଙ୍ଗରେ ଆମେରିକାର ଗ୍ରହଣଶୀଳତା ତା'ର ଜାତୀୟ ସ୍ୱାର୍ଥ ଉପରେ ନିର୍ଭର କରୁଛି। ଯଦି ରିଜୋଲ୍ୟୁସନ୍ ତା'ର ଲକ୍ଷ୍ୟ ପୂରଣ କରେ, ତେବେ ଆମେରିକା ଏହାକୁ ପୂର୍ଣ୍ଣ ମାନ୍ୟତା ଦେବ। କିନ୍ତୁ ଏହା ଆନ୍ତର୍ଜାତିକ ନ୍ୟାୟର ପ୍ରତୀକ ନୁହେଁ; ବରଂ ଶକ୍ତିର ରାଜନୀତି। ଭାରତ ପରି ଦେଶ ଯାହା ତୈଳ ଆମଦାନୀ ଉପରେ ନିର୍ଭର କରେ, ଏହି ସଙ୍କଟରେ ପ୍ରଭାବିତ ହେବ। ଆମେରିକାର ନିଷ୍ପତ୍ତି ବିଶ୍ୱ ଅର୍ଥନୀତି ଓ ଶାନ୍ତିକୁ ପ୍ରଭାବିତ କରିବ। ଯଦି ଆମେରିକା ୟୁଏନକୁ ମାନେ, ତେବେ ଏହା ବହୁପାକ୍ଷିକତାର ବିଜୟ ହେବ। ନହେଲେ ଏହା ଆଉ ଥରେ ପ୍ରମାଣିତ କରିବ ଯେ ବିଶ୍ୱ ଶାନ୍ତି ସୁପରପାୱାରଙ୍କ ଇଚ୍ଛା ଉପରେ ନିର୍ଭର କରେ।

ଶେଷକୁ କହିବାକୁ ହେଲେ, ଆମେରିକା ଏହି ନିର୍ଣ୍ଣୟକୁ ଗ୍ରହଣ କରିବ କି ନାହିଁ ତାହା ତା'ର ରଣନୀତିକ ଲାଭ ଉପରେ ନିର୍ଭର କରୁଛି। ହର୍ମୁଜ ଷ୍ଟ୍ରେଟ ଖୋଲା ରଖିବା ଆମେରିକାର ପ୍ରାଥମିକତା। ତେଣୁ ସମ୍ଭାବନା ଅଧିକ ଯେ ସେ ଏହାକୁ ସ୍ୱୀକାର କରିବ ଓ କାର୍ଯ୍ୟକାରୀ କରିବ। କିନ୍ତୁ ଏହା ଆନ୍ତର୍ଜାତିକ ଆଇନର ସମ୍ମାନ ନୁହେଁ, ବରଂ ଶକ୍ତି ସନ୍ତୁଳନର ଖେଳ। ବିଶ୍ୱ ଏହି ସଙ୍କଟରୁ ଶିଖିବା ଉଚିତ ଯେ ଶାନ୍ତି କେବଳ କାଗଜର ରିଜୋଲ୍ୟୁସନ୍ ଦ୍ୱାରା ନୁହେଁ, ସମ୍ମାନ ଓ ସହଯୋଗ ଦ୍ୱାରା ଆସେ।

# ଇସ୍ରାଏଲର ପାକିସ୍ତାନ ଆକ୍ରମଣ-ସମ୍ଭାବନା ନା ଗୁଜବ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ମଧ୍ୟପ୍ରାଚ୍ୟରେ ରାଜନୈତିକ ଏବଂ ସାମରିକ ପରିସ୍ଥିତି ବର୍ତ୍ତମାନ ଅତ୍ୟନ୍ତ ସମ୍ବେଦନଶୀଳ। ବିଶେଷକରି, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଦୀର୍ଘକାଳୀନ ଶତ୍ରୁତା ଏବେ ଖୋଲା ମୁହାଁମୁହିଁ ହୋଇଛି। ଫଳସ୍ୱରୂପ, ବ୍ୟାପକ ଭାବରେ ବିଭିନ୍ନ ଗଣମାଧ୍ୟମରେ ବିତର୍କ ହେଉଥିବା ପ୍ରଶ୍ନ ହେଉଛି ଯେ ଇସ୍ରାଏଲ ଇରାନ ପରେ ପାକିସ୍ତାନ ଉପରେ ଆକ୍ରମଣ କରିବାର ଯୋଜନା କରୁଛି କି ଓ ଏହା ପଛରେ ଆମେରିକା ର ହାତ ଅଛି କି ? ଏହି ପ୍ରଶ୍ନର ଉତ୍ତର ଦେବା ପାଇଁ, ଆମକୁ ରାଜନୈତିକ, ସାମରିକ, କୂଟନୈତିକ ଏବଂ ଅନ୍ତର୍ଜାତୀୟ ପରିପ୍ରେକ୍ଷୀରେ ଏହାକୁ ବିଶ୍ଳେଷଣ କରିବାକୁ ପଡିବ। ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଦୀର୍ଘକାଳୀନ ବିବାଦ ଅଛି। ଇରାନ ନିଜକୁ ଇସଲାମିକ ବିଶ୍ୱର ନେତା ଭାବରେ ଚିତ୍ରଣ କରିବାକୁ ଚାହୁଁଛି ଏବଂ ଇସ୍ରାଏଲକୁ ଶତ୍ରୁ ଭାବରେ ଦେଖେ। ଅନ୍ୟପକ୍ଷରେ, ଇସ୍ରାଏଲ ଇରାନର ପରମାଣୁ କାର୍ଯ୍ୟକ୍ରମକୁ ଏହାର ଜାତୀୟ ସୁରକ୍ଷା ପାଇଁ ଏକ ବଡ଼ ବିପଦ ବୋଲି ବିବେଚନା କରେ। ଇରାନ ପ୍ରାୟତଃ ହିଜବୋଲ୍ଲା ଏବଂ ହମାସ ପରି ଇସ୍ରାଏଲ ବିରୋଧୀ ସଂଗଠନଗୁଡ଼ିକୁ ସମର୍ଥନ କରିଆସିଛି। ଏହାର ଜବାବରେ, ଇସ୍ରାଏଲ ମଧ୍ୟ ଇରାନର ସାମରିକ ଏବଂ ପରମାଣୁ ଭିତ୍ତିଭୂମି ଉପରେ ଗୁପ୍ତ ଏବଂ ପ୍ରକାଶ୍ୟ ଆକ୍ରମଣ କରିଛି। ପାକିସ୍ତାନ ଏବଂ ଇସ୍ରାଏଲ ମଧ୍ୟରେ କୌଣସି ଆନୁଷ୍ଠାନିକ ରାଜନୈତିକ ସମ୍ପର୍କ ନାହିଁ। ପାକିସ୍ତାନ ଇସ୍ରାଏଲକୁ ଏକ ପୃଥକ ଦେଶ ଭାବରେ ମାନ୍ୟତା ଦିଏ ନାହିଁ। ପାକିସ୍ତାନୀ ରାଜନୀତି ଏବଂ ସମାଜରେ ଇସ୍ରାଏଲ ପ୍ରତି ଏକ ମିଶ୍ରିତ ଭାବନା ଅଛି, ଯାହା ପ୍ରାୟତଃ ପାଲେଷ୍ଟାଇନକୁ ସମର୍ଥନ କରିବା ସହିତ ଜଡିତ। ତଥାପି, ପାକିସ୍ତାନ ଇସ୍ରାଏଲ ସହିତ ଯୁଦ୍ଧରେ ସିଧାସଳଖ ସାମିଲ ହୋଇନାହିଁ। ଏହାର ମୁଖ୍ୟ କାରଣ ହେଉଛି ଭୌଗୋଳିକ ଦୂରତା ଏବଂ ସିଧାସଳଖ ସାମରିକ ସଂଘର୍ଷର ଅଭାବ। ଇସ୍ରାଏଲ ଏବଂ ପାକିସ୍ତାନ ଅନେକ ଦେଶ ସହିତ ସୀମା ଅଂଶୀଦାର, ଯେପରିକି ଜୋର୍ଡାନ, ଇରାକ ଏବଂ ଇରାନ। ଏହି ଦେଶଗୁଡ଼ିକୁ ବାଇପାସ୍ କରି ସିଧାସଳଖ ଆକ୍ରମଣ ସାମରିକ ଭାବରେ ବହୁତ କଷ୍ଟକର ହେବ। ପାକିସ୍ତାନ ଏକ ପରମାଣୁ ଅସ୍ତ୍ରଶସ୍ତ୍ର ସମ୍ପନ୍ନ ଦେଶ। ଯଦି ଇସ୍ରାଏଲ ଆକ୍ରମଣ କରେ, ତେବେ ଏହା ଏକ ପରମାଣୁ ଯୁଦ୍ଧରେ ପରିଣତ ହୋଇପାରେ, ଯାହା ବିଶ୍ୱ ପାଇଁ ଭୟଙ୍କର ହେବ। ଆମେରିକା, ଜାତିସଂଘ ଏବଂ ଅନ୍ୟାନ୍ୟ ପ୍ରମୁଖ ଶକ୍ତି ଏପରି ସଂଘର୍ଷକୁ ରୋକିବା ପାଇଁ ଯଥେଷ୍ଟ ଚାପ ପ୍ରୟୋଗ କରିବେ। ବର୍ତ୍ତମାନ, ଇସ୍ରାଏଲ ସିଧାସଳଖ ପାକିସ୍ତାନ ଉପରେ ଆକ୍ରମଣ କରିବାର ସମ୍ଭାବନା ନାହିଁ, କାରଣ ଇସ୍ରାଏଲର ପ୍ରାଥମିକ ଧ୍ୟାନ ଇରାନ ଏବଂ ଏହାର ପ୍ରକ୍ସି ଉପରେ। ପାକିସ୍ତାନ ସହିତ ସିଧାସଳଖ ସଂଘର୍ଷର କୌଣସି ତୁରନ୍ତ କାରଣ ନାହିଁ। ଯଦି ଏପରି ଯୁଦ୍ଧ ହୁଏ, ତେବେ ବିଶ୍ୱ ଉପରେ ଏହାର ପ୍ରଭାବ କ'ଣ ହେବ ? ମଧ୍ୟପ୍ରାଚ୍ୟ, ତୈଳର ଏକ ପ୍ରମୁଖ ଉତ୍ସ। ଯଦି ଯୁଦ୍ଧ ହୁଏ, ତେବେ ତୈଳ ମୂଲ୍ୟ ବୃଦ୍ଧି ପାଇବ, ଯାହା ଭାରତ ସମେତ ସମସ୍ତ ଦେଶକୁ ପ୍ରଭାବିତ କରିବ। ପରମାଣୁ ଯୁଦ୍ଧର ଭୟ ସମସ୍ତ ଦେଶକୁ ପ୍ରଭାବିତ କରିବ। ଏପରି ସଂଘର୍ଷ ଆତଙ୍କବାଦୀ ସଂଗଠନଗୁଡ଼ିକୁ ସକ୍ରିୟ କରିପାରେ। ତେଣୁ, ଏହି ଯୁଦ୍ଧରେ ଭାରତର ଭୂମିକା କ'ଣ ହେବ ଆସନ୍ତୁ ଜାଣିବା ? ଭାରତର ଉଭୟ ପକ୍ଷ ସହିତ ସମ୍ପର୍କ ଅଛି। ଇସ୍ରାଏଲ ସହିତ ସାମରିକ ଏବଂ ପ୍ରଯୁକ୍ତିବିଦ୍ୟା ସମ୍ପର୍କ, ଏବଂ ପାକିସ୍ତାନ ସହିତ ରାଜନୈତିକ ସମ୍ପର୍କ। ଯଦିଓ ପାକିସ୍ତାନ ସହିତ ଭାରତର ସମ୍ପର୍କ ସେତେ ଭଲ ନୁହେଁ, ତଥାପି ଏହା କୁହାଯାଇପାରେ ଯେ ଏକ ପଡ଼ୋଶୀ ଦେଶ ଭାବରେ, ଭାରତ ଏହାକୁ ସମ୍ପୂର୍ଣ୍ଣ ଭାବରେ ବିରୋଧ କରିବ ନାହିଁ। ତେଣୁ, ଭାରତ ଏହି ପରିସ୍ଥିତିରେ ଦୁଇ ଦେଶ ମଧ୍ୟରେ ସନ୍ତୁଳନ ବଜାୟ ରଖିବାକୁ ଚେଷ୍ଟା କରିବ।

ତେଣୁ, ପାକିସ୍ତାନର ପରମାଣୁ ଅସ୍ତ୍ର ନିଶ୍ଚିତ ଭାବରେ ଆମେରିକା ଏବଂ ଇସ୍ରାଏଲ ପାଇଁ ଏକ ପ୍ରମୁଖ ଚିନ୍ତାର ବିଷୟ, ଏବଂ ଏହାକୁ ଏଡାଯାଇପାରିବ ନାହିଁ। ପ୍ରଥମତଃ, ପାକିସ୍ତାନ ଏକ ପରମାଣୁ ଅସ୍ତ୍ରଶସ୍ତ୍ର ସମ୍ପନ୍ନ ଦେଶ ଯାହାର ପରମାଣୁ ଅସ୍ତ୍ର ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ଏହା ଦକ୍ଷିଣ ଏସିଆର ସୁରକ୍ଷା ପରିସ୍ଥିତିକୁ ଆହୁରି ସମ୍ବେଦନଶୀଳ କରିଥାଏ। ଆମେରିକା ପାଇଁ ମୁଖ୍ୟ ଚିନ୍ତା ହେଉଛି ପାକିସ୍ତାନର ରାଜନୈତିକ ଏବଂ ସାମାଜିକ ଅସ୍ଥିରତା। ଯଦି ଏହି ଦେଶରେ ଏକ ଅସ୍ଥିର ପରିସ୍ଥିତି ସୃଷ୍ଟି ହୁଏ, ତେବେ ପରମାଣୁ ଅସ୍ତ୍ର ଭୁଲ ହାତରେ ପଡ଼ିପାରେ ବୋଲି ଆଶଙ୍କା ରହିଛି। ଏହା ଆମେରିକାର ଜାତୀୟ ସୁରକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟି କରେ। ଏହା ଇସ୍ରାଏଲ ପାଇଁ ମଧ୍ୟ ଏକ ପ୍ରମୁଖ ଚିନ୍ତା। ପାକିସ୍ତାନ, ଏକ ମୁସଲିମ ଦେଶ ହୋଇଥିବାରୁ, ମଧ୍ୟପ୍ରାଚ୍ୟ ସହିତ ରାଜନୈତିକ ସମ୍ପର୍କ ରଖିଛି, ଯାହା ଏହାକୁ ଇସ୍ରାଏଲ ପାଇଁ ଏକ ସମ୍ଭାବ୍ୟ ବିପଦ କରିଥାଏ। ଯଦି ପାକିସ୍ତାନ କୌଣସି ଇସ୍ରାଏଲ ବିରୋଧୀ ଦେଶ କିମ୍ବା ସଂଗଠନ ସହିତ ସହଯୋଗ କରେ, ତେବେ ପରିସ୍ଥିତି ଆହୁରି ଗମ୍ଭୀର ହୋଇପାରେ। ତଥାପି, ପାକିସ୍ତାନ ଦାବି କରୁଛି ଯେ ଏହାର ପରମାଣୁ ଅସ୍ତ୍ରଗୁଡ଼ିକ କଠୋର ସୁରକ୍ଷା ବ୍ୟବସ୍ଥା ଅଧୀନରେ ଅଛି ଏବଂ କେବଳ ପ୍ରତିରକ୍ଷା ଉଦ୍ଦେଶ୍ୟରେ ବ୍ୟବହାର କରାଯିବ। ଅନ୍ତର୍ଜାତୀୟ ସଂଗଠନଗୁଡ଼ିକ ମଧ୍ୟ ସେଗୁଡ଼ିକ ଉପରେ ନଜର ରଖିଛନ୍ତି। ଯଦିଓ ପାକିସ୍ତାନର ପରମାଣୁ ଅସ୍ତ୍ରଗୁଡ଼ିକ ଆମେରିକା ଏବଂ ଇସ୍ରାଏଲ ପାଇଁ ଏକ ସମ୍ଭାବ୍ୟ ବିପଦ ଏବଂ ଚିନ୍ତା ସୃଷ୍ଟି କରୁଛି, ତଥାପି ସେଗୁଡ଼ିକୁ ନିୟନ୍ତ୍ରଣ ଏବଂ ତଦାରଖ କରିବା ପାଇଁ ପ୍ରୟାସ କରାଯାଉଛି।


**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ:୮୨୪୯୫୦୨୭୭୬**


# ଆମେ ସେହି ଠେଙ୍ଗା ଦେଖିବାକୁ ଚାହୁଁଛୁ



ସତ୍ୟବାଦୀ ବଳିଆରସିଂହ

ରଣପୁର ଇତିହାସ ଓ ରଘୁ-ଦିବାକରଙ୍କ ବୀରତ୍ୱ ଭାରତୀୟ ଇତିହାସର ଏକ ଯୁଗାନ୍ତକାରୀ ଅଧ୍ୟାୟ। ୧୯୩୧ ମସିହାରେ ଦେଶୀୟ ରାଜ୍ୟଗୁଡ଼ିକରେ ଜନ ଜାଗରଣ ହୋଇ 'ଗଡ଼ଜାତ ପ୍ରଜା ସମ୍ମିଳନୀ' ଗଠନ କରାଯାଇ ଅତ୍ୟାଚାରୀ ଶାସକମାନଙ୍କ ବିରୋଧରେ ବିଦ୍ରୋହର ରୂପ ନେଲା। ଏହି କ୍ରମରେ ରଣପୁର ଗଡ଼ଜାତରେ ବନମାଳୀ ରାମ, କୃପାସିନ୍ଧୁ ମିଶ୍ର, ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ା(ରଘୁ-ଦିବାକର)ଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ଗଠିତ ହୋଇ ନାଗରିକ ଅଧିକାର, ଦାୟିତ୍ୱପୂର୍ଣ୍ଣ ସରକାର, ରାଜସ୍ୱ ବ୍ୟବସ୍ଥାର ଉନ୍ନତି ସାଧନ, ସମସ୍ତ ବେଆଇନ ଟିକସ, ବେଠି, ଭେଟି, ବେଗାରିର ଉଚ୍ଛେଦ ପାଇଁ ଦାବି କରିଥିଲେ। ଅନ୍ୟ ପକ୍ଷରେ ରାଜାମାନେ ପ୍ରଜାମାନଙ୍କ ବିଦ୍ରୋହକୁ ଦମନ କରବା ନିମନ୍ତେ ଭିତିରି ଷଡ଼ଯନ୍ତ୍ର ତଥା ପୁଲିସ ଫୋର୍ସର ଆଶ୍ରୟ ନେଲେ। ରଘୁ-ଦିବାକର ଗାଁକୁ ଗାଁ ବୁଲିବୁଲି ଅତ୍ୟାଚରୀ ରାଜା ତଥା ବ୍ରିଟିଶ୍ ଶାସନ ବିରୋଧରେ ଲୋକମାନଙ୍କୁ ଏକତ୍ରିତ କରୁଥିଲେ ଆଉ ଗାଉଥିଲେ, 'ମାର୍ ତୁ ଯେତେ ଗୁଳି, ହୁଂକାପିଟା ଶାସନ ଆମେ ଗୋଡ଼ରେ ଦବୁ ଦଳି'।

ରଘୁନାଥ ଓ ଦିବାକର ନିର୍ଜନ ରାତିରେ ଗାଁ ଗାଁ ବୁଲି ପ୍ରଜାମାନଙ୍କ ଚିନ୍ତା ଓ ଚେତନାକୁ ଜାଗ୍ରତ କରାଇ ବିପ୍ଳବର ଯେଉଁ ମଞ୍ଜି ବୁଣିଥିଲେ ତା'ର ଫଳସ୍ୱରୂପ ରାଜାଙ୍କୁ ପ୍ରଜାମଣ୍ଡଳ ଦମନ ନିମନ୍ତେ ବୌଦ୍ଧ ଓ ସିକନ୍ଦରାବାଦରୁ ପୁଲିସ୍ ଫୋର୍ସ ମଗାଇବାକୁ ପଡ଼ିଥିଲା। ଏପରିକି ୨୬ଟି ଗଡ଼ଜାତର ମୁଖ୍ୟ ପଲିଟିକାଲ ଏଜେଂଟ୍ ମେଜର ଆର.ଏଲ୍. ବେଜଲଗେଟ୍‌ଙ୍କୁ ୧୯୩୮ ମସିହା ଜାନୁଆରୀ ମାସ ୫ ତାରିଖ ଦିନ ରଣପୁର ଗଡ଼ ଆସିବାକୁ ପଡ଼ିଲା। ସେହିଦିନ ପ୍ରଜାମଣ୍ଡଳର ସମ୍ପାଦକ ରଘୁନାଥ ମହାନ୍ତି ଓ ସଂଗଠନ ସମ୍ପାଦକ ଦିବାକର ପରିଡ଼ା ରାଜବାଟୀ ସାମନାରେ ଉପସ୍ଥିତ ଜନତାଙ୍କ ମେଳରେ ଦେୱାନ ଚଣ୍ଡେଶ୍ୱର ମିଶ୍ରଙ୍କ ସହ ରାଜଦରବାରରେ ଘୋଷିତ ଦାବି ସମ୍ବନ୍ଧୀୟ ଘୋଷଣାପତ୍ରର ଆଲୋଚନାରେ ବ୍ୟସ୍ତ ଥିଲେ। ମେଜର ବେଜଲଗେଟ୍ ସେଠାରେ ଉପସ୍ଥିତ ହେବାରୁ ଦେୱାନ ଇଂରାଜୀରେ ଅନୁବାଦ କରି ତାହା ବୁଝାଉଥିଲେ। ଏହି ସମୟରେ ଦେଖାଦେଲା ଏକ ଆଲୋଡ଼ନ। କିଛି ଉତ୍ୟକ୍ତ ଲୋକ ମଣିଷଟଣା ଶଗଡ଼ଗାଡ଼ିରେ ଲୋକଙ୍କୁ ଡକାଇ ଚିତ୍କାର କରୁଥିଲେ "ପଲିଟିନା ସାହେବ ଆମ ଭାଇକୁ ମାରିଦେଲା"। ଫଳରେ ଘଟଣାର କାରଣ କ'ଣ ଜାଣିବା ପାଇଁ ବେଜେଲଗେଟ୍ ଜନଗହଳି ଆଡ଼କୁ ମାଡ଼ି ଚାଲିଲେ। ସେଠାରେ ଠେଲାପେଲା ହୋହାଲ୍ଲା ମଧ୍ୟରେ ନିଜକୁ ନିୟନ୍ତ୍ରଣ କରିନପାରି ସାହେବ ପିସ୍ତଲ କାଢ଼ିଲେ ଓ ତାଙ୍କ ଗୁଳିରେ ଶିକାର ହେଲେ ଯୁବକ ଅର୍ଜୁନ ରାଉତ। ଏହା ପରେ ଉତ୍ୟକ୍ତ ଜନତା ମେଜର ବେଜଲଗେଟ୍‌ଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟା କଲେ। ଏହି ହତ୍ୟାକାଣ୍ଡ ଯୋଗୁଁ କେବଳ ଭାରତ ନୁହେଁ ବ୍ରିଟିଶ ପାର୍ଲାମେଣ୍ଟ୍ ମଧ୍ୟ ଥରହର ହୋଇଥିଲା। ଏହା ପୂର୍ବରୁ ଭାରତର ସ୍ୱାଧୀନତା ସଂଗ୍ରାମରେ ପଲିଟିକାଲ ଏଜେଂଟ୍ ଭଳି ବ୍ରିଟିଶ ସରକାରଙ୍କ କୌଣସି ଉଚ୍ଚପଦସ୍ଥ ଅଫିସର ନିହତ ହୋଇନଥିଲେ। କିଂତୁ ମେଜର ବେଜଲଗେଟ୍‌ଙ୍କ ମୃତ୍ୟୁ ଓଡ଼ିଶାର ଏକ କ୍ଷୁଦ୍ର ଗଡ଼ଜାତରେ ଘଟିବା ପରେ ଓଡ଼ିଆମାନେ ଭୀରୁ ବୋଲି ସର୍ବଭାରତୀୟସ୍ତରରେ ଯେଉଁ ଅପବାଦ ଥିଲା ତାହା ଦୂରୀଭୂତ ହୋଇଥିଲା।



ଶହୀଦ ରଘୁ ଦିବାକରଙ୍କ ୮୬ତମ ସହିଦ ଦିବସ ଉପଲକ୍ଷେ

ଏ ପ୍ରସଙ୍ଗରେ ତତ୍କାଳୀନ ପଲିଟିକାଲ ଡିପାର୍ଟମେଣ୍ଟର ରେସିଡେଂଟ୍ କର୍ଣ୍ଣେଲ ବାର୍ଟନ ସାହେବ ଡ. ହରେକୃଷ୍ଣ ମହତାବଙ୍କୁ କହିଥିଲେ, "ଆମେ ଯଦି ଜାଣିଥାନ୍ତୁ ଓଡ଼ିଶାର ଲୋକେ ଏତେ ହିଂସ୍ର, ତେବେ ନିଶ୍ଚିତ ଭାବେ ଏକ ସୈନ୍ୟ ବାହିନୀ ପଠାଇଥାଆନ୍ତୁ।" ବ୍ରିଟିଶ ପାର୍ଲାମେଣ୍ଟ୍ ମଧ୍ୟ ଏହି ଘଟଣାକୁ ନେଇ ଥରହର ହୋଇଥିଲା। ଜଣେ ସଦସ୍ୟ ପ୍ରଶ୍ନ କରିଥିଲେ, "ପିସ୍ତଲ ଠାରୁ କ'ଣ ଠେଙ୍ଗା ଶକ୍ତିଶାଳୀ? ଆମେ ସେହି ଠେଙ୍ଗା ଦେଖିବାକୁ ଚାହୁଁଛୁ।" ଏଣୁ ଠେଙ୍ଗାର ଶକ୍ତି ପରୀକ୍ଷା କରିବାକୁ ରଣପୁର ଜଙ୍ଗଲରୁ ପାଞ୍ଚଶହ ବାଉଁଶ ଠେଙ୍ଗା ଲଣ୍ଡନ ଯାଇଥିଲା। ଠେଙ୍ଗା ପରୀକ୍ଷା କରାଯିବା ପରେ ବିରୋଧିଦଳର ଜଣେ ସଦସ୍ୟ ଘୋଷଣା କରିଥିଲେ, "ବେଜଲଗେଟ୍ ଲୋକଙ୍କ ରୁଦ୍ଧ ଅସନ୍ତୋଷର ଶିକାର ହେଲେ।" ବେଜଲଗେଟ୍ ହତ୍ୟାକାଣ୍ଡ ପରେ ରଣପୁରରେ ଚାଲିଲା ଅକଥନୀୟ ଅତ୍ୟାଚାର ଓ ଦମନଲୀଳା। ସାରା ରାଜ୍ୟର ଲୋକ ଘରଦ୍ୱାର ଛାଡ଼ି ନିକଟସ୍ଥ ଖୋର୍ଦ୍ଧା ଖାସମାହାଲ, ନୟାଗଡ଼, ଖଣ୍ଡପଡ଼ା ରାଜ୍ୟରେ ଆଶ୍ରୟ ନେଇଥିଲେ। ୧୯୩୮ ଜାନୁଆରୀ ୫ ତାରିଖରେ ଏହି ଘଟନା ଘଟିଥିଲେ ମଧ୍ୟ ଥାନା ଦାରୋଗା ଫେବ୍ରୟାରୀ ୯ ତାରିଖ ଅର୍ଥାତ ଏକ ମାସ ଚାରିଦିନ ପରେ ଆକ୍ରୋଶମୂଳକ ଭାବେଁ ପ୍ରଜାମଣ୍ଡଳର ୧୦୪ ଜଣ ନେତା ଓ କର୍ମୀମାନଙ୍କ ନାମରେ ଏତଲା ଦାୟର କଲେ। ସଲାସୁତୁରା ହୋଇ ସାକ୍ଷୀ ଯୋଗାଡ଼ କରାଗଲା। ରଘୁ-ଦିବାକରଙ୍କ ନାମରେ ମିଥ୍ୟା ସାକ୍ଷୀ ଯୋଗାଡ଼ କରାଯାଇ ମକଦ୍ଦମା ଚାଲିଲା। ସେତେବେଳର ଖ୍ୟାତନାମା ପୁଲିସ ସବ୍‌ଇନସପେକ୍ଟର ବାବୁ ମନବୋଧ ପଣ୍ଡା କିଭଳି ଅଭିଯୁକ୍ତମାନଙ୍କୁ ବିଭିନ୍ନ ଦଫା ଲଗାଇ ଚାର୍ଜସିଟ୍ କରିବାରେ ଲାଗିପଡ଼ିଲେ। ଏଥିରେ ପ୍ରଜାମଣ୍ଡଳର ଉପଦେଷ୍ଟା ଡ. ହରେକୃଷ୍ଣ ମହତାବଙ୍କୁ ହତ୍ୟା ଷଡ଼ଯନ୍ତ୍ରରେ ଅଭିଯୁକ୍ତ କରାଯିବାର ବନ୍ଦୋବସ୍ତ କରାଯାଇଥିଲା। ସି.ଆଇ.ଡି. ଇନସ୍‌ପେକ୍ଟର ବାବୁ ମନବୋଧ ପଣ୍ଡା କଟକ ଯାଇ ଡ. ମହତାବଙ୍କୁ ଧାରା ୧୬୧ ସି.ଆଇ. ଅନୁଯାୟୀ ସାକ୍ଷ୍ୟ ଗ୍ରହଣ କରିଥିଲେ। ମହତାବ୍‌ଜୀ ଏଥିରେ ଅଭିଯୁକ୍ତ ହେଉଥିବା ଜାଣିପାରି ମହାତ୍ମା ଗାନ୍ଧୀଙ୍କ ଦୃଷ୍ଟି ଆକର୍ଷଣ କଲେ। ଗାନ୍ଧିଜୀ ସେଠାରୁ ବ୍ରିଟିଶ ପାର୍ଲାମେଣ୍ଟ ସଦସ୍ୟା ଆଗାଧା ହରିସନ୍‌ଙ୍କୁ କଟକ ପଠାଇଥିଲେ। ସେ ଏଠାରେ ରେଭେନ୍ୟୁ କମିଶନର ଏନସର୍ଜ ସାହେବ, ଗଭର୍ଣ୍ଣର ଓ ପଲିଟିକାଲ ଡିପାର୍ଟମେଣ୍ଟର ଅଫିସରମାନଙ୍କୁ କହି ମହତାବ୍‌ଜୀଙ୍କୁ ରକ୍ଷା କରିଥିଲେ। ରଣପୁର ପ୍ରଜା ଆନ୍ଦୋଳନର କର୍ଣ୍ଣଧାର ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କୁ ବେଜଲଗେଟ୍ ହତ୍ୟା କରି ନଥିଲେ ମଧ୍ୟ ପ୍ରଜାମଣ୍ଡଳର ସମ୍ପାଦକ ଓ ସଂଗଠନ ସମ୍ପାଦକ ହୋଇଥିବାରୁ ସେମାନଙ୍କ ବିରୋଧରେ ମିଥ୍ୟା ଦଫା ଲଗାଇ ଦିଆଗଲା। ବିହାର ଗୟା ଜିଲାର ଗୋରା ଦୌରାଜଜ ଜେ.ଜେ. ସିଅରରଙ୍କ କୋର୍ଟରେ ବିଚାରର ପ୍ରହସନ ଚାଲିଲା। ଶେଷରେ ରଘୁ-ଦିବାକରଙ୍କୁ ଫାଶୀ ଆଦେଶ ହେଲା। ସେମାନେ ବିହାରର ଭାଗଲପୁର ଜେଲରେ ୧୯୪୧ ମସିହା ଏପ୍ରିଲ ୪ ତାରିଖ ସୂର୍ଯ୍ୟୋଦୟ ପୂର୍ବରୁ ଦେଶ ପାଇଁ ହସି ହସି ଫାଶୀବରଣ କଲେ। ସେମାନଙ୍କର ଏକମାତ୍ର ଅପରାଧ ଥିଲା ଦେଶ ଓ ଜାତିକୁ ଭଲ ପାଇବା, ଗଡ଼ଜାତ ରାଜଶାସନର ଅନ୍ୟାୟ, ଅନୀତି, ଶୋଷଣ, କଷଣ, ଜୁଲମ ବିରୋଧରେ ପ୍ରତିବାଦର ସ୍ୱର ଉତ୍ତୋଳନ କରି ଆନ୍ଦୋଳନ କରିବା। ପରାଧୀନ ଭାରତ ବର୍ଷରେ ଏକ ଶୋଷଣମୁକ୍ତ ସମାଜର ସ୍ୱପ୍ନ ଦେଖୁଥିବା ସେଇ ଓଡ଼ିଆ ତରୁଣ ଦ୍ୱୟ ଥିଲେ ରଣପୁର ଥାନା ବାଦଭୂଇଁ ଗ୍ରାମର ରଘୁନାଥ ମହାନ୍ତି ଓ ଗଡ଼ବାଣୀକିଲୋ ଗ୍ରାମର ଦିବାକର ପରିଡ଼ା।


**ଉପଦେଷ୍ଟା, ଶହୀଦ ରଘୁ ଦିବାକର ସ୍ମୃତି କମିଟି**
**ବିଶ୍ୱାତ୍ମା, ଏମ୍-୨୩, ବକ୍ସି ଜଗବନ୍ଧୁ ନଗର, ଖୋର୍ଦ୍ଧା**
**ମୋବାଇଲ୍:୯୨୩୭୦୮୯୫୦୯**


# ଶ୍ରୀକ୍ଷେତ୍ର ଅଷ୍ଟଚଣ୍ଡୀ



କବୀର କୁମାର ଜେନା

ପୁରୁଷୋତ୍ତମ କ୍ଷେତ୍ର ବା ଉଡ୍ରପୀଠ, ପୀଠ ଚତୁଷ୍ଟୟ ମଧ୍ୟରେ ପ୍ରଥମ ଏବଂ ଓଡ୍ରେଶ ହେଉଛନ୍ତି ଶ୍ରୀଜଗନ୍ନାଥ। ଏହି କ୍ଷେତ୍ରର ଉପାସନା ତତ୍ତ୍ୱ, ଅର୍ଚ୍ଚନା ଓ ମାହାତ୍ମ୍ୟ ମଧ୍ୟରେ ଶକ୍ତିତତ୍ତ୍ୱ ପ୍ରଚ୍ଛନ୍ନ ଭାବରେ ଜଡ଼ିତ। ଯଥା ଭଗବାନ ଶ୍ରୀକୃଷ୍ଣଙ୍କ ଭଗିନୀ ସୁଭଦ୍ରା ଦେବୀ କୃଷ୍ଣପ୍ରିୟା ଶ୍ରୀରାଧା ବିଷ୍ଣୁପ୍ରିୟା - ମହାଲକ୍ଷ୍ମୀ, ଯୋଗମାୟାଙ୍କୁ ବିମଳା ରୂପେ ଗ୍ରହଣ କରାଯାଇଥିବା ଶାସ୍ତ୍ରାନୁମୋଦିତା ପରମ ଶକ୍ତିମୟୀ ଦେବୀ ଗୌରୀ, ମା'ଲକ୍ଷ୍ମୀ ଆଦେଶରେ ନିଜକୁ ଅଷ୍ଟ ପ୍ରକାର ମୂର୍ତ୍ତି ଧାରଣ କରି ଶ୍ରୀକ୍ଷେତ୍ର ପୁରୀର ଅଷ୍ଟ ଦିଗରେ ଅବସ୍ଥାନ କରିଅଛନ୍ତି। ଏହି ଆଠଜଣ ଶକ୍ତିଶାଳୀ ଦେବୀମାନେ ଏ କ୍ଷେତ୍ରରେ ରୁଣ୍ଡୀଭୂତ ହୋଇ ଶ୍ରୀମନ୍ଦିରକୁ ସୁରକ୍ଷା ଦେବା ପାଇଁ ଜାଗ୍ରତ ପ୍ରହରୀ ସ୍ୱରୂପା।



**ବଟମୂଳରେ ମଙ୍ଗଳା:**ଶ୍ରୀମନ୍ଦିର ଭିତର ବେଢ଼ାସ୍ତ କଳ୍ପବଟ ମୂଳରେ ଦେବୀ ମଙ୍ଗଳାଙ୍କ ଭବ୍ୟ ଆସ୍ଥାନ ଅବସ୍ଥିତ। ଦୁର୍ଗାଦେବୀଙ୍କ ଦକ୍ଷିଣ ନେତ୍ରରୁ ସମ୍ଭୂତା ମା'ମଙ୍ଗଳା ସର୍ବମଙ୍ଗଳ କାରିଣୀ, ସର୍ବବିଘ୍ନ ବିନାଶନୀ ଏବଂ ପର୍ଶ୍ଚିମାଭିମୁଖୀ। ପରମ ବୈଷ୍ଣବୀ, ଶରଣଦାତ୍ରୀ ମା'ବଟମଙ୍ଗଳା କଳ୍ପବଟ ମୂଳରେ ବିରାଜମାନ କରିଥିବାରୁ ଭକ୍ତମାନଙ୍କର ସକଳ କାମନା ପୂରଣ କରନ୍ତି ଏବଂ ତାଙ୍କ ଧ୍ୟାନବଳରେ ସମସ୍ତ ପ୍ରକାର ସଂକଟ ଦୂର ହୁଏ। ଅତ୍ୟନ୍ତ ନିବିଡ଼ ସମ୍ପର୍କ ରହିଥିବା ହେତୁ ବଟମଙ୍ଗଳା ଏବଂ ବିମଳାଦେବୀ ପରସ୍ପର ଉଭୟଙ୍କୁ ଦୃଷ୍ଟିପାତ କରିଥାନ୍ତି। ସେ ଶ୍ରୀମନ୍ଦିରର ନୀଳଚକ୍ର ପ୍ରତି ମଧ୍ୟ ଦୃଷ୍ଟିପାତ କରିଥାନ୍ତି।

**ଦେବୀ ବିମଳା:**ମତ୍ସ୍ୟପୁରାଣ, ପଦ୍ମପୁରାଣ, କାଳିକା ପୁରାଣ, ସ୍କନ୍ଦ ପୁରାଣ, ଦେବୀ ଭାଗବତ, କପିଳ ସଂହିତା ପ୍ରଭୃତି ଗ୍ରନ୍ଥରେ ପରମ ଶକ୍ତିମୟୀ ମା' ବିମଳାଙ୍କ ବର୍ଣ୍ଣନା କରାଯାଇଛି। ମା'ବିମଳାଙ୍କ ସହିତ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କର ଅଛି ନିବିଡ଼ ସମ୍ପର୍କ। ଏହି କ୍ଷେତ୍ରର କ୍ଷେତ୍ରାଧିପତି ଶ୍ରୀଜଗନ୍ନାଥଙ୍କୁ ରାଜରାଜେଶ୍ୱର ଓ ପୃଥିବୀର ଶ୍ରେଷ୍ଠ ଆଦିମାତା ମା'ବିମଳାଙ୍କୁ କ୍ଷେତ୍ରେଶ୍ୱରୀ, ରାଜରାଜେଶ୍ୱରୀଙ୍କ ଅଧିଷ୍ଠାତ୍ରୀ ଦେବୀ ବୋଲି କୁହାଯାଏ। 'ମାଦଳାପାଞ୍ଜି'ରୁ ଜଣାଯାଏ ଯଯାତି କେଶରୀଙ୍କ ୫୯ ଅଙ୍କ ମେଷ ୨୫ ଦିନ ୧୮ ହାତ ଉଚ୍ଚତା ବିଶିଷ୍ଟ ମା'ବିମଳାଙ୍କ ମନ୍ଦିର ନିର୍ମାଣ କରାଯାଇଥିଲା। 'ସ୍କନ୍ଦ ପୁରାଣ'ରେ ବର୍ଣ୍ଣିତ ଅଛି ଯେ, ଶଙ୍ଖାକାର ଶ୍ରୀକ୍ଷେତ୍ର ପୁରୀର ତୃତୀୟ ଆବର୍ତ୍ତ ସୀମାରେ ଥିବା ବିମଳା ଦେବୀ ଭୁକ୍ତି ଓ ମୁକ୍ତିଦାୟିନୀ।

**ଦେବୀ ସର୍ବମଙ୍ଗଳା:**ଶଙ୍ଖକ୍ଷେତ୍ରର ପୃଷ୍ଠଭାଗ ବିମାନବଡୁ ସାହି ମୁଣ୍ଡରେ ପରମକଲ୍ୟାଣମୟୀ ଦେବୀ ସର୍ବମଙ୍ଗଳା ଅବସ୍ଥାନ କରୁଅଛନ୍ତି। ସୁନ୍ଦର କାରୁକାର୍ଯ୍ୟମୟ ମା'ଙ୍କ ମନ୍ଦିରର ଉଚ୍ଚତା ପ୍ରାୟ ୩୦ ଫୁଟ। ବିମାନ, ଜଗମୋହନ ଓ ମୁଖଶାଳା ଏହିପରି ମନ୍ଦିରଟି ତିନି ଭାଗରେ ବିଭକ୍ତ। ଗର୍ଭଗୃହ ଭିତରେ ରମଣୀୟ ପ୍ରସ୍ତର ନିର୍ମିତ ସିଂହାସନ ଉପରେ ମା' ବିରାଜିତା। କଳା ମୁଗୁନି ପଥରରେ ନିର୍ମିତ ମା'ଙ୍କ ଉଚ୍ଚତା ପ୍ରାୟ ଦୁଇଫୁଟ। କମନୀୟ ପ୍ରସ୍ତର ନିର୍ମିତ ପଦ୍ମଫୁଲ ଉପରେ ଦେବୀ ପଦ୍ମାସନରେ ଆସୀନା ଦେବୀ ଦ୍ୱିନେତ୍ରା ଏବଂ ଚତୁର୍ଭୁଜା। ଉପର ଦକ୍ଷିଣ ହସ୍ତରେ ଅଙ୍କୁଶ ଏବଂ ବାମ ହସ୍ତରେ ପଦ୍ମଫୁଲ, ନିମ୍ନ ଦକ୍ଷିଣ ହସ୍ତରେ ବରଦ ମୁଦ୍ରା ଓ ବାମ ହସ୍ତରେ ଅଭୟ ମୁଦ୍ରା, ମଥାରେ ସୁବର୍ଣ୍ଣ ଚିତା। ସହାସ୍ୟବଦନା ମା'ପୂର୍ବଦିଗାଭିମୁଖୀ।

**ଦେବୀ ଅର୍ଦ୍ଧାଶନୀ:**ସିଂହ ଦ୍ୱାରରୁ ଶ୍ରୀଗୁଣ୍ଡିଚା ମନ୍ଦିର ଯିବା ବାଟରେ ବଡ଼ଦାଣ୍ଡରେ ଦଇତାପଡ଼ା ସାହିର ପାର୍ଶ୍ୱରେ ବଳଗଣ୍ଡି ପୂର୍ବରୁ ଏହି ମନ୍ଦିର ପଡ଼େ। ସାହାଣ ପଥରରେ ନିର୍ମିତ ଦ୍ୱିଭୁଜା ଅର୍ଦ୍ଧାଶନୀଙ୍କର ରମଣୀୟ ବିଗ୍ରହର ଉଭୟ ପାର୍ଶ୍ୱରେ ପାର୍ଶ୍ୱଦେବୀ ଛାୟା ଓ ମାୟାଙ୍କ ମୂର୍ତ୍ତି ରହିଛି। ମୂର୍ତ୍ତିର କଟିଦେଶ ଉପର ଅଂଶକୁ ଆଚ୍ଛାଦିତ କରି ଦେବୀ ସୁଭଦ୍ରାଙ୍କ ପରି ମୁଖ ରହିଛି। ଯାହା ବର୍ଷକୁ ୨ଥର ଆଶ୍ୱିନ ଏବଂ ଆଷାଢ଼ ମାସରେ ବନକ ଲାଗି ହୁଅନ୍ତି। ଦେବୀ ସୁଭଦ୍ରାଙ୍କ ଅଙ୍ଗ ସମ୍ଭୂତା ହୋଇଥିବାରୁ ଅର୍ଦ୍ଧାଶନୀଙ୍କ ମୁଖାରବିନ୍ଦ ସୁଭଦ୍ରା ଦେବୀଙ୍କ ମୁଖ ସାଦୃଶ୍ୟ ଥିବା ଜଣାଯାଏ। ପୁଣି ଯେ ଯଜ୍ଞପତ୍ନୀ ସ୍ୱାହାଙ୍କର ପ୍ରତୀକ ବିଗ୍ରହ। ଶ୍ରୀଜଗନ୍ନାଥଙ୍କ କଳ୍ପିତ ଜନକ ଯଜ୍ଞ ଯାହାଙ୍କ ଶକ୍ତି ଯୂପର ପ୍ରତୀକ ଅଟେ। ଏହି ଯୂପଙ୍କର ନାମ ଅର୍ଦ୍ଧଶୋଷଣା ବା ଅର୍ଦ୍ଧାଶନୀ। ସେହିଠାରେ ଯଜ୍ଞର ଉଦକ ଅର୍ପିତ ହୋଇଥିବାରୁ ତାଙ୍କର ଏପରି ନାମ ହୋଇଅଛି।

**ଦେବୀ କାଳରାତ୍ରି ବା ଦକ୍ଷିଣକାଳୀ:**ଶ୍ରୀମନ୍ଦିରର ପୂର୍ବ ଦକ୍ଷିଣ ଦିଗସ୍ଥ କାଳିକା ଦେବୀ ସାହିତରେ ଦେବୀ କାଳରାତ୍ରି ବା ଦକ୍ଷିଣକାଳୀଙ୍କ ସ୍ୱତନ୍ତ୍ର ନିବାସ ବା ମନ୍ଦିର ଅବସ୍ଥିତ। ସ୍କନ୍ଦ ପୁରାଣରେ ତାଙ୍କୁ କାଳରାତ୍ରି ଦକ୍ଷିଣସ୍ୟାମ ବୋଲି କୁହାଯାଇଅଛି। ୫୦ଫୁଟ ଉଚ୍ଚତା ବିଶିଷ୍ଟ ସମ୍ମୁଖ ଭାଗ ପୂର୍ବ ଦିଗକୁ ରହିଥିବା ମନ୍ଦିରର ଗର୍ଭଗୃହରେ ପ୍ରସ୍ତର ନିର୍ମିତ ସିଂହାସନ ଉପରେ କଳା ମୁଗୁନି ପଥରର ନିର୍ମିତ, ପ୍ରାୟ ଦେଢ଼ ଫୁଟ ଉଚ୍ଚତା ଦେବୀ ଶବାସୀନା, ଚତୁର୍ଭୁଜା ତ୍ରିନେତ୍ରା ସର୍ବଦା ଚନ୍ଦନ ଲେପିତ ମୁଖାରବିନ୍ଦ, ମସ୍ତକରେ ଜୁଡ଼ା ଓ କିରୀଟ, ଦକ୍ଷିଣ ଉର୍ଦ୍ଧ୍ୱ ହସ୍ତରେ ଖଡ଼ଗ, ନିମ୍ନ ହସ୍ତରେ ଜାପାମାଳି, ବାମ ଉର୍ଦ୍ଧ୍ୱ ହସ୍ତରେ ଅମୃତପାତ୍ର। ନିମ୍ନହସ୍ତରେ ଆବକ୍ଷ ନୃମୁଣ୍ଡମାଳୀ, ବାମ ପାର୍ଶ୍ୱରେ ମହାକାଳ ଲିଙ୍ଗ, ମନ୍ଦିର ସମ୍ମୁଖ ଦ୍ୱାର ଦକ୍ଷିଣ ଭାଗରେ ବିମଳା, ବାମପାର୍ଶ୍ୱରେ ଭୁବନେଶ୍ୱରୀ, ବେଢ଼ାର ଦକ୍ଷିଣରେ ବାରାହୀ ପଶ୍ଚିମରେ ଗଣେଶ, ଉତ୍ତରରେ ନାରସିଂହୀ, ମନ୍ଦିର ଦ୍ୱାରସ୍ଥ ପାର୍ଶ୍ୱ ଦେବଦେବୀମାନେ ରହିଛନ୍ତି।

**ଦେବୀ ମରୀଚିକା:**ବଡ଼ଦାଣ୍ଡର ବାମପାର୍ଶ୍ୱସ୍ଥ ମରୀଚି କୋଟ ଛକ ନିକଟରେ ପଶ୍ଚିମାଭିମୁଖୀ ମରୀଚିକା ବିରାଜମାନ କରିଛନ୍ତି। ବିମାନ, ଜଗମୋହନ ଓ ମୁଖଶାଳାରେ ବିଭକ୍ତ ୧୫ଫୁଟ ବିଶିଷ୍ଟ ମନ୍ଦିରର ଗର୍ଭଗୃହ ମଧ୍ୟରେ ସିଂହାସନ ଉପରେ ପଶ୍ଚିମାଭିମୁଖୀ, କଳା ମୁଗୁନି ପଥରରେ ନିର୍ମିତ ୨ଫୁଟ ଉଚ୍ଚତା ବିଶିଷ୍ଟ ଅଷ୍ଟଭୂଜାଦେବୀ ମରୀଚିକା ଶବାରୂଢ଼ା, ମା'ଙ୍କ ଉର୍ଦ୍ଧ୍ୱ ଚତୁର୍ଭୁଜେ ଖଡ଼ଗ, ଶଙ୍ଖ, ଅଙ୍କୁଶ, ଜପାମାଳା ଏବଂ ନିମ୍ନ ଚତୁର୍ଭୁଜରେ ଗଦା, ଚକ୍ର, ତ୍ରିଶୂଳ ଏବଂ ଅମୃତ କଳସ ଶୋଭା ପାଉଛି। ମନ୍ଦିରରେ ମୁକ୍ତେଶ୍ୱର ମହାଦେବ, ପଞ୍ଚମୁଖୀ ହନୁମାନ ଓ ଶ୍ରୀକୃଷ୍ଣ, ଦଶ ମହାବିଦ୍ୟା ପୂଜା ପାଉଛନ୍ତି। ମୁଖଶାଳାର ଦ୍ୱାରଦେଶରେ ଦୁଇଟି ସିଂହ, ଗଣେଶ, ସରସ୍ୱତୀ ଓ ଲକ୍ଷ୍ମୀ ମୂର୍ତ୍ତି ଉପରି ଭାଗରେ ରହିଛନ୍ତି।

**ଦେବୀ ଚଣ୍ଡରୂପା:**କାଳରାତ୍ରିଙ୍କ ପଶ୍ଚାତ ଭାଗରେ ଦେବୀ ଚଣ୍ଡରୂପା ଏବଂ ତାଙ୍କ ସମ୍ମୁଖରେ କାଳିକା ରହିଛନ୍ତି। 'କାଳରାତ୍ର୍ୟାସ୍ତଥା ପଶ୍ଚାତ୍ ଚଣ୍ଡରୂପା ବ୍ୟବସ୍ଥିତଃ।' (ସ୍କନ୍ଧ ପୁରାଣ) ପୁଣି 'ଚାମୁଣ୍ଡାୟ ପୁରୋଭାଗେ କାଳିକା ତାପ ନାଶିକା' (ନୀଳାଦ୍ରି ମହୋଦୟ)। ହରଚଣ୍ଡୀ ସାହି ଆଖଡ଼ା ନିକଟରେ ଚାମୁଣ୍ଡା ଦେବୀ 'ଚାମଣ୍ଡା ମୁଣ୍ଡି' ବୋଲି ଲୋକେ କହିଥାନ୍ତି। ଶବ ଉପରେ ଛନ୍ଦାୟିତା ଠାଣିରେ ଦଣ୍ଡାୟମାନ ଦେବୀ ଚତୁର୍ଭୁଜା ଏବଂ ତାଙ୍କ ହସ୍ତରେ ଖଡ଼ଗ, ଢ଼ାଲ, ଖର୍ପର ଓ ତ୍ରିଶୂଳ, ଗଳାରେ ମୁଣ୍ଡମାଳା ଶୋଭାପାଉଛି। ମୂଳ ଉଗ୍ରରୂପୀ ଦେବୀ ବର୍ତ୍ତମାନ ଶାନ୍ତ ମୂର୍ତ୍ତିର ପଶ୍ଚାଦ୍ ଭାଗରେ ରହିଛନ୍ତି। ଓଡ଼ିଶୀ ସଙ୍ଗୀତର ଅନ୍ତୁଡ଼ିଶାଳା ଭାବେ ପରିଚିତ ମନ୍ଦିରଟି ବିମାନ, ଜଗମୋହନ ଓ ନାଟ ମଣ୍ଡପ ଏହିପରି ତିନି ଭାଗରେ ବିଭକ୍ତ। ଏହି ଅଷ୍ଟଚଣ୍ଡୀଙ୍କ ଦର୍ଶନ ଓ କୀର୍ତ୍ତନ କଲେ ମନୁଷ୍ୟର ସମସ୍ତ ପାପକ୍ଷୟ ଓ ଅଶ୍ୱମେଧ ଯଜ୍ଞର ଫଳ ଲାଭ ହୋଇଥାଏ। 'ଏତାସାମଷ୍ଟ ଶକ୍ତି ନାଂ ଦର୍ଶନାତ୍କୀର୍ତ୍ତ ନାଉଥା, ନଶ୍ୟନ୍ତି ସର୍ବପାପାନି ହୟମେଧଫଳଂଲଭେତ୍।' (ସ୍କନ୍ଧପୁରାଣ - ୪/୫୦)


**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ମୋବାଇଲ୍:୯୪୩୭୬୭୪୯୯୦**

## ଟ୍ରମ୍ପଙ୍କୁ ଇରାନ ଦେଲା ଚ୍ୟାଲେଞ୍ଜ

# ମାଇକ୍ରୋସଫ୍ଟ ଏବଂ ଏନଭିଡିଆକୁ ଶେଷ କରିଦେବୁ

ତେହେରାନ, ୩।୪: ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ଏବେ ଟେକ୍ନୋଲୋଜି କମ୍ପାନି ପାଇଁ ମଧ୍ୟ ବଡ଼ ମୁଣ୍ଡବିନ୍ଧାର କାରଣ ପାଲଟିଲାଣି। କାରଣ ନିକଟରେ ଆମାଜନର ଏକ କ୍ଲାଉଡ ଫେସିଲିଟି ଉପରେ ଇରାନ ଆକ୍ରମଣ ଦିନକ ପରେ ପୁଣି ଇରାନ ନିଜ ଅଞ୍ଚଳରେ ଚାଲିଥିବା ସବୁ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା କମ୍ପାନିଙ୍କୁ ଟାର୍ଗେଟ କରିବାକୁ ଚେତାବନୀ ଦେଇଛି।

ଶୁକ୍ରବାର ଇରାନର ଖାତମ ଅଲ- ଅମ୍ବିଆ ମୁଖ୍ୟାଳୟର ପ୍ରବକ୍ତା ଏକ ଭିଡିଓ ମେସେଜରେ କହିଛନ୍ତି, ଯଦି ଇରାନର ପାଓ୍ୱାର ପ୍ଲାଣ୍ଟ ଫେସିଲିଟି ଉପରେ ଆମେରିକା ଆକ୍ରମଣ କରେ, ତେବେ ଏହାର ଜବାବରେ ଜିଓନିଷ୍ଟ ରେଜିମେର ସବୁ ପାଓ୍ୱାର ପ୍ଲାଣ୍ଟ, ଶକ୍ତି ଭିତ୍ତିଭୂମି ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା କମ୍ପାନିଙ୍କ ସହ ସେହି ଅଞ୍ଚଳରେ ଥିବା ଆମେରିକା କମ୍ପାନିଙ୍କୁ ସଂପୂର୍ଣ୍ଣ ଭାବରେ ନଷ୍ଟ କରିଦିଆଯିବ। ବଡ଼ କଥା ହେଲା ନିକଟରେ ଇରାନର ଇସଲାମିକ ରେଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ମଧ୍ୟ ଚେତାବନୀ ଦେଇଥିଲା। ପୂର୍ବରୁ ବି ଆଇଆରଜିସି ମଧ୍ୟପ୍ରାଚ୍ୟରେ ଥିବା ଆମେରିକା କମ୍ପାନିଙ୍କୁ ଟାର୍ଗେଟ କରିବାକୁ ଧମକ ଦେଇଥିଲା। ଯେଉଁଥିରେ ମାଇକ୍ରୋସଫ୍ଟ, ଆପଲ, ଗୁଗଲ ଏବଂ ମେଟା ମଧ୍ୟ ସାମିଲ ଅଛି। ଆହୁରି ମଧ୍ୟ ଭିଡିଓରେ କୁହାଯାଇଛି ଯେ, ଗୁଗଲ ଦ୍ୱାରା ଲୁଚାଯାଇଥିଲେ ବି ଆମ ନଜରରୁ କିଛି ଲୁଚି ରହିନାହିଁ। ଏହା ପରେ ମେସେଜରେ ୟୁଏଇ ସ୍ଥିତ ଷ୍ଟାରଗେଟ ପ୍ରୋଜେକ୍ଟର ଲୋକେସନକୁ ରେଖାଙ୍କିତ କରାଯାଇଛି। ଯାହାକୁ ଏକ ବଡ଼ ଏଆଇ କମ୍ପ୍ୟୁଟିଂ କ୍ଲଷ୍ଟର ଭାବରେ ବର୍ଣ୍ଣିତ କରାଯାଇଛି। ଭିଡିଓରେ ଏହି ପ୍ରୋଜେକ୍ଟ ସହ ଜଡ଼ିତ ପମୁଖ ଆମେରିକୀୟ କମ୍ପାନିଙ୍କ ସିଇଓଙ୍କ ଫଟୋ ଦେଖାଯାଇଛି। ଯେଉଁଥିରେ ଏନଭିଡିଆ, ଓପନଏଆଇ, ମାଇକ୍ରୋସଫ୍ଟ ଏବଂ ଗୋଲ୍ଡମ୍ୟାନ ସାକ୍ସ ମଧ୍ୟ ସାମିଲ ଅଛି। ଏହା ପୂର୍ବରୁ ମାର୍ଚ୍ଚ ମାସରେ ଜାରି ଏକ ଟେଲିଗ୍ରାମ ମେସେଜରେ ଆଇଆରଜିସି ଏହି କମ୍ପାନିଙ୍କ ଉପରେ ଆମେରିକା ସରକାରଙ୍କ ପାଇଁ ଜାସୁସୀ କରିବା ଏବଂ ଆକ୍ରମଣରେ ସହାୟତା କରିବା ଅଭିଯୋଗ ଆଣିଥିଲା। ତେଣୁ ଏହି କମ୍ପାନିକୁ ଟାର୍ଗେଟ କରିବାକୁ କହିଥିଲା ଆଇଆରଜିସି।




## ଆମେରିକାର ଫାଇଟର ଜେଟ ଖସାଇଲା ଇରାନ

### ଭିଡିଓ ଜାରି କଲା ସେନା



ତେହେରାନ, ୩।୪: ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଥମିବାର ନାଁ ନେଉନି। ଇରାନ ଉପରେ ଆମେରିକା ଏବଂ ଇସ୍ରାଏଲ ଭୟଙ୍କର ଆକ୍ରମଣ କରୁଛନ୍ତି। ଇରାନ ମଧ୍ୟ ଚୁକ୍ତି ପାଇଁ ରାଜି ନୁହେଁ। ଆମେରିକାର ସାମରିକ ଘାଟି ସମେତ ବିଭିନ୍ନ ପ୍ରତିଷ୍ଠାନ ଉପରେ ମିସାଇଲ୍ ଆଟାକ୍ କରୁଛି ତେହେରାନ। ଏହାରି ଭିତରେ ଇରାନ ସେନା ବା ଆଇଆରଜିସି ଆମେରିକାର ଏକ ଯୁଦ୍ଧ ବିମାନକୁ ଖସାଇ ଦେଇଥିବା ଦାବି କରିଛି। ଯାହାର ଭିଡିଓ ମଧ୍ୟ ଜାରି ହୋଇଛି। ଭିଡିଓରେ ଦେଖିବାକୁ ମିଳିଛି ଯେ, ଆମେରିକାର ଏକ ଯୁଦ୍ଧ ବିମାନକୁ ଇସ୍ରାଏଲ ମିସାଇଲ୍ ଇଣ୍ଟରସେପ୍ଟ କରୁଛନ୍ତି। ଆକାଶରେ ହିଁ ଆକ୍ରମଣ କରି ଖସାଇ ଦେଇଛନ୍ତି। କାସିମ୍ ଦ୍ୱୀପ ନିକଟରେ ଏହି ଘଟଣା ଘଟିଛି।

ତେବେ ଇରାନର ଦାବିକୁ ଆମେରିକା ସେଣ୍ଟ୍ରାଲ କମାଣ୍ଡ ଅଗ୍ରାହ୍ୟ କରି ଦେଇଛି। କୌଣସି ଯୁଦ୍ଧ ବିମାନ କ୍ଷତି ହୋଇନଥିବା ୟୁଏସ କହିଛି। ଅନ୍ୟ ଦିଗରେ ଇରାନ ସରକାର ଆମେରିକାର ଆବ୍ରାହମ୍ ଲିଙ୍କନକୁ ଟାର୍ଗେଟ୍ କରିଥିବା କହିଛନ୍ତି। ୟୁଏଇ ସୀମା ନିକଟରେ ଥିବା ଆବ୍ରାହମ୍ ଲିଙ୍କନ ଉପରେ ମିସାଇଲ୍ ଆକ୍ରମଣ ହୋଇଛି। ଏଥିରେ ଅନେକ ମୃତହାତ ହୋଇଥିବା ତେହେରାନ ପକ୍ଷରୁ କୁହାଯାଇଛି।

ଆମେରିକା- ଇସ୍ରାଏଲ ଇରାନକୁ ଏକ ବହୁତ ବଡ଼ ରଣନୈତିକ ଓ ଆର୍ଥିକ ଝଟକା ଦେଇଛନ୍ତି। ଆମେରିକା ଓ ଇସ୍ରାଏଲ ବାୟୁସେନାର ମିଳିତ ଆକ୍ରମଣରେ ଇରାନର ଅଲବୋର୍ଜ ପ୍ରାନ୍ତରେ ଥିବା ମଧ୍ୟପ୍ରାଚ୍ୟର ସବୁଠୁ ଉଚ୍ଚା ବି-୧ ବ୍ରିଜକୁ ଟାର୍ଗେଟ କରାଯାଇଛି। ଏଥିରେ ପୋଲଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ଏହା ଏକ ନିର୍ମାଣାଧୀନ ପୋଲ ଓ ଏହାକୁ ଦେଶର ପ୍ରମୁଖ ଇଞ୍ଜିନିୟରିଂ ଉପଲବ୍ଧି ମନେ କରାଯାଉଥିଲା। ପୋଲର ନିର୍ମାଣ କାମ ଶେଷ ହୋଇସାରିଥିଲା। ତେବେ ଉପଯୋଗରେ ଆସିବା ପୂର୍ବରୁ ଆମେରିକା ଓ ଇସ୍ରାଏଲ ଏହାକୁ ନଷ୍ଟ କରିଦେଇଛନ୍ତି।

### ଜାତିସଂଘରେ ହର୍ମୁଜ ପ୍ରଣାଳୀ ନେଇ ଭୋଟିଂ

## ଭୁଲ ନିଷ୍ପତ୍ତି ନିଅନି, ପରିସ୍ଥିତି ଆହୁରି ଜଟିଳ ହୋଇଯିବ



ତେହେରାନ, ୩।୪: ଇରାନ ଯୁଦ୍ଧ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ଇରାନକୁ ଚେକ୍ ଦେବାକୁ ଆମେରିକା ଯେତେ ଚେଷ୍ଟା କଲେ ବି ସବୁ ଫେଲ୍ ମାରିଛି। ସେପଟେ ଇରାନ୍ ହର୍ମୁଜ ପ୍ରଣାଳୀକୁ ପ୍ରାୟ ବନ୍ଦ କରିଦେବା ଫଳରେ ବିଶ୍ୱରେ ଶକ୍ତି ସଙ୍କଟ ଦେଖା ଦେଇଛି। ଏବେ ହର୍ମୁଜ ପ୍ରଣାଳୀ ଉପରେ ନିଷ୍ପତ୍ତି ନେବା ଲାଗି ଜାତିସଂଘର ସୁରକ୍ଷା ପରିଷଦରେ ଭୋଟିଂ ହେବାକୁ ଯାଉଛି। ତାପୂର୍ବରୁ ଇରାନ ଜାତିସଂଘର ସୁରକ୍ଷା ପରିଷଦକୁ ଧମକ ଦେଇଛି। କୌଣସି ଉତ୍ତେଜନାମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ପରିସ୍ଥିତି ଆହୁରି ଖରାପ ହୋଇଯିବ ବୋଲି କହିଛନ୍ତି ଇରାନର ବୈଦେଶିକ ମନ୍ତ୍ରୀ ଆରାଘଚି। ହର୍ମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳକୁ ସୁରକ୍ଷା ଦେବା ପାଇଁ ବାହିନୀ ଗଠନ କରିବାକୁ ଏକ ଡ୍ରାଫ୍ଟ ପ୍ରସ୍ତାବ ଉପରେ ସୁରକ୍ଷା ପରିଷଦର ଭୋଟ ପୂର୍ବରୁ ଆରାଘଚି ଏଭଳି ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, ହର୍ମୁଜ ପ୍ରଣାଳୀର ପରିସ୍ଥିତି ସମ୍ପର୍କରେ ଜାତିସଂଘ ସୁରକ୍ଷା ପରିଷଦ ସମେତ ଆକ୍ରମଣକାରୀ ଏବଂ ସେମାନଙ୍କ ସମର୍ଥକଙ୍କ ଦ୍ୱାରା ଯେକୌଣସି ଉତ୍ତେଜନାମୂଳକ କାର୍ଯ୍ୟ ପରିସ୍ଥିତିକୁ ଆହୁରି ଜଟିଳ କରିବ। ହର୍ମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳକୁ ସୁରକ୍ଷା ଦେବା ପାଇଁ 'ପ୍ରତିରକ୍ଷା' ଶକ୍ତି ବ୍ୟବହାରକୁ ଅନୁମତି ଦେବାକୁ ବାହାରିନ ଦ୍ୱାରା ଏହି ଡ୍ରାଫ୍ଟ ପ୍ରସ୍ତାବ ଆଗତ କରାଯାଇଛି । ଇରାନ

**ତେହେରାନର ଚେତାବନୀ**

ଆକ୍ରମଣ ଯୋଗୁଁ ବିଶ୍ୱର ଏକ ପଞ୍ଚମାଂଶ ତୈଳ ଯୋଗାଣ ପାଇଁ ବ୍ୟବହୃତ ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ପ୍ରାୟ ବନ୍ଦ ହୋଇଯାଇଛି। ବାହାରିନ ବର୍ତ୍ତମାନ ଜାତିସଂଘ ସୁରକ୍ଷା ପରିଷଦର ସଭାପତି ପଦରେ ଅଛି।

ଆମେରିକା ଏବଂ ଉପସାଗରୀୟ ଦେଶମାନଙ୍କ ଦ୍ୱାରା ସମର୍ଥିତ ଡ୍ରାଫ୍ଟ ପ୍ରସ୍ତାବ ଉପରେ ଭୋଟ୍ ଆଜି ପାଇଁ ସ୍ଥିର କରାଯାଇଥିଲା । କିନ୍ତୁ ପରେ କୌଣସି ନୂତନ ତାରିଖ ସ୍ଥିର ନହୋଇ ଏହାକୁ ସ୍ଥଗିତ ରଖାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଋଷ, ଚୀନ୍ ଏବଂ ଫ୍ରାନ୍ସ ଭଳି ସ୍ଥାୟୀ ସଦସ୍ୟ ରାଷ୍ଟ୍ରଗୁଡ଼ିକ ପୂର୍ବ ଡ୍ରାଫ୍ଟ ଉପରେ ଆପତ୍ତି କରିଥିଲେ। ବିଭିନ୍ନ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଋଷ, ଚୀନ୍ ଏବଂ ଫ୍ରାନ୍ସ ଦ୍ୱାରା ଆପତ୍ତି ଉଠାଇବା ପରେ ଡ୍ରାଫ୍ଟରେ ଚାରୋଟି ସଂଶୋଧନ କରାଯାଇଛି। ଆସୋସିଏଟେଡ୍ ପ୍ରେସ୍ ରିପୋର୍ଟ କରିଛି ଯେ, ଭୋଟ୍ ଶନିବାର ହେବ ବୋଲି ଆଶା କରାଯାଉଛି।

# ଶ୍ମଶାନରେ ଲୁଚାଯାଇଥିଲା ୪୧୪ ଗ୍ୟାସ ସିଲିଣ୍ଡର



ନୂଆଦିଲ୍ଲୀ, ୩।୪: ଇରାନ୍ ଯୁଦ୍ଧକୁ ନେଇ ଭାରତରେ ଗ୍ୟାସ୍ ସଙ୍କଟ ଉଗ୍ର ରୂପ ଧାରଣ କରିଛି। ଲୋକଙ୍କୁ ଗ୍ୟାସ୍ ମିଳୁନି, ହୋଟେଲ ଏବଂ ରେଷ୍ଟୁରାଣ୍ଟ ବନ୍ଦ ହେବାକୁ ବସିଲାଣି । ଏପରିକି ଅନେକ ହୋଟେଲ୍ ଚୁଲି ଜାଳି ରୋଷେଇ କରିବାକୁ ବାଧ୍ୟ ହେଉଛନ୍ତି। ଏଭଳି ସ୍ଥିତିରେ, କିଛି ଲାଭଖୋର ବ୍ୟକ୍ତି ଗ୍ୟାସ କଳାବାଜରୀ କରିବାକୁ ପଛାଉନାହାନ୍ତି। ଶକ୍ତି ସଙ୍କଟ ମଧ୍ୟରେ ହାଇଦ୍ରାବାଦର ବଞ୍ଜାରା ହିଲ୍ସ ଅଞ୍ଚଳରେ ଗ୍ୟାସ କଳାବାଜାରୀର ଏକ ନୂଆ ତରିକା ଦେଖିବାକୁ ମିଳିଛି । ଶ୍ମଶାନରୁ ମିଳିଛି ୪୧୪ ଚୋରା ଏଲପିଜି ସିଲିଣ୍ଡର । ଜୁବିଲି ହିଲ୍ସ ଜୋନ୍ ଟାସ୍କ ଫୋର୍ସ ଏବଂ ବଞ୍ଜାରା ହିଲ୍ସ ପୋଲିସ ଦ୍ୱାରା କରାଯାଇଥିବା ଏହି ଚଢ଼ାଉ ସମୟରେ ଏଲପିଜି ସିଲିଣ୍ଡର ଜବତ ସହ ୧୦ ଜଣଙ୍କୁ ଗିରଫ କରାଯାଇଛି । ୧୧ଟି ଗାଡ଼ିରେ ଲୋଡ୍ ହୋଇଥିଲା ଏହି ସବୁ ଏଲପିଜି ସିଲିଣ୍ଡର, ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୨୨ ଲକ୍ଷ ଟଙ୍କା । ଗିରଫ ୧୦ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ମହମ୍ମଦ ଆମିର ଲାଇସେନ୍ସ ପ୍ରାପ୍ତ ଗ୍ୟାସ ଏଜେନ୍ସି ଚଳାଉଥିଲେ । ତାଙ୍କ ସହିତ ମହମ୍ମଦ ୟୁସୁଫ, ମହମ୍ମଦ ଇସମାଇଲ, ଏ ରାମା ରାଓ, ଲୋକ କୁମାର, ମହମ୍ମଦ ସକରୁଦ୍ଦିନ, ମହମ୍ମଦ ମୁନ୍ତାଜ ଅନସାରୀ, ମହମ୍ମଦ ମିନାଜ ଅନସାରୀ, ରାଜେଶ ପାଲ ଏବଂ ରାମ ରାଜ ସିଂହ ମଧ୍ୟ ସାମିଲ। ସେମାନେ ଏହି ରନ୍ଧନ ଗ୍ୟାସ ସଲିଣ୍ଡରଗୁଡ଼ିକୁ ଲୁଚାଇ ରଖି ଚଢ଼ା ମୂଲ୍ୟରେ ବିକ୍ରି କରୁଥିଲେ ବୋଲି ଅଭିଯୋଗ ହୋଇଛି । ସେମାନେ ହୋଟେଲ ଏବଂ ରେଷ୍ଟୁରାଣ୍ଟକୁ ତିନି ଗୁଣ ମୂଲ୍ୟରେ ଏଲପିଜି ସିଲିଣ୍ଡର ବିକ୍ରି କରୁଥିଲେ । ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ସୁଜାତା ଶର୍ମା କହିଛନ୍ତି, 'ଗୁରୁବାର ପ୍ରାୟ ୨୬୦୦ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ପ୍ରାୟ ୭୦୦ ସିଲିଣ୍ଡର ଜବତ କରାଯାଇଛି । ଏହା ବ୍ୟତୀତ, ହାଇଦ୍ରାବାଦର ଏକ ଶ୍ମଶାନରୁ ପ୍ରାୟ ୪୦୦ ସିଲିଣ୍ଡର ମିଳିଛି।' ଭାରତ ଚୀନ୍ ପରେ ଦ୍ୱିତୀୟ ସର୍ବବୃହତ୍ତ ଏଲପିଜି ଆମଦାନୀକାରୀ ଦେଶ। ପ୍ରତିବର୍ଷ ଭାରତରେ ୩୧ ନିୟୁତ ଟନରୁ ଅଧିକ ଏଲପିଜି ଆବଶ୍ୟକ ହୁଏ ଏବଂ ଆବଶ୍ୟକତାର ପ୍ରାୟ ୬୦ ପ୍ରତିଶତ ଗ୍ୟାସ୍ ସମୁଦ୍ର ପଥ ଦେଇ ଭାରତକୁ ଆସେ। ବିଶେଷ କରି ଏହି ଗ୍ୟାସ ମଧ୍ୟପ୍ରାଚ୍ୟରୁ ଆସିଥାଏ।

## ପଦାରେ ପଡ଼ିଲା ଆପ୍ କନ୍ଦଳ

ନୂଆଦିଲ୍ଲୀ, ୩।୪: ଆମ୍ ଆଦମୀ ପାର୍ଟିର ରାଜ୍ୟସଭା ସାଂସଦ ରାଘବ ଚଢ଼ାଙ୍କ ସାମ୍ପ୍ରତିକ ବୟାନ ଓ ଭିଡିଓକୁ ନେଇ ଦଳ ମଧ୍ୟରେ ଥିବା ଅସନ୍ତୋଷ ଏବେ ପଦାରେ ପଡ଼ିଛି। ଦଳୀୟ ନେତା ଅନୁରାଗ ଢାଣ୍ଡା, ରାଘବଙ୍କୁ ଟାର୍ଗେଟ କରି କହିଛନ୍ତି ଯେ, ସେ ଆଉ ଅରବିନ୍ଦ କେଜ୍ରିୱାଲଙ୍କ ସିପାହୀ ହୋଇ ରହିନାହାନ୍ତି ଏବଂ ସରକାରଙ୍କ ବିରୋଧରେ ଖୋଲାଖୋଲି ଭାବେ ସ୍ୱର ଉତ୍ତୋଳନ କରିବାକୁ ଭୟ କରୁଛନ୍ତି। ଅନୁରାଗ ଢାଣ୍ଡା 'ଏକ୍ସ'ରେ ଏକ ପୋଷ୍ଟ ମାଧ୍ୟମରେ ଲେଖିଛନ୍ତି, 'ଆମେ କେଜ୍ରିୱାଲଙ୍କ ସିପାହୀ। ନିର୍ଭିକତା ଆମର ପ୍ରଥମ ପରିଚୟ । ଯିଏ ଡରିଯିବ, ସେ ଦେଶ ପାଇଁ କ'ଣ ଲଢ଼ିବ?' ସଂସଦରେ ରାଘବ ଚଢ଼ାଙ୍କ ଭୂମିକା ଉପରେ ପ୍ରଶ୍ନ ଉଠାଇ ଅନୁରାଗ କହିଛନ୍ତି ଯେ ଦଳକୁ ସଂସଦରେ କହିବା ପାଇଁ ବହୁତ ସୀମିତ ସମୟ ମିଳିଥାଏ। କିନ୍ତୁ ରାଘବ ସେହି ଗୁରୁତ୍ୱପୂର୍ଣ୍ଣ ସମୟକୁ 'ଦେଶ ବଞ୍ଚାଇବା ପାଇଁ ସଂଘର୍ଷ' କରିବା ପରିବର୍ତ୍ତେ 'ଏୟାରପୋର୍ଟ କ୍ୟାଣ୍ଟିନରେ ସମୋସା ଶସ୍ତା କରିବା' ଭଳି ତୁଚ୍ଛ ପ୍ରସଙ୍ଗରେ ବ୍ୟୟ କରିଛନ୍ତି। ଗୁଜରାଟରେ ଆପ୍‌ର ଶହ ଶହ କର୍ମକର୍ତ୍ତାଙ୍କୁ ବିଜେପି ସରକାର ଓ ପୁଲିସ ଗିରଫ କଲା, କିନ୍ତୁ ଏହି ପ୍ରସଙ୍ଗରେ ରାଘବ ସଂସଦରେ ସ୍ୱର ଉତ୍ତୋଳନ କଲେ ନାହିଁ। ସେ ଆହୁରି ମଧ୍ୟ ଲେଖିଛନ୍ତି ଯେ, ପଶ୍ଚିମବଙ୍ଗରେ ମତାଧିକାର ଛଡ଼ାଇ ନେବା ପ୍ରସଙ୍ଗରେ ଯେତେବେଳେ ସିଇସିଙ୍କ ବିରୋଧରେ ପ୍ରସ୍ତାବ ଅଣାଗଲା, ସେତେବେଳେ ରାଘବ ସେଥିରେ ସ୍ୱାକ୍ଷର କରିବାକୁ ମନା କରିଦେଇଥିଲେ। ଯେତେବେଳେ ଆପ୍ ସାଂସଦମାନେ ପ୍ରତିବାଦ କରି ସଂସଦରୁ ୱାକଆଉଟ୍ କଲେ, ସେତେବେଳେ ମଧ୍ୟ ରାଘବ ନିଜର ଉପସ୍ଥିତି ଜାହିର କରିବା ପାଇଁ ଗୃହରେ ବସି ରହିଥିଲେ। ଅନୁରାଗ ତୀବ୍ର ଶବ୍ଦରେ କହିଛନ୍ତି, 'ଗତ କିଛି ବର୍ଷ ହେବ ତୁମେ ଡରିଯାଇଛ ରାଘବ। ଦେଶର ପ୍ରକୃତ ପ୍ରସଙ୍ଗରେ କହିବାକୁ ତୁମେ ଭୟ କରୁଛ'।



**ସରକାରଙ୍କ ବିରୋଧରେ କହିବାକୁ ଭୟ କରୁଛନ୍ତି: ଅନୁରାଗ**

## ଲୋକସଭା ଆସନ ୮୧୬କୁ ବଢ଼ିବା ସମ୍ଭାବନା



ନୂଆଦିଲ୍ଲୀ, ୩।୪: ପାର୍ଲାମେଣ୍ଟର ବଜେଟ ଅଧିବେଶନ ସ୍ୱଳ୍ପକାଳୀନ ଅବକାଶ ପରେ ଏପ୍ରିଲ ୧୬ରୁ ପୁଣି ଚାଲିବ। ବିଶେଷକରି ଲୋକ ସଭାର ଆସନ ସଂଖ୍ୟା ୫୪୩ରୁ ୮୧୬କୁ ବୃଦ୍ଧି କରାଯିବା ସଂକ୍ରାନ୍ତ ବିଧେୟକକୁ ଏହି ସମୟରେ ଗୃହୀତ କରାଇବା ପାଇଁ ସରକାର ଉଦ୍ୟମ କରିବେ। ମହିଳା ସଂରକ୍ଷଣ ଆଇନକୁ ଯଥାଶୀଘ୍ର ସମ୍ଭବ କାର୍ଯ୍ୟକାରୀ କରାଇବା ପାଇଁ ଆସନ ସଂଖ୍ୟା ବଢ଼ାଯାଉଥିବା ସୂତ୍ରରୁ ଜଣାପଡ଼ିଛି। ତେବେ ୪ ରାଜ୍ୟ ଓ ୧ କେନ୍ଦ୍ରଶାସିତ ଅଞ୍ଚଳରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏହି ପ୍ରସଙ୍ଗକୁ ନେଇ ଶାସକ ଓ ବିରୋଧୀ ମୁହାଁମୁହିଁ ହୋଇପାରନ୍ତି।

ସରକାର ମହିଳା ସଂରକ୍ଷଣ ବିଲ୍ ବା ନାରୀ ବନ୍ଦନ ଅଧିନିୟମ, ୨୦୨୩ରେ ସଂଶୋଧନ ସମେତ କେତେକ ବିଲ୍‌କୁ ଗୃହୀତ କରାଇବା ପାଇଁ ଆଗ୍ରହୀ। ତେବେ ରାଜ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ କେନ୍ଦ୍ର ରାଜନୈତିକ ଫାଇଦା ହାସଲ ପାଇଁ ଅତି ତରବରିଆ ଭାବେ ସଂଶୋଧନଗୁଡ଼ିକୁ ପାରିତ କରାଇବାକୁ ଉଦ୍ୟମ ଚଳାଇଥିବା ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଛନ୍ତି। ସୂତ୍ରରୁ ଜଣାପଡ଼ିଛି ଯେ ପ୍ରସ୍ତାବିତ ଆଇନଗୁଡ଼ିକ ପାଇଁ ଏହି ଅଧିବେଶନ ୩ ଦିନ ଚାଲିବ। ଏନେଇ ସରକାରଙ୍କ ପକ୍ଷରୁ ବିରୋଧୀ ଦଳଗୁଡ଼ିକୁ ଜଣାଇ ଦିଆଯାଇଛି। ପ୍ରଥମେ ମହିଳା ସଂରକ୍ଷଣ ବିଧେୟକ ଆଗତ କରାଯିବ। ରାଜ୍ୟ ସଭାରେ ଗୁରୁବାର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ସମ୍ବୋଧନ ବେଳେ ଏ ସଂକ୍ରାନ୍ତରେ ସଙ୍କେତ ଦେଇଥିଲେ। ତେବେ କଂଗ୍ରେସ ନେତା ଜୟରାମ ରମେଶ କହିଥିଲେ, ବିଧାନସଭା ନିର୍ବାଚନ ଶେଷ ହେବା ପରେ ଏପ୍ରିଲ ୨୯ରେ ଏକ ସର୍ବଦଳୀୟ ବୈଠକ କରାଯାଉ ବୋଲି ବିରୋଧୀ ଦଳଗୁଡ଼ିକ ଦାବି କରିଛନ୍ତି। ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକରେ ଆଦର୍ଶ ଆଚରଣ ବିଧି ଲାଗୁହେବା ସତ୍ତ୍ୱେ ସରକାର ଏହି ବିଲ୍‌ଗୁଡ଼ିକୁ ଆଣୁଥିବା ସେ ଅଭିଯୋଗ କରିଥିଲେ।

## ପାକିସ୍ତାନରେ ଭୟଙ୍କର ଆତ୍ମଘାତୀ ବିସ୍ଫୋରଣ

### ପୁଲିସ ଷ୍ଟେସନକୁ ଟାର୍ଗେଟ୍ କରି ଆକ୍ରମଣ



ଇସଲାମାବାଦ, ୩।୪: ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶରେ ଗୁରୁବାର ବିଳମ୍ବିତ ରାତିରେ ଏକ ପୋଲିସ ଷ୍ଟେସନକୁ ଟାର୍ଗେଟ୍ କରି କରାଯାଇଥିବା ଭୟଙ୍କର ଆତ୍ମଘାତୀ କାର୍ ବୋମା ବିସ୍ଫୋରଣରେ ତିନିଜଣ ମହିଳା ଓ ଜଣେ ଶିଶୁଙ୍କ ସମେତ ୫ ଜଣଙ୍କର ମୃତ୍ୟୁ ଘଟିଛି। ବାନୁ ଜିଲ୍ଲାର ଡୋମେଲ ତହସିଲରେ ଥିବା ପୋଲିସ ଷ୍ଟେସନରେ ଏହି ବିସ୍ଫୋରଣ ଘଟିଥିବା ବେଳେ ଏଥିରେ ୪ ଜଣ ପୁଲିସ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ବିସ୍ଫୋରଣର ତୀବ୍ରତା ଏତେ ଅଧିକ ଥିଲା ଯେ ଏହାର ଶବ୍ଦ ବହୁ ଦୂର ପର୍ଯ୍ୟନ୍ତ ଶୁଣାଯିବା ସହ ଆଖପାଖର ଅନେକ ଘର କ୍ଷତିଗ୍ରସ୍ତ ହୋଇଛି, ଯାହା ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି। ପୋଲିସ ସୂଚନା ଅନୁଯାୟୀ, ଜଣେ ଆତ୍ମଘାତୀ ବିସ୍ଫୋରକ କାର୍ ସାହାଯ୍ୟରେ ପୋଲିସ ଷ୍ଟେସନକୁ ଧକ୍କା ଦେଇଥିଲା, ଯାହାଫଳରେ ଏହି ଶକ୍ତିଶାଳୀ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ପରେ ତୁରନ୍ତ ସେହି ଅଞ୍ଚଳରେ ଗୁଳି ବିନିମୟ ମଧ୍ୟ ହୋଇଥିଲା, ଯାହା ଉତ୍ତେଜନାକୁ ଦ୍ୱିଗୁଣିତ କରିଦେଇଥିଲା। ଉଦ୍ଧାରକାରୀ ଦଳ ଘଟଣାସ୍ଥଳରୁ ୫ଟି ଶବ ଉଦ୍ଧାର କରିଛନ୍ତି ଏବଂ ଆହତମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ବର୍ତ୍ତମାନ ସୁଦ୍ଧା ସେଠାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି ଏବଂ ସୁରକ୍ଷା ବାହିନୀ ସମ୍ପୂର୍ଣ୍ଣ ଅଞ୍ଚଳକୁ ଘେରି ରଖି ତଦନ୍ତ ଚଳାଇଛନ୍ତି।

## ଏନସିଇଆରଟିକୁ ମିଳିଲା ଡିମ୍ଡ ୟୁନିଭରସିଟି ମାନ୍ୟତା

ନୂଆଦିଲ୍ଲୀ,୩।୪: ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ପରାମର୍ଶ କ୍ରମେ, କେନ୍ଦ୍ର ସରକାର ଜାତୀୟ ଶିକ୍ଷା ଗବେଷଣା ଏବଂ ତାଲିମ ପରିଷଦ (ଏନସିଇଆରଟି)କୁ ଡିମ୍ଡ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରିଛନ୍ତି। ଏହା ଏନସିଇଆରଟିକୁ ଏକ ବିଶ୍ୱବିଦ୍ୟାଳୟ ପରି କାର୍ଯ୍ୟ କରିବାର ସ୍ୱାଧୀନତା ଦେବ, କିନ୍ତୁ ଅନେକ ଆବଶ୍ୟକୀୟ ସର୍ତ୍ତାବଳୀ ଲାଗୁ କରାଯାଇଛି।




ଏନସିଇଆରଟି ୨୦୨୫ରେ ସରକାରଙ୍କୁ ଏକ ରିପୋର୍ଟ ଦାଖଲ କରିଥିଲା, ଯେଉଁଥିରେ କୁହାଯାଇଥିଲା ଯେ ଏହା ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଁ ସମସ୍ତ ଆବଶ୍ୟକତା ପୂରଣ କରିଛି। ଏହା ପରେ, ୟୁଜିସି ବିଶେଷଜ୍ଞ କମିଟି ରିପୋର୍ଟ ସମୀକ୍ଷା କରିଥିଲା, ଯେଉଁଥିରେ ଏନସିଇଆରଟି ଏକ ବିଶ୍ୱବିଦ୍ୟାଳୟର ଆବଶ୍ୟକତା ପୂରଣ କରୁଥିବା ଜଣାପଡିଥିଲା। ୟୁଜିସି କମିଶନ ଜାନୁଆରୀ ୨୦୨୬ରେ ତାଙ୍କ ବୈଠକରେ ପ୍ରସ୍ତାବକୁ ଅନୁମୋଦନ କରିଥିଲା, ଯାହା ପରେ କେନ୍ଦ୍ର ସରକାର ଚୁଡାନ୍ତ ନିଷ୍ପତ୍ତି ନେଇଛନ୍ତି। ଏନସିଇଆରଟି, ୟୁଜିସି ଆଇନ ୧୯୫୬ର ଧାରା ୩ ଅନୁଯାୟୀ ଡିମ୍ଡ ୟୁନିଭରସିଟି ମାନ୍ୟତା ପାଇଁ ଆବେଦନ କରିଥିଲା। ୨୦୨୩ ରେ ୟୁଜିସି କିଛି ସର୍ତ୍ତ ସହିତ ଏକ ଇଣ୍ଟେଣ୍ଟ ଲେଟର (ଲେଟର ଅଫ ଇଣ୍ଟେଣ୍ଟ) ଜାରି କରିଥିଲା। ଏଥିରେ ଏନସିଇଆରଟିକୁ ତିନି ବର୍ଷ ମଧ୍ୟରେ ସମସ୍ତ ଆବଶ୍ୟକତା ପୂରଣ କରିବାକୁ କୁହାଯାଇଥିଲା। ଏହି ପ୍ରସ୍ତାବରେ ଛଅଟି ପ୍ରମୁଖ ଏନସିଇଆରଟି ପ୍ରତିଷ୍ଠାନ ଅନ୍ତର୍ଭୁକ୍ତ କରାଯାଇଛି। ଯେଉଁଥିରେ ଆଜମେର, ଭୋପାଳ, ଭୁବନେଶ୍ୱର, ମଇସୁର, ଶିଲଂ, ଏବଂ ପଣ୍ଡିତ ସୁନ୍ଦରଲାଲ ଶର୍ମା ଭୋପାଳର ବୃତ୍ତିଗତ ଶିକ୍ଷା ପ୍ରତିଷ୍ଠାନ ରହିଛି। ଏହି ୬ଟିକୁ ମିଶାଇ ଏନସିଇଆରଟିକୁ ସ୍ୱତନ୍ତ୍ର ବର୍ଗର ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରାଯାଇଛି।

### ବଢ଼ିଲା ଭାରତ ନୌସେନାର ଶକ୍ତି

# ସାମିଲ ହେଲା ଆଇଏନଏସ ଅରିଦମନ ଓ ତାରାଗିରି




ନୂଆଦିଲ୍ଲୀ, ୩।୪: ଆଜି ଦେଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିନ, କାରଣ ଭାରତର ସାମୁଦ୍ରିକ ଶକ୍ତି ଆହୁରି ବୃଦ୍ଧି ପାଇଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ସିଡିଏସ ଜେନେରାଲ ଅନିଲ ଚୌହାନ, ନୌସେନା ମୁଖ୍ୟ ଆଡମିରାଲ ଦିନେଶ କେ. ତ୍ରିପାଠି ଏବଂ ବିଭିନ୍ନ ନୌସେନା ଅଧିକାରୀମାନଙ୍କ ଉପସ୍ଥିତିରେ ବିଶାଖାପାଟଣାରେ ଉନ୍ନତ ଷ୍ଟିଲଥ୍ ଫ୍ରିଗେଟ୍ 'ତାରାଗିରି' ଏବଂ 'ଅରିଦମନ'ର ଭାରତୀୟ ନୌସେନାରେ ସାମିଲ ହୋଇଛି। ସାମୁଦ୍ରିକ ଶକ୍ତି ଦୃଷ୍ଟିରୁ ଏହା ଭାରତ ପାଇଁ ଏକ ବଡ଼ ପଦକ୍ଷେପ ବୋଲି ବିବେଚନା କରାଯାଉଛି । ଆଇଏନଏସ 'ଅରିଦମନ' ଭାରତର ତୃତୀୟ ସ୍ୱଦେଶୀ ନିର୍ମିତ ପରମାଣୁ ବାଲିଷ୍ଟିକ ବୁଡ଼ାଜାହାଜ।

ଆଇଏନଏସ 'ଅରିଦମନ' କମିଶନିଂ ଉତ୍ସବରେ ଅଂଶଗ୍ରହଣ କରି ପ୍ରତିରକ୍ଷା ମନ୍ତ୍ରୀ ଲେଖିଛନ୍ତି, 'ଅରିଦମନ ଏକ ଶବ୍ଦ ନୁହେଁ, ଏହା ଏକ ଶକ୍ତି'। କାର୍ଯ୍ୟକ୍ରମରେ ଭାଷଣ ଦେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ କହିଥିଲେ ଯେ ଭାରତର ସର୍ବଦା ସମୁଦ୍ର ସହିତ ଏକ ଅନନ୍ୟ ସମ୍ପର୍କ ରହିଛି, ଏବଂ ସମୁଦ୍ର ସହିତ ଆମର ସମ୍ପର୍କ ସମୟ ସହିତ ଆହୁରି ମଜବୁତ ହୋଇଛି। ସେ ଆହୁରି କହିଛନ୍ତି ଯେ ଆମର ନୌସେନା ଭାରତ ମହାସାଗରରେ ନିରନ୍ତର ଉପସ୍ଥିତି ବଜାୟ ରଖେ, ପାରସ୍ୟ ଉପସାଗର ହେଉ କିମ୍ବା ମାଲାକ୍କା ପ୍ରଣାଳୀ। ଯେତେବେଳେ ବି କୌଣସି ସଙ୍କଟ ଉପୁଜେ ଆମର ନୌସେନା ସର୍ବଦା ଆଗରେ ରହିଥାଏ। ଆମର ନୌସେନା ଭାରତର ମୂଲ୍ୟବୋଧ ଏବଂ ପ୍ରତିବଦ୍ଧତାକୁ ମୂର୍ତ୍ତିମନ୍ତ କରିଥାଏ। ଆଇଏନଏସ 'ଅରିଦମନ' ଓ ଆଇଏନଏସ 'ତାରାଗିରି' କମିଶନିଂ ଆମ ନୌସେନାର ଶକ୍ତି, ମୂଲ୍ୟବୋଧ ଏବଂ ପ୍ରତିବଦ୍ଧତାକୁ ଆହୁରି ମଜବୁତ କରିବ।

ଘରୋଇ କମ୍ପାନୀ ଏଲଆଣ୍ଡଟି ଦ୍ୱାରା ନିର୍ମିତ ଏବଂ ବିଶାଖାପାଟଣାର ଗୁପ୍ତ ଜାହାଜ ନିର୍ମାଣ କେନ୍ଦ୍ରରେ ତିଆରି ହୋଇଥିବା ଏହି ବୁଡ଼ାଜାହାଜର କିଛି ମାସ ଧରି ସମୁଦ୍ରରେ ପରୀକ୍ଷଣ ଚାଲିଥିଲା । ନୌସେନାରେ ସାମିଲ ହେବା ପରେ ଏହା ଭାରତର ଟ୍ରାଇ-ସର୍ଭିସ୍ ନ୍ୟୁକ୍ଲିୟର ଡିଟରେଣ୍ଟ କମାଣ୍ଡ, ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡ ଅଧୀନରେ ନିଜର ଦୁଇଟି ସହଯୋଗୀ ବୁଡ଼ାଜାହାଜ ସହିତ ଯୋଗଦେଇଛି। ଆଇଏନଏସ ଅରିଦମନ ଶେଷ ପର୍ଯ୍ୟାୟର ଟ୍ରାଏଲ୍‌କୁ ସଫଳତାର ସହ ଶେଷ କରିବା ପରେ ଆଜି ନୌସେନାରେ ସାମିଲ ହୋଇଛି। ୨୦୧୬ରେ ଭାରତୀୟ ନୌସେନାରେ ସାମିଲ ଆଇଏନଏସ 'ଅରିହନ୍ତ' ଏବଂ ୨୦୨୪ ଅଗଷ୍ଟରେ ସାମିଲ ହୋଇଥିବା ଆଇଏନଏସ 'ଅରିଘାତ' ପରେ ଆଇଏନଏସ 'ଅରିଦମନ' ହେଉଛି ସେହି ସମାନ ଶ୍ରେଣୀର ଏକ ଉନ୍ନତ ସଂସ୍କରଣ। ଏହାର କମିଶନିଂ ଭାରତର ପରମାଣୁ ତ୍ରିକୋଣ ଏବଂ ସାମୁଦ୍ରିକ ପ୍ରତିରୋଧକୁ ସୁଦୃଢ଼ କରିବା ଦିଗରେ ଆଉ ଏକ ପଦକ୍ଷେପ। ଏହା ଭାରତର ତୃତୀୟ ସ୍ୱଦେଶୀ ପରମାଣୁ ବାଲିଷ୍ଟିକ ବୁଡ଼ାଜାହାଜ।

# ଆରାମଦାୟକ ଯାତ୍ରାକୁ ରେଳବାଇର ସର୍ବୋଚ୍ଚ ପ୍ରାଥମିକତା



ନୂଆଦିଲ୍ଲୀ,୩।୪ଃକେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନୂଆଦିଲ୍ଲୀର ରେଳ ଭବନରେ ସାରା ଦେଶର ରେଳ ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି। କେନ୍ଦ୍ର ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଗରିବ ଏବଂ ମଧ୍ୟମ ବର୍ଗଙ୍କୁ ଏକ ଉତ୍ତମ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବା ଭାରତୀୟ ରେଳବାଇର ସର୍ବୋଚ୍ଚ ପ୍ରାଥମିକତା ହୋଇ ରହିଛି। ଏହି ଲକ୍ଷ୍ୟ ହାସଲ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବା ଲାଗି ସେ ସମସ୍ତ ଅଧିକାରୀଙ୍କୁ ଆହ୍ୱାନ କରିଥିଲେ।

ଯାତ୍ରୀଙ୍କ ଅଭିଜ୍ଞତାର ଗୁରୁତ୍ୱ ଉପରେ ଆଲୋକପାତ କରି କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ ରେଳ ଷ୍ଟେସନଗୁଡ଼ିକ ଜନସାଧାରଣଙ୍କ ସମ୍ମୁଖରେ ଭାରତୀୟ ରେଳବାଇର ଚେହେରା ଏବଂ ଏହାକୁ ସ୍ୱଚ୍ଛ ତଥା ଭଲ ଭାବେ ରକ୍ଷଣାବେକ୍ଷଣ କରାଯିବା ଆବଶ୍ୟକ। କେନ୍ଦ୍ର ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଭିଡ଼ ପରିଚାଳନା, ବିଶେଷକରି ପର୍ବପର୍ବାଣୀ ସମୟରେ ଏହା ସୁନିଶ୍ଚିତ କରିବା ଉଚିତ ଯେ ଯାତ୍ରୀମାନେ ଯେପରି ସୁଗମ ଭାବେ ଏବଂ ବିନା ବାଧାରେ ପ୍ଲାଟଫର୍ମରେ ପହଞ୍ଚିପାରିବେ ଏବଂ ଟ୍ରେନରେ ଚଢ଼ିପାରିବେ। ଯାତ୍ରୀଙ୍କ ସୁବିଧା ଏବଂ ସୁଗମତାରେ ଉନ୍ନତି ଆଣିବା ପାଇଁ ଆବଣ୍ଟିତ ପାଣ୍ଠିର ଉପଯୋଗକୁ ପ୍ରାଥମିକତା ଦେବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜାରି ରହିଥିବା ରେଳ ପ୍ରକଳ୍ପ ପାଇଁ ବିଚାରାଧୀନ ଜମି ଅଧିଗ୍ରହଣ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ରେଳ ଟ୍ରାକ୍ ନିକଟରେ ରହୁଥିବା ଲୋକଙ୍କ ସମ୍ବେଦନଶୀଳ ପ୍ରସଙ୍ଗକୁ ସମ୍ବୋଧିତ କରି କେନ୍ଦ୍ର ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଜୀବିକା ଉପରେ ପ୍ରତିକୂଳ ପ୍ରଭାବ ପକାଇବା ଉଚିତ ନୁହେଁ। ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରକ୍ଷା କରି ଏଭଳି ସମସ୍ୟାର ସମାଧାନ ପାଇଁ ମାନବିକ ଏବଂ ସମ୍ବେଦନଶୀଳ ଆଭିମୁଖ୍ୟ ଗ୍ରହଣ କରିବାକୁ ସେ ରେଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମୟାନୁବର୍ତ୍ତୀ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିବାରେ ଜୋନ୍‌ଗୁଡ଼ିକର ପ୍ରଦର୍ଶନକୁ ମଧ୍ୟ କେନ୍ଦ୍ର ରେଳ ମନ୍ତ୍ରୀ ପ୍ରଶଂସା କରିଥିଲେ।

## ଇଣ୍ଡିଆ ସ୍କିଲ୍ସ ପ୍ରତିଯୋଗିତାରେ 'ଟିମ୍ ଓଡ଼ିଶା'ର ଶ୍ରେଷ୍ଠ ପ୍ରଦର୍ଶନ

# ୧୫ଟି ସ୍ୱର୍ଣ୍ଣ ସହ ୫୭ ପଦକ




ଭୁବନେଶ୍ୱର,୩।୪(ସଂଚାର ବ୍ୟୁରୋ)ଃ 'ଇଣ୍ଡିଆ ସ୍କିଲ୍ସ ୨୦୨୫-୨୬' ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଯୋଗୀମାନେ ସେମାନଙ୍କ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଛନ୍ତି। 'ଟିମ୍ ଓଡ଼ିଶା' ଏହି ପ୍ରତିଯୋଗିତାରେ ୧୫ଟି ସ୍ୱର୍ଣ୍ଣ ସହ ମୋଟ ୫୭ଟି ପଦକ ହାସଲ କରି ଚାମ୍ପିଅନ ହୋଇଛି। ଗୁରୁବାର ଗ୍ରେଟର ନୋଏଡାର 'ଇଣ୍ଡିଆ ଏକ୍ସପୋ ସେଣ୍ଟର'ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସଫଳ ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରାଯାଇଛି।

'ଇଣ୍ଡିଆ ସ୍କିଲ୍ସ'ରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀଙ୍କୁ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଅଭିନନ୍ଦନ ଜଣାଇଛନ୍ତି। ଇଣ୍ଡିଆ ସ୍କିଲ୍ସ ଭଳି ଜାତୀୟସ୍ତରୀୟ ପ୍ରତିଯୋଗିତାରେ 'ଟିମ୍ ଓଡ଼ିଶା' ଶ୍ରେଷ୍ଠ ପ୍ରଦର୍ଶନ କରିବା ରାଜ୍ୟ ପାଇଁ ଗୌରବର ବିଷୟ। ଏହି ସଫଳତା ପଛରେ ଆମ ରାଜ୍ୟର ଦକ୍ଷ ପ୍ରଶିକ୍ଷଣ ପ୍ରଣାଳୀ, ମେଣ୍ଟରସିପ୍ ଓ ବିଭିନ୍ନ ଦକ୍ଷତା ବିକାଶ କେନ୍ଦ୍ରର ଦୃଢ଼ ସହଯୋଗର ପ୍ରତିଫଳନ ଦେଖିବାକୁ ମିଳିଛି। ଏହା ଯୁବପିଢ଼ିଙ୍କ ଦକ୍ଷତାକୁ ଆହୁରି ଶାଣିତ କରିବା ସହ ସେମାନଙ୍କୁ ଭବିଷ୍ୟତର ନେତୃତ୍ୱ ପାଇଁ ପ୍ରସ୍ତୁତ କରିବାରେ ସହାୟକ ହେଉଛି ବୋଲି କହିଛନ୍ତି ଶ୍ରୀ ସ୍ୱାଇଁ। ଟିମ୍ ଓଡ଼ିଶାର ପ୍ରତିଯୋଗୀମାନେ ଆଜି ଭୁବନେଶ୍ୱରରେ ପହଞ୍ଚିବା ପରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭଗ କମିଶନର ତଥା ସଚିବ ଭୂପେନ୍ଦ୍ର ସିଂ ପୁନିଆ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ରଶ୍ମି ରଞ୍ଜନ ମହାପାତ୍ର ମଧ୍ୟ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। 'ଇଣ୍ଡିଆ ସ୍କିଲ୍ସ ୨୦୨୫-୨୬' ପ୍ରତିଯୋଗିତାରେ ଓଡ଼ିଶାରୁ ୯୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୧୫ ଜଣ ସ୍ୱର୍ଣ୍ଣ, ୧୨ ଜଣ ରୌପ୍ୟ ଓ ୧୪ ଜଣ ପ୍ରତିଯୋଗୀ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ୧୬ ଜଣଙ୍କୁ 'ମେଡାଲିୟନ୍ସ ଫର ଏକ୍ସିଲେନ୍ସ' ପୁରସ୍କାର ପ୍ରଦାନ କରାଯାଇଛି। ଏଠାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନେ ଆସନ୍ତା ସେପ୍ଟେମ୍ବରରେ ଚୀନର ସାଙ୍ଘାଇଠାରେ ହେବାକୁ ଥିବା 'ୱାର୍ଲ୍ଡ ସ୍କିଲ୍ସ' ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

# ଇନ୍ଧନ ଯୋଗାଣ ନେଇ ପେଟ୍ରୋଲିୟମ ସଚିବଙ୍କ ସମୀକ୍ଷା

ନୂଆଦିଲ୍ଲୀ,୩।୪ଃ କେନ୍ଦ୍ର ପେଟ୍ରୋଲିୟମ୍ ସଚିବ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଅତିରିକ୍ତ ମୁଖ୍ୟ ସଚିବ ଏବଂ ପ୍ରମୁଖ ସଚିବ (ଖାଦ୍ୟ ଏବଂ ଯୋଗାଣ)ଙ୍କ ସହ ଆଜି ଏକ ବୈଠକରେ ଅଧ୍ୟକ୍ଷତା କରି ସାରା ଦେଶରେ ଇନ୍ଧନ ଯୋଗାଣର ସ୍ଥିତି ସମୀକ୍ଷା କରିଛନ୍ତି। ପେଟ୍ରୋଲିୟମ୍ ସଚିବ ଅନିୟମିତତାକୁ ରୋକିବା ଲାଗି ଚଢ଼ାଉ ସମେତ ସକ୍ରିୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉତ୍ତର ପ୍ରଦେଶ, ଗୁଜରାଟ, ହରିୟାଣା, ଦିଲ୍ଲୀ, ମହାରାଷ୍ଟ୍ର ଓ ଆନ୍ଧ୍ର ପ୍ରଦେଶ ଭଳି ରାଜ୍ୟଗୁଡ଼ିକୁ ପ୍ରଶଂସା କରାଯାଇଥିଲା। ଅନ୍ୟ ରାଜ୍ୟଗୁଡ଼ିକୁ ସେମାନଙ୍କର ସତର୍କତା ଏବଂ ପ୍ରବର୍ତ୍ତନ ବ୍ୟବସ୍ଥାକୁ ଆହୁରି ମଜବୁତ କରିବାକୁ ଏବଂ ଅପରାଧୀମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଥିଲା। ଯୋଗାଣ ସମ୍ପର୍କରେ ବିଭ୍ରାନ୍ତିକର ସୂଚନା ଓ ମିଥ୍ୟା ଗୁଜବ ପ୍ରସାର କରିବାର ପ୍ରୟାସକୁ ସକ୍ରିୟ ଭାବେ ପ୍ରତିହତ କରିବାକୁ ରାଜ୍ୟଗୁଡ଼ିକୁ ଅନୁରୋଧ କରାଯାଇଥିଲା। ପ୍ରବାସୀ ଶ୍ରମିକଙ୍କ ପାଇଁ ମୁକ୍ତ ବାଣିଜ୍ୟ ଏଲପିଜି (ଏଫଟିଏଲ୍) ଯୋଗାଣ ସମସ୍ୟା ସମ୍ବନ୍ଧୀୟ ରିପୋର୍ଟ ସମ୍ପର୍କରେ ରାଜ୍ୟଗୁଡ଼ିକ ସ୍ପଷ୍ଟ କରିଥିଲେ ଯେ ଏଲପିଜି ଯୋଗାଣରେ ଏପରି କୌଣସି ପ୍ରତିବନ୍ଧକ ନାହିଁ ଯାହା ପ୍ରବାସୀ ଶ୍ରମିକମାନଙ୍କୁ ପ୍ରତିକୂଳ ଭାବେ ପ୍ରଭାବିତ କରିବ ଏବଂ ଯୋଗାଣ ସ୍ଥିର ରହିବ। ସଚିବ ପରାମର୍ଶ ଦେଇଥିଲେ ଯେ ରାଜ୍ୟଗୁଡ଼ିକ ସ୍ଥାନୀୟ ଆବଶ୍ୟକତା ଆଧାରରେ ତୈଳ ବିପଣନ କମ୍ପାନୀଗୁଡ଼ିକ ସହ ସମନ୍ୱୟ ରଖି ୫ କିଗ୍ରା ଫଟିଏଲ୍ ଏଲପିଜି ସିଲିଣ୍ଡରର ଲକ୍ଷ୍ୟପୂର୍ଣ୍ଣ ବଣ୍ଟନ ପରିଚାଳନା କରିବା ଉପରେ ବିଚାର କରିପାରିବେ।

## ନୂଆଦିଲ୍ଲୀରେ ନିର୍ଭୟା ଘଟଣାର ପୁନରାବୃତ୍ତି

ନୂଆଦିଲ୍ଲୀ, ୩।୪ ଃ ଜଣେ ୩୫ ବର୍ଷୀୟା ମହିଳାଙ୍କୁ ଦୁଷ୍କର୍ମ ପରେ ଅଭିଯୁକ୍ତମାନେ ତାଙ୍କ ଗୁପ୍ତାଙ୍ଗରେ ଲୁହା ରଡ଼ ଭର୍ତ୍ତି କରି ଦେଇଥିବା ଅଭିଯୋଗ ହୋଇଛି । ଗୁରୁବାର ଏହି ଘଟଣାର ଘଟିଥିବାବେଳେ ଏବେ ଏହା ଚର୍ଚ୍ଚାର ବିଷୟ ପାଲଟିଛି । ମହିଳାଙ୍କୁ ଦୁଷ୍କର୍ମ କରିବା ପରେ ଗୁପ୍ତାଙ୍ଗରେ ଲୁହାରଡ ଭର୍ତ୍ତି କରିଥିବାବେଳେ ଅଭିଯୁକ୍ତ ଫେରାର ହୋଇଯାଇଛି। ଗୁରୁତର ଅବସ୍ଥାରେ ମହିଳା ଜଣକ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ପୁଲିସ ଘଟଣାକୁ ଗୁରୁତର ସହ ନେଇଥିବାବେଳେ ତଦନ୍ତ ଜୋରଦାର କରିଛି ।

## ଚୋରକୁ ଧରିବାକୁ ଯାଇ ଛାତରୁ ପଡ଼ି ଚାଲିଗଲା ଜୀବନ

ଭୁବନେଶ୍ୱର, ୩।୪ (ସଂଚାର ବ୍ୟୁରୋ) ଃ ଚୋରି କରିବାକୁ ଯାଇଥିବା ଚୋର କଲା ହତ୍ୟା ଓ ଧରା ପଡ଼ିଯିବା ଡରରେ ତିନି ମହଲା ଉପରୁ ବଙ୍ଗାଳୀ ଯୁବକଙ୍କୁ ଠେଲି ହତ୍ୟା କରିଛି ଚୋର। ସହିଦ ନଗରରେ ଘଟିଛି ଏଭଳି ଛାତିଥରା ଘଟଣା। ଚୋର ସହିତ ଠେଲା ପେଲାରେ ଚାଲିଗଲା ଯୁବକର ଜୀବନ ଓ ୪ ତାଲା ଉପରୁ ଖସି ପଡ଼ିଲା ଶ୍ରମିକ ଓ ରାତି ଅଧରେ ସହିଦ୍ ନଗର ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟରେ ଚୋର ଚୋରି କରିବା ପାଇଁ ପଶିଥିଲା ଓ ଚୋରି କରିବା ବେଳେ ଆପାର୍ଟମେଣ୍ଟରେ କାମ କରୁଥିବା ଜଣେ ଯୁବକକୁ ଚୋରକୁ କାବୁ କରିବାକୁ ଯାଇ ଦୁହିଁଙ୍କ ଭିତରେ ହୋଇଥିଲା ଜୋରଦାର ଧସ୍ତାଧସ୍ତି ଓ ତିନି ତାଲା ଉପରୁ ଚୋର ଠେଲି ଦେବା ଫଳରେ ବିଲ୍ଡିଂରେ କାମ କରୁଥିବା ବଙ୍ଗାଳୀ ଯୁବକ ଖସି ପଡ଼ି ମୃତ୍ୟୁବରଣ କରିଥିଲେ। ଚୋରି କରିବାକୁ ଆସିଥିବା ଯୁବକ ମୁହଁରେ କପଡ଼ା ବାନ୍ଧି ପଶିଥିବା ବେଳେ ସିସିଟିଭିରେ କଏଦ ହୋଇଛି ପୂରା ଘଟଣା।

# ସବ୍‌ରେଜିଷ୍ଟ୍ରାର ଦପ୍ତର, ଦୁର୍ନୀତିମୁକ୍ତ ଯୋଜନା ଫେଲ୍

ଭୁବନେଶ୍ୱର,୩।୪ଃଜମିଜମା ପଞ୍ଜିକରଣକୁ ଦୁର୍ନୀତିମୁକ୍ତ କରିବା ପାଇଁ ରାଜ୍ୟ ସରକାର ଯେତେ ଯୋଜନା କଲେ ମଧ୍ୟ ସବରେଜିଷ୍ଟ୍ରାରଙ୍କ ଦପ୍ତରରେ ତାହା ଏକ ପ୍ରକାର ଫେଲ ହୋଇଯାଉଛି। ପଞ୍ଜିକରଣ ସଂକ୍ରାନ୍ତୀୟ ଫି' ନେଇ କୌଣସି ସ୍ପଷ୍ଟ ସୂଚନା ନ ଥିବା ବେଳେ ସରକାରଙ୍କ ଯୋଜନା ସଂକ୍ରାନ୍ତରେ ଅବଗତ ଶିକ୍ଷିତ ଲୋକେ ବି ସେଠାରେ ଶୋଷଣର ଶିକାର ହେଉଛନ୍ତି।

ଗାଁଠାରୁ ସହର ପର୍ଯ୍ୟନ୍ତ ଜମିଜମା ପଞ୍ଜିକରଣ ପାଇଁ ରହିଛି ସବରେଜିଷ୍ଟ୍ରାର ଦପ୍ତର। ଏଠାରେ ଜମିଜମା ପଞ୍ଜିକରଣ ପାଇଁ ସରକାରୀ କର୍ମଚାରୀଙ୍କ ତୁଳନାରେ ଅଧିକ ସଂଖ୍ୟକ ମୋହରିର ରହିଥାନ୍ତି। ଜମି ଖରିଦ କରୁଥିବା ଲୋକେ ଏମାନଙ୍କ ନିକଟରେ ପହଞ୍ଚିବା ପରେ ଏମାନେ ଦଲିଲ ପ୍ରସ୍ତୁତ କରିବା ସହ ସମସ୍ତ ସହାୟତା କରିଥାନ୍ତି। ସବରେଜିଷ୍ଟ୍ରାରଙ୍କ ଦପ୍ତରରେ କେଉଁ କେଉଁ କାର୍ଯ୍ୟ କିଭଳି ହେଉଛି, କ୍ରେତା କିମ୍ବା ବିକ୍ରେତା କେହି ବି ଜାଣିବାର ଅବକାଶ ନଥାଏ।

ସବରେଜିଷ୍ଟ୍ରାର ଦପ୍ତରର କର୍ମଚାରୀଙ୍କ ସହ ମୋହରିରଙ୍କ ସଲାସୁତରା ଯୋଗୁଁ ସବୁକିଛି ଏମାନେ ହିଁ କରିଥାନ୍ତି। କ୍ରେତା ଓ ବିକ୍ରେତା କେବଳ ଫଟୋ ଉଠାଇଥାନ୍ତି ଓ ଦସ୍ତଖତ କରିଥାନ୍ତି। କେଉଁଠାରେ ସରକାରୀ ଫି' ବାବଦକୁ କେତେ ଅର୍ଥ ଦେବାକୁ ହୋଇଥାଏ ଓ ଜମିର ମୂଲ୍ୟ ଅନୁଯାୟୀ ସରକାରୀ ଖାତାକୁ କେତେ ଅର୍ଥ ଯାଉଛି ତାହା ମଧ୍ୟ କ୍ରେତାମାନେ ସହଜରେ ଜାଣିପାରି ନ ଥାନ୍ତି। ସବୁ କିଛି କାର୍ଯ୍ୟ ସରିଲା ପରେ ସମ୍ପୃକ୍ତ ମୋହରିରମାନେ କ୍ରେତାଙ୍କଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରିଥାନ୍ତି।




ସବୁଠାରୁ ବଡ଼ କଥା ହେଲା ଯେ ବର୍ତ୍ତମାନ ସୁଦ୍ଧା ଜମିଜମା ପଞ୍ଜିକରଣ ପାଇଁ କୌଣସି ନିର୍ଦ୍ଦିଷ୍ଟ ଫର୍ମ (ଷ୍ଟାଣ୍ଡାର୍ଡ ଫର୍ମ) ନ ଥିବାରୁ ମୋହରିରମାନେ ନିଜ ଇଚ୍ଛା ଅନୁଯାୟୀ ଷ୍ଟାମ୍ପ ପେପରରେ ଜମି କିଣାବିକାର ସୂଚନା ଲେଖିଥାନ୍ତି। ସରକାର ଯଦି ନିଜ ଆଡୁ ଏହି ଷ୍ଟାଣ୍ଡାର୍ଡ ଫର୍ମ ଜାରି କରନ୍ତେ, ତା'ହେଲେ କ୍ରେତା ଓ ବିକ୍ରେତା ଆବଶ୍ୟକ ଅନୁଯାୟୀ ଯେକୌଣସି ସ୍ଥାନରେ ହାତରେ ଲେଖିକରି କିମ୍ବା ଟାଇପ୍ କରି ସବରେଜିଷ୍ଟ୍ରାର ଦପ୍ତରରେ ଦାଖଲ କରିପାରନ୍ତେ।

ଏହାଛଡ଼ା ଜମିର ଦର ଅନୁଯାୟୀ କେତେ ଟଙ୍କା କେଉଁ ବାବଦରେ ଖର୍ଚ୍ଚ ହେବ, ସେ ସଂକ୍ରାନ୍ତରେ ମଧ୍ୟ ସବରେଜିଷ୍ଟ୍ରାର ଦପ୍ତରରେ କୌଣସି ସୂଚନା ଫଳକ ନାହିଁ। ଜମି ଖରିଦର ଶେଷ ପର୍ଯ୍ୟାୟରେ ଉଭୟ କ୍ରେତା, ବିକ୍ରେତା ଓ ସାକ୍ଷୀ ସବ୍‌ରେଜିଷ୍ଟ୍ରାରଙ୍କ ସମ୍ମୁଖରେ ହାଜର ହେଉଥିଲେ ମଧ୍ୟ ସବରେଜିଷ୍ଟ୍ରାର କେବଳ ବିକ୍ରେତାଙ୍କୁ ଗୋଟିଏ ଦୁଇଟି ପ୍ରଶ୍ନ ପଚାରି ତାଙ୍କ କାର୍ଯ୍ୟ ସାରି ଦେଉଛନ୍ତି। ସେଠାରେ ସମ୍ପୃକ୍ତ ଜମି କିଣାବିକା ପାଇଁ ସରକାରୀ ତହବିଲକୁ କେତେ ଅର୍ଥ ଦେଇଛନ୍ତି ବୋଲି ଯଦି କ୍ରେତାଙ୍କୁ ପଚରାଯାଆନ୍ତା ତେବେ ଉଭୟ ପକ୍ଷ ଏ ସଂକ୍ରାନ୍ତରେ ସୂଚନା ପାଇପାରନ୍ତେ।

ସବୁଠାରୁ ବଡ଼ କଥା ହେଲା ଯେ ମୋହରିରମାନେ ବହୁ ସ୍ଥାନରେ ସବରେଜିଷ୍ଟ୍ରାର ଓ ତାଙ୍କ ଦପ୍ତରର କିରାଣୀଙ୍କ ନାଁରେ ମୋଟା ଅଙ୍କର ଅର୍ଥ ଆଦାୟ କରୁଛନ୍ତି। ଏଥିଯୋଗୁଁ ସରକାରୀ କଳ ଖୋଲାଖୋଲି ବଦନାମ ହେଉଛି। ଏ କଥା ସମସ୍ତେ ଜାଣୁଛନ୍ତି। ହେଲେ ସମସ୍ତେ ନିଜ ନିଜର ଭାଗ ପାଉଥିବାରୁ ଏ ନେଇ କେହିହେଲେ ପାଟି ଖୋଲୁ ନାହାନ୍ତି। ଏଣେ ରାଜସ୍ୱ ମନ୍ତ୍ରୀ କୌଣସିଠାରେ ଲାଞ୍ଚ କାରବାର ହେଲେ ସିଧାସଳଖ ତାଙ୍କୁ ଜଣାଇବା ପାଇଁ ଆହ୍ୱାନ ଦେଉଥିବା ବେଳେ ସବରେଜିଷ୍ଟ୍ରାର ଦପ୍ତରଗୁଡିକରେ କିନ୍ତୁ ସାଧାରଣ ଲୋକଙ୍କ ପାଇଁ କୌଣସି ସୂଚନା ନ ଥିବାରୁ ଲୋକେ ଲାଞ୍ଚ ଦେଉଥିଲେ ମଧ୍ୟ କିଛି କରିପାରୁ ନାହାନ୍ତି। (ତଥ୍ୟ)

## ଆମ ବସ୍ ଧକ୍କାରେ ଏଡିସିପି ଆହତ

ଭୁବନେଶ୍ୱର,୩।୪(ସଂଚାର ବ୍ୟୁରୋ)ଃ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ଧକ୍କା ଦେଲା ଆମ ବସ। ଆମ ବସ୍ ଅତିରିକ୍ତ ଡିସିପି କୃଷ୍ଣଚନ୍ଦ୍ର ସେଠୀଙ୍କୁ ଧକ୍କା ଦେବା ଫଳରେ ସେ ଆହତ ହୋଇଛନ୍ତି। ସେ ଆଜି ସକାଳେ ଭୁବନେଶ୍ୱର କ୍ଲବ ନିକଟରେ ସାଇକେଲ୍‌ରେ ଯାଉଥିବା ସମୟରେ ଅଚାନକ ତାଙ୍କୁ ପଛପଟୁ ଆମ ବସ୍ ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଅତିରିକ୍ତ ଡିସିପିଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ହୋଟେଲରେ ଚଢ଼ାଉ, ୩୦ ଘରୋଇ ସିଲିଣ୍ଡର ଜବତ

ମାଲକାନଗିର,୩।୪(ସଂଚାର ବ୍ୟୁରୋ)ଃ ମଧ୍ୟପ୍ରାଚ୍ୟରେ ଯୁଦ୍ଧ କାରଣରୁ ଜିଲ୍ଲାରେ ରନ୍ଧନ ଗ୍ୟାସ ସଙ୍କଟ ପରିସ୍ଥିତି ଉପୁଜିଥିବା ବେଳେ ମାଲକାନଗିରି ଜିଲ୍ଲା ଯୋଗାଣ ବିଭାଗ ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଆଜି ମାଲକାନଗିରି ସହରର ବିଭିନ୍ନ ହୋଟେଲଗୁଡ଼ିକରେ ଚଢ଼ାଉ କରି ୩୦ଟି ଘରୋଇ ବ୍ୟବହାର ସିଲିଣ୍ଡର ଜବତ କରାଯାଇଛି। ଏନ୍‌ଫୋର୍ସମେଣ୍ଟ ଟିମ୍‌ଙ୍କ କହିବାନୁଯାୟୀ ଅନେକ ହିତାଧିକାରୀ ଗ୍ୟାସ ବହିକୁ ନିଜ ଅଧିନରେ ରଖି ବୁକିଂ କରିବା ସହ ଏସବୁ ଗ୍ୟାସ ଭର୍ତି ଟାଙ୍କିକୁ ଅନ୍ୟତ୍ର ଚଢ଼ା ଦରରେ ବିକ୍ରି କରି ଆସୁଛନ୍ତି। ବିଭିନ୍ନ କମ୍ପାନୀର ଡିପୋ ତଥା ଡିଷ୍ଟ୍ରିବ୍ୟୁଟରଙ୍କ ପାଖରୁ ଗ୍ୟାସ୍ ଟାଙ୍କି ଉଠାଇ ବ୍ୟବସାୟ କରି ଆସୁଥିବାର ସୁରାକ ମିଳିବା ପରେ ଆଜି ହଠାତ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ ବିଭିନ୍ନ କମ୍ପାନୀର ଗ୍ୟାସ ରହିଛି। ଆଗାମୀ ଦିନରେ ବିଭିନ୍ନ ଡିଷ୍ଟିବ୍ୟୁଟରମାନଙ୍କ ଗୋଦାମଗୁଡ଼ିକରେ



ଚଢ଼ାଉ କରାଯିବ କେତେ ପରିମାଣର ଗ୍ୟାସ କାହାକୁ ଦିଆଯାଉଛି ତାହାର ତଦନ୍ତ କରାଯିବ। ଆଗାମୀ ଦିନରେ ମଧ୍ୟ ଏହି ଯାଞ୍ଚ ଅଭିଯାନ ଅଧିକ ଗତିଶୀଳ ହେବ। ଆଜିର ଏହି ଚଢ଼ାଉ କାର୍ଯ୍ୟକ୍ରମରେ ଯୋଗାଣ ବିଭାଗ, ସଦରପୁଲିସ, ପୌରପାଳିକାର କର୍ମଚାରୀ ଉପସ୍ଥିତ ଥିଲେ।

## ନକଲି ସିଆଇଡିକୁ ବାନ୍ଧିଲା ପୁଲିସ

ଭୁବନେଶ୍ୱର,୩।୪(ସଂଚାର ବ୍ୟୁରୋ)ଃ ରାଜଧାନୀରେ ମିଛ ସିଆଇଡି ଅଧିକାରୀ ବନିବା ମହଙ୍ଗା ପଡ଼ିଲା। ମିଛ କହି ବ୍ଲାକମେଲ କରି ବନ୍ଧାହେଲେ ନକଲି ସିଆଇଡି। ନିଜକୁ ସିଆଇଡି ଅଧିକାରୀ କହି ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ପ୍ରବେଶ କରୁଥିଲେ। ଧମକ ଚମକ ଦେଖାଇ ଟଙ୍କା ଆଦାୟ କରୁଥିଲେ। ଶିକ୍ଷା ଅନୁଷ୍ଠାନରେ ପ୍ରବଳ ଅନିୟମିତତା ଦର୍ଶାଇ ଅର୍ଥ ଆଦାୟ କରୁଥିଲେ। କେବଳ ଶିକ୍ଷା ଅନୁଷ୍ଠାନ ନୁହଁ ବଡବଡ ବ୍ୟବସାୟ ପ୍ରତିଷ୍ଠାନରେ ମଧ୍ୟ ଏମାନେ ନିଜକୁ ସିଆଇଡି କହି ଯାଞ୍ଚ ଆଳରେ ମାଲିକଙ୍କ ଠାରୁ ଟଙ୍କା ଲୁଟୁଥିଲେ। ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଏକ ଘରୋଇ ଶିକ୍ଷା ଅନୁଷ୍ଠାନ ବାହାରେ ନାଲି ପତକା ମାରି ଟଙ୍କା ମାଗୁଥିବା ସମୟରେ ପୋଲିସ ପହଞ୍ଚିଥିଲା। ନିଜକୁ ସିଆଇଡି ପରିଚୟ ଦେଉଥିବା ଅଭିଯୋଗରେ ୮ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ଚନ୍ଦ୍ରଶେଖରପୁର ଥାନା ପୋଲିସ। ଯେଉଁମାନଙ୍କ ଭିତରେ ୪ ମହିଳା ମଧ୍ୟ ସାମିଲ ରହିଛନ୍ତି। ଗିରଫ ଅଭିଯୁକ୍ତ ମାନେ ହେଲେ ପୂଜା ବେହେରା, ପ୍ରତିମା ପରିଡ଼ା, ଜେନାମଣି ପ୍ରଧାନ, ସୌଭାଗ୍ୟ ସାହୁ, ଧର୍ମେନ୍ଦ୍ର ବୋଇତାଇ, ମନୋଜ କୁମାର ମିଶ୍ର, ଅନ୍ନପୂର୍ଣ୍ଣା ପଣ୍ଡା, ନିଲୁ ନାୟକ।

## ବିଧାନସଭା ନିର୍ବାଚନ ଡ୍ୟୁଟିରୁ ଏସ୍‌ଏସ୍‌ସି ଅଧିକାରୀ ମୁକ୍ତ

କୋଲକାତା,୩।୪(ସଂଚାର ବ୍ୟୁରୋ)ଃ ରାଜ୍ୟରେ ଚାଲିଥିବା ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ବିଚାରକୁ ନେଇ, ନିର୍ବାଚନ କମିଶନ ସ୍କୁଲ ସର୍ଭିସ କମିଶନ (ଏସ୍‌ଏସ୍‌ସି)ର ସେହି ଅଧିକାରୀମାନଙ୍କୁ ବିଧାନସଭା ନିର୍ବାଚନ ସହିତ ଜଡିତ କାର୍ଯ୍ୟରୁ ମୁକ୍ତ କରିଛନ୍ତି ଯେଉଁମାନେ ଏହି ନିଯୁକ୍ତି ଅଭିଯାନରେ ନିୟୋଜିତ ଅଛନ୍ତି। କୋର୍ଟ ସୂତ୍ର ଅନୁଯାୟୀ, ଏହି ପଦକ୍ଷେପକୁ ପ୍ରଶଂସା କରିବା ସହିତ, ଜଷ୍ଟିସ୍ କୃଷ୍ଣ ରାଓ ଲକ୍ଷ୍ୟ କରିଛନ୍ତି ଯେ ୨୦୨୫ ମସିହାରେ ୨୬ ହଜାର ଏସ୍‌ଏସ୍‌ସି ଚାକିରି ବାତିଲ ହେବା ପରେ ଆରମ୍ଭ ହୋଇଥିବା ନୂତନ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଏବେ ବିନା ବାଧାରେ ଆଗକୁ ବଢ଼ିବ। ଖବର ଅନୁଯାୟୀ, ମାର୍ଚ୍ଚ ୧ ତାରିଖରେ ସ୍କୁଲ ସର୍ଭିସ କମିଶନର ପ୍ରାୟ ୨୪ ଜଣ ଅଧିକାରୀଙ୍କୁ ପୋଲିଂ ଅଧିକାରୀ ଭାବରେ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ, ମାର୍ଚ୍ଚ ୨୫ ତାରିଖରେ ଏସ୍‌ଏସ୍‌ସି କୋଲକାତା ହାଇକୋର୍ଟର ଦ୍ୱାରସ୍ଥ ହେବାକୁ ବାଧ୍ୟ ହୋଇଥିଲା। ଏସ୍‌ଏସ୍‌ସିର ଓକିଲ କୋର୍ଟକୁ ଜଣାଇଥିଲେ ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଅଗଷ୍ଟ ୩୧ ସୁଦ୍ଧା ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ସମାପ୍ତ କରିବା ସମ୍ଭବ ହେବ କି ନାହିଁ ସେ ବିଷୟରେ ଆଶଙ୍କା ଥିଲା। କମିଶନ କହିଛନ୍ତି ଯେ ଏହାର ସମ୍ପୂର୍ଣ୍ଣ କାର୍ଯ୍ୟ ଏବଂ ନିଯୁକ୍ତି ପ୍ରକ୍ରିୟା କେବଳ ୩୫ ଜଣ କର୍ମଚାରୀଙ୍କ ମୋଟ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେଉଛି। ଏହି କର୍ମଚାରୀଙ୍କ ମଧ୍ୟରୁ ୨୪ ଜଣଙ୍କୁ ନିର୍ବାଚନ ଦାୟିତ୍ୱରେ ନିୟୋଜିତ କରାଯାଇଥିବାରୁ, କେବଳ ୧୧ ଜଣ କର୍ମଚାରୀ ଉପଲବ୍ଧ ଥିଲେ। କମିଶନ କୋର୍ଟଙ୍କୁ ଆହୁରି ଅବଗତ କରାଇଥିଲେ ଯେ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀଙ୍କ ନିଯୁକ୍ତି ପାଇଁ ସାକ୍ଷାତକାର ବର୍ତ୍ତମାନ ଚାଲିଛି। ଏହି ପରିସ୍ଥିତିରେ, ଯଦି କର୍ମଚାରୀମାନଙ୍କୁ ପୁନରାବୃତ୍ତି କରାଯାଇ ନଥାନ୍ତା, ସୁପ୍ରିମକୋର୍ଟ ଦ୍ୱାରା ନିର୍ଦ୍ଧାରିତ ଅଗଷ୍ଟ ୩୧ ତାରିଖ ମଧ୍ୟରେ ନିଯୁକ୍ତି ପ୍ରକ୍ରିୟା ସମାପ୍ତ କରିବା ଅସମ୍ଭବ ହୋଇଥାନ୍ତା। ସଂସ୍ଥା ଏହା ମଧ୍ୟ ଯୁକ୍ତି ଦର୍ଶାଇଥିଲେ ଯେ ଏସ୍‌ଏସ୍‌ସି ଏକ ସ୍ୱାୟତ୍ତ ସଂସ୍ଥା ଏବଂ ଏହାର କର୍ମଚାରୀମାନେ ଏହାର ପ୍ରତ୍ୟକ୍ଷ କର୍ତ୍ତୃପକ୍ଷଙ୍କ ଅଧୀନରେ କାର୍ଯ୍ୟ କରନ୍ତି ତେଣୁ, ସେମାନଙ୍କୁ ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ଅନୁରୋଧ କରାଯିବା ଉଚିତ୍ ନୁହେଁ। ପରବର୍ତ୍ତୀ ସମୟରେ, ନିର୍ବାଚନ କମିଶନ କୋଲକାତା ହାଇକୋର୍ଟକୁ ଜଣାଇଥିଲେ ଯେ ନିର୍ବାଚନ ଦାୟିତ୍ୱରେ ନିଯୁକ୍ତ ୨୪ ଜଣ ଏସ୍‌ଏସ୍‌ସି ଅଧିକାରୀଙ୍କୁ ସେମାନଙ୍କ କାର୍ଯ୍ୟରୁ ମୁକ୍ତ କରାଯାଇଛି। ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ଗତ ୧ ରେ ହିଁ ପୋଲିଂ ଅଧିକାରୀ ଦାୟିତ୍ୱରୁ ମୁକ୍ତ ସମ୍ପର୍କରେ ବିଜ୍ଞପ୍ତି ଜାରି କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସ୍ୱ-ଗଣନା...

କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟର ଓଡ଼ିଶାସ୍ଥିତ ଜନଗଣନା ନିର୍ଦ୍ଦେଶାଳୟ ଏବଂ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସମନ୍ୱୟରେ ଜନଗଣନା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ରାଜ୍ୟର ସବୁ ଜିଲ୍ଲାରେ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଗୃହଗଣନା ଏବଂ ଗୃହତାଲିକା ପ୍ରସ୍ତୁତି ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମରେ, ଏପ୍ରିଲ ୧୬ ତାରିଖରୁ ମେ' ୧୫ ତାରିଖ ପର୍ଯ୍ୟନ୍ତ ତାଲିମପ୍ରାପ୍ତ ଗଣନାକାରୀ ଓ ସୁପରଭାଇଜରମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ।

ଏହା ପୂର୍ବରୁ ଗତ ୧ରୁ ଆସନ୍ତା ୧୫ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ସ୍ୱ-ଗଣନା କାର୍ଯ୍ୟକ୍ରମ ଜାରି ରହିଛି। ଏଥିରେ ସେଲ୍ଫ ଏନୁମରେସନ୍ ପୋର୍ଟାଲ https://se.census.gov.in ମାଧ୍ୟମରେ ଜନସାଧାରଣ ନିଜର ତଥ୍ୟ ନିଜେ ପ୍ରଦାନ କରୁଛନ୍ତି। ଯେଉଁମାନେ ଏ ପର୍ଯ୍ୟନ୍ତ ତଥ୍ୟ ଦେଇନାହାନ୍ତି, ସେମାନେ ଏହି ପୋର୍ଟାଲରେ ନିଜର ତଥ୍ୟ ଦିଅନ୍ତୁ ଏବଂ ଜନଗଣନାରେ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ଅପିଲ କରିଛନ୍ତି। ଏହି ତଥ୍ୟ ରାଜ୍ୟ ତଥା ଦେଶର ଯୋଜନା ପ୍ରଣୟନ ଓ କାର୍ଯ୍ୟାନ୍ୱୟନ ସକାଶେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟ ସରକାର ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତ ପ୍ରସ୍ତୁତି କରିସାରିଛନ୍ତି। ତେଣୁ ଏହି ତଥ୍ୟ ପ୍ରଦାନ କରିବା ପାଇଁ ସମସ୍ତେ ସହଯୋଗର ହାତ ବଢ଼ାଇ କାର୍ଯ୍ୟକ୍ରମକୁ ସଫଳ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଗଣନାକାରୀ ଘରକୁ ଯେଉଁ ସମୟରେ ତଥ୍ୟ ସଂଗ୍ରହ କରିବା ପାଇଁ ଯିବେ, ସେମାନଙ୍କୁ ସଠିକ ତଥ୍ୟ ପ୍ରଦାନ କରି ରାଜ୍ୟ ତଥା ଦେଶର ବିକାଶରେ ସହାୟତା କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ସେ ଏହି ଜାତୀୟ କାର୍ଯ୍ୟକ୍ରମର ସଫଳତାରେ ସମସ୍ତଙ୍କ ଯୋଗଦାନ ପାଇଁ ବି ନିବେଦନ କରିଛନ୍ତି।

### ପୁରୀ...

୨୦୨୦ ମାଧ୍ୟମରେ ଭାରତ ଆଜି ଟି.ବି ମାକାଉଲେଙ୍କ ପରାଧୀନ ଶିକ୍ଷା ମାନସିକତାରୁ ବାହାରି ନିଜର ମୂଳ ଜ୍ଞାନ ଓ ଭାଷା ସହ ଯୋଡ଼ି ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଏକ ସ୍ୱାଭିମାନୀ ଓ ବିକଶିତ ରାଷ୍ଟ୍ର ଗଠନ ଦିଗରେ ଆଗେଇ ଚାଲିଛି ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଶ୍ରୀ ପ୍ରଧାନ ଯୁବପିଢ଼ିଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ବୃଦ୍ଧି କରିବା ଲକ୍ଷ୍ୟରେ 'ଉଜ୍ଜୟିନୀ ସାଇନ୍ସ ସେଣ୍ଟର'ର ଲୋକାର୍ପଣ କରିଛନ୍ତି। ଏହି ବିଜ୍ଞାନ କେନ୍ଦ୍ର ଯୁବପିଢ଼ିଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରା, ନୂତନ ଅନୁସନ୍ଧାନ ଓ କିଛି ନୂଆ ଜାଣିବାର ଆଗ୍ରହ ବଢ଼ାଇବା ଦିଗରେ ଏକ ପ୍ରମୁଖ ମାଧ୍ୟମ ହେବ। ଉଜ୍ଜୟିନୀର ଆଧ୍ୟାତ୍ମିକ ପରମ୍ପରା ସହ ଆଧୁନିକ ବିଜ୍ଞାନର ଏହି ମିଳନ ଯୁବପିଢ଼ିଙ୍କୁ ଜ୍ଞାନୀ ଏବଂ ସଂସ୍କାରୀ କରିବ ବୋଲି ସେ ଆଶା କରିଛନ୍ତି। ଗସ୍ତ କାଳରେ ଶ୍ରୀ ପ୍ରଧାନ ଶ୍ରୀ ଅଙ୍ଗାରେଶ୍ୱର ମହାଦେବ ମନ୍ଦିରରେ ଦର୍ଶନ କରିବା ସହ ଗୋ-ସେବା କରିଥିଲେ।

### ବିଦା...

ଚର୍ଚ୍ଚାରେ ଅଛି। ସେହିଭଳି ଯାଜପୁର ଜିଲ୍ଲାରୁ ଅମର ନାୟକ, ବରଗଡ଼ ଜିଲ୍ଲାରୁ ଈରାଶିଷ ଆଚାର୍ଯ୍ୟ, ବାଲେଶ୍ୱର ଜିଲ୍ଲାରୁ ମାନସ ଦତ୍ତ ଓ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ନାଁ ଚର୍ଚ୍ଚାରେ ଅଛି। ଯଦି ମନ୍ତ୍ରିମଣ୍ଡଳରୁ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ବାଦ ଦିଆଯାଏ, ତା'ହେଲେ ଅବିଭକ୍ତ ଢେଙ୍କାନାଳ ଜିଲ୍ଲାରୁ ଅଶୋକ ମହାନ୍ତି ମନ୍ତ୍ରୀ ରେସରେ ଥିବା ଜଣାପଡ଼ିଛି।

ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ରଙ୍କ ନାଁ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ପଦ ପାଇଁ ଆଲୋଚନାର ଶୀର୍ଷରେ ରହିଥିବା ବେଳେ ପୂର୍ବତନ ସାଂସଦ ବସନ୍ତ ପଣ୍ଡାଙ୍କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଦାୟିତ୍ୱ ଦେବା ନେଇ ଦଳୀୟ ମହଲରେ ଚର୍ଚ୍ଚା ହେଉଛି। ସେହିଭଳି ଉତ୍ତର ଓଡ଼ିଶାରୁ ଜଣେ ଯୁବ ନେତାଙ୍କୁ ଉତ୍ତର ଓଡ଼ିଶା ବିକାଶ ପରିଷଦ ଏବଂ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବିକାଶ ପାଇଁ ଗଠିତ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପାଇଁ ଅବିଭକ୍ତ କୋରାପୁଟ ଜିଲ୍ଲାରୁ ଜଣଙ୍କୁ ଦାୟିତ୍ୱ ଦେଇପାରନ୍ତି ମୁଖ୍ୟମନ୍ତ୍ରୀ। ତେବେ ମୁଣ୍ଡ ଉପରେ ପଞ୍ଚାୟତ ଓ ପୌର ନିର୍ବାଚନ ଥିବା ବେଳେ ସରକାର ଏ ଭିତରେ ଦୁଇ ବର୍ଷ ପୂରଣ କରିବାକୁ ଯାଉଛନ୍ତି। ତା' ପୂର୍ବରୁ ଏସବୁ ପଦବୀ ପୂରଣ କରିବାକୁ ପ୍ରକ୍ରିୟା ଜୋର୍ ଧରିଥିବା କୁହାଯାଉଛି।

### ପରିବର୍ତ୍ତନର...

କରାଗଲା, ସେତେବେଳେ ଓଡ଼ିଆ ଜନ ମାନସରେ କ୍ଷୋଭ ସୃଷ୍ଟି ହେବା ସ୍ୱାଭାବିକ ଥିଲା। ଏହି ଜନାଦେଶ ସେହି ଅସନ୍ତୋଷର ଏକ ସ୍ପଷ୍ଟ ପ୍ରତିଫଳନ ଥିଲା ବୋଲି ସେ କହିଛନ୍ତି। ପ୍ରତ୍ୟେକ ଲୋକଙ୍କ ଜୀବନରେ କିଛି ନା କିଛି ପରିବର୍ତ୍ତନ ଆସିଛି। ଦେଶର ସାଧାରଣ ଜନତା ଆଉ ମୌଳିକ ଆବଶ୍ୟକତା ପାଇଁ ଚିନ୍ତିତ ହେଉନାହାନ୍ତି। କେବଳ ଅର୍ଥନୈତିକ ଅଭିବୃଦ୍ଧି କଥା ଭାବୁଛନ୍ତି। ଏହା ଏକ ବିରାଟ ପରିବର୍ତ୍ତନ ବୋଲି ସେ କହିଛନ୍ତ।

୨୪ ବର୍ଷର ବିଜେଡି ସରକାରଙ୍କୁ ଇଙ୍ଗୀତ କରି ସେ କହିଛନ୍ତି ଯେ ରାଜ୍ୟରେ ବିଗତ ସରକାରରେ ବିକାଶର ଗତି ମନ୍ଥର ଥିଲା। କିନ୍ତୁ ତାହା ଯେତେ ଦୁଃଖର ବିଷୟ ନୁହେଁ, ଓଡ଼ିଆ ଭାଷା ସାହିତ୍ୟର ଆଦର କମି କମିଯିବା ଥିଲା ଅତ୍ୟନ୍ତ ଦୁଃଖର ବିଷୟ। ସରକାର ନିଜେ ଯେତେବେଳେ ଭାଷାକୁ ଗୁରୁତ୍ୱ ଦେବେନାହିଁ, ସେତେବେଳେ ଭାଷାର ଅଧୋପତନ ହେବା ନିଶ୍ଚିତ। ଏହା ହିଁ ଥିଲା ଅନେକ ଭାଷାପ୍ରେମୀ, ସାହିତ୍ୟ ପ୍ରେମୀ ଓ ଅସ୍ମିତା ପ୍ରେମୀ ବ୍ୟକ୍ତିମାନଙ୍କ କ୍ଷୋଭର କାରଣ। ଅସ୍ମିତାର ଅର୍ଥ ନୁହେଁ ଯେ ଆମେ ଅନ୍ୟ କୌଣସି ଭାଷାର ବିରୋଧୀ। ଇଂରାଜୀ ଭାଷା ଏକ ବିଶ୍ୱସ୍ତରୀୟ ଭାଷା। ବିଜ୍ଞାନ, ଟେକ୍ନୋଲୋଜି ଓ ଶିଳ୍ପର ଭାଷା। ଏହା ଏକ ସେତୁ ଭଳି ବିଶ୍ୱ ସ୍ତରରେ ଆମକୁ ଯୋଡ଼ି ରଖିବ। କିନ୍ତୁ ଏହା ଆମ ବିକାଶର ମୁଖ୍ୟ ରାସ୍ତା ହୋଇପାରିବ ନାହିଁ ବୋଲି ସେ କହିଛନ୍ତି।

ବିଶ୍ୱରେ ଯେତେ ସଭ୍ୟତା ରହିଛି, ଗ୍ରୀକ୍ ସଭ୍ୟତା ହେଉ ବା ପର୍ସିଆନ୍ କିମ୍ବା ଆମର ପ୍ରାଚୀନ ଭାରତୀୟ ସଭ୍ୟତା। ଏ ସବୁଥିରେ ମୂଳ ଭୂମିକା ଗ୍ରହଣ କରିଛି ଭାଷା ଓ ସାହିତ୍ୟ। ଭାରତୀୟ ସଂସ୍କୃତିରେ ବେଦ, ମହାଭାରତ, ରାମାୟଣ ଓ ଉପନିଷଦ ପରି ପ୍ରାଚୀନ ଗ୍ରନ୍ଥଗୁଡ଼ିକ ଆଜି ପର୍ଯ୍ୟନ୍ତ ଆମର ମୌଳିକ ଜ୍ଞାନ, ତତ୍ତ୍ୱ ଓ ଦର୍ଶନର ମୌଳିକ ପ୍ରେରଣା ହୋଇ ରହିଆସିଛି। ଯଦି ଏଭଳି ଗ୍ରନ୍ଥ ନ ଥାନ୍ତା, ତେବେ ଆମେ କେବେ ଆମ ପ୍ରାଚୀନ ଭାରତର ସଭ୍ୟତାକୁ ନେଇ ଗର୍ବ କରିପାରି ନ ଥାନ୍ତୁ। ଏହା ନିଶ୍ଚିତ ଭାବେ ଆମ ସମସ୍ତଙ୍କ ପାଇଁ ଅନୁଚିନ୍ତାର ବିଷୟ। ଆମ ସରକାର କ୍ଷମତାକୁ ଆସିବା ପରେ ଓଡ଼ିଆ ଅସ୍ମିତାର ପୁନଃ ସଂସ୍ଥାପନ ପାଇଁ ବ୍ୟାପକ ପଦକ୍ଷେପ ନେଇଛନ୍ତି। ଆମ ସରକାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଖୋଲିବା ପ୍ରକ୍ରିୟା ସଫଳତାର ସହ ଜାରି ରହିଛି। ଏହା ଓଡ଼ିଶାବାସୀଙ୍କ ଦୀର୍ଘ ଦିନର ଦାବି ଥିଲା। ଶ୍ରୀମନ୍ଦିରର ସୁରକ୍ଷା ଓ ସମ୍ମାନ ହିଁ ଓଡ଼ିଆ ଅସ୍ମିତାର ଶ୍ରେଷ୍ଠ ନିଦର୍ଶନ ବୋଲି ସେ କହିଛନ୍ତି।

### ଯୋଗାଣ...

ବ୍ୟବସାୟୀଙ୍କୁ କେବଳ ଦ୍ୱନ୍ଦ୍ୱରେ ପକାଇଥିଲା ତା' ନୁହେଁ, ସରକାରଙ୍କୁ ସମାଲୋଚନା କରିବା ପାଇଁ ଏହା ବିରୋଧୀ ଦଳକୁ ଖୋରାକ ବି ଯୋଗାଇଥିଲା। ସରକାରଙ୍କ ବାରମ୍ବାର ଘୋଷଣା ସତ୍ତ୍ୱେ ଉତ୍ତରପ୍ରଦେଶ କିମ୍ବା ପଶ୍ଚିମବଙ୍ଗରୁ ପର୍ଯ୍ୟାପ୍ତ ଆଳୁ ନ ଆସିବାରୁ ଓଡ଼ିଶା ବଜାରରେ ଆଳୁ ଦାମ ଆକାଶଛୁଆଁ ହୋଇଥିଲା।

ଆଳୁଠାରୁ ଗ୍ୟାସ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ ଯୋଗାଣ ମନ୍ତ୍ରୀଙ୍କର ଏଭଳି ବୟାନ ଏବେ ସରକାରଙ୍କୁ ସମାଲୋଚନା ପାଇଁ ବିରୋଧୀ ଦଳ ହାତରେ ଅସ୍ତ୍ର ହୋଇଥିବା ବେଳେ ସାଧାରଣ ଲୋକେ ବି ସରକାରଙ୍କ ଉପରେ ଅସନ୍ତୋଷ ପ୍ରକଟ କରୁଛନ୍ତି। ଏଭଳି ବୟାନବାଜିକୁ ନେଇ ସାଧାରଣରେ ଚର୍ଚ୍ଚା ଚାଲିଥିବା ବେଳେ ସରକାରୀ ଦଳରେ ବି ଏହାକୁ ନେଇ ଅସନ୍ତୋଷ କୁହୁଳୁଥିବା ଲକ୍ଷ୍ୟ କରାଯାଉଛି।

### ବନ୍ଧାହେଲେ...

ଅନିୟମିତତା ଘଟିଥିଲା। ଗିରଫ ଅବସରପ୍ରାପ୍ତ ଏଏସ୍ଆଇ ଓ କନିଷ୍ଠ କିରାଣୀ ଉଭୟେ ଅବସରପ୍ରାପ୍ତ ଏଏସଆଇ ଅଚ୍ୟୁତ ଦେହୁରୀଙ୍କ ସହ ମିଶି ସରକାରୀ ଅର୍ଥ ଆତ୍ମସାତ୍ କରିଥିବା ନେଇ ଅଭିଯୋଗ ରହିଛି।

ତଦନ୍ତ ସମୟରେ ଜଣାପଡ଼ିଛି ଯେ ଆଇଏଫଏମଏସ ପୋର୍ଟାଲ ମାଧ୍ୟମରେ ଭୁଲ୍ ଅନୁମୋଦନ ଆଦେଶ ସୃଷ୍ଟି କରି ପେନସନ ଓ ବେତନ ବକେୟା ନାମରେ ଅର୍ଥ ଉଠାଯାଇଥିଲା। ସରକାରୀ ରେକର୍ଡରେ ମଧ୍ୟ ବ୍ୟାପକ ହେରଫେର୍ କରାଯାଇଛି।

### କ୍ଷତିଗ୍ରସ୍ତ...

ଆଦାୟ ଉପରେ କୌଣସି ପ୍ରଭାବ ପଡ଼ିବନାହିଁ। ଏହି ଅଞ୍ଚଳ ଆନ୍ଧ୍ରରେ ଥିଲା, ବିଶାଖାପଟ୍ଟନମ୍ ଡିଭିଜନକୁ ଗଲା। ଏହାକୁ ନେଇ କଂଗ୍ରେସ ମଧ୍ୟ ତାତିଛି। ସାଂସଦ ସପ୍ତଗିରି ଉଲାକା କହିଛନ୍ତି ଯେ ଡବଲ ଇଞ୍ଜିନ ସରକାର ଓଡ଼ିଶାକୁ ଧୋକା ଦେଇଛି।

### ଆଫଗାନିସ୍ତାନରେ...

କରାଯାଇଛି। ଚଳିତ ବର୍ଷ ଦିଲ୍ଲୀ-ଏନସିଆରରେ ଏହା ତୃତୀୟ ଭୂକମ୍ପ। ଏହା ପୂର୍ବରୁ ଗତ ଜାନୁଆରୀ ୧୯ରେ ୨.୮ ତୀବ୍ରତା ବିଶିଷ୍ଟ ଓ ଜାନୁଆରୀ ୩୦ରେ ୩.୨ ତୀବ୍ରତାବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଥିଲା।

ଦେଶର ରାଜଧାନୀ ଦିଲ୍ଲୀ ଜୋନ-୪ରେ ଆସୁଛି, ଯାହା ଅଧିକ ବିପଜ୍ଜନକ ଶ୍ରେଣୀଭୁକ୍ତ। ଏହି ଜୋନ୍‌ରେ ଭୂକମ୍ପର ତୀବ୍ରତା ୬ରୁ ୬.୯ ପର୍ଯ୍ୟନ୍ତ ହୋଇପାରେ। ଭୌଗୋଳିକ ଦୃଷ୍ଟିକୋଣରୁ ଦିଲ୍ଲୀ ଏକ ଅତ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳ ହୋଇଥିବାରୁ ଏଠାରେ ବାରମ୍ବାର ଝଟକା ଅନୁଭୂତ ହେଉଛି।

### ଭାରତ...

ବୟାନ ପରେ ଆସିଫ୍‌ଙ୍କ ବୟାନ ଆସିଛି।

ସେହିପରି ରାଜନାଥ କହିଥିଲେ ଯେ ପଶ୍ଚିମ ଏସିଆର ବର୍ତ୍ତମାନର ସ୍ଥିତିକୁ ଦେଖି ଆମର ପଡୋଶୀ କୌଣସି ପ୍ରକାରର ଦୁଃସାହସ କରିବାକୁ ଚେଷ୍ଟା କରିପାରେ। ଯଦି ଏମିତି ହୁଏ ତ ଭାରତର ଜବାବ ଅଭୂତପୂର୍ବ ଓ ନିର୍ଣ୍ଣାୟକ ହେବ। କିନ୍ତୁ ପାକିସ୍ତାନ ଏହା ମନେ ରଖିବା ଉଚିତ ଯେ ଗତ ବର୍ଷର ଅପରେସନ୍ ସିନ୍ଦୂର ଏବେ ବି ଶେଷ ହୋଇନାହିଁ ବୋଲି ରାଜନାଥ କହିଥିଲେ।

# କୈବର୍ତ୍ତ ସମାଜର ଉନ୍ନତି ବିନା ସମୃଦ୍ଧ ଓଡ଼ିଶା ଗଠନ ଅସମ୍ଭବ: ଶିଳ୍ପ ମନ୍ତ୍ରୀ



ପାରାଦୀପ,୩।୪ (ସଂଚାର ବ୍ୟୁରୋ): କୈବର୍ତ୍ତ ଜାତି ସାହସୀ ସମୁଦ୍ର ଓ ନଦୀର ବୁକୁ ଚିରେ ସେମାନେ ନୌଚାଳନାରେ ବେଶ ସିଦ୍ଧ ହସ୍ତ। କୈବର୍ତ୍ତ ସମାଜର ଉନ୍ନତି ବିନା ସମୃଦ୍ଧ ଓଡ଼ିଶା ଗଠନ ଅସମ୍ଭବ। ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଜାବୁଡ଼ି ଧରି ଲୋକ କଳାକୁ ବଞ୍ଚାଇ ରଖିଥିବା କୈବର୍ତ୍ତ ସମାଜ ଓଡ଼ିଆ ଅସ୍ମିତାର ଏକ ଅନନ୍ୟ ପ୍ରତିଛବି ବୋଲି ଆଜି ଝଙ୍କଡ ବାସିନୀ ମା' ସାରଳାଙ୍କ ପିଠରେ ଅନୁଷ୍ଠିତ ଚୈତ୍ର ପର୍ବ ଏବଂ ଘୋଡା ମେଳଣରେ ଯୋଗଦେଇ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହା ପ୍ରକାଶ କରିଛନ୍ତି। ସାରଳା ମଣ୍ଡଳ କୈବର୍ତ୍ତ ମହାସଂଘ ଜଗତସିଂହପୁର ଦ୍ୱାରା ଆୟୋଜିତ ଏହି ଉତ୍ସବରେ ଜିଲ୍ଲାର ୧୬ ମଣ୍ଡଳରୁ ପ୍ରାୟ ୨୫ ଘୋଡା ଏହି ମେଳଣରେ ଯୋଗ ଦେଇଥିଲେ। ପାରମ୍ପରିକ ରୀତିନୀତି ମତେ ମା' ବାସେଳୀଙ୍କ ସାରଳାଙ୍କ ପିଠରେ ମାର୍ଜନା ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା। ମଣ୍ଡଳର ସଭାପତି ପ୍ରହ୍ଲାଦ ବେହେରାଙ୍କ ସଭାପତିତ୍ୱରେ ଅୟୋଜିତ ଚୈତ୍ର ଉତ୍ସବରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସମେତ ଅନେକ ବରିଷ୍ଠ କର୍ମକର୍ତ୍ତା ଯୋଗ ଦେଇଥିଲେ। ସମବେତ ଘୋଡାମାନେ ମନ୍ଦିର ପରିକ୍ରମା କରିବା ସହିତ ଘୋଡା ନାଚରେ ଅଂଶ ଗ୍ରହଣ କରିଥିବା ବେଳେ କୈବର୍ତ୍ତ ସମାଜ ନିଜର କେତେକ ସମସ୍ୟା ବିଷୟରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏହି ଉତ୍ସବରେ କେନ୍ଦ୍ରାପଡା କୈବର୍ତ୍ତ ସମାଜର ଅନେକ ଲୋକ ଯୋଗଦେଇ କୈବର୍ତ୍ତ ସମାଜର ଉନ୍ନତି ନିମନ୍ତେ ସମସ୍ତେ ସଂଗଠିତ ହୋଇ ରହିବାକୁ ଆହ୍ୱାନ ଦେଇଥିଲେ।

## ଏନଆଇଏନଏଲକୁ ମିଳିଲା ସ୍ପେଶାଲ ମେନସନ୍ ଆୱାର୍ଡ



ଯାଜପୁର,୩।୪ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ)ର ବ୍ଲାଷ୍ଟ ଫର୍ଣ୍ଣେସ୍ କ୍ୱାଲିଟି ସର୍କଲ 'ବ୍ରାହ୍ମଣୀ', କନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ) ଦ୍ୱାରା ପ୍ରତିଷ୍ଠିତ 'ସ୍ପେଶାଲ ମେନସନ୍ ଆୱାର୍ଡ' ବା ସ୍ୱତନ୍ତ୍ର ସମ୍ମାନ ଜନକ ପୁରସ୍କାରରେ ସମ୍ମାନିତ ହୋଇଛି। ଚେନ୍ନାଇଠାରେ ଅନୁଷ୍ଠିତ ସିଆଇଆଇ ବାର୍ଷିକ ଜାତୀୟ ସମ୍ମିଳନୀ ୨୦୨୬ରେ 'ମାନୁଫାକଚରିଂ' ବା ଉତ୍ପାଦନ ବର୍ଗରେ ଏହି ପୁରସ୍କାର ମିଳିଛି। ୨୦୨୫-୨୦୨୬ ବର୍ଷ ମଧ୍ୟରେ 'ବ୍ରାହ୍ମଣୀ' ଦଳ ହାସଲ କରିଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ସଫଳତା ପରେ ଜାତୀୟ ସ୍ତରରେ ଏହି ସମ୍ମାନ ମିଳିଛି। ଚଳିତ ବର୍ଷ ମାର୍ଚ୍ଚ ମାସରେ ଆଞ୍ଚଳିକ ସ୍ତରୀୟ ସିଆଇଆଇ ସମ୍ମିଳନୀରେ ଏହି ଦଳ ଦ୍ୱିତୀୟ ରନର୍ସ-ଅପ୍ ସ୍ଥାନ ହାସଲ କରିଥିଲା। ଏହି ସଫଳତାର ଯାତ୍ରା ରାଜ୍ୟ ସ୍ତରରୁ ଆରମ୍ଭ ହୋଇଥିଲା, ଯେଉଁଠାରେ ସେମାନେ ସିଆଇଆଇ ରାଜ୍ୟ ସ୍ତରୀୟ ସମ୍ମିଳନୀରେ ପ୍ରଥମ ପୁରସ୍କାର ଜିତି ଉତ୍ପାଦନର ଗୁଣବତ୍ତା ଏବଂ ଦକ୍ଷତା କ୍ଷେତ୍ରରେ ନିଜକୁ ଅଗ୍ରଣୀ ଭାବେ ପ୍ରତିଷ୍ଠିତ କରିପାରିଥିଲେ। ଉକ୍ତ ପ୍ରତିଯୋଗିତାରେ ଏନଏମଏସ କ୍ୱାଲିଟି ସର୍କଲ 'ଉତ୍କର୍ଷ' ମଧ୍ୟ ଛୁରି ପୁରସ୍କାରରେ ସମ୍ମାନିତ ହୋଇଥିଲା। ଏହି ସମସ୍ତ ସଫଳତା ନୀଳାଚଳ ଇସ୍ପାତ ନିଗମର କର୍ମଚାରୀଙ୍କ ବୈଷୟିକ ଦକ୍ଷତା ଏବଂ କ୍ରମାଗତ ଉନ୍ନତିମୂଳକ କାର୍ଯ୍ୟ ସଂସ୍କୃତିକୁ ସୂଚାଉଛି।

## ବାବା ନିଖିରେଶ୍ୱର ମହାଦେବ ଜୀଉଙ୍କ ପ୍ରସିଦ୍ଧ ଚଡ଼କ ପର୍ବର ଶୁଭାରମ୍ଭ



ବାଲିଆପାଳ,୩।୪ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ବାଲିଆପାଳ ବ୍ଲକର ସର୍ବ ପୁରାତନ ନିଖିରା ଗ୍ରାମରେ ଅବସ୍ଥିତ ସ୍ୱୟମ୍ଭୁ ବାବା ନିଖିରେଶ୍ୱର ମହାଦେବ ଜୀଉଙ୍କ ପ୍ରସିଦ୍ଧ ଚଡ଼କ ପର୍ବ ବୁଧବାର ଠାରୁ ଶୁଭାରମ୍ଭ ହୋଇଯାଇଛି। କୌଳିକ ରୀତିନୀତି ଅନୁଯାୟୀ ପ୍ରଥମେ ଘଟୋଉତ୍ତଳନ କରାଯାଇ ଏହି ପର୍ବର ଶୁଭାରମ୍ଭ ହୋଇଛି। ପରେ ତେର ଭକ୍ତା ଉପବୀତ ଧାରଣ କରିଥିଲେ ଚଳିତ ବର୍ଷ ପାଟଭକ୍ତା ଭାବେ ପାଳବେଗୁନିଆ ଗ୍ରାମର ମଳୟ ରଞ୍ଜନ ଭୂୟାଁ, ଶ୍ରୀ ବେକଡି ଭାବେ ନିଖିରା ଗ୍ରାମର ଈଶ୍ୱର ଚନ୍ଦ୍ର ବେହେରା, ଘଟୁଆଳ ଭକ୍ତା ଭାବେ ଜାମଳା ଗ୍ରାମର ସୁଜୟ କୁମାର ଦେ, ଦେଉଳିଆ ଭକ୍ତା ଗୋପ ନାରାୟଣ ଜେନା, ମାଳି ଭକ୍ତା ରାଜେଶ ଜେନା, ଚନ୍ଦନିଆ ଭକ୍ତା ବିଜୁ ପାଳ, ମାଣିକ ଭକ୍ତା ଗଣେଷ ଦେ, ଆଲମଧାରୀ ଭକ୍ତା ପ୍ରସାଦ ବେହେରା, ଭୋଗସ୍ୱାମୀ ଭକ୍ତା ଗୁରୁ ପ୍ରସାଦ ପାତ୍ର, ଭଣ୍ଡାରୀଆ ଭକ୍ତା କାଶୀନାଥ ଜେନା, ଦାନ୍ତ କାଠିଆ ଭକ୍ତା ପ୍ରମିତ କୁମାର ଜ୍ୟୋତି, ଘଣ୍ଟ ବାଦକ ଭକ୍ତା ଇନ୍ଦ୍ରଜିତ ମହାପାତ୍ର, ଗୋବରିଆ ଭକ୍ତା ସୁମନ ଜେନା ପ୍ରମୁଖ ୧୩ ଭକ୍ତ ଉପବୀତ ଧାରଣ କରିଛନ୍ତି ୧୩ ଭକ୍ତାମାନଙ୍କ ଦ୍ୱାରା ଦୈନନ୍ଦିନ ଗ୍ରାମ ପରିକ୍ରମା ଚାଲୁ ରହିଛି ବାବା ନିଖିରେଶ୍ୱର ଚଡ଼କ ମେଳା କମିଟିର ସମସ୍ତ ସଦସ୍ୟ ଚଡ଼କ ମେଳାକୁ ପରିଚାଳନାରେ ସହଯୋଗ କରୁଛନ୍ତି ୭ ତାରିଖ ପଡ଼ା ବାଉଁଶ ଛେଦନ ଏବଂ କାମିନୀ ଘଟୋଉତ୍ତଳନ, ୮ ତାରିଖ ହର ପାର୍ବତୀ ବିବାହ ଉତ୍ସବ, ୯ ତାରିଖ ପଞ୍ଚମ ଅର୍ଘ୍ୟ, ୧୧ ତାରିଖ ତୃତୀୟ ଅର୍ଘ୍ୟ, ୧୨ତାରିଖ ମହା ନୀଳ ପର୍ବ ଏବଂ ୧୩ତାରିଖରେ ବାବା ନିଖିରେଶ୍ୱର ମହାଦେବ ଜୀଉଙ୍କ ପ୍ରସିଦ୍ଧ ପାଟୋତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

# ସହାୟ ହେଉନି ନିରାମୟ

### ମିଳୁନି ସବୁ ପ୍ରକାର ଔଷଧ
### ରାତି ଅଧରେ ହନ୍ତସନ୍ତ ରୋଗୀ




କାକଟପୁର/ଅସ୍ତରଙ୍ଗ,୩।୪ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଦୈନିକ ଶତାଧିକ ସଂଖ୍ୟକ ଲୋକେ ଚିକିତ୍ସା ନିମନ୍ତେ ଆସିଥାନ୍ତି। ଏହି ଚିକିତ୍ସାଳୟ ଉପରେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ୧୫ଗୋଟି ପଞ୍ଚାୟତ ସମେତ ପର୍ଯ୍ୟଟକସ୍ଥଳୀ ବୁଲିବାକୁ ଆସୁଥିବା ପର୍ଯ୍ୟଟକ ନିର୍ଭର କରିଥାନ୍ତି। ଚିକିତ୍ସାଳୟରେ ମୁଖ୍ୟତଃ କୌଣସି ବିଭାଗରେ ବିଶେଷଜ୍ଞ ଡାକ୍ତର ନାହାନ୍ତି। ଯେଉଁ ଡାକ୍ତର ଅଛନ୍ତି ସେମାନଙ୍କୁ ଦେଖାଇ ଚିକିତ୍ସାଳୟ ପରିସରରେ ଥିବା ନିରାମୟର ମାଗଣାରେ ମଧ୍ୟ ଔଷଧ ନେଉଛନ୍ତି। କିନ୍ତୁ ସବୁ ସମୟରେ ନିରାମୟରେ ସବୁ ପ୍ରକାର ଔଷଧ ଉପଲବ୍ଧ ନଥାଏ। ଯାହାକୁ ନେଇ ରୋଗୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି।

ଦିନ ସମୟରେ ନିରାମୟରେ ଔଷଧ ନ ମିଳିଲେ ରୋଗୀ ଚିକିତ୍ସାଳୟ ବାହାରକୁ ଯାଇ ଘରୋଇ ମେଡ଼ିସିନ ଷ୍ଟୋରରୁ ଔଷଧ ଆଣିଥାନ୍ତି। କିନ୍ତୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ଥିବା ମେଡ଼ିସିନ ଷ୍ଟୋର ସକାଳ ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଖୋଲା ରହିଥାଏ। ଯଦି ରାତି ୧୧ଟା ପରେ କାହାର ଔଷଧର ଆବଶ୍ୟକ ପଡେ ତେବେ ତାଙ୍କୁ ସକାଳ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିଥାଏ। ରାତି ୧୨ଟା ପରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ରୋଗୀମାନେ ବହୁବାର ଔଷଧ ପାଇଁ ହଇରାଣ ହେଉଛନ୍ତି। ରାତି ୧୨ଟା ପରେ ଜରୁରୀ କାଳୀନ ସେବା ପାଇବା ପାଇଁ ଆସୁଥିବା ରୋଗୀଙ୍କୁ ଡାକ୍ତର ଦେଖି ସାରିବା ପରେ ମେଡ଼ିସିନ ଆଣିବା ଲେଖିଲେ ନିରାମୟ କେନ୍ଦ୍ରରେ ପ୍ରାୟ ସମୟରେ ଔଷଧ ମିଳୁନାହିଁ। ବାହାରେ ଔଷଧ ଦୋକାନ ବନ୍ଦ ରହୁଥିବାରୁ ବାଧ୍ୟ ହୋଇ ରୋଗୀ ଓ ତା "ସମ୍ପର୍କୀୟ ସକାଳ ପର୍ଯ୍ୟନ୍ତ ଅପେକ୍ଷା କରୁଛନ୍ତି।

କିଛି ଦିନ ତଳେ କୈଳାଶ ନାୟକ ନାମକ ଯୁବକ ତାଙ୍କ ବୃଦ୍ଧ ବାପାଙ୍କୁ ରାତି ୨ଟାରେ ଚିକିତ୍ସା ନିମନ୍ତେ ଅସ୍ତରଙ୍ଗ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡାକ୍ତର ଯେଉଁ ଇଞ୍ଜେକ୍ସନ ଲେଖିଥିଲେ ତାହା ନିରାମୟରେ ମିଳିନଥିଲା। ବାହାରେ ଔଷଧ ଦୋକାନ ବନ୍ଦ ଥିବାରୁ ସେ କେବଳ ଭଗବାନକୁ ଡାକି ସକାଳ ହେବା ଯାଏଁ ଅପେକ୍ଷା କରିଥିଲେ। ଏହା କେବଳ ଗୋଟିଏ ଉଦାହରଣ ନୁହେଁ ଏମିତି ବହୁବାର ରୋଗୀଙ୍କ ସହ ଏପରି ଘଟୁଛି। ନିରାମୟରେ ଯଦି ସବୁ ପ୍ରକାର ଔଷଧ ଓ ଇଞ୍ଜେକ୍ସନ ମିଳନ୍ତା ଅନ୍ୟ ପଟେ ୨୪ଘଣ୍ଟିଆ ନିରାମୟ ସେବା ମିଳିଲେ ସାଧାରଣ ଲୋକେ ଏତେ ଅସୁବିଧାର ସମ୍ମୁଖୀନ ହୁଅନ୍ତେ ନାହିଁ।

## ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କୁ ଭବ୍ୟ ସମ୍ବର୍ଦ୍ଧନା



ଫୁଲବାଣୀ,୩।୪ (ସଂଚାର ବ୍ୟୁରୋ): ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକଙ୍କୁ ଦୁଇ ଦିନ ପୂର୍ବରୁ ରାଜ୍ୟ ତରଫରୁ ଯୋଜନା ବୋର୍ଡ ଅଧ୍ୟକ୍ଷ ଘୋଷଣା କରାଯାଇଥିଲା। ଏହି ଖୁସିରେ ଆଜି କନ୍ଧମାଳ ଜିଲ୍ଲା ବିଜେପି ତରଫରୁ ତାଙ୍କୁ ଫୁଲବାଣୀ ନଗରରେ ବାଣ ରୋଷଣୀ ସହ ଭବ୍ୟ ସ୍ୱାଗତ କରାଯାଇ ବାଇକ ରାଲିରେ ସଭାଗୃହଠାରେ ଜିଲ୍ଲାର ସମସ୍ତ ମଣ୍ଡଳରୁ କାର୍ଯ୍ୟକର୍ତ୍ତାମାନେ ତାଙ୍କୁ ଉପ ଢୌକନ ଓ ଫୁଲତୋଡ଼ା, ଫୁଲ ହାର ଦେଇ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା କରିଥିଲେ। ନଗର ପରିକ୍ରମା ସମୟରେ ବିଜେପି ଜିଲ୍ଲା ସଭାପତି ପଣ୍ଡିତ କୁମାର ବିଶୀମାଝି, ରାଜ୍ୟ ସମ୍ପାଦକ ଭଗବାନ ମହାନ୍ତି, ଉଦୟଗିରି ବିଧାୟକ ପାର୍ଥ ମାନଗୋବିନ୍ଦ ପ୍ରଧାନ, ଜିଲ୍ଲା ସାଧାରଣ ସମ୍ପାଦକ ସଞ୍ଜିତ ମଣ୍ଡଳ,ଦେବେନ୍ଦ୍ର କୁଦେଇ, ସୁକାନ୍ତ ସାହୁ, ଉଦୟଗିରି ପୂର୍ବତନ ବିଧାୟକ, ଅଜୟନ୍ତୀ ପ୍ରଧାନ, ଖଜୁରୀ ପଡା ଜିଲ୍ଲା ପରିଷଦ ଉର୍ବଶୀ ଦିଗଲ, ମଣ୍ଡଳ ପ୍ରଭାରୀ ଅଜିତ ପଟ୍ଟନାୟକ, ରମେଶ ଚନ୍ଦ୍ର ମହାନ୍ତି, ମୁକ୍ତିକାନ୍ତ ମହାନ୍ତି, ନଗର ସଭାପତି ଜଗନ୍ନାଥ ସାହୁ ଏବଂ ସମସ୍ତ ମଣ୍ଡଳ ସଭାପତି ସହିତ ୫୦୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଚା' ଦୋକାନ ନାଁରେ ଚାଲିଛି ଚୋରା ଡିଜେଲ କାରବାର

### ● ଟ୍ରକ ମାଲିକଙ୍କୁ କ୍ଷତି ● ବଢୁଛି ଦୁର୍ଘଟଣା ଆଶଙ୍କା



ଆନନ୍ଦପୁର,୩।୪ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାରେ ପୁଣି ଚର୍ଚ୍ଚାରେ ଚୋରା ଡିଜେଲ କାରବାର। ଚା ଦୋକାନ ଆଳରେ ଖୋଲାମେଲା ଭାବେ ଚାଲିଛି ଏହି ଅବୈଧ ବ୍ୟବସାୟ। ପ୍ରଶାସନ ନୀରବ ଥିବା ବେଳେ ବଢୁଛି ଦୁର୍ଘଟଣା ଆଶଙ୍କା। ଦୋକାନ ଆଗରେ ରଖାଯାଇଥିବା ତେଲ ଡ୍ରମ...କିନ୍ତୁ ଏହା କେବଳ ଦେଖାଇବା ପାଇଁ ନୁହେଁ, ଏହା ପଛରେ ଲୁଚିଛି ଚୋରା ଡିଜେଲ କାରବାରର ଗୁରୁତର ଅଭିଯୋଗ।

ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡର ୨୦ ନମ୍ବର ଜାତୀୟ ରାଜପଥର ହସନପୁର ଟୋଲଗେଟ୍ ନିକଟରେ ଥିବା ଚା ଦୋକାନ ଗୁଡିକ ସମ୍ମୁଖରେ ଏଭଳି ଡ୍ରମ ରଖାଯାଇଛି। ଅଭିଯୋଗ ଅନୁସାରେ, ବିଭିନ୍ନ ସ୍ଥାନରୁ ଆସୁଥିବା ଗାଡ଼ି ଚାଳକମାନେ ଏଠାରେ ବେଆଇନ୍ ପାର୍କିଂ କରି ଡିଜେଲ ଖୋଲି ବିକ୍ରୟ କରୁଛନ୍ତି। ଚା ଦୋକାନ ନାଁରେ ଚାଲୁଥିବା ଏହି କାରବାର ଦିନକୁ ଦିନ ବଢୁଥିବା ବେଳେ, ପେଟ୍ରୋଲ ପମ୍ପ ମାଲିକମାନେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହା ସହିତ, ରାସ୍ତା ପାଖରେ ଏଭଳି ଅବ୍ୟବସ୍ଥିତ ପାର୍କିଂ ଓ ଡିଜେଲ ବ୍ୟବସାୟ ଯୋଗୁଁ ଟୋଲଗେଟ୍ ଅଞ୍ଚଳରେ ଦୁର୍ଘଟଣା ସଂଖ୍ୟା ବଢୁଥିବା ମଧ୍ୟ ଅଭିଯୋଗ ହୋଇଛି।

ସବୁଠାରୁ ଚିନ୍ତାଜନକ କଥା ହେଉଛି, ଏହି କାରବାର ବିପଦପୂର୍ଣ୍ଣ ଅବସ୍ଥାରେ ହେଉଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ନୀରବ ରହିଛି। ତେବେ ପ୍ରଶ୍ନ ଉଠୁଛି, କେବେ ଜାଗିବ ପ୍ରଶାସନ? କେବେ ବନ୍ଦ ହେବ ଏହି ଚୋରା ଡିଜେଲ କାରବାର? ତେବେ ଦେଖିବାକୁ ବାକି ରହିଲା ପ୍ରଶାସନ କେବେ ଦୃଷ୍ଟି ଦେଇ ଏହି ଚୋରା କାରବାର ଉପରେ ରୋକ୍ ଲଗାଇବାରେ ସଫଳ ହେଉଛନ୍ତି।

# ନାଉଗାଁରେ ଏଆଇକେକେଏମଏସର ପ୍ରତିବାଦ ଦିବସ ପାଳିତ




ଆଲାଣାହାଟ,୩।୪ (ସଂଚାର ବ୍ୟୁରୋ): ଜିନ୍ଦଲ_ପୋସ୍କୋ ପ୍ରତିରୋଧ ମଞ୍ଚର ଉପସଭାପତି ତଥା ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନର ସର୍ବ ଭାରତୀୟ ନେତା ପ୍ରକାଶ ମଲ୍ଲିକଙ୍କୁ ଅତ୍ୟନ୍ତ ଅନ୍ୟାୟ ଓ ଅଗଣତାନ୍ତ୍ରିକ ଭାବରେ ଗିରଫ କରିବା ବିରୋଧରେ ଏଆଇକେକେଏମଏସ ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦୃଢ଼ ନିନ୍ଦା କରାଯିବା ସହିତ ଏପ୍ରିଲ୍ ୨ ସାରା ଓଡ଼ିଶା ପ୍ରତିବାଦ ଦିବସ ପାଳନ କରାଯାଉଛି। ଉର୍ବର ଚାଷ ଜମି ଓ ଭିଟା ମାଟିର ସୁରକ୍ଷା ପାଇଁ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନର ଜନଗଣଙ୍କୁ ଭୟଭୀତ କରାଇବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ସନ୍ତ୍ରାସ ସୃଷ୍ଟି କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ନାଉଗାଁ ବ୍ଲକ ଅନ୍ତର୍ଗତ ମୁଣ୍ଡାଳ କଣ୍ଟୁଣିଆ ସଂଯୋଗ ରାସ୍ତାରେ ଓରଣ୍ଡ ଛକରେ ପ୍ରତିବାଦ ଦିବସ ପାଳନ କରାଯାଇଛି। ଏଆଇକେକେଏସଏସ ଜଗତସିଂହପୁର ଜିଲ୍ଲା ସଂଗଠକ ମହେଶ୍ୱର ଦାସ ଏହାର ନେତୃତ୍ୱ ନେଇଥିଲେ। ନାଉଗାଁ ବ୍ଲକ କମିଟି ସଭାପତି ବସନ୍ତ ମଲ୍ଲିକ, ସ୍ୱର୍ଣ୍ଣଲତା କାଣ୍ଡି, ରଶ୍ମିରେଖା ନାୟକ ପ୍ରମୁଖ ଏହି କାର୍ଯ୍ୟ କ୍ରମରେ ଅଂଶ ଗ୍ରହଣ କରି ଆବିଳମ୍ବେ ବିନା ସର୍ତ୍ତରେ ପ୍ରକାଶ ମଲ୍ଲିକଙ୍କୁ ଖଲାସ କରାନଗଲେ ବ୍ୟାପକ ଆନ୍ଦୋଳନ ଗଢ଼ି ତୋଳିବାକୁ ଜନଗଣ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଛନ୍ତି।

# ଘର ନିକଟରେ ମୁକୁଳା ଟ୍ରାନ୍ସଫର୍ମର, ସ୍ଥାନାନ୍ତରଣ ଦାବି



ଛତ୍ରପୁର,୩।୪ (ସଂଚାର ବ୍ୟୁରୋ): ଟିପିସିଓଡିଏଲ୍ ବିଦ୍ୟୁତ୍ ବିଭାଗ ସମ୍ଭାଳିବା ପରେ କେତେକ ସ୍ଥାନରେ ଭିତ୍ତିଭୂମିର ବିକାଶ ହୋଇଥିବା ବେଳେ, ଅନେକ ଅଞ୍ଚଳରେ ଏପର୍ଯ୍ୟନ୍ତ ବିପଦସଂକୁଳ ଅବସ୍ଥାରେ ବିଦ୍ୟୁତ୍ ଯୋଗାଣ ହେଉଥିବା ଦେଖାଯାଉଛି। ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର ସୂର୍ଯ୍ୟନାରାୟଣପୁର ଓଡ଼ିଆର୍ପି କଲୋନୀରେ ଥିବା ଟ୍ରାନ୍ସଫର୍ମର ଏହାର ନିଛକ ଉଦାହରଣ।

ଗ୍ରାମର ସୁଦର୍ଶନ ପ୍ରଧାନଙ୍କ ଘରଠାରୁ ମାତ୍ର କିଛି ମିଟର ଦୂରରେ ଏହି ଟ୍ରାନ୍ସଫର୍ମର ଦୀର୍ଘଦିନ ଧରି ମୁକୁଳା ଅବସ୍ଥାରେ ପଡ଼ି ରହିଛି। ଏହି ଟ୍ରାନ୍ସଫର୍ମର ମାଧ୍ୟମରେ ସମସ୍ତ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯୋଗାଣ ହେଉଥିବା ବେଳେ ଉଚ୍ଚ କ୍ଷମତା ସମ୍ପନ୍ନ ତାର ଏଥି ସହ ସଂଯୋଗ ହୋଇଛି, ଯାହା ଯେକୋଣସି ସମୟରେ ବଡ଼ ଅଘଟଣର କାରଣ ହୋଇପାରେ। ଏହାଛଡ଼ା ଟ୍ରାନ୍ସଫର୍ମର ଚାରିପାଖରେ କୌଣସି ସୁରକ୍ଷା ପାଚେରୀ ନଥିବାରୁ ସ୍ଥାନୀୟ ଲୋକମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏହି ସମସ୍ୟା ସମ୍ବନ୍ଧରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ ବୋଲି ଅଭିଯୋଗ ହୋଇଛି। ସୁରକ୍ଷା ଦୃଷ୍ଟିରୁ ଏହି ଟ୍ରାନ୍ସଫର୍ମରକୁ ଶୀଘ୍ର ଅନ୍ୟତ୍ର ସ୍ଥାନାନ୍ତର କରିବା ସହ ପ୍ରୟୋଜନୀୟ ସୁରକ୍ଷା ବ୍ୟବସ୍ଥା ନେବାକୁ ସୁଦର୍ଶନ ପ୍ରଧାନ ପ୍ରଶାସନଙ୍କୁ ଦାବି କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇଛି।

# ରାସ୍ତା କାମରେ ଦୁର୍ନୀତି ଅଭିଯୋଗ



ସୁନ୍ଦରଗଡ଼,୩।୪ (ସଂଚାର ବ୍ୟୁରୋ): ସମ୍ବନିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ସଦର ବ୍ଲକର କିରେଇ ପଞ୍ଚାୟତ ଅନ୍ତର୍ଗତ ଭବାନୀପୁର ଠାରେ ଏକ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହାର ବ୍ୟୟ ଅଟକଳ ୭୧,୪୦,୯୮୦ ଟଙ୍କା। ଠିକାଦାର ରାଜେଶ କୁମାର ଅଗ୍ରୱାଲ, କାମ ଆରମ୍ଭ ହେବା ଦିନଠାରୁ ଦିନେ ହେଲେ ବି ଆସିନାହାନ୍ତି, କି ବିଭାଗୀୟ ଅଧିକାରୀଙ୍କ ଦେଖାନାହିଁ। କାମ ପାଇଥିବା ସଂସ୍ଥା ସୁନ୍ଦରଗଡ଼ର ଜଣେ ଠିକାଦାରଙ୍କୁ ଏହି କାମ ଠିକାରେ ଦେଇଛନ୍ତି। ବିନା ଅଧିକାରୀରେ ଉକ୍ତ ଠିକାଦାର ଜଣକ ସିମେଣ୍ଟ, ଗୋଡି, ମେଟାଲ ଦେଇ ଢଳାଇ କରୁଛନ୍ତି।

କଂକ୍ରିଟ ରାସ୍ତା ନିୟମ ଅନୁଯାୟୀ ଢଳାଇ ସାରିଥିବା କାମରେ ପାଣି ଦୁଇବେଳା ଦେବା କଥା କିନ୍ତୁ ତିଆରି ସରିଥିବା ରାସ୍ତା ଉପରେ ଦିନେ ବି ପାଣି ଦିଆଯାଇନି। ଖାଲି ଲୋକଦେଖାଣିଆ କେତେକ ସ୍ଥାନରେ ପାଳ ବିଛା ଯାଇଛି। ସେ ବି ଉଡ଼ିଗଲାଣି। ଏହାକୁ ଗତକାଲି କିଛି ଯୁବକ ବିରୋଧ କରିବାରୁ ଠିକାଦାର ଜଣକ ଆଜି କାମ ବନ୍ଦ କରିଦେଇଛନ୍ତି। ଠିକାଦାର ଜଣକ ନିରୀହ ଗ୍ରାମବାସୀ ଓ ଯୁବକଙ୍କୁ କାମ ବିରୋଧରେ କୌଣସି ଜାଗାରେ ଅଭିଯୋଗ କଲେ ଠିକ ହବ ନାହିଁ ବୋଲି ଧମକ ଦେଉଛନ୍ତି।

# ଅଙ୍ଗଦାନ କରି ଉଦାହରଣ ସାଜିଲେ ସୁଚରିତା



ବାରିପଦା,୩।୪ (ସଂଚାର ବ୍ୟୁରୋ): ଆଧୁନିକ ସମାଜରେ ଅତ୍ୟାଧୁନିକ ଯନ୍ତ୍ରପାତିର ଉଦ୍ଭାବନ ପରେ ରକ୍ତଦାନ ଓ ଅଙ୍ଗଦାନ କରି ଆଜି ଜଣେ ଅନ୍ୟର ଜୀବନ ବଞ୍ଚାଇବାର ସୌଭାଗ୍ୟ ଅର୍ଜନ କରିପାରୁଛି । ସେହି ଧାରାରେ ଲେଖିକା, କବି ତଥା ସମାଜସେବୀ ସୁଚରିତା ମହାନ୍ତି ପବିତ୍ର ଓଡିଶା ଦିବସ ଅବସରରେ ନିଜର ଅଙ୍ଗଦାନ କରିବା ପାଇଁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସହ ଚୁକ୍ତିନାମାରେ ସ୍ୱାକ୍ଷର କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି । ଚୁକ୍ତି ଅନୁସାରେ ସେ ତାଙ୍କ ଶରୀରର ବୃକକ, ଯକୃତ, ହୃତପିଣ୍ଡ, ଫୁସଫୁସ ଓ ଦୁଇ ଆଖିର କୋମିଆ ଦାନ କରିଛନ୍ତି । ପ୍ରକାଶ ଥାଉକି ଶ୍ରୀମତୀ ମହାନ୍ତି ବିଭିନ୍ନ ଅନୁଷ୍ଠାନ ତଥା ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରିବା ସହ ପୁସ୍ତକ ମଧ୍ୟ ଦାନ କରିଆସୁଛନ୍ତି ।

# ଆମ ଓଡ଼ିଶା ନବୀନ ଓଡ଼ିଶା ପ୍ରକଳ୍ପରେ ବ୍ୟାପକ ଦୁର୍ନୀତି

### ଭିଜିଲାନ୍ସ ତଦନ୍ତ ଦାବି କଲେ ବ୍ଲକ ଅଧ୍ୟକ୍ଷା



ନୀଳଗିରି,୩।୪ (ସଂଚାର ବ୍ୟୁରୋ): ନୀଳଗିରି ବ୍ଲକ ରେ ପଚିଶ ପଞ୍ଚାୟତ କୁ ନେଇ ନୀଳଗିରି ବ୍ଲକରେ ଜିମ ପାଇଂ ଖେଳ ସାମଗ୍ରୀ କିଣିବା ପାଇଂ ପଚାଶ ଲକ୍ଷ ଟଙ୍କା ଅନୁମୋଦନ ହୋଇଥିଲା। ତେଲିପାଳ ପଞ୍ଚାୟତକୁ ଛାଡି ଅନ୍ୟ ଚବିଷ ପଞ୍ଚାୟତ ପାଇଂ ବିନା ଟେଣ୍ଡରରେ ଅଢ଼ଚାଳିଶ ହଜାର ଟଙ୍କାର ଜିମ ଖେଳ ସାମଗ୍ରୀ ଆଣି କୁଁଅରପୁର ଲାଖରାଜ ଗ୍ରାମ ପଞ୍ଚାୟତ ମର୍ଦ୍ଦରାଜ ପୁରଠାରେ ଜମାକରାଜାଇ ବିଭିନ୍ନ ପଞ୍ଚୟତକୁ ପଠାଯାଇଛି । ଜିମ ଖେଳ ସାମଗ୍ରୀ ବ୍ଲକ ଗୋଦାମରେ ରଖା ନ ଯାଇ ବାହାର ଜାଗାରେ ରଖି ଲେବର ତିନିଜଣଙ୍କୁ ଜଗାଇବା ସନ୍ଦେହ ସୃଷ୍ଟି ହେଉଛି । ଉକ୍ତ ସାମଗ୍ରୀ ଜଣେ ଦିଲ୍ଲୀ ଠିକାଦାରକୁ ଲଗାଇ କମ ଦାମରେ ଓ ନିମ୍ନମାନର ଜିମ ସାମଗ୍ରୀ ଆନୁମାନିକ ପଚାଶରୁ ଷାଠିଏ ହଜାର ଟଙ୍କାର କିଣି ପ୍ରତି ପଞ୍ଚାୟତରୁ ଏକ ଲକ୍ଷ୍ ଟଙ୍କା ଆତ୍ମସାତ କରିଥିବାର ଅନୁମାନ କରାଯାଉଛି ।

ସବୁଠାରୁ ଆଶ୍ଚର୍ଯ୍ୟ ଘଟଣା ଅବସର ପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ଶରତ କୁମାର ଉପାଧ୍ୟାୟଙ୍କ ଜାଣତରେ ଓ ବର୍ତ୍ତମାନର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମ୍ପୃକ୍ତି ଥିବାର ମଧ୍ୟ ଜଣାପଡୁଛି । ଜିଲ୍ଲାପାଳ ତଥା ଭିଜିଲାନ୍ସ ତଦନ୍ତ କଲେ ବହୁତଥ୍ୟ ପଦାକୁ ଆସିବ ବୋଲି ବ୍ଲକ ଅଧ୍ୟକ୍ଷା ଅନୁମାନ କରୁଥିବା କହିଛନ୍ତି ।

# ବିଜେପି ମଙ୍ଗସପୁର ମଣ୍ଡଳ ପକ୍ଷରୁ ମଣ୍ଡଳ ପ୍ରଶିକ୍ଷଣ ଶିବିର




ସୁନ୍ଦରଗଡ଼,୩।୪ (ସଂଚାର ବ୍ୟୁରୋ): ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ- ୨୦୨୬ ଉପଲକ୍ଷେ ବିଜେପି ମଙ୍ଗସପୁର ମଣ୍ଡଳ ପକ୍ଷରୁ ମଣ୍ଡଳ ସଭାପତି ନଳିନ ପଟେଲଙ୍କ ଅଧ୍ୟକ୍ଷତାରେ ମଣ୍ଡଳ ସ୍ତରୀୟ ପ୍ରଶିକ୍ଷଣ ଶିବିର ବିଲେଇଗଡ଼, ତେନ୍ତୁଳିଡ଼ିପା ଠାରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଉପ ସଭାନେତ୍ରୀ ତଥା ପୂର୍ବତନ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଏବଂ ମୁଖ୍ୟ ବକ୍ତା ଭାବେ ଜିଲ୍ଲା ସଭାପତି ଗିରୀଶ ଚନ୍ଦ୍ର ସାହୁ ଯୋଗଦେଇ କାର୍ଯ୍ୟକର୍ତ୍ତାମାନଙ୍କୁ ପ୍ରେରଣାଦାୟକ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ସେମାନେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ "ଅନ୍ତ୍ୟୋଦୟ" ତତ୍ତ୍ୱ, "ଏକାତ୍ମ ମାନବବାଦ"ର ମୂଳ ଦର୍ଶନ ସହିତ ବିଜେପିର ଆଦର୍ଶ ଓ ନୀତି ଉପରେ ଆଲୋକପାତ କରିଥିଲେ। ତାଙ୍କ ଉଦବୋଧନ କାର୍ଯ୍ୟକର୍ତ୍ତାମାନଙ୍କ ମନୋବଳକୁ ଦୃଢ଼ କରିବା ସହ ଆଦର୍ଶମୂଳକ ରାଜନୀତି ପ୍ରତି ନୂତନ ଉତ୍ସାହ ସୃଷ୍ଟି କରିଥିଲା।

ଏହାସହ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ଟୋଲୀର ପ୍ରଶିକ୍ଷକ କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଯଶବନ୍ତ ନାଏକ, ଜିଲ୍ଲା ସାଧାରଣ ସମ୍ପାଦକ ରୁପେଶ ପଟେଲ,ପୂର୍ବତନ କାର୍ଯ୍ୟ କାରିଣୀ ସଦସ୍ୟ କୃଷକ ମୋର୍ଚ୍ଚା ସୁରେଶ ପଟେଲ ଏବଂ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ପରକ୍ଷିତ ସାହୁ ପ୍ରମୁଖ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ସେମାନେ ଦଳର ବୈଚାରିକ ପୃଷ୍ଠଭୂମି, ଇତିହାସ ଓ ବିକାଶ, ସଂଗଠନ ବିସ୍ତାର କୌଶଳ, କାର୍ଯ୍ୟ ପଦ୍ଧତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଫଳ କାର୍ଯ୍ୟାନ୍ୱୟନ, ବୁଥ ପରିଚାଳନା, ସୋସିଆଲ ମିଡିଆର ସଠିକ୍ ବ୍ୟବହାର ସହ ଏଆଇ, ନମୋ ଆପ୍ ଓ ସରଳ ଆପ୍ ବିଷୟରେ ଉପସ୍ଥାପନା କରିଥିଲେ। ଏଥିରେ ବହୁ ସଂଖ୍ୟକ ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ନିଗମାନନ୍ଦ ଦେବଙ୍କ ସରକଣା ଶାଖା ସଂଘର ବାର୍ଷିକ ଉତ୍ସବ



ବାଲିଅନ୍ତା,୩।୪ (ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ ସରକଣା ନିଗମାନନ୍ଦ ସରସ୍ୱତୀ ଦେବ ଶାଖା ସଂଘର ୪୬ତମ ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏନେଇ ଆଜି ଆଶ୍ରମ ପରିସର ଉତ୍ସବମୁଖର ହୋଇଉଠିଥିଲା। ସକାଳ ୯ଟା ସମୟରେ ମଙ୍ଗଳ ଆଳତି, ସାମୂହିକ ପ୍ରାର୍ଥନା, ପରିଚୟ ପତ୍ର ପାଠ, ଶାସ୍ତ୍ର ପାଠ ଏବଂ ବାଲ୍ୟ ଭୋଗ ଅର୍ପଣ ନୀତିକାନ୍ତି ସଂପାଦନ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ପ୍ରବଚନ, ବିଦାୟୀ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ନୀଳାଚଳ ସାରସ୍ୱତ ସଂଘ, ପୁରୀ ସଭାପତି ଗଗନେନ୍ଦ୍ର ନାଥ ମହାପାତ୍ର, ସରକଣା ଶାଖା ସଂଘ ସଭାପତି ନିମାଇଁ ଚରଣ ଜେନା, ଉପ ସଭାପତି ଭକ୍ତବନ୍ଧୁ ମହାରିକ, କୋଷାଧ୍ୟକ୍ଷ ହେମନ୍ତ ମହାନ୍ତି, ସଂପାଦକ ବଟକୃଷ୍ଣ ସ୍ୱାଇଁଙ୍କ ସମେତ ସମସ୍ତ ଗୁରୁ ଭାଇ ଗୁରୁ ମା' କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଉତ୍କର୍ଷ କେନ୍ଦ୍ର ହେବ ନବକୃଷ୍ଣ ଚୌଧୁରୀ ଗବେଷଣା କେନ୍ଦ୍ର

## ଶିକ୍ଷାଗତ ଉତ୍କର୍ଷତା ଓ ନୀତି ଆଧାରିତ ଗବେଷଣାକୁ ଗୁରୁତ୍ୱ



ଭୁବନେଶ୍ୱର,୩।୪ (ସଂଚାର ବ୍ୟୁରୋ) : ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର (ଏନସିଡିଏସ)କୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଏକ ଉନ୍ନତ ଗବେଷଣା, ନୀତି ଆଧାରିତ ଓ ଦକ୍ଷତା ବିକାଶର ପ୍ରମୁଖ କେନ୍ଦ୍ର ଭାବେ ଗଢ଼ି ତୋଳିବାକୁ ନିଷ୍ପତ୍ତି ହୋଇଛି। ଆଜି ଏହାର ୩୨ତମ ପରିଚାଳନା ପରିଷଦ ବୈଠକରେ ଏନସିଡିଏସକୁ ଏକ ବିଶ୍ୱସ୍ତରୀୟ ଉତ୍କର୍ଷ କେନ୍ଦ୍ରରେ ପ୍ରତିଷ୍ଠା କରିବାକୁ ପଦକ୍ଷେପ ନେବା ଦିଗରେ ଗୁରୁତ୍ୱାରୋପ କରିଥିଲେ ବୋର୍ଡର ଅଧ୍ୟକ୍ଷ ତଥା ଉନ୍ନୟନ କମିଶନର ଦେଓ ରଞ୍ଜନ କୁମାର ସିଂ।

ବୈଠକ ଏନସିଡିଏସ୍‌ର ପ୍ରତିଷ୍ଠାନଗତ ଦୃଷ୍ଟିକୋଣକୁ ଶକ୍ତିଶାଳୀ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଛି। ରାଜ୍ୟର ବିକାଶମୁଖୀ ପ୍ରାଥମିକତାକୁ ଦୃଷ୍ଟିରେ ରଖି ଏହି ଅନୁଷ୍ଠାନକୁ ଏକ ବିଶ୍ୱସ୍ତରୀୟ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ପାଇଁ ଏକ ଦୂରଦୃଷ୍ଟିମୂଳକ ସହମତି ନେଇ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଥିରେ ଏନସିଡିଏସ୍ ପରିଚାଳନା ପରିଷଦର ସଦସ୍ୟ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ ଅନୁଷ୍ଠାନ, ନୀତି ନିର୍ଦ୍ଧାରଣ କରୁଥିବା ସଂସ୍ଥାଗୁଡ଼ିକରୁ ବରିଷ୍ଠ ଏବଂ ଅଭିଜ୍ଞ ଶିକ୍ଷାବିତ୍, ସରକାରୀ ପଦାଧିକାରୀ ଓ ନୀତି ନିର୍ଦ୍ଧାରକମାନେ ଯୋଗଦେଇଥିଲେ।

ବୋର୍ଡ ବୈଠକରେ ଏନସିଡିଏସର ପ୍ରତିଷ୍ଠାନଗତ ଢାଞ୍ଚାକୁ ସୁଦୃଢ଼ କରିବା, ଗବେଷଣାର ଗୁଣମାନ ଓ ପ୍ରଭାବକୁ ବୃଦ୍ଧି କରିବା ସହ ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରମୁଖ ସଂସ୍ଥାମାନଙ୍କ ସହ ଏହାର ମିଳିତ ସହଯୋଗକୁ ବ୍ୟାପକ କରିବା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଓଡିଶାର ବିଶେଷକରି ସମାବେଶୀ, ଲିଙ୍ଗଗତ ସମାନତା, ଜୀବିକା ବୃଦ୍ଧି ଓ ସ୍ଥାୟୀ ବିକାଶ କ୍ଷେତ୍ରରେ ବିକାଶମୁଖୀ ପ୍ରାଥମିକତାକୁ ସମନ୍ୱିତ କରି ଆନ୍ତଃବିଭାଗୀୟ ଓ ନୀତି ଆଧାରିତ ଗବେଷଣାକୁ ପ୍ରୋତ୍ସାହନ ଦେବାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

ପରିଚାଳନା ପରିଷଦ ବୈଠକରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ସରକାରଙ୍କ ଦ୍ୱାରା ନିଆଯାଇଥିବା ସକ୍ରିୟ ଏବଂ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପଗୁଡ଼ିକ ପ୍ରଶଂସନୀୟ ବୋଲି ପ୍ରକାଶ କରାଯାଇଥିଲା। ଉଚ୍ଚ ଶିକ୍ଷା, ଗବେଷଣା ଏବଂ ଉନ୍ନୟନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ନିରନ୍ତର ବିନିଯୋଗ, ଓଡ଼ିଶାକୁ ଏକ ଉଦୀୟମାନ ଶିକ୍ଷାଗତ ଉତ୍କର୍ଷତା ଓ ଜ୍ଞାନ ଆଧାରିତ ବିକାଶ କେନ୍ଦ୍ର ଭାବେ ସ୍ଥାପିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ସ୍ୱୀକାର କରାଯାଇଥିଲା। ବୈଠକରେ ଉନ୍ନୟନ କମିଶନର ଏନସିଡିଏସରେ ଶିକ୍ଷା ଓ ଗବେଷଣାର ବିକାଶ ପାଇଁ ସମସ୍ତ ସଦସ୍ୟସଦସ୍ୟାଙ୍କ ଅବଦାନକୁ ପ୍ରଶଂସା କରିଥିଲେ ଏବଂ ସମ୍ପ୍ରତି ସାମାଜିକ-ଆର୍ଥିକ ଆହ୍ୱାନଗୁଡ଼ିକୁ ସଫଳତାର ସହ ମୁକାବିଲା କରିବା ପାଇଁ ଶିକ୍ଷାଜଗତ, ସରକାର ଓ ନାଗରିକ ସମାଜ ପକ୍ଷରୁ ସୁଦୃଢ଼ ପ୍ରୟାସର ଆବଶ୍ୟକତା ଥିବା କହିଥିଲେ।

# ତାଉ ଦେଖାଉଛି ତାତି ଦୁଇଦିନ ଯାଏଁ ନିସ୍ତାର ନାହିଁ




ଭୁବନେଶ୍ୱର,୩।୪(ସଂଚାର ବ୍ୟୁରୋ): ଆହୁରି ଦୁଇ ଦିନ ଖରା। ଉଷ୍ମ ଆର୍ଦ୍ରତା ସ୍ଥିତି ସହ କଲବଲ କରିବ ଗରମ ଗୁଳୁଗୁଳି। ଆସନ୍ତା ୨୪ ଘଣ୍ଟାରେ କେତେକ ସ୍ଥାନରେ ୪୦ ଡିଗ୍ରୀ ଯାଏଁ ତାପମାତ୍ରା ମଧ୍ୟ ଛୁଇଁପାରେ। ପାଣିପାଗ ବିଶେଷଜ୍ଞଙ୍କ କହିବା ଅନୁସାରେ, ଦକ୍ଷିଣ ପଶ୍ଚିମ ଦିଗରୁ ଗରମ ପବନ ପ୍ରବାହିତ ଫଳରେ ଗରମ ଅନୁଭବ ହେଉଛି।

ଆହୁରି ଦୁଇ ଦିନ ଅସହ୍ୟ ତାତିରେ ସିଝିବେ ଲୋକେ। ୪ ଜିଲ୍ଲାରେ ଉଷ୍ମ ଓ ଆର୍ଦ୍ର ସ୍ଥିତି ପାଇଁ ଚେତାବନୀ ଜାରି କଲା ପାଣିପାଗ କେନ୍ଦ୍ର। ଆସନ୍ତା ୨୪ ଘଣ୍ଟାରେ ଅସହ୍ୟ ହେବ ଉଷ୍ମ ଆର୍ଦ୍ରତା ସ୍ଥିତି। ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର। ଏଥିସହ ବିଜୁଳି ଘଡ଼ଘଡ଼ି ବର୍ଷା ହେବା ସହ ଘଣ୍ଟା ପ୍ରତି ପବନର ବେଗ ୪୦-୫୦ କିମି ଯାଏଁ ରହିବ। ଏନେଇ ମୟୂରଭଞ୍ଜ, କେନ୍ଦୁଝର, କଳାହାଣ୍ଡି, କନ୍ଧମାଳ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର। ସେହିପରି ନୂଆପଡ଼ା, ନବରଙ୍ଗପୁର, ବଲାଙ୍ଗୀର ଜିଲ୍ଲାରେ ମଧ୍ୟ ବର୍ଷା ସହ ଘଣ୍ଟା ପ୍ରତି ପବନର ବେଗ ୩୦ରୁ ୪୦ କିମି ରହିବ। ଏନେଇ ସମସ୍ତ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର। ସେହିପରି ୪ ତାରିଖରେ କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି। ଆସନ୍ତା ୨ ଦିନ ଅସହ୍ୟ ଗରମ ଗୁଳୁଗୁଳି ହେବାକୁ ଥିବାବେଳେ କାଳବୈଶାଖୀ ପ୍ରଭାବ ୮ ତାରିଖ ଯାଏଁ ରହିଛି।

ଆଗାମୀ ୨୪ ଘଣ୍ଟାରେ ବର୍ଷାର ସମ୍ଭାବନାକୁ ନେଇ ୨ରୁ ୩ ଡିଗ୍ରୀ ତାପମାତ୍ରା କମିବା ସହ ତାତିରୁ ଟିକିଏ ଆଶ୍ୱସ୍ତି ମିଳିପାରେ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଅନ୍ୟପଟେ ପାଣିପାଗ ବିଶେଷଜ୍ଞ କହିଛନ୍ତି ଯେ ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହୁଛି। ଫଳରେ ଖରାର ପ୍ରକୋପ ସଙ୍ଗକୁ ଅନୁଭୂତ ହେଉଛି। ତେବେ ଦୁଇ ଦିନ ପରେ ତାତିର ପ୍ରକୋପ କମିବ। ୧୧ରୁ ପୁଣି ଅଧିକ ତାପମାତ୍ରା ବୃଦ୍ଧି ହେବା ନେଇ ସୂଚନା ଦେଇଛି ପାଣିପାଗ କେନ୍ଦ୍ର। ଅନ୍ୟପଟେ କାଳବୈଶାଖୀ ପ୍ରଭାବ ଉପକୂଳ ସମେତ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ଅନୁଭୂତ ହୋଇପାରେ ବୋଲି ପାଣିପାଗ ବିଶେଷଜ୍ଞ ପୂର୍ବାନୁମାନ କରିଛନ୍ତି। ଅନ୍ୟପକ୍ଷରେ ଗତ ୨୪ ଘଣ୍ଟାରେ ଝାରସୁଗୁଡ଼ାରେ ୪୦.୬ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଛି। ସେହିପରି ୬ଟି ସ୍ଥାନରେ ବର୍ଷା ହୋଇଥିବା ବେଳେ କୋରାପୁଟ ନନ୍ଦପୁରରେ ୪୨ ମିମି ସର୍ବାଧିକ ବର୍ଷା ରେକର୍ଡ ହୋଇଛି।

# ଖରସ୍ରୋତାରେ କୁମ୍ଭୀର ଆତଙ୍କ

## ଦୁଇ ଦିନରେ ଦୁଇଟି ଅଘଟଣ

ଯାଜପୁର,୩।୪(ସଂଚାର ବ୍ୟୁରୋ): ଖରସ୍ରୋତାରେ କୁମ୍ଭୀର ଆତଙ୍କ ଦେଖାଦେଇଛି। ଦୁଇ ଦିନରେ ଦୁଇଟି ଅଘଟଣ ଘଟିବା ଫଳରେ ନଦୀକୁ ଯିବାକୁ ବନ ବିଭାଗ ପକ୍ଷରୁ ବାରଣ କରାଯାଇଛି। ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ୍ ଖରସ୍ରୋତା ନଦୀର କୁଜିବର ଘାଟରେ କୁମ୍ଭୀର ଆତଙ୍କ। ଗତ ବୁଧବାର ନଦୀକୁ ଗାଧୋଇବାକୁ ଯାଇଥିବା ଜଣେ ଶ୍ରମିକଙ୍କୁ ଆକ୍ରମଣ କରିଥିଲା କୁମ୍ଭୀର। ତେବେ ସେ ଜୀବନ ବଞ୍ଚାଇ ଫେରିଆସିଥିଲେ। ସେହିପରି ଗୁରୁବାର ନଦୀକୁ ଶୌଚ ହେବାକୁ ଯାଇଥିବା ସମୟରେ ଆଉ ଏକ ଅଘଟଣ ଘଟିଥିଲା। ନଦୀରେ ପଶିବା ମାତ୍ରେ ଆଉ ଜଣେ ଯୁବକଙ୍କୁ କୁମ୍ଭୀର ଆକ୍ରମଣ କରିଥିଲା। ତେବେ ଯୁବକ ଜଣଙ୍କ ପାଖରେ ଥିବା ଏକ ପଥର କୁମ୍ଭୀର ମୁହଁକୁ ଫିଙ୍ଗି ନିଜକୁ ଉଦ୍ଧାର କରିଥିଲେ। ଉଭୟ ଶ୍ରମିକ ଓ ଯୁବକ ଆହତ ହୋଇ ଚିକିତ୍ସା ପାଇଁ ମେଡିକାଲ୍‌ରେ ଭର୍ତ୍ତି ହୋଇଛନ୍ତି। ତେବେ ଏହି ଦୁଇଟି ଘଟଣା ପରେ କୁମ୍ଭୀରକୁ ନେଇ ନଦୀକୂଳବାସୀ ଭୟଭୀତ ହେହାଇପଡ଼ିଛନ୍ତି। ଅନ୍ୟପକ୍ଷରେ ବନ ବିଭାଗ ପକ୍ଷରୁ ଆଜି ଦିନତମାମ କୁମ୍ଭୀରର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ମଧ୍ୟ ନଦୀକୁ ଯିବାକୁ ବାରଣ କରାଯାଉଛି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଉକ୍ତ କୁମ୍ଭୀରକୁ ବନ ବିଭାଗ ଠାବ କରିପାରିନାହିଁ।

# ବାଲେଶ୍ୱରରେ ଭୟଙ୍କର ବିସ୍ଫୋରଣ

## ଫାଟିଗଲା ଡ୍ରେନ୍ କାନ୍ଥ, ଚୂନା ହେଲା ଚେୟାର୍



ବାଲେଶ୍ୱର,୩।୪(ସଂଚାର ବ୍ୟୁରୋ): ବାଲେଶ୍ୱର ଡ୍ରେନ୍ ଭିତରେ ଭୟଙ୍କର ବିସ୍ଫୋରଣ ଘଟିଛି। ଏହି ବିସ୍ଫୋରଣକୁ ନେଇ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି। ତେବେ ବିସ୍ଫୋରଣର ପ୍ରକୃତ କାରଣ ଅସ୍ପଷ୍ଟ ଥିବା ବେଳେ ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି। ବାଲେଶ୍ୱର ମ୍ୟୁନିସିପାଲିଟି ୨ ପ । ଡୁ ଆ ପ ଦ । ପ୍ରଗତିନଗର କଲୋନୀରେ ମ୍ୟୁନିସିପାଲିଟି ଡ୍ରେନ୍ ଭିତରେ ଏହି ଭୟଙ୍କର ବିସ୍ଫୋରଣ ହୋଇଛି। ବିସ୍ଫୋରଣର ମାତ୍ରା ଏତେ ଅଧିକ ଥିଲା ଯେ ବିସ୍ଫୋରଣ ପରେ ନିଆଁ ପାଖାପାଖି ୬ ଫୁଟ୍ ଉପର ପର୍ଯ୍ୟନ୍ତ ଉଠିଥିଲା। ଶହେ ମିଟର ପର୍ଯ୍ୟନ୍ତ ଡ୍ରେନ୍ କାନ୍ଥ ଫାଟିଯିବା ସହ ସିମେଣ୍ଟ ଚେୟାର ଖଣ୍ଡ ଖଣ୍ଡ ହୋଇଯାଇଥିଲା। ଏଥିସହ ଦୁଇ ତିନିଟି ସ୍ଥାନରେ ପାଣି ପାଇପ୍ ମଧ୍ୟ ଜଳିଯାଇଥିବା ଜଣାପଡ଼ିଛି। ଏନେଇ ତୁରନ୍ତ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରିଥିଲା। ଡ୍ରେନ୍ ଉପରେ କାଠ ଚୂଲିରେ ରୋଷେଇ ହେଉଥିବା ଦେଖିବାକୁ ମିଳିଥିବା ବେଳେ ବିସ୍ଫୋରଣ କେମିତି ଘଟିଲା, ତା'ର ପ୍ରକୃତ କାରଣ ନେଇ କିଛି ବି ଜଣାପଡ଼ିନାହିଁ। ଅନ୍ୟ ପକ୍ଷରେ ନିକଟରେ ଥିବା ବିଜ୍ଞାନ ଗୃହରୁ ରାସାୟନିକ ପଦାର୍ଥର ପାଣି ଡ୍ରେନ୍‌ରେ ପ୍ରବାହିତ ହେଉଥିବାରୁ ଏଭଳି ବିସ୍ଫୋରଣ ହୋଇଥିବା ଅନୁମାନ କରାଯାଉଛି।

# ବାଣ ପ୍ରସ୍ତୁତି ବେଳେ ବିସ୍ଫୋରଣ:୬ ଗୁରୁତର



ନୟାଗଡ଼,୩।୪(ସଂଚାର ବ୍ୟୁରୋ):ନୟାଗଡ଼ ଜିଲ୍ଲାର ନୂଆଗାଁ ଥାନାଞ୍ଚଳରେ ବାଣ ପ୍ରସ୍ତୁତି ବେଳେ ଶୁକ୍ରବାର ଏକ ଭୟଙ୍କର ବିସ୍ଫୋରଣ ଘଟିଛି। ଏହି ବିସ୍ଫୋରଣରେ ୬ ଜଣ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି। ଖବର ପାଇ ଘଟଣାସ୍ଥଳରେ ନୂଆଗାଁ ଥାନା ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିଥିଲେ। ପରେ ସେମାନଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରେ ଜଣେ ନାବାଳକ ଥିବା ବେଳେ ସେ ଭଞ୍ଜନଗର ଗେରେଡ଼ା ଗ୍ରାମର ଅମିତ ସେଠୀ (୧୫) ବୋଲି ଜଣାପଡ଼ିଛି। ଆହତ ହୋଇଥିବା ଅନ୍ୟ ୫ ଜଣ ହେଲେ କୋରଡ଼ା ଗ୍ରାମର ବାପୁନି ନାହାକ (୪୦), ମିନାଗାଡ଼ିଆ ଗାଁର ମନୋଜ ନାୟକ (୩୮), ବାପି ନାୟକ (୩୫), ବେଆଇନ ବାଣ କାରଖାନା ଚଳାଇଥିବା ମାଲିକ ହାଡ଼ିବନ୍ଧୁ ସେଠୀ (୬୦) ଓ ନବ ସେଠୀ (୩୫)। ବିସ୍ଫୋରଣ ପରେ ଆଖପାଖ ଅଞ୍ଚଳରେ ଗଚ୍ଛିତ ଥିବା ବାଣ ଓ ବାଣ ତିଆରି ସାମଗ୍ରୀକୁ ନଷ୍ଟ କରିଦିଆଯାଇଛି। ନୂଆଗାଁ ଥାନାଧିକାରୀ ରଶ୍ମିରଞ୍ଜନ ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଆସନ୍ତା ୭ ତାରିଖରେ ହେବାକୁ ଥିବା ଲଙ୍କାପୋଡ଼ି ଉତ୍ସବ ପାଇଁ ବାଣ ପ୍ରସ୍ତୁତି ବେଳେ ଏପରି ଅଘଟଣ ଘଟିଥିବା ଆଲୋଚନା ହେଉଛି।

# ଏମିତି ପୁଅ ଭଗବାନ କାହାକୁ ନ ଦିଅନ୍ତୁ

- ମା'କୁ ବିଷ ପିଆଇଦେଲା ପୁଅ
- ଗଛରେ ବାନ୍ଧି ପୁଅକୁ ପିଟିଲେ ଗ୍ରାମବାସୀ
- ଆଉ ତିନି ଜଣଙ୍କୁ ମାରିବାକୁ ଧମକ



ଭୋଗରାଇ,୩।୪(ସଂଚାର ବ୍ୟୁରୋ): ରାତିରେ ମା'କୁ ମାଡ଼ ମାରିଲା ଆଉ ସକାଳେ ବିଷ ପିଆଇଦେଲା ପୁଅ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା କମର୍ଦ୍ଦା ଥାନା ଚକେଇସବ ଗାଁରେ। ପାରିବାରିକ କଳହରୁ ମା'କୁ ପୁଅ ବଳପୂର୍ବକ ବିଷ ପିଆଇଦେବା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଦେଇଛି। ଯିଏ ଶୁଣୁଛି ସିଏ କହୁଛି, ଏମିତି ପୁଅ ଭଗବାନ କାହାକୁ ନ ଦିଅନ୍ତୁ। ସୂଚନାନୁସାରେ, ମା' ପଦ୍ମାବତୀ ଦଲାଇ ଓ ପୁଅ ଲକ୍ଷ୍ମୀକାନ୍ତଙ୍କ ମଧ୍ୟରେ ଅନେକ ସମୟରେ ଝଗଡ଼ା ହୋଇଆସୁଥିଲା। ଏନେଇ ଲକ୍ଷ୍ମୀକାନ୍ତଙ୍କ ପୁତୁରାଙ୍କ କହିବାନୁସାରେ, ଗତକାଲି ମଧ୍ୟ ମା' ପୁଅଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଝଗଡ଼ା ପରେ ମା' ଉପରେ ରାଗ ଶୁଝାଇଥିଲା ପୁଅ ଲକ୍ଷ୍ମୀକାନ୍ତ। ମା'କୁ ମାଡ଼ ମାରି ଘରୁ ରାତି ଅଧରେ ତଡ଼ି ଦେଇଥିଲା ସେ। ଆଜି ସକାଳ ହେବା କ୍ଷଣି ସ୍ତ୍ରୀକୁ ନେଇ ଶ୍ୱଶୁର ଘରେ ଲକ୍ଷ୍ମୀକାନ୍ତ ଛାଡ଼ି ଆସିଥିଲା। ଘରକୁ ଦ୍ୱିପ୍ରହର ସମୟରେ ଫେରି ପଡ଼ିଶା ଘରେ ବସିଥିବା ମା'କୁ ଡାକିଥିଲା। ମା' ଘରକୁ ଆସିବା ମାତ୍ରେ ସେ ତାଙ୍କୁ ଜବରଦସ୍ତି ବିଷ ପିଆଇ ଦେଇଥିଲା ଓ ଛଟପଟ ହୋଇ ସେଇଠି ଆଖି ବୁଜିଥିଲେ ପଦ୍ମାବତୀ। ପଦ୍ମାବତୀଙ୍କୁ ବିଷ ପିଆଇ ପୁଅ ଲକ୍ଷ୍ମୀକାନ୍ତ ହତ୍ୟା କରିଥିବା ପୁତୁରା ଓ ଅନ୍ୟ ପରିବାର ଲୋକ ଅଭିଯୋଗ ଆଣିଛନ୍ତି। ପଦ୍ମାବତୀଙ୍କ ମୃତ୍ୟୁ ପରେ ଲକ୍ଷ୍ମୀକାନ୍ତଙ୍କୁ ପରିବାର ଓ ଗାଁ ଲୋକେ ଗଛରେ ବାନ୍ଧି ପ୍ରବଳ ମାଡ଼ ମାରିଛନ୍ତି। ପୁଲିସ ଖବର ପାଇଁ ଗାଁରେ ପହଞ୍ଚିବା ସହ ଅଭିଯୁକ୍ତ ଲକ୍ଷ୍ମୀକାନ୍ତକୁ ଅଟକ ରଖିଛି। ପଦ୍ମାବତୀଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛି ପୁଲିସ। ତେବେ ପରିବାରରେ କେଉଁ କାରଣକୁ ନେଇ କଳହ ଲାଗି ରହୁଥିଲା, ତା' ପୁଲିସ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ। ହେଲେ ଅଭିଯୁକ୍ତ ଲକ୍ଷ୍ମୀକାନ୍ତ ଗଛରେ ବନ୍ଧା ଯାଇଥିବା ବେଳେ ଆଉ ୩ ଜଣଙ୍କୁ ମାରିବାକୁ ଧମକ ଦେଇଥିବା କହିଛନ୍ତି ତାଙ୍କ ପରିବାର ଲୋକେ।

# ପୋଲ ଦବିବା ଘଟଣା: କାର୍ଯ୍ୟାନୁଷ୍ଠାନ ଦାବିରେ ବିକ୍ଷୋଭ



ମୋରଡ଼ା,୩।୪ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲାର ମୋରଡ଼ା ବ୍ଲକ ଅଧୀନସ୍ଥ ଚିତ୍ରଡ଼ା-ମୋରଡ଼ା ମୁଖ୍ୟ ରାସ୍ତାର ଶିଳଦା ପାଖରେ ଥିବା ଜମ୍ବିରା ପୋଲ ନିକଟରେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଦୁଇଘଣ୍ଟିଆ ଧାରଣା ଅନୁଷ୍ଠିତ ହୋଇଛି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଧାରଣା ଦିଆଯାଇଥିବା ବେଳେ ସ୍ଥାନୀୟ ଲୋକେ ମଧ୍ୟ ଉକ୍ତ ଧାରଣାକୁ ସମର୍ଥନ କରିଥିଲେ। ଉକ୍ତ ପୋଲଟି ବ୍ଲକର ଦୁଇଟି ପ୍ରମୁଖ ସ୍ଥାନ ଚିତ୍ରଡ଼ା ଓ ମୋରଡ଼ାକୁ ସଂଯୋଗ କରୁଥିବା ବେଳେ ନିକଟରେ ଏହା ଦବିଯିବାରୁ ପ୍ରଶାସନ ପକ୍ଷରୁ ଏହା ଉପରେ ଯାତାୟାତକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଏଥିଯୋଗୁଁ ସ୍ଥାନୀୟ ଅଞ୍ଚଳବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ପୋଲଟି ରକ୍ଷଣାବେକ୍ଷଣର ଅଭାବରୁ ବିପଦସଙ୍କୁଳ ହୋଇପଡ଼ିଛି। ପୋଲ ତଳୁ ନିୟମିତ ଭାବେ ବାଲି ଚାଲାଣ ହେଉଥିବାରୁ ଏହା ଜରାଜୀର୍ଣ୍ଣ ଅବସ୍ଥାରେ ପହଞ୍ଚିଯାଇଛି। ତେଣୁ ପ୍ରଶାସନ ଏସବୁର ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଶ୍ରୀ ଦାସ ଦାବି କରିଛନ୍ତି। ଏଥିସହ ଯଥାଶୀଘ୍ର ଏକ ଅସ୍ଥାୟୀ ପୋଲ ନିର୍ମାଣ କରିବା ସକାଶେ ମଧ୍ୟ ବିକ୍ଷୋଭକାରୀମାନେ ଦାବି କରିଛନ୍ତି।

ଏହି ଧାରଣାରେ ସଭାପତି ଶ୍ରୀ ଦାସ ରାଜ୍ୟର କ୍ଷମତାସୀନ ବିଜେପି ସରକାର ଓ ମୋରଡ଼ା ବିଧାୟକ ତଥା ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସ୍ଥାନୀୟ ଲୋକଙ୍କ ମୌଳିକ ସୁବିଧା ପ୍ରତି ଗୁରୁତ୍ୱ ନ ଦେଇ ମନ୍ତ୍ରୀ ଶ୍ରୀ ମହାପାତ୍ର ତା'ର ଓଲଟା କରୁଛନ୍ତି ବୋଲି ବିକ୍ଷୋଭକାରୀମାନେ ଅଭିଯୋଗ କରିଛନ୍ତି। ଏଥିସହ ତୁରନ୍ତ ଆଲୋଚ୍ୟ ପୋଲ ଦବିବା ନେଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ମଧ୍ୟ ଶ୍ରୀ ଦାସ ଦାବି କରିଛନ୍ତି।

# ଘରେ କେହି ନଥିଲେ, ଚୋର ବୁଲାଇଲେ କଳାକନା

## (ପ୍ରାୟ ୧୦ ଲକ୍ଷ ଟଙ୍କାର ଅଳଙ୍କାର ଲୁଟ୍)

ଦିଗପହଣ୍ଡି,୩।୪(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ୍‌ର ପାଟପୁର ଜଗନ୍ନାଥ ମନ୍ଦିର ସାହିରେ ରହୁଥିବା ରାଜମିସ୍ତ୍ରୀ ପିଣ୍ଟୁ ସାହୁଙ୍କ ଘର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ବ୍ୟାପକ ଲୁଟ୍ କରିଛନ୍ତି। ସେମାନେ ଆଲମିରା ଭାଙ୍ଗି ପ୍ରାୟ ୫ ଭରି ଓଜନର ସୁନା ଅଳଙ୍କାର, ୪୦ ଭରି ଓଜନର ରୁପା ଅଳଙ୍କାର ଏହିପରି ପ୍ରାୟ ୧୦ ଲକ୍ଷ ଟଙ୍କାର ଗହଣା ସହ ନଗଦ ୮,୬୦୦ ଟଙ୍କା ଲୁଟି ନେଇଛନ୍ତି। ପିଣ୍ଟୁ ଗତକାଲି ଘରେ ତାଲା ପକାଇ ନିଜ ପତ୍ନୀ ଓ ପିଲା ଛୁଆଙ୍କ ସହ ଶ୍ୱଶୁର ଘର ଜିଉରା ଗାଁକୁ ଠାକୁରାଣୀ ଯାତ୍ରା ଦେଖିବାକୁ ଯାଇଥିଲେ। ତେବେ ଆଜି ସକାଳେ ସେ ଘରକୁ ଫେରିବା ପରେ ଘର ସମ୍ମୁଖ କବାଟର ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଘର ଭିତରକୁ ଯିବା ପରେ ସେ ଆଲମିରାର ଲୁଗାପଟା ଓ ଆସବାବପତ୍ର ଏଣେତେଣେ ଫିଙ୍ଗା ହୋଇଥିବା ବେଳେ ଆଲମିରାରୁ ସୁନା, ରୁପା ଅଳଙ୍କାର ଓ ଟଙ୍କା ଗାଏବ ଥିଲା। ଏନେଇ ସେ ଥାନାରେ ଏତଲା ଦେବା ପରେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସରଜମିନ୍ ତଦନ୍ତ କରିବା ସହ ଘର ନିକଟରେ ଥିବା ସିସିଟିଭି ଯାଞ୍ଚ କରି ପଡ଼ୋଶୀ ଲୋକଙ୍କୁ ପଚରାଉଚରା କରି ଫେରିଥିବା ଜଣାପଡ଼ିଛି। ତେବେ ଘରେ କେହି ନାହାନ୍ତି ବୋଲି ଚୋରମାନେ କିପରି ଜାଣିଲେ, ତା' ଏବେ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ଏହି ଲୁଟ୍ ଘଟଣାରେ ଆଖପାଖ ଲୋକଙ୍କର ଭୂମିକା ରହିଥିବା ସନ୍ଦେହ କରାଯାଉଛି। ପୁଲିସ୍ ମଧ୍ୟ ଏହି ଦିଗରୁ ତଦନ୍ତ କରୁଥିବା ଆଇଆଇସି ଦୀପ୍ତି ରଞ୍ଜନ ବେହେରା କହିଛନ୍ତି। ଏଥିସହ ପ୍ରକୃତ ଘଟଣାର ଛାନଭିନ ପରେ ମକଦ୍ଦମା ରୁଜୁ କରାଯିବ ବୋଲି ମଧ୍ୟ ଆଇଆଇସି ସୂଚନା ଦେଇଛନ୍ତି।

# ପାଟିରେ ପଶିଗଲା ମାଛ, ଯୁବକ ମୃତ

ବାଙ୍ଗିରିପୋଷି,୩।୪(ସଂଚାର ବ୍ୟୁରୋ): ମାଛ ଧରିବା ସମୟରେ ଜଣେ ଯୁବକଙ୍କ ପାଟିରେ ଜିଅନ୍ତା ମାଛ ପଶିଯିବା ଫଳରେ ମୃତ୍ୟୁ ଘଟିଛି। ମୟୂରଭଞ୍ଜ ବାଙ୍ଗିରିପୋଷି ବ୍ଲକ୍‌ରେ ଏଭଳି ଅଘଟଣ ଘଟିଛି। ତେବେ ଯୁବକଙ୍କ ମୃତ୍ୟୁ ପାଇଁ ପରିବାର ଲୋକେ ଡାକ୍ତରଙ୍କ ଅବହେଳାକୁ ଦାୟୀ କରିଛନ୍ତି। ଦିଘି ଗାଁର ଅବିନାଶ ବିଜୁଲିଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିବା ଜଣାପଡ଼ିଛି। ବନ୍ଧରେ ମାଛ ଧରିବା ସମୟରେ ଏକ ଜୀବନ୍ତ ମାଛକୁ ପାଟିରେ କାମୁଡ଼ି ମାରିବାକୁ ଚେଷ୍ଟା କରୁଥିବା ସମୟରେ ଅସାବଧାନତାବଶତଃ ମାଛଟି ଅବିନାଶଙ୍କ ପାଟି ଭିତରେ ପଶିଯାଇଥିଲା। ବହୁ ସମୟ ଧରି ମାଛଟି ତାଙ୍କ ଶ୍ୱାସନଳୀରେ ଅଟକି ରହିଥିଲା। ତାଙ୍କୁ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଚିକିତ୍ସା ପାଇଁ ପରିବାର ଲୋକେ ଡାକ୍ତରଙ୍କୁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ସେ ନ ଆସିବା଼ରୁ ଅବିନାଶଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

# ଅପହରଣ ଓ ମାଡ଼ ଘଟଣା: ଅଭିଯୁକ୍ତ ଗିରଫ



କଟକ,୩।୪(ସଂଚାର ବ୍ୟୁରୋ): ଧାର ଦେଇଥିବା ଟଙ୍କା ଫେରି ନ ପାଇବାରୁ ଜଣେ ଯୁବକଙ୍କୁ ଏସସିବି ନିକଟରୁ ଅପହରଣ କରିନେବା ସହ ମାଡ଼ ମାରିବା ଘଟଣାରେ ଆଜି ଅଭିଯୁକ୍ତକୁ ଗିରଫ କରିଛି ଚାଉଳିଆଗଞ୍ଜ ପୁଲିସ। ଗିରଫ ଅଭିଯୁକ୍ତ ଜଣଙ୍କ ମହାନଦୀ ବିହାର ଅପର୍ଣ୍ଣାନଗର ଅଞ୍ଚଳର ଶ୍ରୀକାନ୍ତ ପାତ୍ରଙ୍କ ପୁଅ ସଚିଦାନନ୍ଦ ଓରଫ ସଚିନ (୨୩) ବୋଲି ଜଣାପଡ଼ିଛି। ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ବେଳେ ସେଠାରେ ଜାମିନ୍ ନାମଞ୍ଜୁର ହେବାରୁ ସଚିଦାନନ୍ଦଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ମିଳିଥିବା ସୂଚନାନୁଯାୟୀ, ମହାନଦୀ ବିହାର ଅଞ୍ଚଳରେ ରହୁଥିବା ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଗ୍ରାମର ରାଜେଶ ସ୍ୱାଇଁ ଟଙ୍କା ନିବେଶ କରି ଅନ୍‌ଲାଇନରେ ବିଭିନ୍ନ ଗେମ୍ ଖେଳୁଥିଲେ। ଏଥିପାଇଁ ଅଧିକ ଟଙ୍କା ଆବଶ୍ୟକ ହେବାରୁ ସେ ସଚିନଙ୍କଠାରୁ ସାଢ଼େ ୧୧ ହଜାର ଟଙ୍କା ନେଇଥିଲେ। ଏ ବାବଦରେ ସେ ରାଜେଶଙ୍କୁ ମାସିକ ନିର୍ଦ୍ଦିଷ୍ଟ ପରିମାଣର ସୁଧ ଦେବା ସକାଶେ କଥା ହୋଇଥିଲା। ଏଥିସହ ଟଙ୍କା ଦୁଇ ମାସ ମଧ୍ୟରେ ସୁଧ ସହ ଫେରାଇଦେବେ ବୋଲି ମଧ୍ୟ ସେ କହିଥିଲେ। କିନ୍ତୁ ନିର୍ଦ୍ଧାରିତ ଦିନ ଅତିକ୍ରାନ୍ତ ହେବା ପରେ ବି ରାଜେଶ ସୁଧ କି ମୂଳ କିଛି ବି ଫେରାଇ ନଥିଲେ। ତେଣୁ ସଚିନ୍ ତାଙ୍କୁ ଫୋନ୍‌କରି ତାଙ୍କୁ ଟଙ୍କା ମାଗିଥିଲେ। କିନ୍ତୁ ସେତେବେଳେ ରାଜେଶ ଅନଲାଇନ୍‌ରେ ସବୁ ଟଙ୍କା ହାରିଯାଇଥିବା କହିଥିଲେ। ଏଥିସହ ତାଙ୍କୁ ଟଙ୍କା ଫେରସ୍ତ କରିପାରିବେ ନାହିଁ ବୋଲି ମଧ୍ୟ ନିଜର ଅକ୍ଷମତା ପ୍ରକାଶ କରିଥିଲେ ରାଜେଶ। ଏହି କ୍ରମରେ ଗତକାଲି ରାଜେଶଙ୍କୁ ସଚିନ ଭେଟିବା ପରେ ଟଙ୍କା ଫେରସ୍ତ କଥା ପଚାରିଥିଲେ। ପରେ ସେ ଏ ସମ୍ପର୍କରେ ବିଶଦ ଆଲୋଚନା ପାଇଁ ରାଜେଶଙ୍କୁ ତାଙ୍କ ଗାଡ଼ିରେ ବସାଇ ନେଇଯାଇଥିଲେ। ସେ ରାଜେଶଙ୍କୁ ତାଙ୍କ ଘରକୁ ନେବା ସହ ତାଙ୍କୁ ମାଡ଼ ମାରିଥିଲେ। ଏପରିକି ଟଙ୍କା ନ ଦେଲେ ସଚିବ ରାଜେଶଙ୍କୁ ମାରିଦେବାକୁ ବି ଧମକ ଦେଇଥିଲେ।

# ବଡ଼ ଗ୍ୟାଙ୍ଗର ମାହିର୍ ଖେଳାଳି ରାଜା



## ଫେରାର୍ ପରେ ମହୀଶୂର୍‌ରେ କରିଥିଲା ଲୁଟ୍

କଟକ,୩।୪(ସଂଚାର ବ୍ୟୁରୋ): ଚୌଦ୍ୱାର ଜେଲ୍‌ରୁ ଫେରାର ହେବା ପରେ କର୍ଣ୍ଣାଟକର ମହୀଶୂରରେ ନିଜ ଗ୍ୟାଙ୍ଗର ସଦସ୍ୟଙ୍କ ସହ ମିଶି ଏକ ସୁନା ଦୋକାନରୁ ଲୁଟ୍ କରିଥିଲା ରାଜା ସାହାଣୀ। ତା'ପରେ ଆନ୍ଧ୍ରପ୍ରଦେଶର ବିଶାଖାପଟ୍ଟନମ୍ ନିକଟରେ ଏକ ସ୍ଥାନରେ ମଧ୍ୟ ସେ ତା'ର ସାଥୀମାନଙ୍କ ସହ ଲୁଟ୍ ଉଦ୍ୟମ କରିଥିଲା। କମିଶନରେଟ୍ ପୁଲିସର ଏକ ଟିମ୍ ରାଜାକୁ ଉତ୍ତରାଖଣ୍ଡର ଋଷିକେଶରୁ ଗିରଫ କରି କଟକ ଆଣିବା ପରେ ଆଜି ଏଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ପୁଲିସ୍ କମିଶନର ଏସ୍. ଦେବଦତ୍ତ ସିଂହ।

ସିପି କହିଛନ୍ତି ଯେ ରାଜାକୁ ଧରିବା ପାଇଁ ଉତ୍ତର-ପୂର୍ବ ରାଜ୍ୟ ସହ ବିହାର, କର୍ଣ୍ଣାଟକ ଓ ଦିଲ୍ଲୀକୁ କମିଶନରେଟ୍ ପୁଲିସ୍‌ର ଟିମ ଯାଇ ଖୋଜାଖୋଜି କରିଥିଲା। ଶେଷରେ ତା'ର ଠିକଣା ମିଳିଥିଲା। ସେ ଉତ୍ତରାଖଣ୍ଡର ଋଷିକେଶରେ ଥିବା ଜଣାପଡ଼ିଥିଲା। ଡିଜିଟାଲ ଫୁଟ୍ ପ୍ରିଣ୍ଟ, ବିଭିନ୍ନ ଏଜେନ୍ସିରୁ ମିଳିଥିବା ସୂଚନା, ବିଭିନ୍ନ ରାଜ୍ୟରେ ସେ କରିଥିବା ଅପରାଧର ରେକର୍ଡ ଆଦିକୁ ତର୍ଜମା କରିବା ପରେ ପୁଲିସ୍ ତାକୁ ଠାବ କରିଥିଲା।

ସିପି କହିଛନ୍ତି ଯେ ରାଜା ନାଁରେ ବିଭିନ୍ନ ରାଜ୍ୟରେ ମୋଟ ୨୮ଟି ମାମଲା ରହିଛି। ଚୌଦ୍ୱାର ଜେଲ୍‌ରୁ ଫେରାର ହେବା ପରେ ସେ ତା' ଗ୍ୟାଙ୍ଗର ସଦସ୍ୟମାନଙ୍କ ସହ ମିଶି ମହୀଶୂରରେ ଗତବର୍ଷ ଡିସେମ୍ବରରେ ଏକ ସୁନା ଦୋକାନରୁ ଲୁଟ୍ କରିଥିଲା। ମହୀଶୂର ପୁଲିସ ମଧ୍ୟ ରାଜା ଓ ତା' ଗ୍ୟାଙ୍ଗର ସଦସ୍ୟମାନଙ୍କୁ ଖୋଜୁଥିଲା। ବିଶାଖାପଟ୍ଟନମ ପାଖରେ ଏକ ସ୍ଥାନରେ ବି ଏମାନେ ଲୁଟ୍ ଉଦ୍ୟମ କରିଥିଲେ। ଆମେ ତାକୁ ପଚରାଉଚରା କରିବୁ। ସେହିପରି ଅନ୍ୟ ଯେଉଁ ରାଜ୍ୟଗୁଡ଼ିକରେ ରାଜା ୱାଣ୍ଟେଡ୍ ଅଛି, ସେଠାକାର ପୁଲିସ୍‌ମାନେ ମଧ୍ୟ ତାକୁ ଜେରା କରିବେ। ଫଳରେ ତା' ଗ୍ୟାଙ୍ଗ ସମ୍ପର୍କରେ ଆହୁରି ସୂଚନା ମିଳିବ। ଏହା ଦ୍ୱାରା ଉକ୍ତ ଗ୍ୟାଙ୍ଗର ଅନ୍ୟ ସଦସ୍ୟମାନଙ୍କୁ ଗିରଫ କରାଯାଇପାରିବ।

ସେହିପରି କଟକ ଡିସିପି କହିଛନ୍ତି ଯେ ଟିକେ ନିଛାଟିଆ ସ୍ଥାନରେ ଥିବା ସୁନା ଦୋକାନକୁ ଟାର୍ଗେଟ କରେ ରାଜା ଓ ତା'ର ଗ୍ୟାଙ୍ଗ ସଦସ୍ୟ। ସେହିପରି ସୁନା ଦୋକାନଠାରୁ କେତେ ଦୂରରେ ପୁଲିସ୍ ଷ୍ଟେସନ ଥାଏ, ସେ କଥାକୁ ସେମାନେ ଗୁରୁତ୍ୱ ଦିଅନ୍ତି। ଲୁଟ୍ ପୂର୍ବରୁ ସେମାନେ ହୋଟେଲ୍ ବା ଘର ଭଡ଼ା ନେଇ ରେକି କରନ୍ତି। ପ୍ରାୟ ୧୫ ଦିନ ପର୍ଯ୍ୟନ୍ତ ସେମାନେ ରେକି କରେ। କେଉଁ ସୁନା ଦୋକାନରେ କେତେ ପୁରୁଷ ଓ ମହିଳା କର୍ମଚାରୀ ଅଛନ୍ତି, ସୁନା କେତେବେଳେ ଦୋକାନକୁ ଆସେ, ଲୁଟ୍ ପରେ ପୁଲିସ ପହଞ୍ଚିବାକୁ କେତେ ସମୟ ଲାଗିବ, ସେ ସବୁ ବିଷୟରେ ତଥ୍ୟ ସଂଗ୍ରହ କରେ। ତା' ଟିମ୍‌ରେ ଟେକ୍ନିକାଲ ଏକ୍ସପର୍ଟ ବି ଅଛନ୍ତି। ଆଜିକାଲି ସୁନାଗହଣାରେ ଜିପିଏସ୍ ବ୍ୟବସ୍ଥା ଥିବା ବେଳେ ଏହି ଟେକ୍ନିକାଲ ଏକ୍ସପର୍ଟମାନେ ଜିପିଏସ୍ ଦ୍ୱାରା ତାକୁ ଅଚଳ କରି ଦେଇଥାନ୍ତି।

ସୂଚନାଯୋଗ୍ୟ ଯେ ରାଜା ପୂର୍ବରୁ ଅନ୍ୟତମ ଫେରାର୍ କଏଦୀ ମଧୁକାନ୍ତ ରାଣାକୁ କମିଶନରେଟ୍ ପୁଲିସ ଗିରଫ କରିଥିଲା। ଉଭୟ ମଧୁକାନ୍ତ ଓ ରାଜା ବିହାରର ବାସିନ୍ଦା। ଗତ ବର୍ଷ ଅକ୍ଟୋବର ୩ ତାରିଖରେ ଦୁହେଁ ଚୌଦ୍ୱାର ଜେଲ୍ ପାଚେରି ଡେଇଁ ଫେରାର ହୋଇଯାଇଥିଲେ। ଫେରାର ହେବାର ୪ ମାସ ପରେ ଅର୍ଥାତ୍ ଗତ ଫେବୃଆରୀରେ ଧରାପଡ଼ିଥିଲା ମଧୁକାନ୍ତ। ତାକୁ ଉତ୍ତର ପ୍ରଦେଶର ବୃନ୍ଦାବନସ୍ଥିତ ଏକ ଗେଷ୍ଟ ହାଉସ୍‌ରୁ ଗିରଫ କରାଯାଇଥିଲା। ସେ ସେଠାରେ ବାସୁ ପାଣ୍ଡେ ନାଁରେ ରହୁଥିଲା। ଅନ୍ୟପକ୍ଷରେ ଫେରାର ହେବାର ୬ ମାସ ପରେ ପୁଲିସ ହାତରେ ଧରାପଡ଼ିଛି ରାଜା।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

ସଂଚାର SANCHAR
ଶନିବାର ୪ ଏପ୍ରିଲ ୨୦୨୬
BUSINESS

# ୧୦ରୁ ଟୋଲ୍ ପ୍ଲାଜାରେ ନଗଦ ବନ୍ଦ




ନୂଆଦିଲ୍ଲୀ, ୩।୪: ଚଳିତ ମାସ ୧୦ରୁ ଟୋଲ୍ ପ୍ଲାଜାରେ ନଗଦ କାରବାର ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ। କେବଳ ଡିଜିଟାଲ୍ ପେମେଣ୍ଟ୍ ଗ୍ରହଣ କରାଯିବ। ଜାତୀୟ ରାଜପଥରେ ଥିବା ସମସ୍ତ ଟୋଲ୍ ପ୍ଲାଜାରେ ନଗଦ କାରବାର ବନ୍ଦ କରିବାକୁ ସରକାର ପୂର୍ବରୁ ନିଷ୍ପତ୍ତି ନେଇଥିଲା। ତାହା ଆସନ୍ତା ୧୦ରୁ ଲାଗୁ ହେବ। ଡିଜିଟାଲ୍ ବ୍ୟବସ୍ଥା ଗ୍ରହଣ କରିବା ଦ୍ୱାରା ଟୋଲ ପ୍ଲାଜାରେ ହେଉଥିବା ବିଳମ୍ବ ହ୍ରାସ ପାଇବ। ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ପୂର୍ବରୁ କହିଥିଲା ଯେ ଫାସ୍‌ଟ୍ୟାଗ୍ ଓ ୟୁପିଆଇ ଭଳି ଡିଜିଟାଲ ମାଧ୍ୟମରେ ଟୋଲ୍ ପଇଠ କରାଯିବ। ଟୋଲ ପ୍ଲାଜାରେ ଭିଡ଼ କମ୍ କରିବା ଏବଂ କାରବାରରେ ସ୍ୱଚ୍ଛତା ଆଣିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ନଗଦ କାରବାର ବନ୍ଦ କରି ସମ୍ପୂର୍ଣ୍ଣ ଡିଜିଟାଲ୍ ବ୍ୟବସ୍ଥା ଗ୍ରହଣ କରିବା ଦ୍ୱାରା ଟୋଲ ପ୍ଲାଜାରେ ହେଉଥିବା ବିଳମ୍ବ ହ୍ରାସ ପାଇବ ଓ ଗ୍ରାହକଙ୍କ ଅନୁଭୂତିରେ ମଧ୍ୟ ଉନ୍ନତି ହେବ। ଦେଶରେ ୧୧୫୦ରୁ ଅଧିକ ଟୋଲ୍ ପ୍ଲାଜା ରହିଛି।

TATA MOTORS

# ଟାଟାରେ ଟ୍ରଷ୍ଟ୍, ଟାଟା ସନ୍ସର ଭୂମିକା ସ୍ପଷ୍ଟ ହେବା ଦରକାର

ମୁମ୍ବାଇ, ୩।୪:ଟାଟା ଗ୍ରୁପ୍‌ରେ ଦୁଇଟି ପ୍ରମୁଖ ଅନୁଷ୍ଠାନ ଟାଟା ଟ୍ରଷ୍ଟସ୍ ଓ ଟାଟା ସନ୍ସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଟାଟା ସନ୍ସ ଗ୍ରୁପ୍‌ର ବ୍ୟବସାୟିକ ସ୍ୱାର୍ଥର ତଦାରଖ କରୁଛି। ଟ୍ରଷ୍ଟର କାର୍ଯ୍ୟ ହେଉଛି ଦାତବ୍ୟ କାର୍ଯ୍ୟଗୁଡ଼ିକୁ ସୁଚାରୁ ରୂପେ ସମ୍ପାଦନ କରିବା। ଏହି ଦୁଇ ସଂସ୍ଥାର ଭୂମିକା ଅତ୍ୟନ୍ତ ସ୍ପଷ୍ଟ ହେବା ଦରକାର ବୋଲି ଶିଳ୍ପ ବିଶାରଦମାନେ କହିଛନ୍ତି। ଟାଟା ଗ୍ରୁପ୍‌ର ପ୍ରକୃତ ନିୟନ୍ତ୍ରଣ କାହା ହାତରେ ରହିବ ଓ ସେମାନଙ୍କ ଉତ୍ତରଦାୟିତ୍ୱ କ'ଣ ହେବ ତାହା ସ୍ପଷ୍ଟ ହେବା ଦରକାର ବୋଲି ସେମାନେ କହିଛନ୍ତି। ଟାଟା ଟ୍ରଷ୍ଟସର ଭୂମିକା ହେଉଛି କେବଳ ସମ୍ପତ୍ତିର ରକ୍ଷଣାବେକ୍ଷଣକାରୀ। ଏହା ମାଲିକ କିମ୍ବା ପ୍ରମୋଟର ନୁହନ୍ତି। ଏହି ପାର୍ଥକ୍ୟ ଗ୍ରୁପ୍‌ର ଶାସନପ୍ରଣାଳୀ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।ଟାଟା ଟ୍ରଷ୍ଟସ ମହାରାଷ୍ଟ୍ର ସାର୍ବଜନୀନ ଟ୍ରଷ୍ଟ ନିୟମ ଅଧୀନରେ ପରିଚାଳିତ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜନମଙ୍ଗଳକାରୀ କାର୍ଯ୍ୟ। କିନ୍ତୁ ଟାଟା ସନ୍ସରେ ଏହି ଟ୍ରଷ୍ଟର ସଂଖ୍ୟାଗରିଷ୍ଠ ଅଂଶଧନ ରହିଥିବାରୁ ବୋର୍ଡ ନିଯୁକ୍ତି ଓ ପ୍ରମୁଖ ନିଷ୍ପତ୍ତିରେ ତାହାର ବ୍ୟାପକ ପ୍ରଭାବ ରହିଛି। ଏଭଳି ସ୍ଥିତିରେ ଏକ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି। କାରଣ ଟ୍ରଷ୍ଟର କର୍ତ୍ତବ୍ୟ କେବଳ ସାମାଜିକ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ଥିବାବେଳେ ଟାଟା ସନ୍ସର ବୋର୍ଡ ସମସ୍ତ ଅଂଶୀଦାରଙ୍କ ନିକଟରେ ଉତ୍ତରଦାୟୀ ରହିଛି।ଏହି ଦୁଇଟି ଭିନ୍ନ ଆଭିମୁଖ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏକ ବଡ଼ ଆହ୍ୱାନ ବୋଲି ଶିଳ୍ପ ବିଶାରଦମାନେ କହିଛନ୍ତି। ଆଇନଗତ ଭାବେ ଏହି ସଂରଚନା ବୈଧ ହୋଇଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ଏହା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବିଶେଷଜ୍ଞଙ୍କ ମତରେ ଟ୍ରଷ୍ଟର ସଦସ୍ୟମାନେ ଯଦି କୌଣସି ନିର୍ଦ୍ଦିଷ୍ଟ ବ୍ୟବସାୟିକ ନିୟମ ପରିବର୍ତ୍ତେ କେବଳ ନିଜସ୍ୱ ସିଦ୍ଧାନ୍ତ ଆଧାରରେ ନିଷ୍ପତ୍ତି ନେବେ ତେବେ ସେଠାରେ ସ୍ୱେଚ୍ଛାଚାରିତାର ଆଶଙ୍କା ରହୁଛି। ବ୍ୟବସାୟିକ ନିଷ୍ପତ୍ତି ଏବଂ ଦାତବ୍ୟ କାର୍ଯ୍ୟ ମଧ୍ୟରେ କୌଣସି ଆନୁଷ୍ଠାନିକ ସୀମା ନଥିବାରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ସମୟରେ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି। ଏହି ସମସ୍ୟାର ସମାଧାନ ପାଇଁ ମାଲିକାନା ପରିବର୍ତ୍ତନ ନୁହେଁ, ବରଂ ଭୂମିକା ସ୍ପଷ୍ଟ ହେବା ଆବଶ୍ୟକ। ଟାଟା ଟ୍ରଷ୍ଟ୍‌ସ ନିଜର ସଂରକ୍ଷକ ଭୂମିକା ଓ ଟାଟା ସନ୍ସ ଏକ ହୋଲ୍ଡିଂ କମ୍ପାନି ଭାବେ କାର୍ଯ୍ୟ ଜାରି ରଖିବା ଉଚିତ୍। ଏହି ସ୍ପଷ୍ଟତା ବିନା ଗୋଷ୍ଠୀର ଭବିଷ୍ୟତ ନେତୃତ୍ୱ ଓପରିଚାଳନାରେ ସର୍ବଦା ଅନିଶ୍ଚିତତା ଲାଗି ରହିବା ଆଶଙ୍କା ଥିବା ବିଶେଷଜ୍ଞମାନେ କହିଛନ୍ତି।

# ଟ୍ରେନ୍ ଯାତ୍ରୀଙ୍କ ପାଇଁ ଆଇଆରସିଟିସିର 'ଡିଜିଟାଲ୍ ଢାବା'

ନୂଆଦିଲ୍ଲୀ,୩।୪: ଭାରତୀୟ ରେଳରେ ଯାତ୍ରା କରୁଥିବା ଯାତ୍ରୀଙ୍କ ପାଇଁ ଏକ ବଡ଼ ସୁବିଧା ନେଇ ଆସିଛି ଆଇଆରସିଟିସି। ଏବେ ମେଲ କିମ୍ବା ଏକ୍ସପ୍ରେସ ଟ୍ରେନରେ ଯାତ୍ରା ସମୟରେ ଆପଣଙ୍କୁ ଖାଦ୍ୟ ପାଇଁ ଚିନ୍ତା କରିବାକୁ ପଡ଼ିବ ନାହିଁ। ଆଇଆରସିଟିସି ପକ୍ଷରୁ ଆରମ୍ଭ କରାଯାଇଥିବା 'ଇ-ପାଣ୍ଟ୍ରି' ସେବା ମାଧ୍ୟମରେ ଯାତ୍ରୀମାନେ ନିଜ ସିଟ୍‌ରେ ବସି ଡିଜିଟାଲ ପଦ୍ଧତିରେ କ'ଣ ଏହି ଆଇଆରସିଟିସି ଇ-ପାଣ୍ଟ୍ରି ସେବା ? ବିଶେଷ କରି ସେହି ମେଲ୍/ଏକ୍ସପ୍ରେସ ଟ୍ରେନ୍‌ଗୁଡ଼ିକ ପାଇଁ ଏହି ସେବା ଉଦ୍ଦିଷ୍ଟ, ଯେଉଁଠାରେ ଟିକେଟ ମୂଲ୍ୟରେ ଖାଦ୍ୟ ସାମିଲ ନ ଥାଏ। ଯାତ୍ରୀମାନେ ଟିକେଟ ବୁକିଂ ସମୟରେ କିମ୍ବା ଯାତ୍ରା ପୂର୍ବରୁ ଅନଲାଇନ ମାଧ୍ୟମରେ ନିଜ ପସନ୍ଦର ଖାଦ୍ୟ ଅର୍ଡର କରିପାରିବେ। ଯାତ୍ରୀମାନେ ଅତି ସହଜରେ ୩ଟି ପର୍ଯ୍ୟାୟରେ ଏହି ସେବାର ଲାଭ ଉଠାଇପାରିବେ: ଟିକେଟ ବୁକ କରିବା ସମୟରେ ଆଇଆରସିଟିସି ୱେବସାଇଟ ([www.ଆଇଆରସିଟିସି.co.in](http://www.ଆଇଆରସିଟିସି.co.in)) ରେ 'ଇ-ପାଣ୍ଟ୍ରି ବିକଳ୍ପ ଚୟନ କରିପାରିବେ। ଯଦି ଟିକେଟ ପୂର୍ବରୁ ବୁକ ହୋଇସାରିଛି, ତେବେ 'ବୁକଡ୍ ଟିକେଟ ହିଷ୍ଟ୍ରି'କୁ ଯାଇ ମଧ୍ୟ ଅର୍ଡର କରାଯାଇପାରିବ। କନଫର୍ମେସନ: ଅର୍ଡର ସଫଳ ହେବା ପରେ ଯାତ୍ରୀଙ୍କ ମୋବାଇଲ ନମ୍ବର କିମ୍ବା ଇମେଲ୍ଲୁ ଏକ Meal Verification Code (MVC)** ପଠାଯିବ। ଡେଲିଭରି: ଯାତ୍ରା ସମୟରେ ପ୍ୟାଣ୍ଟ୍ରି ଷ୍ଟାଫ୍‌ଙ୍କୁ ସେହି କୋଡ ଦେଖାଇବା ପରେ ଆପଣଙ୍କ ଖାଦ୍ୟ କିମ୍ବା ରେଲ ନୀର (ପାଣି) ସିଧାସଳଖ ଆପଣଙ୍କ ସଟ୍‌ରେପହଞ୍ଚିଯିବ। କ୍ୟାସଲେସ କାରବାର: ସମସ୍ତ ପେମେଣ୍ଟ ଅନଲାଇନ୍‌ରେ ହେଉଥିବାରୁ ଯାତ୍ରା ସମୟରେ ନଗଦ ଟଙ୍କା ଦେବାର ଆବଶ୍ୟକତା ପଡ଼ିବ ନାହିଁ। ଡିଜିଟାଲ ଡ୍ୟାସବୋର୍ଡ ଜରିଆରେ ଯାତ୍ରୀ ନିଜ ଅର୍ଡରର ସ୍ଥିତି ଟ୍ରାକ କରିପାରିବେ। MVC କୋଡ ବ୍ୟବହାର



କରାଯାଉଥିବାରୁ କେବଳ ସଠିକ ଯାତ୍ରୀଙ୍କ ପାଖରେ ହିଁ ଖାଦ୍ୟ ପହଞ୍ଚିବା ନିଶ୍ଚିତ ହୋଇଥାଏ। ଯଦି କୌଣସି କାରଣବଶତଃ ନିର୍ଦ୍ଧାରିତ ସମୟରେ ଖାଦ୍ୟ ପହଞ୍ଚି ନ ପାରେ, ତେବେ ଯାତ୍ରୀଙ୍କୁ ଟଙ୍କା ଫେରସ୍ତ ପାଇବାର ସୁବିଧା ମଧ୍ୟ ରହିଛି।

ରେଳବାଇର ଏହି ଡିଜିଟାଲ ପଦକ୍ଷେପ ଯାତ୍ରୀମାନଙ୍କ ପାଇଁ ଯାତ୍ରାକୁ ଅଧିକ ଆରାମଦାୟକ ଏବଂ ବିଶ୍ୱସନୀୟ କରିପାରିବ ବୋଲି ଆଶା କରାଯାଉଛି।

ଶିଳ୍ପ ଜଗତକୁ ସରକାରଙ୍କ ବଡ଼ ଭେଟି

# ଆସୁଛି ନୂଆ କ୍ରେଡିଟ୍ ଗ୍ୟାରେଣ୍ଟି ସ୍କିମ୍

ନୂଆଦିଲ୍ଲୀ, ୩।୪: ବିଶ୍ୱ ରାଜନୀତି ଏବଂ ପଶ୍ଚିମ ଏସିଆରେ ଲାଗି ରହିଥିବା ଉତ୍ତେଜନା ମଧ୍ୟରେ ଭାରତ ନିଜ ଅର୍ଥବ୍ୟବସ୍ଥାକୁ ସୁରକ୍ଷିତ ରଖିବା ପାଇଁ ଏକ ବଡ଼ ପଦକ୍ଷେପ ନେଇଛି। ଯୁଦ୍ଧ ଯୋଗୁଁ କଞ୍ଚାମାଲର ଦରବୃଦ୍ଧି ଏବଂ ପରିବହନ ଖର୍ଚ୍ଚରେ ଅତିଷ୍ଠ ହୋଇପଡ଼ିଥିବା ଭାରତୀୟ ଶିଳ୍ପ ସଂସ୍ଥାଗୁଡ଼ିକ ପାଇଁ କେନ୍ଦ୍ର ସରକାର ଏକ ବଡ଼ ଘୋଷଣା କରିବାକୁ ଯାଉଛନ୍ତି। ଶିଳ୍ପ ଜଗତକୁ ଆର୍ଥିକ ସଙ୍କଟରୁ ରକ୍ଷା କରିବା ପାଇଁ ସରକାର ପ୍ରାୟ ୨.୫ ଲକ୍ଷ କୋଟି ଟଙ୍କାର ଏକ ସ୍ୱତନ୍ତ୍ର କ୍ରେଡିଟ୍ ଗ୍ୟାରେଣ୍ଟି ଯୋଜନା ପ୍ରସ୍ତୁତ କରୁଛନ୍ତି।

ଇକୋନୋମିକ୍ ଟାଇମ୍ସର ରିପୋର୍ଟ ଅନୁଯାୟୀ, ଆଗାମୀ ଦୁଇ ସପ୍ତାହ ମଧ୍ୟରେ ସରକାର ଏହି ମାଷ୍ଟରଷ୍ଟ୍ରୋକ ଲଞ୍ଚ କରିପାରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କମ୍ପାନୀଗୁଡ଼ିକୁ ସହଜରେ ବ୍ୟାଙ୍କ ଋଣ ଯୋଗାଇଦେବା।

## ଉପକୃତ ହେବେ ଲକ୍ଷ ଲକ୍ଷ ଏମଏସଏମଇ

ବିଶ୍ୱସ୍ତରୀୟ ଅନିଶ୍ଚିତତା ମଧ୍ୟରେ ଶିଳ୍ପ ସଂସ୍ଥାଗୁଡ଼ିକୁ ନିରନ୍ତର କାର୍ଯ୍ୟ କରିବା ପାଇଁ ଭରସା ଦେବା। ବଜାରରେ ନଗଦ ଟଙ୍କା ବା ଲିକୁଇଡିଟିର ଅଭାବକୁ ଦୂର କରିବା। ଏହି ନୂତନ ଯୋଜନା କରୋନା ମହାମାରୀ ସମୟରେ ଆରମ୍ଭ ହୋଇଥିବା ଏମରଜେନ୍ସି କ୍ରେଡିଟ୍ ଲାଇନ୍ ଗ୍ୟାରେଣ୍ଟି ସ୍କିମ୍(ଇସିଏଲଜିଏସ) ଭଳି ହେବ। ଏହି ମଡେଲରେ ଏମଏସଏମଇ ଏବଂ ବିଭିନ୍ନ ବ୍ୟବସାୟିକ ସଂସ୍ଥାକୁ ବିନା ଗ୍ୟାରେଣ୍ଟିରେ ଋଣ ମିଳିପାରିବ। ସରକାର ନିଜେ ଏହି ଋଣ ପାଇଁ ଗ୍ୟାରେଣ୍ଟର ସାଜିବେ, ଯାହାଫଳରେ ବ୍ୟାଙ୍କଗୁଡ଼ିକ କୌଣସି ଭୟ ନକରି କମ୍ପାନୀଗୁଡ଼ିକୁ ଋଣ ଦେଇପାରିବେ। ସରକାରୀ ଅଧିକାରୀଙ୍କ କହିବା ଅନୁଯାୟୀ, ବର୍ତ୍ତମାନ ପର୍ଯ୍ୟନ୍ତ ଭାରତୀୟ ଶିଳ୍ପ ଉପରେ ଯୁଦ୍ଧର ପ୍ରଭାବ ବହୁତ ବଡ଼ ନୁହେଁ, କିନ୍ତୁ ସରକାର ଆଗୁଆ ପ୍ରସ୍ତୁତି କରିବାକୁ ଚାହୁଁଛନ୍ତି। ବିଶେଷ କରି ରପ୍ତାନି କରୁଥିବା କମ୍ପାନୀଗୁଡ଼ିକ ଉପରେ ଚାପ ବଢୁଥିବାରୁ ସରକାର ସେମାନଙ୍କ ସହ ସିଧାସଳଖ ଯୋଗାଯୋଗରେ ଅଛନ୍ତି। ଯଦି କୌଣସି କ୍ଷେତ୍ରରେ ଉତ୍ପାଦନ ବାଧାପ୍ରାପ୍ତ ହୁଏ, ତେବେ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦିଆଯିବ।

ସରକାର କୋଭିଡ୍ ସମୟରେ ଇସିଏଲଜିଏସ ଯୋଜନାରେ ସରକାର ୩.୬୨ ଲକ୍ଷ କୋଟି ଟଙ୍କାର ଗ୍ୟାରେଣ୍ଟି ଦେଇଥିଲେ। ଫଳରେ ୧.୧୯ କୋଟି ବ୍ୟବସାୟୀ ଏବଂ ସଂସ୍ଥା ସିଧାସଳଖ ଉପକୃତ ହୋଇଥିଲେ। ୧୩.୫ ଲକ୍ଷ ଏମଏସଏମଇ ୟୁନିଟ୍ ବନ୍ଦ ହେବାରୁ ବଞ୍ଚିଯାଇଥିଲେ। ୧.୮ ଲକ୍ଷ କୋଟିର ଋଣ ଟଙ୍କା ଏନପିଏ(ନନପରଫର୍ମିଂ ଆସେଟ୍) ହେବାରୁ ବଞ୍ଚିଯାଇଥିଲା। ଏହି ସବୁ ସଫଳତାକୁ ଦୃଷ୍ଟିରେ ରଖି ବର୍ତ୍ତମାନର ଗ୍ଲୋବାଲ ଟେନସନ ବା ବିଶ୍ୱସ୍ତରୀୟ ଚାପକୁ ମୁକାବିଲା କରିବା ପାଇଁ ଏହି ୨.୫ ଲକ୍ଷ କୋଟିର 'ସଞ୍ଜୀବନୀ' ପ୍ଲାନ୍ ଭାରତୀୟ ଶିଳ୍ପ ଜଗତ ପାଇଁ ଏକ ବଡ଼ ଆଶା ସାଜିଛି। ଆଗାମୀ ଦୁଇ ସପ୍ତାହ ମଧ୍ୟରେ ସରକାର ଏହି ଯୋଜନାର ସମ୍ପୂର୍ଣ୍ଣ ରୂପରେଖ ସାର୍ବଜନୀନ କରିବେ ବୋଲି ଆଶା କରାଯାଉଛି।



# ଆଇଆରସିଟିସି ପକ୍ଷରୁ ଆରମ୍ଭ ହେବ 'ଭାରତ-ନେପାଳ ଆସ୍ଥା ଟୁର'

ନୂଆଦିଲ୍ଲୀ, ୩।୪: ଭାରତ ଏବଂ ନେପାଳ ମଧ୍ୟରେ ସାଂସ୍କୃତିକ ଏବଂ ଧାର୍ମିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଆଇଆରସିଟିସି "ଭାରତ-ନେପାଳ ଆସ୍ଥା ଟୁର" ଆରମ୍ଭ କରିଛି। ଏହି ଭ୍ରମଣ ଭାରତ ଗୌରବ ଡିଲକ୍ସ ଏସି ଟୁରିଷ୍ଟ ଟ୍ରେନରେ ପରିଚାଳିତ ହେବ। ଯାହା ଉଭୟ ଦେଶର ପ୍ରମୁଖ ଧାର୍ମିକ ଏବଂ ଐତିହାସିକ ସ୍ଥାନଗୁଡ଼ିକୁ ଦର୍ଶନ କରାଇବ। ଏହି ଭ୍ରମଣର ଅବଧି ୯ ରାତି ଏବଂ ୧୦ ଦିନ ପର୍ଯ୍ୟନ୍ତ ରହିବ। ଯାହା ୨୦୨୬ ଏପ୍ରିଲ ୨୧ରୁ ଆରମ୍ଭ ହେବ। ଏହି ଯାତ୍ରା ଦିଲ୍ଲୀରୁ ଆରମ୍ଭ ହୋଇ ଅଯୋଧ୍ୟା, ବାରାଣସୀ, ଜନକପୁର, କାଠମାଣ୍ଡୁ ଏବଂ ପୋଖରା ଦେଇ ଯାତ୍ରା କରିବ ଏବଂ ଦିଲ୍ଲୀ ଫେରିବ। ଏହି ଟ୍ରେନଟି ଦିଲ୍ଲୀ, ଅଯୋଧ୍ୟା, ବାରାଣସୀ, ସୀତାମାଢ଼ି ଏବଂ ନୌତନୱା ଦେଇ ଚଳାଚଳ କରିବ। ଯାତ୍ରୀମାନେ ଗାଜିଆବାଦ, ଟୁଣ୍ଡଲା, ଆଲିଗଡ଼, ଇଟାୱା, କାନପୁର ଏବଂ ଲକ୍ଷ୍ନୌ ଭଳି ଷ୍ଟେସନରୁ ଯାତ୍ରା ଆରମ୍ଭ ଓ ଶେଷ କରି ପାରିବେ ।ଏହି ସ୍ୱତନ୍ତ୍ର ଟ୍ରେନରେ ପ୍ରଥମଶ୍ରେଣୀ ଏସି, ଦ୍ୱିତୀୟ ଶ୍ରେଣୀ ଏସି ଏବଂ ତୃତୀୟ ଶ୍ରେଣୀ ଏସି ସମେତ ମୋଟ ୧୫୦ଟି ସିଟ୍ ଅଛି। ପ୍ରଥମରୁ ତୃତୀୟ ଶ୍ରେଣୀ ଏସି ସିଟର ଯାତ୍ରାଭଡ଼ା ୭୩,୦୦୦ ରୁ ୧୦୩,୦୦୦ ପର୍ଯ୍ୟନ୍ତ ରହିଛି।

ଆଇଆରସିଟିସି ୱେବସାଇଟ୍ ଅନୁଯାୟୀ, ଏହି ଯାତ୍ରାରେ କେବଳ ଭାରତୀୟ ନାଗରିକମାନେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ହେବ। ନେପାଳ ଯାତ୍ରା ପାଇଁ ଅତି କମରେ ୬ ମାସ ବୈଧତା ସହିତ ଏକ ବୈଧ ଭୋଟର ପରିଚୟ ପତ୍ର କିମ୍ବା ପାସପୋର୍ଟ ଥିବା ଆବଶ୍ୟକ। ସାମଗ୍ରିକ ଭାବରେ, ଏହି ଭ୍ରମଣ ଭାରତ ଏବଂ ନେପାଳର ପ୍ରମୁଖ ଧାର୍ମିକ ସ୍ଥଳ ପରିଦର୍ଶନ କରିବାକୁ ଚାହୁଁଥିବା ଏବଂ ଗୋଟିଏ ଯାତ୍ରାରେ ଆରାମଦାୟକ ଟ୍ରେନ ଯାତ୍ରା ଅନୁଭବ କରିବାକୁ ଚାହୁଁଥିବା ତୀର୍ଥଯାତ୍ରୀଙ୍କ ପାଇଁ ଏକ ଉତ୍କୃଷ୍ଟ ସୁଯୋଗ। ଆପଣ ଆଇଆରସିଟିସି ୱେବସାଇଟକୁ ଯାଇ ଏହି ଭ୍ରମଣ ପାଇଁ ଟିକେଟ ବୁକ୍ କରିପାରିବେ।






# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୬,୮୯୦ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୪,୬୫୦ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୬,୮୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୩୪,୬୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୪୬,୮୯୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୩୪,୬୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୪୭,୦୪୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୩୪,୮୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୯,୧୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୬,୭୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୬,୮୯୦ ଓ ୧,୩୪,୬୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି ।

# ଅସ୍ତରଙ୍ଗରେ ଚାକିରି, ଭୁବନେଶ୍ୱରରେ ରହଣି

## ● ଦିନ ୧୨ଯାଏଁ ବିଭିନ୍ନ ଅଫିସ ଚୌକି ଖାଲି ● ନେବା ଆଣିବାକୁ ରାଜଧାନୀ ଯାଉଛି ଗାଡି

**କାକଟପୁର/ଅସ୍ତରଙ୍ଗ,୩।୪ (ସଂଚାର ବ୍ୟୁରୋ):** ରାଜଧାନୀ ଭୁବନେଶ୍ୱରରୁ ଅସ୍ତରଙ୍ଗ ମାତ୍ର ୮୦କିଲୋମିଟର ଦୂରରେ ଅବସ୍ଥିତ। ଅସ୍ତରଙ୍ଗକୁ ଯିବା ଆସିବା ପାଇଁ ସଡ଼କ ପଥରେ ପର୍ଯ୍ୟାପ୍ତ ସୁବିଧା ରହିଛି। ଯାହାର ସୁଯୋଗ ନେଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳରେ କାର୍ଯ୍ୟରତ ସରକାରୀ ଅଧିକାରୀ, ଅଧିକାରିଣୀ ଓ କର୍ମଚାରୀ ଛୁଟି ଦିନରେ ଜିଲ୍ଲା ଛାଡୁଛନ୍ତି। ଅନେକ ଅଧିକାରୀ, ଅଧିକାରିଣୀ ପ୍ରତ୍ୟେକ ଦିନ ସରକାରୀ ଗାଡିର ଅର୍ଥରେ ତେଲ ପକାଇ ଭୁବନେଶ୍ୱରରୁ ଅସ୍ତରଙ୍ଗ ଯାତାୟାତ କରୁଛନ୍ତି, ଯାହା ଫଳରେ ସପ୍ତାହକୁ ୪ଦିନ ମଧ୍ୟାହ୍ନ ୧୨ଘଟିକା ପରେ ନିଜ କାର୍ଯ୍ୟାଳୟରେ ପହଂଚୁଛନ୍ତି। ଅନେକ ଅଧିକାରୀ, ଅଧିକାରିଣୀ ଓ କର୍ମଚାରୀ ଶନିବାର ଅପରାହ୍ନରୁ କାର୍ଯ୍ୟାଳୟ ଛାଡୁଥିବା ବେଳେ ସୋମବାର ମଧ୍ୟାହ୍ନରେ ଯୋଗଦେଉଛନ୍ତି। କିନ୍ତୁ କିଛି ଅଧିକାରିଣୀ, ଅଧିକାରୀ ସରକାରୀ ନିୟମକୁ ଉଲ୍ଲଘଂନ କରି ଜିଲ୍ଲା ଛାଡି ଭୁବନେଶ୍ୱର, କଟକ ଯାତାୟାତ କରୁଛନ୍ତି। ଅନେକ କାର୍ଯ୍ୟାଳୟ ଦିନ ୧୧ପର୍ଯ୍ୟନ୍ତ ଚୌକି ଖାଲି ପଡୁଥିବା ବେଳେ କିଛି ଅଧିକାରୀ, ଅଧିକାରିଣୀ



ଭୁବନେଶ୍ୱର ଯା'ଆସ ପାଇଁ ସରକାରୀ ଗାଡି ମଧ୍ୟ ବ୍ୟବହାର କରୁଛନ୍ତି।

ଅସ୍ତରଙ୍ଗ ଅଞ୍ଚଳବାସୀଙ୍କୁ ସରକାରଙ୍କ ଯୋଜନା ପହଂଚାଇବା ପାଇଁ ବିଭାଗ ଅନୁଯାୟୀ କାର୍ଯ୍ୟାଳୟ ଖୋଲିଛି। କିନ୍ତୁ ଅନେକ ଅଧିକାରୀ ଦୈନନ୍ଦିନ ଭୁବନେଶ୍ୱରରେ କାଳାତିପାତ କରୁଛନ୍ତି। ମାତ୍ର ଅସ୍ତରଙ୍ଗ ଅଂଚଳରେ ଅନେକ ଅଧିକାରୀ, ଅଧିକାରିଣୀ ଓ କର୍ମଚାରୀ ପ୍ରତ୍ୟେକ ଶୁକ୍ରବାର କିମ୍ବା ଶନିବାର ଭୁବନେଶ୍ୱର ଯାଉଥିବା ବେଳେ ଅନେକ ଅଧିକାରିଣୀ ଅଫିସ ଗାଡି ମାଧ୍ୟମରେ ପ୍ରତ୍ୟେକ ଦିନ ଭୁବନେଶ୍ୱର ଯାତାୟାତ କରିବା ସହ ମଧ୍ୟାହ୍ନ ୧୨ଟା ପରେ ଅଫିସ କାର୍ଯ୍ୟାଳୟରେ ସରକାରୀ ଗାଡିରେ ପହଂଚୁଛନ୍ତି। ଯାହାର ଘଟଣା କାକଟପୁରରୁ ଭୁବନେଶ୍ୱର ମୁଖ୍ୟ ରାସ୍ତାରେ ଦିନ ୧୦ରୁ ମଧ୍ୟାହ୍ନ ୧ଟା ମଧ୍ୟରେ ଅନେକ ସରକାରୀ ଗାଡି ଅଧିକାରୀ, ଅଧିକାରିଣୀଙ୍କୁ ଧରି ଫେରୁଥିବା ଦେଖିବାକୁ ମିଳୁଛି।

ଅସ୍ତରଙ୍ଗ ଅଂଚଳରେ କେତୋଟି ହାତ ଗଣତି କାର୍ଯ୍ୟାଳୟ କୁ ବାଦ ଦେଲେ ୯୦ପ୍ରତିଶତ ବିଭାଗରେ ସରକାରୀ ଗାଡି ନାହିଁ। ପ୍ରତ୍ୟେକ ବିଭାଗ ଲିଜ ସୂତ୍ରରେ ଗାଡି ବ୍ୟବହାର କରୁଛନ୍ତି। ପ୍ରତ୍ୟେକ ମାସରେ ଏଥିପାଇଁ ଭଡା, ଡ୍ରାଇଭର ଦରମା ସହ ତେଲ ବାବଦ କୁ ବହୁ ଅର୍ଥ ବ୍ୟୟ କରାଯାଉଛି। ସରକାରୀ ଗାଡି ନେଇ ଅଧିକାରୀମାନେ ଛୁଟି କାଟିବାକୁ ଯାଉଥିବା ବେଳେ ଜିଲ୍ଲା ପ୍ରଶାସନ ଏଥିପାଇଁ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଲାଇନ୍ ବିଭାଗରେ ଅନେକ ଅଧିକାରୀ ସପ୍ତାହକୁ ଦିନେ କିମ୍ବା ଦୁଇ ଦିନ ଅସ୍ତରଙ୍ଗ ଆସୁଥିବା ବେଳେ ବିଭିନ୍ନ କାମ ବାହାନା ଦେଖାଇ ଭୁବନେଶ୍ୱର ରହୁଛନ୍ତି। ଏହା ଦ୍ୱାରା ବିଭାଗୀୟ କାର୍ଯ୍ୟରେ ଅନେକ ମନ୍ଥରତା ସୃଷ୍ଟି ହେଉଥିବା ବେଳେ ଲୋକେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଜିଲ୍ଲାପାଳ ଏହା ଉପରେ ତୀକ୍ଷ୍ଣ ନଜର ଦେବା ସହ ପଦକ୍ଷେପ ନେବାକୁ ଦାବୀ ହେଉଛି।

## ବକେୟା ନଥାଇ ମଧ୍ୟ ବିଦ୍ୟୁତ୍ ସଂଯୋଗ କାଟିଲା ଟିପିଏସ୍ଓଡିଏଲ୍



**ଫୁଲବାଣୀ,୩।୪ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଜି, ଉଦୟଗିରି ନିକଟସ୍ଥ କୁର୍ମୀଙ୍ଗିଆର ରାମକୃଷ୍ଣ ପ୍ରଧାନଙ୍କ ୧୦ଦିନରୁ ଉର୍ଦ୍ଧ୍ୱ ହେଲାଣି ବିନାକାରଣରେ ବିଦ୍ୟୁତ୍ ବିଚ୍ଛିନ୍ନ କରିଦେବାରୁ ବିଭିନ୍ନ ପ୍ରକାର ସମସ୍ୟାରେ ରହୁଛନ୍ତି ରାମକୃଷ୍ଣ ପ୍ରଧାନ ଦମ୍ପତି । ରାମ କୃଷ୍ଣ କହିବା ମୁତାବକ ସେ ନୀୟମିତ ପ୍ରକାର ବିଜୁଳୀ ବିଲ୍ ପୈଠ କରୁଥିଲେ ସୁଧା ହଠାତ ବିଦ୍ୟୁତ୍ ବିଭାଗ କର୍ମଚାରୀ ଆସି ତୁମର ପାଞ୍ଚ ହଜାରରୁ ଅଧିକ ବିଲ ଅଛି କହି ବିଜୁଳି ବିଚ୍ଛିନ୍ନ କରିଦେଇଥିଲେ। ଯେତେ କହିଲେ ବି ଶୁଣିଲେ ନାହିଁ । ସେ କହିଥିଲେ କି ମୁଁ ନିୟମିତ ବିଜୁଳି ବିଲ ପୈଠ କରୁଅଛି ମୋର କୌଣସି ବକେୟା ନାହିଁ। ଏହା କହିଲେ ସୁଦ୍ଧା ବିଜୁଳି ବିଭାଗ କର୍ମଚାରୀମାନେ କିଛି ନ ଶୁଣି ବିଦ୍ୟୁତ୍ ବିଚ୍ଛିନ୍ନ କରି ଦେଲେ । ବିଦ୍ୟୁତ୍ ବିଭାଗର ଏହିପରି ନିର୍ଦ୍ଦୟ କାର୍ଯ୍ୟକକାପ ଯୋଗୁଁ ଜଣେ ନିରୀହ ଲୋକଙ୍କୁ ଉଦ୍ଦେଶ୍ୟ ମୂଳକ ଭାବେ ତାହାର କିଛି ବକେୟା ନଥାଇ ମଧ୍ୟ ବିଦ୍ୟୁତ୍ ବିଚ୍ଛିନ୍ନ କରିବାର କେତେ ଯଥାର୍ଥ ।ଏପଟେ ଖରାଦିନ, ପ୍ରତିଦିନ କାଳବୈଶାଖୀର ପ୍ରଭାଗ ସାଙ୍ଗକୁ ହାତୀର ଭୟ ଏହି ପରିସ୍ଥିତିରେ ହନ୍ତସନ୍ତ ହେଉଛ ରାଧାକୃଷ୍ଣ ଓ ପରିବାର । ବିଦ୍ୟୁତ୍ ବିଭାଗର ଏପରି କଦର୍ଯ୍ୟ ବ୍ୟବହାର ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। କେତେବେଳେ ଯେ କଣ ଘଟିବ କେହି କହି ପାରିବେ ନାହିଁ ।

## ହନୁମାନ ଜୟନ୍ତୀରେ ଭବ୍ୟ ଶୋଭାଯାତ୍ରା



**ସୁନ୍ଦରଗଡ଼,୩।୪ (ସଂଚାର ବ୍ୟୁରୋ):** ହନୁମାନ ଜୟନ୍ତୀ ଅବସରରେ ସୁନ୍ଦରଗଡ଼ ସହରରେ ଭକ୍ତିମୟ ପରିବେଶ ମଧ୍ୟରେ ଭବ୍ୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସହରର ଏନ୍‌କେକେ ପରିସରରୁ ଆରମ୍ଭ ହୋଇଥିବା ଏହି ବିଶାଳ ଶୋଭାଯାତ୍ରା ସୁନ୍ଦରଗଡ଼ ସହରର ବିଭିନ୍ନ ପ୍ରମୁଖ ରାସ୍ତା ଓ ଛକ୍‌ମାନଙ୍କୁ ପରିକ୍ରମା କରି ସାରା ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ଶତାଧିକ ଭକ୍ତ ଓ ଯୁବମାନେ ଯୋଗଦେଇ 'ଜୟ ଶ୍ରୀ ରାମ' ଓ 'ଜୟ ବଜରଙ୍ଗବଳୀ' ନାମ ଉଚ୍ଚାରଣ କରି ପରିବେଶକୁ ଭକ୍ତିମୟ କରିଥିଲେ।

ଏହି ଅବସରରେ ବିଭିନ୍ନ ଝାଙ୍କି, ଢୋଲ-ନିଶାନ୍ ସହିତ ଯାତ୍ରାକୁ ଆକର୍ଷଣୀୟ କରାଯାଇଥିଲା। ସମଗ୍ର ଶୋଭାଯାତ୍ରାକୁ ସୁଚାରୁ ଭାବେ ପରିଚାଳନା ପାଇଁ ପୁଲିସ ପକ୍ଷରୁ ପ୍ରୟାପ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।ହନୁମାନ ଜୟନ୍ତୀ ଅବସରରେ ଏହି ଭବ୍ୟ ଆୟୋଜନ ସୁନ୍ଦରଗଡ଼ରେ ଧାର୍ମିକ ଉତ୍ସାହକୁ ଆହୁରି ମଜବୁତ କରିଥିବା ଦେଖାଯାଇଛି।

## ମା' ତାରିଣୀଙ୍କ ବାର୍ଷିକ ପୂଜା ଉତ୍ସବ



**ନିଶ୍ଚିନ୍ତକୋଇଲି,୩।୪ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟ ପାଖ ତାରିଣୀ ପୀଠରେ ତ୍ରିଦିନାତ୍ମକ ଚଇତି ପର୍ବ, ଯଜ୍ଞ ମହୋତ୍ସବ ଓ ମା'ତାରିଣୀଙ୍କ ୩୦ତମ ବାର୍ଷିକ ପୂଜା ଉତ୍ସବ ସମ୍ପୂର୍ଣ୍ଣ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ସୁବିଜ୍ଞ ଯଜ୍ଞ ପଣ୍ଡିତ ନିରଞ୍ଜନ ଶତପଥୀ ଓ ତାଙ୍କ ସହଯୋଗୀ ସଞ୍ଜୀବ କର, ଦୁର୍ଗାପ୍ରସାଦ ନନ୍ଦ, ମା'ତାରିଣୀ ମନ୍ଦିରର ନିତ୍ୟାନି ପୂଜକ ସରୋଜ କୁମାର ଷଡଙ୍ଗୀ ଯଜ୍ଞ ଓ ପୂଜା କାର୍ଯ୍ୟ କରିଥିବା ବେଳେ କର୍ତ୍ତା ଭାବେ ଭାସ୍କରଚନ୍ଦ୍ର ନାୟକ, ତାଙ୍କ ଧର୍ମପତ୍ନୀ ସତ୍ୟପ୍ରଭା ନାୟକ କର୍ତ୍ତୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ତା.୦୧.୦୪.୨୦୨୬ରିଖ ବୁଧବାର ଅଙ୍କୁରାରୋପଣ, କଳସଯାତ୍ରା ଏବଂ ସନ୍ଧ୍ୟାରେ ବେଲେଶ୍ୱରୀ ସଙ୍ଗୀତ କଳାନିକେତନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ତା.୦୨.୦୪.୨୦୨୬ରିଖ ଗୁରୁବାର ଘଟଯାତ୍ରା, ମା'ଙ୍କ ମହାସ୍ନାନ, ଷୋଡ଼ଶ ଉପଚାର ପୂଜା କରାଯିବା ସହ ଯଜ୍ଞ ଆରମ୍ଭ ହୋଇଥିଲା ସନ୍ଧ୍ୟାରେ ମହାଆଳତୀ ଓ ପରେ ପାରମ୍ପରିକ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ତା.୦୩.୪.୨୦୨୬ରିଖ ଶୁକ୍ରବାର ମା'ଙ୍କ ମହାସ୍ନାନ, ସପ୍ତସତି ଚଣ୍ଡିପାଠ କରାଯାଇ ରାତ୍ରରେ ପୂର୍ଣ୍ଣାହୂତି ସମ୍ପନ୍ନ ହୋଇଥିଲା ପରେ ପ୍ରବଚକ ପଣ୍ଡିତ ନାରାୟଣ ଓଝାଙ୍କ ଦ୍ୱାରା ପ୍ରବଚନ ପ୍ରଦାନ ଓ ଲଉଡ଼ି ଖେଳ ପରିବେଷଣ କରାଯାଇଥିଲା। ସ୍ଥାନୀୟ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗ ଦେଇ ମାତୃ କୃପା ଲାଭ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ତାରିଣୀ ପରିବାର ନିଶ୍ଚିନ୍ତକୋଇଲିର ସମସ୍ତ ସଦସ୍ୟମାନେ ପୂର୍ଣ୍ଣ ସହଯୋଗ କରିଥିଲେ।

## ଜାତୀୟ ମାନବ ଅଧିକାର ପକ୍ଷରୁ ଖୋଲିଲା ଜଳଛତ୍ର




**ନାଉଗାଁ ,୩।୪ (ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନ ୧୧ ଘଟିକା ସୟରେ ଜାତୀୟ ମାନବ ଅଧିକାର ସାମାଜିକ ନାୟ ପରିସର ଜଗତସିଂହପୁର ଜିଲ୍ଲାର ଏସମା ବ୍ଲକ ଟିମି ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଛକ ଠାରେ ଏକ ଜଳଛତ୍ର ଯୋଜନା କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁର ଜିଲ୍ଲା ସଭାପତି ଚନ୍ଦ୍ର କାନ୍ତ ଦାସ ଓ ଏସମା ବ୍ଲକ ସଭାପତି ସତ୍ୟ ଜିତ୍ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଏରସମା ଥାନା ଅଧିକାରୀ ପ୍ରମଜିତ୍ ଦାସ ଶୁଭ ଉଦଘଟ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ନାଉଗାଁ ବ୍ଲକ ସଭାପତି ଦୀପ୍ତି ରେଖା ସାହୁ, ନିଆଳୀ ବ୍ଲକ ସଭାପତି ଲକ୍ଷ୍ମୀପ୍ରିୟା ଦାସ, ଜିଲ୍ଲା ଉପ ସଭାପତି ଇଂନୀୟର ନନ୍ଦ କିଶୋର ପରିଡା, ସଭ୍ୟା ମନୁଆର ବେଗମ୍ ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟ ମାନଙ୍କ ମଧ୍ୟରେ ସମ୍ମନିତ ଅତିଥୀ ଭାବେ ନୃସିଂହ ସାହୁ, ଏନିଯିବି, ଅକ୍ଷୟ କୁମାର ସ୍ୱାଇଁ,ଡକ୍ଟର ବସନ୍ତ ମାଜରି ଦାସ, ମହେଶ୍ୱର ସ୍ୱାଇଁ, ପଣ୍ଡି ତ ନାଧୁ ଚରଣ ଦେବତା, ବିଜୟ କୁମାର ପାଲ, ଧୋଜରଜ୍ ଖଧୁଆଳ, ଅରୂପା ନନ୍ଦ ସ୍ୱାଇଁ, ଜିତେନ୍ଦ୍ର ସାମନ୍ତ ରାୟ,ନିର୍ମଳ କୁମାରୀ ସାହୁ, ଯଯାତି ସାମନ୍ତ ରାୟ, ସାମ୍ବାଦିକ ପ୍ରଶାନ୍ତ କୁମାର ମହାପାତ୍ର,ଜନ ରାଉତ, ଡକ୍ଟର ତନ୍ମୟ କୁମାର ସେଠୀ ଙ୍କ ସମେତ ଏସମା ବ୍ଲକ ର ସୋୟମ୍ ସହାୟକ ଗୋଷ୍ଠୀ ର ବହୁ ମାଆ ମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ କୁ ସୁଚାର ରୂପେ ପରିଚାଳନା କରିଥିଲେ। ସର୍ବଶେଷରେ ଏସମା ବ୍ଲକ ସଭାପତି ସତ୍ୟ ଜିତ ଦାସ ସମସ୍ତଙ୍କୁ ଧନ୍ୟବାଦ୍ ଅପଣ କରିଥିଲେ।

## 'ଆମ ପୋଷାକ ଆମ ପରିଚୟ' କାର୍ଯ୍ୟକ୍ରମ



**ଫୁଲବାଣୀ,୩।୪ (ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ 'ଓଡ଼ିଆ ପକ୍ଷ ୨୦୨୬' ଅବସରରେ କନ୍ଧମାଳ ଜିଲ୍ଲାରେ 'ଆମ ପୋଷାକ ଆମ ପରିଚୟ' କାର୍ଯ୍ୟକ୍ରମ ବେଶ୍ ଉତ୍ସାହର ସହ ପାଳିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଏପ୍ରିଲ ୧ ରୁ ୧୪ ପର୍ଯ୍ୟନ୍ତ ଚାଲୁଥିବା ଏହି ୧୪ ଦିନିଆ ସାଂସ୍କୃତିକ ମହାକୁମ୍ଭରେ ଆଜି ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ପାରମ୍ପରିକ ଓଡ଼ିଆ ପୋଷାକର ଝଲକ ଦେଖିବାକୁ ମିଳିଛି। ଆଜି କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ କନ୍ଧମାଳ ଜିଲ୍ଲାପାଳ ଶ୍ରୀ ବେଦଭୂଷଣ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କୁଶଳ ଚନ୍ଦ୍ର ନାୟକ, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗଦାଧର ପାତ୍ର, ଜିଲ୍ଲାର ବିଶିଷ୍ଟ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଫିସରେ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଓଡ଼ିଆ ପାରମ୍ପରିକ ହସ୍ତତନ୍ତ ପୋଷାକ ଓ ସମ୍ବଲପୁରୀ ବସ୍ତ୍ର ପରିଧାନ କରି କାର୍ଯ୍ୟ କରିଥିଲେ ।

## ପତ୍ରଫୁଲ ହେବା ସମୟରେ ଥୁଣ୍ଟା ହେଉଛି ନିମ୍ବଗଛ



**ଡେରାବିଶ,୩।୪ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ ହରିଅଙ୍କ ପଞ୍ଚାୟତର ଲୁଣାନଦୀ ବନ୍ଧ, ଦାନପୁର ପଞ୍ଚାୟତର ୧୩ ନଂ କେନାଲ୍ ବନ୍ଧ ଏବଂ ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ଅନେକ ନିମ୍ବଗଛ ଏବେ ଥୁଂଟା ପାଲଟିବା ପରିବେଶବିତ୍ ମାନଙ୍କୁ ଦୁଃଖିତ କରାଇଛି।

ସାଧାରଣତଃ ଏହି ସମୟରେ ନିମ୍ବଗଛ ଗୁଡ଼ିକରେ ନୂଆ ପତ୍ର ସହିତ ଫୁଲ ଫୁଟିଥାଏ। ପିତା ଦେହକୁ ହିତ ଦୃଷ୍ଟିରୁ ଚୈତ୍ରମାସରେ ଲୋକମାନେ ନିମ୍ବପତ୍ର ଓ ଫୁଲରେ ପିଠା ଏବଂ ନିମ୍ବପତ୍ର ଗୁଣ୍ଡସହ ଆଳୁବାଇଗଣ ଭଜା କରି ଖାଇଥାନ୍ତି।

କିନ୍ତୁ ଏବେ ଗଛର ଥୁଂଟା ଅବସ୍ଥା ଦେଖି ଦାନପୁର ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ଗ୍ରାମର ପ୍ରକୃତିବନ୍ଧୁ ଜେନାମଣି ବଳ ଓ ହରିଅଙ୍କ ପଞ୍ଚାୟତର ସମାଜସେବୀ ଗୋଲଖ ଚନ୍ଦ୍ର ସ୍ୱାଇଁ ଆଶ୍ଚର୍ଯ୍ୟ ହୋଇ ଏହାର କାରଣ ଓ ନିରାକରଣ ପାଇଁ ଉଦ୍ୟାନବିତ୍ ମାନଙ୍କ ପରାମର୍ଶ ଲୋଡ଼ିଛନ୍ତି। ପରିବେଶ ସୁରକ୍ଷାରେ ନିମ୍ବଗଛର ଗୁରୁତ୍ୱ ଅଧିକ ଥିବା ବେଳେ ଅଞ୍ଚଳରେ ଗଛର ଏ ଅବସ୍ଥା ଜନସାଧାରଣଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ବନବିଭାଗ ଏହାର ପ୍ରତିକାର କରିବାସହ ବର୍ଷାଋତୁ ଆରମ୍ଭରେ ଅଧିକ ନିମ୍ବଗଛ ଲଗାଇବା ପାଇଁ ବ୍ୟବସ୍ଥା କରିବାକୁ ପ୍ରକୃତିବନ୍ଧୁ ଶ୍ରୀ ବଳ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି।

## ପାରମ୍ପରିକ ପୋଷାକ ପରିଧାନ ଅଭିଯାନ



**କାକଟପୁର/ଅସ୍ତରଙ୍ଗ,୩।୪ (ସଂଚାର ବ୍ୟୁରୋ):** ଓଡିଶାର ଭାଷା, ସାହିତ୍ୟ, କଳା, ସଂସ୍କୃତି, ଇତିହାସ, ଐତିହ୍ୟ, ନୃତ୍ୟ, ସଙ୍ଗୀତ ପରମ୍ପରା ଆଦି ହେଉଛି ସମୃଦ୍ଧ ଏବଂ ଏହାକୁ ନେଇ ଆମେ ଗର୍ବିତ। ଏହାର ସଂରକ୍ଷଣ କରିବା ସହ ସଂସ୍କୃତି ଆଦିକୁ ବିଶ୍ୱବିଦିତ କରାଇବା ହେଉଛି ଆମର କର୍ତ୍ତବ୍ୟ। ଆମର ଏହି ସଂସ୍କୃତି ଓ ପରମ୍ପରାକୁ ମହାଆଡ଼ମ୍ବରେ ସହକାରେ ପାଳନ କରିବା ପାଇଁ ନିର୍ଦ୍ଦେଶ ରହିଥିବା ବେଳେ ପୁରୀ ଜିଲ୍ଲା କାକଟପୁର ବ୍ଲକ ସମ୍ମିଳନୀ କକ୍ଷରେ ମଣ୍ଡଳ ଉନ୍ନୟନ ଅଧିକାରୀ ଶ୍ରୀ ଯୁକ୍ତ ନାରାୟଣ ଦୀକ୍ଷିତି ଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ ରେ ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରିଣୀ ଜୟଶ୍ରୀ ମିଶ୍ର ଓ ବିଭିନ୍ନ ପଂଚାୟତ ର କାର୍ଯ୍ୟ ନିର୍ବାହୀ ଅଧିକାରୀ /ଅଧିକାରିଣୀ ସମେତ ପଂଚାୟତ ସମିତିର ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ମାନେ ନିଜ ବକ୍ତବ୍ୟରେ ପାରମ୍ପରିକ ଓଡ଼ିଆ ପୋଷାକ ତଥା ଓଡିଶାର ହସ୍ତତନ୍ତ, ବୟନ ଶିଳ୍ପର ପ୍ରଚାର ପ୍ରସାର ପାଇଁ ହସ୍ତତନ୍ତ, ପାରମ୍ପରିକ ପୋଷାକ ପରିଧାନ -ଆମ ପୋଷାକ ଆମ ପରିଚୟ ସମ୍ପର୍କୀତ ବାର୍ତ୍ତା ପ୍ରଦାନ କରିଥିଲେ। ଏହା ସହ ସମ୍ମିଳନୀ କକ୍ଷ ପରିସରରେ ଉପସ୍ଥିତ ଥିବା ବୁଦ୍ଧିଜୀବୀ, ଶିକ୍ଷାବିତି, ସମାଜସେବୀ ଓ ବ୍ଲକର ସମସ୍ତ କର୍ମଚାରୀ ପାରମ୍ପରିକ ପୋଷାକ ପରିଧାନ କରିଥିବା ଦେଖିବାକୁ ମିଳିଥିଲା।

## ଚୈତ୍ର ପୂର୍ଣ୍ଣିମା ପାଇଁ ଉତ୍ସବମୁଖର ଗାଁ' ପରିବେଶ

### ଧୁମଧାମ୍‌ରେ ପାଳନ କରୁଛନ୍ତି କୈବର୍ତ୍ତ ସମ୍ପ୍ରଦାୟର ଲୋକ



**କାକଟପୁର/ଅସ୍ତରଙ୍ଗ,୩।୪ (ସଂଚାର ବ୍ୟୁରୋ):** ଚୈତ୍ର ପୂର୍ଣ୍ଣିମା ଓଡିଶାର ଏକ ଗଣପର୍ବ। ଚଇତି ପୁନେଇଁ ନାମରେ ଏହା ଖ୍ୟାତ। କୈବର୍ତ୍ତ ଜାତିର ଲୋକଙ୍କ ଦ୍ୱାରା ଚୈତ୍ର ମାସର ପୂର୍ଣ୍ଣିମା ତିଥିରେ ଏହା ପାଳିତ ହୋଇଥାଏ। କୈବର୍ତ୍ତ ମାନେ ଘୋଡ଼ାର ଏକ ଖୋଳ କରି ସେଥିରେ ପଶି ଘୋଡା ଚଢ଼ିବାର ଅଭିନୟ କରିଥାନ୍ତି। ଏହା ଚଇତି ଘୋଡା ନୃତ୍ୟ ନାମରେ ଜଣାଶୁଣା ପୂର୍ଣ୍ଣିମାର ପର୍ବ ଆଠ ଦିନ ଚଇତିପର୍ବ ପାଳନ କରାଯାଏ।

ଏହି ପର୍ବରେ ଦିନରାତି ଭୋଜିଭାତ ନୃତ୍ୟ ଗୀତ ଆଦି କରିଥାନ୍ତି। ଘରର ପ୍ରତ୍ୟେକ ସଦସ୍ୟ ନୂଆ ବସ୍ତ୍ର ପରିଧାନ ପୂର୍ବକ ଏଥିରେ ଅଂଶ ଗ୍ରହଣ କରିଥାନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ନଗର ପଂଚାୟତ ବାଲିଡିଆ, କାଳିଆକଣ, ନଗର, ଦକ୍ଷିଣ ପନ୍ତାଳ, ବାଲିପନ୍ତାଳ, ଆଳସାହି ପଂଚାୟତ ର ପାଟସୁନ୍ଦରପୁର, ଅସନ, ଆଳସାହି,ଛୁରିଆନା ପଂଚାୟତ ର ସହନ ଓ ନୂଆଗଡ ଅଞ୍ଚଳ ରହୁଥିବା କୈବର୍ତ୍ତ ମାନେ ଆନନ୍ଦ ଉଲ୍ଲାସ ସହ ପାଳନ କରୁଛନ୍ତି। ଏହା ସହ ବିଭିନ୍ନ ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।

## ଜ୍ଞାନ ବିଜ୍ଞାନରେ ବାର୍ଷିକ ଉତ୍ସବ



**ବାଲିଆପାଳ,୩।୪ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଲଙ୍ଗଳେଶ୍ୱରରେ ଅବସ୍ଥିତ ଜ୍ଞାନ ବିଜ୍ଞାନ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅତ୍ୟନ୍ତ ଆଡ଼ମ୍ବରପୂର୍ଣ୍ଣ ଭାବରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ଜୟନାରାୟଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ସିଆରସିସି ସୁଶାନ୍ତ କୁମାର ରାଉଳ, ମୁଖ୍ୟ ବକ୍ତା ଭାବେ ସୁସାହିତ୍ୟିକ ଡ଼. ହରପ୍ରସାଦ ପାଳ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାକର ଦାସ ଯୋଗଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସମ୍ପାଦକ ଶିକ୍ଷକ ବିଦୁର ପଢ଼ିଆରୀ ବାର୍ଷିକ ବିବରଣୀ ପାଠ କରିଥିବାବେଳେ, ପ୍ରଧାନ ଶିକ୍ଷକ ଅଜୟ କୁମାର ରାଉଳ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ସନ୍ଧ୍ୟାବେଳେ ପିଲାମାନଙ୍କ ଦ୍ୱାରା ରଙ୍ଗିନ ସଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇ, ଉପସ୍ଥିତ ଦର୍ଶକମାନଙ୍କୁ ମନୋରଞ୍ଜିତ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ ଓ ଗୁରୁମାମାନେ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସକ୍ରିୟ ସହଯୋଗ କରିଥିଲେ।

## ନ୍ୟୁଲିଭିଂ ଚର୍ଚ୍ଚ ପକ୍ଷରୁ ଗୁଡ୍ ଫ୍ରାଇଡେ ପାଳିତ



**ନୀଳଗିରି,୩।୪ (ସଂଚାର ବ୍ୟୁରୋ):** ନୀଳଗିରି ଷ୍ଟେସନସାହି ସ୍ଥିତ ନ୍ୟୁଲିଭିଂ ଚର୍ଚ୍ଚ ପକ୍ଷରୁ ଗୁଡ ଫ୍ରାଇଡେ ପାଳିତ ହୋଇଯାଇଛି। ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ଚର୍ଚ୍ଚ ର ଆଚାର୍ଯ୍ୟ ସାଧୁସୁନ୍ଦର ସିଂହ ଙ୍କ ପ୍ରତ୍ୟକ ତତ୍ୱାବଧାନ ରେ ଅନୁଷ୍ଠିତ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଙ୍କ ତିରୋଧାନ ବା ଗୁଡ଼ ଫ୍ରାଇଡେ ଦିବସ ରେ ଅବସରପ୍ରାପ୍ତ ବୈଜ୍ଞାନିକ ମାନୁ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଭୁ ଯୀଶୁ ଙ୍କର ସ୍ମୃତି ଚାରଣ କରିବା ସହତ ଯୀଶୁଙ୍କ ୭ ବାଣୀ ଉତ୍ଥାପନ କରିଥିଲେ।

ସେଗୁଡିକ ହେଲା ହେ ଈଶ୍ୱର ଦୁଷ୍ଟ ପ୍ରକୃତିର ଲୋକ ମାନେ ଯାହା କରୁଛନ୍ତି ସେମାନେ କିଛି ଜାଣିପାରିନାହାନ୍ତି, ତେଣୁ ଆପଣ ସେମାନଙ୍କୁ କ୍ଷମା କରନ୍ତୁ। ଆଜି ତମେ ମୋ ସହିତ ପାରାଦେଶ ରେ ଉପସ୍ଥିତ ହେବ, ଦେଖ ତୁମର ପୁତ୍ର ତୁମର ମାତା, ଏଲି ଏଲି ଲାମା ସବକ୍ ଥାନି ଅର୍ଥାତ ହେ ମୋର ଈଶ୍ୱର ହେ ମୋର ଈଶ୍ୱର ମୋତେ କାହିଁକି ପରିତ୍ୟାଗ କଲ। ମୋତେ ଶୋଷ ଲାଗୁଛି, ହେ ପିତା ତୁମ ହସ୍ତରେ ମୋ ଆପଣାର ଆତ୍ମା ସମର୍ପଣ କରୁଅଛି। ଶେଷ ହେଲା, ଏଭଳି ଭାବେ ଉକ୍ତ ୭ ଗୋଟି ବାଣୀ ର ମହତ୍ୱ ଏବଂ ତାତ୍ପର୍ଯ୍ୟ ବିଷୟରେ ଉପସ୍ଥିତ ଯୀଶୁ ପ୍ରେମୀ ଙ୍କୁ ବୁଝାଇଥିଲେ।ଅନ୍ୟତମ ସମ୍ମାନିତ ଅତିଥି ଭାବେ ଡିଆରଡିଓ ର ଅବସରପ୍ରାପ୍ତ ଇଂ ରାଜନ ସିଂହ, ବାଲେଶ୍ୱରରୁ ଶଙ୍କୁ ଦାସ ପ୍ରମୁଖ ମଞ୍ଚାସୀନ ଥାଇ ପ୍ରଭୁ ଯୀଶୁଙ୍କ ଉଦ୍ଦେଶ୍ୟରେ ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବାଲେଶ୍ୱର ସହିତ କୁରୁଡ଼ା, ରେମୁଣା, ନୀଳଗିରି, ଶାଳବଣୀ ଅଞ୍ଚଳରୁ ଶତାଧିକ ଯୀଶୁ ଭକ୍ତ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସକାଳ ୯ ଘଟିକାରେ ଆରମ୍ଭ ହୋଇ ଅପରାହ୍ନ ୩ ଘଟିକାରେ ଶେଷ ହୋଇଥିଲା। ଶେଷରେ ଆଚାର୍ଯ୍ୟ ଶ୍ରୀଯୁକ୍ତ ସିଂହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବ ସାମ୍ବାଦିକ ରଶ୍ମି ରଞ୍ଜନ ରାଉତରାୟଙ୍କ ଦ୍ୱାଦଶାହରେ ସ୍ମୃତିସଭା



**ପାରାଦୀପ,୩।୪ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଢ଼ିଙ୍କିଆ ପଞ୍ଚାୟତ ରେ ଏକ ଘରୋଇ ଟିଭି ଚ୍ୟାନେଲ ନିଉଜର ପାରାଦୀପ ପ୍ରତିନିଧି ତଥା ଯୁବ ସାମ୍ବାଦିକ ରଶ୍ମି ରଞ୍ଜନ ରାଉତରାୟ (ବାପି)ଙ୍କ ସ୍ମୃତିରେ ଆଜି ମା ଫୁଲଖାଇ ପୀଠରେ ଶୋକସଭା ଅନୁଷ୍ଠିତ ହୋଇ ଯାଇଛି।ଆଜି ଢ଼ିଙ୍କିଆ ଅଞ୍ଚଳର ବହୁ ବୁଦ୍ଧିଜୀବୀ ମୂରବୀ ଓ ଯୁବକ ମାନେ ଉପସ୍ଥିତ ରହି ବାପିଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ମିନିଟ ନୀରବ ପ୍ରାର୍ଥନା ସହ ଶୋକସଭା କରି ତାଙ୍କ ଅମର ଆତ୍ମାର ସଦ୍ଗତି କାମନା ସହ ତାଙ୍କ ପରିବାରକୁ ଭଗବାନ ସହାୟ ହେବା ପାଇଁ ପ୍ରାର୍ଥନା କରିଥିଲେ। ଢ଼ିଙ୍କିଆ ଚାରିଦେଶ ପାଇଁ ବାପିଙ୍କ ସାମ୍ବାଦିକତା ଅତୁଳନୀୟ ରହିଥିବା ଢ଼ିଙ୍କିଆ ଚାରିଦେଶରେ ଜୀବନ ଜୀବିକା ପାଇଁ ଚାଲିଥିବା ଜନ ଆନ୍ଦୋଳନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସାମ୍ବାଦିକ ହିସାବରେ ସେ ବେଶ୍ ଆଗରେ ଥିଲେ। ଏହି ସ୍ମୃତିସଭାରେ ଜନ ଆନ୍ଦୋଳନକାରୀ ନେତା ଶ୍ରୀ ଦେବେନ୍ଦ୍ର ସ୍ୱାଇଁ,କାଶୀନାଥ ମହାପାତ୍ର,ଅଜୟ ଦାସ, ଶିକାରୀ କାଣ୍ଡି,ନରେନ୍ଦ୍ର ନାୟକ,ସରୋଜ ନାୟକ, ଗୌତମ ଦାସ, ସତ୍ୟାନନ୍ଦ ସେଠୀ, ରମେଶ ନାୟକ, ବସନ୍ତ ଗୋଛାୟତ, ମାନସ ବର୍ଦ୍ଧନ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

SANCHAR
ସଂଚାର ଶନିବାର ୪ ଏପ୍ରିଲ ୨୦୨୬




# ସ୍ୱାସ୍ଥ୍ୟ



## ହାତ ଏବଂ ପାଦରେ ଝିମ୍ ଝିମ୍ ବିପଦପୂର୍ଣ୍ଣ ହୋଇପାରେ

ମଧୁମେହ ରୋଗୀମାନେ ପ୍ରାୟତଃ ଧୀରେ ଧୀରେ ଏକ ସମସ୍ୟା ଅନୁଭବ କରନ୍ତି, କିନ୍ତୁ ପ୍ରାରମ୍ଭରେ ଏହାକୁ ଅଣଦେଖା କରାଯାଏ। ହାତ ଏବଂ ପାଦରେ ଝିମ୍‌ଝିମ୍, ଜଳାପୋଡ଼ା କିମ୍ବା ଝିମ୍‌ଝିମ୍ ଅନୁଭବକୁ ଅନେକ ଅଣଦେଖା କରନ୍ତି, ଏହାକୁ ଥକ୍କାପଣ କିମ୍ବା ବୟସ ବୃଦ୍ଧି ପାଇଁ ଦାୟୀ କରନ୍ତି। ତଥାପି, ଏହା ପ୍ରକୃତରେ ଶରୀରରୁ ଏକ ଗୁରୁତ୍ୱପୂର୍ଣ୍ଣ ସଙ୍କେତ ଏବଂ ଏହାକୁ ଅଣଦେଖା କରିବା ବିପଦଜନକ ହୋଇପାରେ। ଆସନ୍ତୁ ଜାଣିବା ଏହା ବିଷୟରେ ଡାକ୍ତରମାନେ କ'ଣ କୁହନ୍ତି।

ମଧୁମେହର ପ୍ରଭାବ କେବଳ ଶର୍କରା ସ୍ତର ପର୍ଯ୍ୟନ୍ତ ସୀମିତ ନୁହେଁ; ଏହା ସ୍ନାୟୁକୁ ମଧ୍ୟ କ୍ଷତି ପହଞ୍ଚାଏ। ଯେତେବେଳେ ରକ୍ତ ଶର୍କରା ଦୀର୍ଘ ସମୟ ପର୍ଯ୍ୟନ୍ତ ଅଧିକ ରହିଥାଏ, ଏହା ସ୍ନାୟୁଗୁଡ଼ିକୁ ପୁଷ୍ଟିକରତା ଯୋଗାଉଥିବା ଛୋଟ ରକ୍ତବାହୀ ନଳୀଗୁଡ଼ିକୁ ପ୍ରଭାବିତ କରେ। ଏହା ସ୍ନାୟୁଗୁଡ଼ିକୁ ଖରାପ ଭାବରେ କାର୍ଯ୍ୟ କରିବାକୁ ବାଧ୍ୟ କରେ, ଯାହା ଫଳରେ ଡାଏବେଟିକ୍ ପେରିଫେରାଲ୍ ନ୍ୟୁରୋପାଥି ନାମକ ଏକ ଅବସ୍ଥା ସୃଷ୍ଟି ହୁଏ। ପ୍ରାରମ୍ଭିକ ଲକ୍ଷଣଗୁଡ଼ିକ ମଧ୍ୟରେ ଝିମ୍‌ଝିମ୍ ହେବା, ଜଳିବା, ଶୂନ୍ୟତା କିମ୍ବା ରାତିରେ ହଠାତ୍ ଯନ୍ତ୍ରଣା ଅନ୍ତର୍ଭୁକ୍ତ। ଅନେକ ରୋଗୀ କପା ଉପରେ ଚାଲୁଥିବା କିମ୍ବା ପାଦରେ ତୀକ୍ଷ୍ଣ କଣ୍ଟା ଅନୁଭବ କରୁଥିବା ପରି ଅନୁଭବ କରୁଥିବା ରିପୋର୍ଟ କରନ୍ତି। ଯଦି ଚିକିତ୍ସା ନ କରାଯାଏ, ତେବେ ଏହି ସମସ୍ୟା ଦୁର୍ବଳତା, ସନ୍ତୁଳନ ହରାଇବା ଏବଂ ପାଦରେ ଘା ମଧ୍ୟ ହୋଇପାରେ।

ଭିଟାମିନ୍ ବି୧୨ ଅଭାବ ଯୋଗୁଁ ଏହି ସମସ୍ୟା ଆହୁରି ଜଟିଳ ହୁଏ। ଦୀର୍ଘ ସମୟ ଧରି ମେଟଫର୍ମିନ୍ ଖାଉଥିବା ରୋଗୀମାନେ ବିଶେଷ ଭାବରେ ବି୧୨ ଅଭାବର ଆଶଙ୍କାରେ ଥାଆନ୍ତି। ଏହି ଔଷଧ ରକ୍ତ ଶର୍କରା ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ, କିନ୍ତୁ ସମୟ ସହିତ, ଏହା ଶରୀରରେ ବି୧୨ ଶୋଷଣକୁ ହ୍ରାସ କରିପାରେ। ସମସ୍ୟା ହେଉଛି ଯେ ଭିଟାମିନ୍ ବି୧୨ ଅଭାବର ଲକ୍ଷଣ, ଯେପରିକି ଝିମ୍ ଝିମ୍, ନାଲିପଡ଼ା, ଦୁର୍ବଳତା ଏବଂ ଥକ୍କା, ଡାଏବେଟିକ୍ ନ୍ୟୁରୋପାଥି ସହିତ ବହୁତ ସମାନ। ତେଣୁ, ପରୀକ୍ଷା ବିନା, ମୂଳ କାରଣ ନିର୍ଣ୍ଣୟ କରିବା କଷ୍ଟକର। କେତେକ ସମୟରେ, ଉଭୟ ସମସ୍ୟା ଏକକାଳୀନ ଦେଖାଦିଏ ଯାହା ପରିସ୍ଥିତିକୁ ଆହୁରି ଖରାପ କରିଦିଏ।

ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଏହି ଅବସ୍ଥାରେ ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଡାକ୍ତର ଭି ମୋହନ କହିଛନ୍ତି ଯେ ରୋଗୀମାନେ ଯନ୍ତ୍ରଣା ଆହୁରି ବଢ଼ିବାକୁ ଅପେକ୍ଷା କରିବା ଉଚିତ୍ ନୁହେଁ, ବରଂ ପ୍ରଥମ ଲକ୍ଷଣ ଦେଖାଦେବା ମାତ୍ରେ ଡାକ୍ତରଙ୍କ ସହ ପରାମର୍ଶ କରିବା ଉଚିତ। ରକ୍ତ ଶର୍କରା ନିୟନ୍ତ୍ରଣ ସହିତ ଚିକିତ୍ସା ଆରମ୍ଭ ହୁଏ। ଭିଟାମିନ୍ B12 ପରୀକ୍ଷା କରିବା ଏବଂ ଆବଶ୍ୟକ ହେଲେ ସପ୍ଲିମେଣ୍ଟ ନେବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଅନେକ କ୍ଷେତ୍ରରେ, ଡାକ୍ତର ଭିଟାମିନ୍ B ଜଟିଳ ଔଷଧ ଲେଖନ୍ତି, ଯାହା ସ୍ନାୟୁକୁ ମଜବୁତ କରିବାରେ ଏବଂ ଲକ୍ଷଣଗୁଡ଼ିକୁ କମ କରିବାରେ ସାହାଯ୍ୟ କରେ।

## ପୋଷକ ତତ୍ତ୍ୱରେ ଭରପୂର ବାସି ରୁଟି

ସୁସ୍ଥ ଶରୀର ପାଇଁ କିଏ ବା ନ ଚାହେଁ। କାହିଁକିନା ସ୍ୱାସ୍ଥ୍ୟକୁ ସମ୍ପଦ ବୋଲି କୁହାଯାଇଥାଏ। ବର୍ତ୍ତମାନ ସମୟରେ ଅଧିକାଂଶ ଲୋକେ ସେମାନଙ୍କ ସ୍ୱାସ୍ଥ୍ୟକୁ ନେଇ ସଚେତନ ରହିଥାନ୍ତି। ନିଜ ଖାଇବାକୁ ନେଇ ମଧ୍ୟ କିଛି ଲୋକ ଅଡୁଆରେ ପଡିଥାନ୍ତି। କାରଣ ପ୍ରାୟତଃ ଲୋକ ସଠିକ୍ ଖାଦ୍ୟ ପ୍ରଣାଳୀ ସମ୍ପର୍କରେ ଜାଣି ନଥାନ୍ତି। ରୁଟି ଭାରତୀୟଙ୍କ ମୁଖ୍ୟ ଖାଦ୍ୟ ବୋଲି କୁହାଯାଏ। ଲଞ୍ଚଠାରୁ ଆରମ୍ଭ କରି ଡିନର ଏବଂ ବ୍ରେକଫାଷ୍ଟରେ ସମସ୍ତେ ପ୍ରାୟତଃ ରୁଟି ଖାଇଥାଆନ୍ତି। ବେଳେବେଳେ ରାତିରେ କିଛି ରୁଟି ବଳିଯାଏ ଯାହାକୁ ବାସି ରୁଟି କୁହାଯାଏ। କିଛି ଲୋକ ବାସି ରୁଟିକୁ ସକାଳ ଜଳଖିଆରେ ସାମିଲ କରୁଥିବାବେଳେ ଆଉ କିଛି ଲୋକ ବାସି ରୁଟି ଖାଇବାକୁ ପସନ୍ଦ କରନଥାନ୍ତି। ଅଧିକାଂଶ ଲୋକେ ଏହି ବାସି ରୁଟିକୁ ପଶୁମାନଙ୍କୁ ଖାଇବା ପାଇଁ ଦେଇଦିଅନ୍ତି। କିନ୍ତୁ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ ବାସି ରୁଟି ସ୍ୱାସ୍ଥ୍ୟ ପାଇଁ ବରଦାନ ସଦୃଶ ହୋଇଥାଏ। ଶରୀର ପାଇଁ ବାସିରୁଟି ହିତକର ହୋଇଥାଏ ବୋଲି ବିବେଚନା କରାଯାଏ। ଯାହା ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୂର କରିଦେଇଥାଏ। ଯଦି ଆପଣ ବାସି ରୁଟିକୁ ଫିଙ୍ଗି ଦେଉଛନ୍ତି ତେବେ ଆଦୌ ଫିଙ୍ଗନ୍ତୁ ନାହିଁ। କାହିଁକିନା ଆମେ ଆଜି ଆପଣଙ୍କୁ ଏଭଳି ଲାଭ ସମ୍ପର୍କରେ ଜଣାଇବୁ ଯାହା ଆପଣଙ୍କୁ ଅନେକ ଲାଭ ପ୍ରଦାନ କରିବ। ତେବେ ବାସି ରୁଟି ଖାଇବାର ଲାଭ ସମ୍ପର୍କରେ ଜାଣନ୍ତୁ।



**ପାଚନ ପ୍ରକ୍ରିୟା ପାଇଁ ଲାଭଦାୟକ:** ତାଜା ରୁଟି ଅପେକ୍ଷା ବାସି ରୁଟି ଖୁବ୍ ହିତକର। ବାସି ରୁଟିରେ ଫାଇବରର ପରିମାଣ ଅଧିକ ରହିଥାଏ। ରାତିସାରା ରଖିବା ଦ୍ୱାରା ଏଥିରେ ପ୍ରତିରୋଧକ ଷ୍ଟାର୍ଚ ବିକଶିତ ହୁଏ, ଯାହା ପେଟର ଭଲ ବ୍ୟାକ୍ଟେରିଆ ଅର୍ଥାତ ପ୍ରିବାୟୋଟିକ୍ସକୁ ପୋଷଣ ଯୋଗାଇଥାଏ। ଏହା ହଜମ ପ୍ରକ୍ରିୟାକୁ ମଜବୁତ କରିବା ସହ କୋଷ୍ଠକାଠିନ୍ୟ, ଗ୍ୟାସ୍ ଏବଂ ଏସିଡ଼ିଟି ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ। ସକାଳୁ ବାସି ରୁଟି ଖାଇଲେ କବ୍ଜ ଭଳି ସମସ୍ୟାକୁ ଦୂର କରିଥାଏ।

**ଡାଇବେଟିସକୁ ନିୟନ୍ତ୍ରଣ କରେ:** ବାସି ରୁଟିରେ ରେଜିଷ୍ଟେନ୍ଟ୍ ଷ୍ଟାର୍ଚ ରହିଥାଏ। ଯାହା ରକ୍ତ ଶର୍କରାର ହଠାତ୍ ବୃଦ୍ଧିକୁ ରୋକିଥାଏ। ତେଣୁ ଏହା ଡାଇବେଟିସ୍ ରୋଗୀଙ୍କ ପାଇଁ ଖୁବ୍ ପ୍ରଭାବଶାଳୀ ହୋଇଥାଏ।

**ଶରୀରକୁ ଥଣ୍ଡା ରଖେ:** ଆୟୁର୍ବେଦ ଅନୁସାରେ ସକାଳେ ଥଣ୍ଡା କ୍ଷୀର କିମ୍ବା ଦହି ସହିତ ବାସି ରୁଟି ଖାଇବା ଦ୍ୱାରା ଶରୀରର ଉତ୍ତାପ କମିଯାଏ ଏବଂ ଶରୀର ଥଣ୍ଡା ରହିଥାଏ। ଗ୍ରୀଷ୍ମ ଋତୁରେ ଏହା ବିଶେଷ ଭାବରେ ଲାଭଦାୟକ ବୋଲି ବିବେଚନା କରାଯାଏ। ଏଥିସହ ବାସି ରୁଟି ସହିତ କ୍ଷୀର ଖାଇବା ଦ୍ୱାରା ଶରୀରକୁ କାର୍ବୋହାଇଡ୍ରେଟ୍ ଏବଂ ପ୍ରୋଟିନ୍ ମିଳିଥାଏ। ଯାହା ଶକ୍ତିକୁ ବଜାୟ ରଖିବାରେ ସାହାଯ୍ୟ କରେ।

**ଓଜନ ହ୍ରାସ କରିବାରେ ସାହାଯ୍ୟ କରେ:** ପ୍ରତିରୋଧୀ ଷ୍ଟାର୍ଚ ଏବଂ ଫାଇବର କାରଣରୁ, ବାସି ରୁଟି ଖାଇବା ଦ୍ୱାରା ଆପଣ ଦୀର୍ଘ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ଅନୁଭବ କରିପାରନ୍ତି। ଯାହା ଆପଣଙ୍କ ଓଜନ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରିଥାଏ।

## ଅତ୍ୟଧିକ ମୋଟା ହେଉଛନ୍ତି କି ?





ଗାଁ ଗହଳିରେ ବିଭିନ୍ନ ଖାଦ୍ୟ ମାନଙ୍କ ମଧ୍ୟରୁ ମାଣ୍ଡିଆ ଅନ୍ୟତମ। ପୂର୍ବରୁ କେବଳ ଗାଁ ଗହଳିରେ ଏହାକୁ ଜଳଖିଆ ଭାବେ ଖାଉଥିଲେ। ଆଜିକାଲି ମାଣ୍ଡିଆର ଚାହିଦା ବୃଦ୍ଧି ପାଇଛି। ବର୍ତ୍ତମାନ୍ ଏହା ସହରୀ ଜୀବନରେ ମଧ୍ୟ ଖୁବ୍ ପ୍ରଭାବପକାଉଛି। ରୁଟି ଅପେକ୍ଷା ମାଣ୍ଡିଆ ଆମ ସ୍ୱାସ୍ଥ୍ୟ ପାଇଁ ଖୁବ ହିତକର ହୋଇଥାଏ। ଏବେ ମାଣ୍ଡିଆରେ ଅନେକ ପ୍ରକାର ଡ଼ିସ ବନାଇ ଖାଇବାକୁ ଲୋକେ ଖୁବ୍ ପସନ୍ଦ କରୁଛନ୍ତି। ଫିଟନେସକୁ ଭଲପାଉଥିବା ଲୋକେ ମାଣ୍ଡିଆ ଖାଇବାକୁ ଭଲପାଇଥାନ୍ତି। ଏହା ସେମାନଙ୍କ ପାଇଁ ସୁପରଫୁଡ। ଅନେକ ଲୋକଙ୍କ କହିବାନୁଯାୟୀ, ରାତିରେ ଶୋଇବା ପୂର୍ବରୁ ମାଣ୍ଡିଆ ସହିତ କ୍ଷୀର ମିଶାଇ ଖାଇବା ସ୍ୱାସ୍ଥ୍ୟ ପ୍ରତି ଫାଇଦାଯୁକ୍ତ। ଏହି ଦୁଇଟି ଜିନିଷ ମିଶାଇ ପିଇବା ଦ୍ୱାରା ଅନେକ ପ୍ରକାର ରୋଗରୁ ମୁକ୍ତି ମିଳିଥାଏ। ମାଣ୍ଡିଆରେ ରହିଛି ଏକାଧିକ ଭିଟାମିନ୍ ରହିଛି। ଯାହା ଆମ ଶରୀର ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ। ମାଣ୍ଡିଆରେ ଭିଟାମିନ- ବି, ସି, କେ, ଇ, ପ୍ରୋଟିନ, ଆଇରନ୍, କ୍ୟାଲସିୟମ ଆଦି ଅନେକ ପୋଷକ ତତ୍ତ୍ୱ ଭରପୁର ମାତ୍ରାରେ ରହିଛି। ଯାହା ଅନେକ ରୋଗରୁ ମୁକ୍ତି ଦେବାରେ ସାହାଯ୍ୟ କରିଥାଏ। ତେବେ ଆସନ୍ତୁ ଏହାର ଲାଭକାରୀ ଗୁଣ ସମ୍ପର୍କରେ ଜାଣିବା। ମାଣ୍ଡିଆ ଶରୀରର ଅଧିକ ଚର୍ବି କୁ କମ୍ କରିଥାଏ। ଏଥିରେ ଫାଇବର ରହିଥିବା କାରଣରୁ ଦୀର୍ଘ ସମୟ ଧରି ଭୋକ ଲାଗିନଥାଏ। ମାଣ୍ଡିଆ ଓଜନ ହ୍ରାସ କରିବା ପାଇଁ ଗୋଟିଏ ଭଲ ଉପାୟ। ମାଣ୍ଡିଆ ରେ କ୍ୟାଲସିୟମ ଅଧିକ ରହିଥିବା କାରଣରୁ ଏହା ହାଡ ଜନିତ ସମସ୍ୟାକୁ ଦୁର କରିଥାଏ। ଯଦି ଆପଣ ୧୦୦ଗ୍ରାମ ମାଣ୍ଡିଆ ଖାଇବେ ତେବେ ସେଥିରେ ୩୪୪ ମିଲିଗ୍ରମ୍ କ୍ୟାଲସିୟମ ରହିଛି। ହାଡକୁ ମଜବୁତ୍ କରୁଥିବା କାରଣରୁ ଆଣ୍ଠୁ ଗଣ୍ଠି ସମସ୍ୟା ମଧ୍ୟ ଦୁର ହୋଇଥାଏ। ମାଣ୍ଡିଆ ରେ କୋଲେଷ୍ଟ୍ରାଳ ଓ ସୋଡ଼ିୟମ କମ ରହିଥିବା କାରଣରୁ ହୃତପିଣ୍ଡ ପାଇଁ ସୁରକ୍ଷିତ। ଏଥିରେ ଆଇରନ , ମଗ୍ନେଶିୟମ ଓ ଫାଇବର ଅଧିକ ରହିଥିବା କାରଣରୁ ହୃତପିଣ୍ଡ ସୁସ୍ଥ ରଖେ ଓ ରକ୍ତଚାପ ନିୟନ୍ତ୍ରିତ କରେ। ଯଦି ଆପଣ ଜଣେ ମଧୁମେହ ରୋଗୀ ତେବେ ସକାଳ ଜଳଖିଆ ଓ ମଧ୍ୟାହ୍ନ ଭୋଜନରେ ମାଣ୍ଡିଆ ଖାଇବା ଉଚିତ୍। ଚାଉଳ ଓ ଅଟା ତୁଳନାରେ ଅଧିକ ଫାଇବର ରହିଛି। ମାଣ୍ଡିଆ ର ଗ୍ଲାଇ ସେମିକ୍ ଇଣ୍ଡେକ୍ସ ଖୁବ୍ କମ ଥାଏ। ମାଣ୍ଡିଆ ଖାଇବା ଦ୍ୱାରା ରକ୍ତ ଶର୍କରା ସ୍ତର ନିୟନ୍ତ୍ରିତ ରହିଥାଏ।

## ପିଲାଙ୍କ ବ୍ରେନ୍ ପାୱାର ବଢ଼ାଏ ପାଳଙ୍ଗ ଶାଗ



କୁହାଯାଏ ପ୍ରତ୍ୟେକ ଦିନ ଶାଗ ଖାଇବା ଭଲ। ସେଥିପାଇଁ ଅନେକ ଲୋକଙ୍କ ଘରେ ପ୍ରତି ଦିନ ଶାଗର କିଛି ଡିସ ତିଆରି କରାଯାଏ। ଶୀତ ଦିନେ ମାର୍କେଟରେ ପ୍ରଚୁର ପରିମାଣରେ ପାଳଙ୍ଗ ଶାଗ ମିଳେ। କିନ୍ତୁ ଏବେ ବର୍ଷସାରା ପାଳଙ୍ଗ ଶାଗ ମାର୍କେଟରେ ମିଳୁଛି। ଯାହାକୁ ଆପଣ ତରକାରୀ ଭଜା କରି ଖାଇପାରିବେ। ନଚେତ ସୁପ୍ ଓ ଜୁସ୍ ତିଆରି କରି ପିଇପାରିବେ। ତା'ହେଲେ ଆସନ୍ତୁ ଜାଣିବା ପାଳଙ୍ଗ ଶାଗ ଖାଇଲେ କ'ଣ ସବୁ ଉପକାର ମିଳିଥାଏ ଶରୀରକୁ। ମୁହଁରେ ହେଉଥିବା ବ୍ରଣ ଓ ତ୍ୱଚା ସମ୍ବନ୍ଧୀୟ ରୋଗକୁ ଭଲ କରିଥାଏ ପାଳଙ୍ଗ ଶାଗ। ଏଥିରେ ଥିବା ଆଇରନ୍, ଭିଟାମିନ୍ ଏ, ଫୋଲେଟ୍, ଭିଟାମିନ୍ ଇ, ମ୍ୟାଗ୍ନେସିୟମ୍, ଫାଇବର୍ ଓ ପ୍ରୋଟିନ୍ ତ୍ୱଚା ପାଇଁ ବେଶ୍ ଦରକାରୀ ଓ ଲାଭକାରୀ। ଏହି ସମସ୍ତ ତତ୍ତ୍ୱ ଆପଣଙ୍କ ତ୍ୱଚାକୁ ସୁସ୍ଥ ରଖିବା ସହିତ ହାନିକାରକ ବ୍ୟାକ୍ଟେରିଆ ଠାରୁ ତ୍ୱଚାକୁ ରକ୍ଷା କରିଥାଏ। ଫଳରେ ତ୍ୱଚାରେ ଚମକ ଆସିଥାଏ। ଆଉ ଚେହେରାରେ ଗ୍ଲୋ ବଢ଼ିଥାଏ। ପ୍ରତିଦିନ ପାଳଙ୍ଗ ଶାଗ ଖାଇବା ଦ୍ୱାରା ଆପଣଙ୍କ ତ୍ୱଚା ନରମ ହୋଇଥାଏ। ଶରୀରରେ ହେଉଥିବା ଜଳାପୋଡ଼ା ଓ ଯନ୍ତ୍ରଣାକୁ କମ କରିବାରେ ସାହାଯ୍ୟ କରେ ପାଳଙ୍ଗ। କାରଣ ପାଳଙ୍ଗରେ ପ୍ରଚୁର ମାତ୍ରାରେ ଆଣ୍ଟି-ଅକ୍ସିଡାଣ୍ଟ ଓ ଆଇରନ୍ ରହିଛି। ଏହା ଅଷ୍ଟିଓଆର୍ଥରାଇଟିସ୍ ରୋଗକୁ କମ୍ କରିଥାଏ। ଜାଣିଲେ ଆଶ୍ଚର୍ଯ୍ୟ ହେବେ ପାଳଙ୍ଗରେ ଥିବା ଆଇରନ୍ ଓ ମ୍ୟାଗ୍ନେସିୟମ୍ ଷ୍ଟ୍ରେସ୍ ଦୂର କରିବାରେ ସାହାଯ୍ୟ କରେ। ପାଳଙ୍ଗ ଶାଗ ଖାଇଲେ ଛୋଟ ପିଲାଙ୍କର ବୁଦ୍ଧି ତୀକ୍ଷ୍ଣ ହେବା ସହିତ ସ୍ମରଣ ଶକ୍ତି ବଢ଼େ। ପାଳଙ୍ଗରେ ଫାଇବର୍ ରହିଥାଏ। ଯାହାକି କୋଷ୍ଠକାଠିନ୍ୟ ସମସ୍ୟାକୁ ଦୂର କରିଥାଏ। ଏହି ସବୁ କାରଣରୁ ଆପଣ ବି ପ୍ରତ୍ୟେକ ଦିନ ପାଳଙ୍ଗ ଶାଗ ନିଜ ଡାଏଟରେ ସାମିଲ କରନ୍ତୁ।

## ଚିକିତ୍ସା ଦ୍ୱାରା ଅଟିଜମ୍ ଭଲ ହୋଇପାରିବ



ନାରାୟଣ ଚନ୍ଦ୍ର ବିଶ୍ୱାଳ




ସୋନୁ, ଡାକ ନାଁ କିନ୍ତୁ ସୁନା। ପିଲାଟି କଟକ ସିଡ଼ିଏର ଏକ ନାମଜାଦା ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢ଼େ। ପିଲାଟି ଦେଖିବାକୁ ରାଜକୁମାର ପରି ଚେହେରା। ତା'ର ବାପ ମାଆ ବେଶ ସମ୍ଭ୍ରାନ୍ତ ଆଉ ନିଜ ନିଜ ବୃତ୍ତିଗତ କ୍ଷେତ୍ରରେ ପ୍ରତିଷ୍ଠିତ। ଗୋଟିଏ ବୋଲି ପିଲାକୁ ବେଶ ଗେଲ ଆଦାରରେ ବଢ଼ାଇଥିଲେବି ପିଲାଟି କିନ୍ତୁ କିଛି ନା ବୁଝିଥାଏ ନା କହିବାକୁ ସମସ୍ତଙ୍କ ପରି ସକ୍ଷମ ହୋଇଥାଏ! ତା ବାପାମାଆ, ମିନୁ ପଟ୍ଟନାୟକ ନାମକ ଜଣେ ଭଲ ପ୍ରଶିକ୍ଷିତା ଓ ଜ୍ଞାନଗାରିମାରେ ପରିପୂର୍ଣ୍ଣ ଶିକ୍ଷାବିତ୍‌ଙ୍କ ସାହାଯ୍ୟ ନିଅନ୍ତି। ଆଶ୍ଚର୍ଯ୍ୟକର କଥା ସେ ଶିକ୍ଷାବିତ୍‌ଙ୍କ ପାଠପଢ଼ାର ଆକଟ ନୁହେଁ ବରଂ ସ୍ନେହ, ଭଲପାଇବା, ମମତାର ବନ୍ଧନୀ ଭିତରେ ବୁଝିବାକୁ ଚେଷ୍ଟା କରିଥାଏ ସମାଜର ଅଙ୍କାବଙ୍କା ଚିତ୍ର ଚରିତ୍ର ମାନଙ୍କୁ। ଶିକ୍ଷାବିତ୍ ଜଣକ ଅକ୍ଲାନ୍ତ ପରିଶ୍ରମ କରି ତା' ଜୀବନର ମାନଚିତ୍ରକୁ ବଦଳାଇବାର କିଛିଟା ସକ୍ଷମ ହୋଇଛନ୍ତି।

ପିତାମାତା ଓ ପରିବାର ବେଶ କୃତଜ୍ଞ ରୁହନ୍ତି ସେହି ଶିକ୍ଷାବିତ୍‌ଙ୍କ ପାଖରେ। ଇଏ କେବଳ ଆମ ଚରିତ୍ରର ସୋନୁର କଥା ନୁହେଁ। ଏପରି ଅଗଣିତ ପିଲାମାନେ ଆମ ସମାଜରେ ରହିଛନ୍ତି। କେତେକ ପିତାମାତା ଧୈର୍ଯ୍ୟର ସହ ପରିସ୍ଥିତିକୁ ସମ୍ମୁଖୀନ ହୁଅନ୍ତି କିନ୍ତୁ ଆଉ କେତେକଙ୍କର ଧୈର୍ଯ୍ୟଚ୍ୟୁତ ହୋଇଯାଇଥାଏ। କେତେବର୍ଷ ତଳେ ବିଶିଷ୍ଟ ଅଭିନେତା ପ୍ରଯୋଜକ ଅମୀର ଖାନ୍‌ଙ୍କ ଏହି ଅଟିଜମ୍ ପିଲାଙ୍କୁ ନେଇ ଚଳଚ୍ଚିତ୍ର 'ତାରେ ଜମିନ୍ ପର' ବେଶ ଲୋକପ୍ରିୟ ହୋଇଥିଲା। ଘରେ ଘରେ ପିଲାମାନଙ୍କ ସ୍କୁଲରେ ଆଉ ଶୈକ୍ଷିକ ପରିବେଶ ଭିତରେ ଏହି ଚିତ୍ରଟି ଖୁବ୍ ମର୍ମସ୍ପର୍ଶୀ ଥିଲା। ବାସ୍ତବରେ ଅଟିଜମ୍ ହେଉଛି ଏକ ମାନସିକ ବିକୃତି, ଯାହାକି ଶିଶୁ ଠାରେ ୧.୬ରୁ ୨ ବର୍ଷ ବୟସ ମଧ୍ୟରେ ଦେଖାଯାଇଥାଏ। ଏହା ଦ୍ୱାରା କଥା କହିବା, ବୁଝିବା ଓ ଅନ୍ୟ ସହ ଭାଷାର ବ୍ୟବହାର କରି ସାମାଜିକ ସମ୍ପର୍କ ସ୍ଥାପନ କରିବାରେ କଷ୍ଟ ହୋଇଥାଏ। ପ୍ରାକୃତିକ ଖାଦ୍ୟର ଅଭାବ ଓ ଅନିୟମିତ ଖାଦ୍ୟ ଗ୍ରହଣ, ବଂଶଗତ ଦୋଷ, ବାପା-ମାଆଙ୍କ ସ୍ନେହ ଶ୍ରଦ୍ଧାର ଅଭାବର ତଥା ଅନ୍ୟାନ୍ୟ କାରଣରୁ ଶିଶୁଙ୍କଠାରେ ଏହା ଦେଖାଯାଇଥାଏ। ଏହା ଆରୋଗ୍ୟସାଧ୍ୟ ହୋଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ତରଫରୁ ଏଥିରେ ଆକ୍ରାନ୍ତ ଶିଶୁମାନଙ୍କୁ କୌଣସି ସୁବିଧା ସୁଯୋଗ ଦିଆଯାଉ ନାହିଁ। ସୁବିଧାସୁଯୋଗ ଦିଆଯିବା ତ ଦୂରର କଥା, କେନ୍ଦ୍ର ସରକାର ଏମାନଙ୍କୁ ଭିନ୍ନକ୍ଷମ ଘୋଷଣା କରିଥିଲେ ମଧ୍ୟ ପ୍ରମାଣପତ୍ର ଖଣ୍ଡେ ପାଇବାକୁ ସରକାରୀସ୍ତରରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ମା'ବାପାଙ୍କ ମୃତ୍ୟୁ ପରେ ଏହି ଶିଶୁମାନଙ୍କ ଦାୟିତ୍ୱ ନେବା ପାଇଁ ସରକାର କୌଣସି ବ୍ୟବସ୍ଥା କରୁ ନଥିବାରୁ ଅନେକ ମା'ବାପା ଏବେ ଚିନ୍ତାରେ ପଡ଼ିଯାଇଛନ୍ତି।

ଏଥିରେ ଆକ୍ରାନ୍ତ ଶିକାର ପିଲାମାନଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା ପାଇଁ ରାଜ୍ୟରେ ସେପରି ଆଖିଦୃଶିଆ ଅନୁଷ୍ଠାନ ନାହିଁ। ଉଚିତ ସମୟରେ ସଠିକ୍ ଭାବେ ଚିକିତ୍ସା କଲେ ଏହା ଆରୋଗ୍ୟସାଧ୍ୟ ହୋଇପାରିବ ଏବଂ ଏଥିପାଇଁ ବ୍ୟାପକ ସଚେତନତା ଲୋଡ଼ା ବୋଲି ଚିକିତ୍ସକମାନେ ମତ ଦିଅନ୍ତି। ସେମାନଙ୍କ ସୂଚନା ଅନୁଯାୟୀ ଏହି ମାନସିକ ବିକୃତି ଦେଖାଯିବା ପରେ ଅନେକ ଏହା ଭଲ ହେବ ନାହିଁ ବୋଲି ଭାବି ନିଅନ୍ତି। ଫଳରେ ଚିକିତ୍ସା ଅଭାବରୁ ଏହା ବଢ଼ିବା ସହ ଆରୋଗ୍ୟ ହେବାର ସମ୍ଭାବନା କମିଯାଏ। ଅଟିଜମ୍‌ର ଲକ୍ଷଣ ହେଉଛି ଶିଶୁଟି ନିଜ ଦୁନିଆ ଭିତରେ ରହିବାକୁ ଚେଷ୍ଟା କରେ। ସାଙ୍ଗସାଥୀମାନଙ୍କ ସହ ଖେଳ ବୁଲ ନକରି ଏକା ରହିବାକୁ ଚାହିଁଥାଏ। କୌଣସି ଖେଳଣା ପସନ୍ଦ ହୋଇଗଲେ ବେଶି ସମୟ ସେହି ଖେଳଣା ସହ କାଟିବାକୁ ପସନ୍ଦ କରେ। ବିଶେଷ ଭାବାବେଗ ଶିଶୁଠାରେ ଦେଖାଯାଏ ନାହିଁ। ଦୁଃଖରେ କାନ୍ଦିବା କିମ୍ବା ସୁଖରେ ହସିବା ଭଳି ପରିପ୍ରକାଶ କରେ ନାହିଁ। ପ୍ରଥମରୁ ଚିକିତ୍ସା କଲେ ଏହା ଭଲ ହୋଇପାରିବ ନିଶ୍ଚୟ। ବ୍ୟକ୍ତିଗତ ଜୀବନରେ ଜଣେ ସ୍ପିଚ ଥେରାପିଷ୍ଟ ହିସାବରେ ଏବଂ ଜଣେ ସାମାଜିକ କର୍ମୀ ହିସାବରେ ସମାଜ ସେବା ସଙ୍ଗଠନରେ ଜଡ଼ିତ ରହୁଥିବାରୁ ମୁଁ ଏହିପରି ପିଲାଙ୍କ ସଂସ୍ପର୍ଶରେ ଆସିଛି। ଦେଖିଛି ସେମାନେ ଆମ୍ଭମାନଙ୍କଠାରୁ ଟିକିଏ ମମତା ଆଉ ଭଲପାଇବା ପାଇଁ ଭାରି ବ୍ୟାକୁଳିତ।

ପ୍ରତିବର୍ଷ ଅପ୍ରେଲ ୨କୁ ବିଶ୍ୱ ଅଟିଜମ୍ ଦିବସ ଭାବରେ ଗ୍ରହଣ କରାଯାଇ ବିଭିନ୍ନ ସଚେନତା କାର୍ଯ୍ୟକ୍ରମ କରାଯାଇଥାଏ। ଇଣ୍ଡିଆନ ଜର୍ଣ୍ଣାଲ ଅଫ ପେଡ଼ିଆଟ୍ରିକ୍ସ ଅନୁଯାୟୀ ଭାରତରେ ପ୍ରାୟ ୩ ପ୍ରତିଶତ ଲୋକ ଏହି ମସ୍ତିଷ୍କ ବିକୃତିର ଶିକାର ହୋଇଛନ୍ତି। ଏହାଛଡ଼ା ପୁଅମାନେ ଏଥିରେ ଅଧିକ ଆକ୍ରାନ୍ତ ହୋଇଥାନ୍ତି। ପୁଅ ଓ ଝିଅଙ୍କ ଅନୁପାତ ହେଉଛି ୩:୧। ଏହାର ନିରାକରଣ କରା ନଗଲେ ଭବିଷ୍ୟତରେ ଏହି ସଂଖ୍ୟା ଦେଶ ପ୍ରତି ଜଟିଳ ସମସ୍ୟା ସୃଷ୍ଟି କରିବ। ତେଣୁ ଏବେଠାରୁ ଏଥିପ୍ରତି ସଚେତନ ହେବା ଦରକାର। ଅଟିଜମ୍ ନିରାକରଣ ପାଇଁ ନୀଳ ରଙ୍ଗକୁ ଏହାର ପ୍ରତୀକ ଭାବେ ବ୍ୟବହାର କରାଯାଉଥିବାରୁ ନୀଳ ରଙ୍ଗକୁ ବ୍ୟବହାର କରାଯାଇ ବିଭିନ୍ନ ସ୍ଲୋଗାନ ମାନ ଲେଖାଯାଇଥାଏ। ସଚେତନତା ସୃଷ୍ଟି କରିବା ପାଇଁ ଦ୍ୱୈତନଗରୀ କଟକ-ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ବଡ଼ ବଡ଼ ସହରରେ ରେଡ୍‌କ୍ରସ ଭବନ ଓ ଷ୍ଟେଟ ବ୍ୟାଙ୍କ ସମେତ କେତେକ କୋଠାକୁ ନୀଳ ରଙ୍ଗର ଆଲୋକରେ ସଜାଯାଇଥାଏ। ଅଟିଜିମ୍ ପିଲାମାନଙ୍କୁ ନେଇ ଆଦୌ ପରିହାସ କରନ୍ତୁ ନାହିଁ। ଏପରି କ୍ଷେତ୍ରରେ ବାକଶ୍ରବଣ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଭଗବାନଙ୍କ ଉପରେ ବିଶ୍ୱାସ ରଖନ୍ତୁ ଆଉ ସବୁବେଳେ ପିଲାଟିର ଚର୍ତୁପାର୍ଶ୍ୱରେ ତାକୁ ଭଲପାଇବାର ବଞ୍ଚାଇବାର ମହକ ବାଣ୍ଟି ଦିଅନ୍ତୁ। ଦେଖିବେ ସବୁକିଛି ଠିକ୍ ହୋଇଯିବ। ଭଗବାନଙ୍କ ବରଦାନ ତ ଏହି ନିଷ୍କପଟ ଶିଶୁ। ତାଙ୍କ ଉପରେ ବିଶ୍ୱାସ ରଖି ପିଲାଟି ଭିତରେ ନିଜର ପିଲାବେଳକୁ ଖୋଜନ୍ତୁ। ନିଶ୍ଚିନ୍ତ ଭାବରେ ତା'ଭିତରର ସୁରଭି ବିକଶିତ ହୋଇ ଏକ ପ୍ରସ୍ଫୁଟିତ ଗୋଲାପ ପାଲଟିଯିବ।

ବାକଶ୍ରବଣ ବିଶେଷଜ୍ଞ 'ଧ୍ୱନୀ', ମେଟ୍ରୋପ୍ଲାଜା, କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ, ମୋବାଇଲ୍: ୯୪୩୮ ୨୭୬୭୬୦

## ସିଏମ୍‌ଡି ଉଦ୍‌ଘାଟନ କଲେ ଅମ୍ରିତ୍ ଫାର୍ମାସି



**ସମ୍ବଲପୁର,୩।୪(ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟସେବାର ଉପଲବ୍ଧତା ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍.ସି.ଏଲ୍) ବୁର୍ଲାର ଆନନ୍ଦ ବିହାର କଲୋନୀରେ ଅମ୍ରିତ୍ ଫାର୍ମାସି ଉଦଘାଟନ କରିଛି। ଏମ୍.ସି.ଏଲର ସି.ଏମ୍.ଡି. ଶ୍ରୀ ଉଦୟ ଅନନ୍ତ କାଓଲେ ଏହି ଅମ୍ରିତ୍ ଫାର୍ମାସୀକୁ ଉଦଘାଟନ କରିଥିଲେ। ଶ୍ରୀ କେଶବ ରାଓ, ନିର୍ଦ୍ଦେଶକ (ମାନବ ସମ୍ବଳ), ଶ୍ରୀ ଏ.କେ ବେହୁରା, ନିର୍ଦ୍ଦେଶକ (ଅର୍ଥ), ଶ୍ରୀ ପି.କେ ପଟେଲ, ମୁଖ୍ୟ ସତର୍କତା ଅଧିକାରୀ (ସିଭିଓ), ଶ୍ରୀ ସଞ୍ଜୟ କୁମାର ଝା, ନିର୍ଦ୍ଦେଶକ (ବୈଷୟିକ)ଙ୍କ ସମେତ ବରିଷ୍ଠ ଅଧିକାରୀ ଏବଂ ଡାକ୍ତରୀ ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ। ଅମ୍ରିତ୍ ଫାର୍ମାସି ହେଉଛି ଭାରତ ସରକାରଙ୍କ ଏକ ଫ୍ଲାଗସିପ୍ ପଦକ୍ଷେପ, ଯାହା ୨୦୧୫ ରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଆରମ୍ଭ ହୋଇଥିଲା ଏବଂ ଏହା ଏଚ.ଏଲ.ଏଲ ଲାଇଫକେୟାର୍ ଲିମିଟେଡ୍ ଦ୍ୱାରା ପରିଚାଳିତ ଅଟେ। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଅତ୍ୟାବଶ୍ୟକ ଓ ଜୀବନ ରକ୍ଷାକାରୀ ଔଷଧ, ପ୍ରତିରୋପଣ ଏବଂ ଅସ୍ତ୍ରୋପଚାରକୁ ଅତ୍ୟଧିକ ରିହାତି ଦରରେ (ପ୍ରାୟତଃ ବଜାର ମୂଲ୍ୟଠାରୁ ୫୦% ରୁ ୯୦% ପର୍ଯ୍ୟନ୍ତ ରିହାତି) ଉପଲବ୍ଧ କରାଇ ଚିକିତ୍ସା ଉପରେ ବ୍ୟକ୍ତିଗତ ଖର୍ଚ୍ଚ ହ୍ରାସ କରିବା ଅଟେ। ଏମ୍.ସି.ଏଲରେ ଅମ୍ରିତ୍ ଫାର୍ମାସି ପ୍ରତିଷ୍ଠା ଏହାର କର୍ମଚାରୀ, ସେମାନଙ୍କ ପରିବାର ଏବଂ ସ୍ଥାନୀୟ ସମ୍ପ୍ରଦାୟକୁ ସୁଲଭ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଥାଏ। ଏହି ପଦକ୍ଷେପ କର୍ମଚାରୀ କଲ୍ୟାଣ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ ପ୍ରତି ଏମ୍.ସି.ଏଲର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରେ ଏବଂ ସୁଲଭ ସ୍ୱାସ୍ଥ୍ୟସେବାକୁ ମଜବୁତ କରିବାର ରାଷ୍ଟ୍ରୀୟ ଲକ୍ଷ୍ୟ ସହିତ ଅନୁରୂପ ଅଟେ।

## ବିଷ୍ଣୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବି ଭାଇରାଲ




**ଜଗତସିଂହପୁର,୩।୪(ସଂଚାର ବ୍ୟୁରୋ):** ଜିଲ୍ଲା ର ସ୍ରଷ୍ଟା କୁହା ଯାଉଥିବା ପୂର୍ବତନ ମନ୍ତ୍ରୀ, ସାଂସଦ ଓ ବିଧାୟକ ସ୍ୱର୍ଗତ ବିଷ୍ଣୁ ଦାସ ଙ୍କ ପ୍ରତିମୂତି ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସାମ୍ନା ରେ ସ୍ଥାପନ କରିବା ପାଇଁ ବହୁ ଆଗରୁ ଜିଲ୍ଲା ବାସୀଙ୍କ ଦାବି ହେଉଥିବା ବେଳେ। ଏପର୍ଯ୍ୟନ୍ତ ପ୍ରତିମୂର୍ତ୍ତି ସ୍ଥାପନ ହୋଇ ପାରିନାହିଁ, ଯାହା ଫଳରେ ଜିଲ୍ଲା ପ୍ରତିଷ୍ଠା ଉତ୍ସବ ସମୟରେ ଏହାକୁ ସାଧାରଣ ଲୋକମାନେ ବିରୋଧ କରିବା ସହ କିଛି ମତା ମତ ସାମାଜିକ ଗଣମାଧ୍ୟମ ଦ୍ୱାରା ଜଗତସିଂପୁର ଜିଲ୍ଲା ପ୍ରତି ହେଉଥିବା ଅବିଚାର ବିରୁଦ୍ଧରେ କ୍ଷୋଭ ପ୍ରକାଶ କରିବା ସହ ଅଲେଖି କରିଛନ୍ତି ଯେ, ଜିଲ୍ଲା ପାଇଁ ସିଂହ ପରି ଲଢ଼ିଥିବା ସେହି ମଣିଷଟି ଆଜି ଅବହେଳିତ କାହିଁକି? ଆଜକୁ ପ୍ରାୟ ୩୩ ବର୍ଷ ତଳର କଥା। ଅବିଭକ୍ତ କଟକ ଜିଲ୍ଲାରୁ ପୃଥକ ହୋଇ ଏକ ସ୍ୱତନ୍ତ୍ର ଜିଲ୍ଲା ଗଠନ ପାଇଁ ହରିହରପୁର ମାଟିରେ ବିଦ୍ରୋହର ନିଆଁ ଜଳୁଥିଲା। ସେତେବେଳେ ରାଜ୍ୟ ରାଜନୀତିରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶାସନ। ଅନେକ ନେତା, ମନ୍ତ୍ରୀ ଏବଂ ପ୍ରତିନିଧି ଥିଲେ, କିନ୍ତୁ 'ଜଗତସିଂହପୁର' ନାମରେ ଏକ ନୂତନ ଜିଲ୍ଲା ଗଠନ କରିବାର ଦାବି ସେତେବେଳେ କେବଳ ଏକ ସ୍ୱପ୍ନ ପରି ମନେ ହେଉଥିଲା।

## ଓକିଲ ସଂଘ ନବନିର୍ବାଚିତ ପ୍ରତିନିଧିଙ୍କ ଶପଥପାଠ ଉତ୍ସବ



**ଧାମନଗର,୩।୪(ସଂଚାର ବ୍ୟୁରୋ):** ଧାମନଗର ଓକିଲ ସଂଘର ନବ ନିର୍ବାଚିତ ପ୍ରତିନିଧି ମାନଙ୍କର ଶପଥପାଠ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି।ଶୁକ୍ରବାର ଦିବା ୧୧ଘଟିକା ସମୟରେ ଧାମନଗର କୋର୍ଟ ପରିସରରେ ଥିବା ଓକିଲ ସଂଘ ସଭାଗୃହରେ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ଆଇନଜୀବୀ ଅମରେନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।ନୂତନ କର୍ମକର୍ତ୍ତା ମାନଙ୍କୁ ମଞ୍ଚକୁ ଆହ୍ୱାନ କରାଯାଇଥିବା ବେଳେ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ ସମ୍ପାଦନ କରିଥିବା ଆଇନଜୀବୀ ନିରାକାର ଜେନା ଉପସ୍ଥିତ ରହି ଲଗାତାର ଭାବେ ଚତୁର୍ଥ ଥର ପାଇଁ ନିର୍ବାଚିତ ସଭାପତି ଅଶୋକ କୁମାର ଦାସ ଓ ଦ୍ୱିତୀୟ ଥର ପାଇଁ ସାଧାରଣ ସମ୍ପାଦକ ରଣଜିତ ମହାନ୍ତିଙ୍କ ସହ କୋଷଧ୍ୟକ୍ଷ ପର୍ଶୁରାମ ମହାପାତ୍ର, ଉପସଭାପତି ବିଜୟ କୁମାର ରାମ, ସହ ସମ୍ପାଦିକା ମିନତୀ ମଲ୍ଲିକ, କାର୍ଯ୍ୟକାରୀ ସଭ୍ୟ ମନୋଜ କୁମାର ଗୁପ୍ତା ଓ ବିକ୍ରମ ପଣ୍ଡାଙ୍କ ସମେତ କର୍ମକର୍ତ୍ତା ମାନଙ୍କୁ ଶପଥ ପାଠ କରାଇଥିଲେ। ଧାମନଗର ଓକିଲ ସଂଘର ଏକତା ଓ ଗରିମା ବଜାୟୀ ରଖିବା ଉପରେ ପ୍ରାଥମିକତା ଦିଆଯିବ ବୋଲି ନୂତନ ସଭାପତି ଓ ସମ୍ପାଦକ ତାଙ୍କ ପ୍ରତିକ୍ରିୟାରେ ସୂଚନା ଦେଇଥିଲେ।

## 'ସକାରାତ୍ମକ ଚିନ୍ତାଧାରା ପ୍ରତି ସମସ୍ତେ ଗୁରୁତ୍ୱ ଦେବା ଆବଶ୍ୟକ'



**ଦିଗପହଣ୍ଡି,୩।୪(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପାଟପୁର ଗ୍ରାମସ୍ଥିତ ବିଶ୍ୱାସ ରାୟ ବିଜ୍ଞାନ କଲେଜ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ଜନିତ ବିପଦ ନିରାକରଣ ସମ୍ପର୍କିତ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ପ୍ରୟୋଗଶାଳା ପ୍ରଦର୍ଶକ ଅଶ୍ୱିନୀ କୁମାର ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡ. କୈଳାସ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପାଠଚକ୍ରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ସାମ୍ପ୍ରତିକ ପରିସ୍ଥିତିରେ ମନୁଷ୍ୟ ସମେତ ସମସ୍ତ ପ୍ରାଣୀ ସମ୍ପଦର ସ୍ୱାସ୍ଥ୍ୟ ସୁରକ୍ଷା ଏବେ ଚ୍ୟାଲେଞ୍ଜ ହୋଇପଡ଼ିଛି। ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ସମସ୍ତେ ସଚେତନ ରହିବା ନିତାନ୍ତ ଆବଶ୍ୟକ। ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକ ସ୍ୱାସ୍ଥ୍ୟ ସଚେତନତା କ୍ଷେତ୍ରରେ ସକ୍ରିୟ ରହି ଆବଶ୍ୟକ କାର୍ଯ୍ୟ କରିବା ଉଚିତ୍। ଉନ୍ନତ ଜୀବନ ଶୈଳୀ, ସମୟୋପଯୁକ୍ତ ଚିକିତ୍ସା ଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ଦ୍ୱାରା ଆସନ୍ନ ବିପଦଗୁଡ଼ିକୁ ମୁକାବିଲା କରି ପାରିବା। ଆତ୍ମିକ ସ୍ୱାସ୍ଥ୍ୟର ଗୁରୁତ୍ୱ ଉପରେ ଜୋର୍ ଦେଇ ସମସ୍ତ ବ୍ୟକ୍ତି ମନୋଶାନ୍ତି ଓ ସକାରାତ୍ମକ ଚିନ୍ତାଧାରା ପ୍ରତି ଗୁରୁତ୍ୱାରୋପ କରିବାକୁସେ ଉପସ୍ଥିତ ଛାତ୍ରୀଛାତ୍ର ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ।

## ବରଗଡ଼ରେ ଧରପଗଡ଼, ଅତର୍କିତ ଚଢ଼ାଉରେ କରି ୧୮ ସାର ବିକ୍ରେତାଙ୍କ ଲାଇସେନ୍ସ ରଦ୍ଦ



**ବରଗଡ଼,୩।୪(ସଂଚାର ବ୍ୟୁରୋ):** ବରଗଡ଼ ଜିଲାରେ ସାରବିକ୍ରିରେ କଳାବଜାର ତଥା ଅନ୍ୟ ଅନିୟମିତତା ନେଇ କୃଷି ବିଭାଗ ପକ୍ଷରୁ ଧରପଗଡ଼ ଆରମ୍ଭ ହୋଇଛି। ଏହି କ୍ରମରେ ବୁଧବାର ଓ ଗୁରୁବାର ୨ଦିନ ଧରି ଜିଲାର ବିଭିନ୍ନ ବ୍ଲକରେ କୃଷି ବିଭାଗ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଥିଲା। ଚଢ଼ାଉରେ ସାରବିକ୍ରି ଅନିୟମିତତା ଧରାପଡ଼ିବା ପରେ ଜିଲାର ୧୮ ଲାଇସେନ୍ସପ୍ରାପ୍ତ ସାର ବିକ୍ରେତା(ଡିଲର୍)ଙ୍କ ଲାଇସେନ୍ସକୁ ରଦ୍ଦ(ସସପେଣ୍ଡ୍) କରି ଦିଆଯାଇଛି। ସମ୍ପୃକ୍ତ ସାର ବିକ୍ରେତାମାନେ ହେଲେ, ବରଗଡ଼ ବ୍ଲକର ଶ୍ରୀ ଭେଙ୍କଟେଶ୍ୱର ଏଜେନ୍ସିସ୍, ଶିବଶଙ୍କର ଟ୍ରେଡର୍ସ, ଶିବା ଟ୍ରେଡିଙ୍ଗ, ଭେଙ୍କଟେଶ୍ୱର କ୍ରପ୍ କେୟାର୍, ଖମାରୀ ଫର୍ଟିଲାଇଜର ଷ୍ଟୋର, ମୁନ୍ନା କୁମାର ଅଗ୍ରୱାଲ ଫର୍ଟିଲାଇଜର ଡିଲର, ମା ଦୁର୍ଗା ଏଗ୍ରୋ ଫାର୍ମ, ବିକାଶ ଫର୍ଟିଲାଇଜର୍ସ, ଭେଡ଼େନ ବ୍ଲକର ମେହେର ଏଜେନ୍ସି, ବରପାଲି ବ୍ଲକର ଓଡ଼ିଶା ଟ୍ରେଡ୍ କମ୍ବାଇନ୍, ବିଷ୍ଣୁ ଟ୍ରେଡ଼ିଂ କମ୍ପାନୀ, ବିଜେପୁର ବ୍ଲକର ସମଲେଶ୍ୱରୀ ଏଣ୍ଟରପ୍ରାଇଜେସ୍, ସୋହେଲା ବ୍ଲକର ସନ୍ଦୀପ କୁମାର ଗୁପ୍ତା ଫର୍ଟିଲାଇଜର୍ସ ଡିଲର, ବୃନ୍ଦା ମେହେର ଫର୍ଟିଲାଇଜର ଡିଲର୍ସ, ଅତାବିରା ବ୍ଲକର ନିଉ ବଂଶଲ ଟ୍ରେଡର୍ସ, ଦେବ ଟ୍ରେଡ଼ର୍ସ, ସୁଜାତା ଟ୍ରେଡ଼ର୍ସ ଏବଂ ସାହୁ ଟ୍ରେଡ଼ର୍ସ।

# ଝାମୁଯାତ୍ରା ଉପରେ ଏବେ ପ୍ରଦୂଷଣର କଳାବାଦଲ



**କାକଟପୁର,୩।୪(ସଂଚାର ବ୍ୟୁରୋ):** କାକଟପୁରରେ ଚାଲିଛି ମା' ମଙ୍ଗଳାଙ୍କ ପ୍ରସିଦ୍ଧ ଚୈତ୍ର ମାସ ଝାମୁଯାତ୍ରା। ହେଲେ ଏହି ପାରମ୍ପରିକ ଯାତ୍ରା ଉପରେ ଏବେ ପ୍ରଦୂଷଣର କଳାବାଦଲ। ଯେଉଁ ପବିତ୍ର ପ୍ରାଚୀ ନଦୀରୁ ମା' ଉଦ୍ଧାର ହୋଇଥିଲେ, ଆଜି ସେହି ନଦୀର ପାଣି ନର୍ଦ୍ଦମା ପାଲଟିଛି। ଯାହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ଘଣ୍ଟପାଟୁଆ ସେବକ। ମହାପ୍ରଭୁ ଜଗନ୍ନାଥଙ୍କ ସଂସ୍କୃତି ସହ ଓତଃପ୍ରୋତ ଭାବେ ଜଡ଼ିତ ମା' ମଙ୍ଗଳାଙ୍କ ଶକ୍ତିପୀଠ। କିମ୍ବଦନ୍ତୀ ଅନୁସାରେ, ଏହି ଚୈତ୍ର ମାସରେ ହିଁ ମା' ପ୍ରାଚୀ ନଦୀର ଗର୍ଭରୁ ଉଦ୍ଧାର ହୋଇଥିଲେ। ସେହି ସ୍ମୃତିକୁ ରକ୍ଷା କରି ଚୈତ୍ର ପ୍ରତ୍ୟେକ ମଙ୍ଗଳବାରରେ ଘଣ୍ଟପାଟୁଆ ସେବକମାନେ ପ୍ରାଚୀ ନଦୀରୁ ପବିତ୍ର ଜଳ ନେଇ ଘଟ ସ୍ଥାପନ କରନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ, ଯେଉଁଠାରୁ ଘଟ ତୋଳାଯାଏ, ସେହି ତୁଠ ଏବେ ଆବର୍ଜନାରେ ଭର୍ତ୍ତି। ପ୍ରାଚୀ ନଦୀର ଶ୍ରୀହୀନ ଅବସ୍ଥା ଦେଖି ସେବକମାନେ ଏବେ ଆଶଙ୍କା ଓ କ୍ଷୋଭ ପ୍ରକାଶ କରିଛନ୍ତି। ଆସନ୍ତା ଏପ୍ରିଲ ୭ ତାରିଖରେ ମା'ଙ୍କ ପ୍ରସିଦ୍ଧ ଝାମୁଯାତ୍ରା। ଏହିଦିନ ସେବକମାନେ ଘଟ ଧରି ଅଗ୍ନିକୋଣରେ ଚାଲିବାର ପରମ୍ପରା ରହିଛି। ମଙ୍ଗଳା ମନ୍ଦିର ପ୍ରଶାସନ ପକ୍ଷରୁ ସଫେଇ ପାଇଁ ବଜେଟ୍ ବରାଦ ହୋଇଥିଲେ ମଧ୍ୟ କାମ ଶୂନ। ତୁରନ୍ତ ତୁଠ ସଫା ନହୁଏ, ତେବେ ସେମାନେ ଘଟ ବୁଡ଼ାଇବେ ନାହିଁ ବୋଲି କହିଛନ୍ତି ଘଣ୍ଟପାଟୁଆ ସେବକ। ଅନ୍ୟପଟେ, ଯାତ୍ରା ପୂର୍ବରୁ ସବୁକିଛି ଠିକ୍ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ। ବର୍ଷ ବର୍ଷର ପରମ୍ପରା ଆଗରେ ଏବେ ପ୍ରଶାସନିକ ଅବହେଳା ପାଚେରୀ ହୋଇ ଛିଡ଼ା ହୋଇଛି। ପ୍ରାଚୀ ନଦୀର ସଫେଇ କେବେ ହେଉଛି ଏବଂ ଝାମୁଯାତ୍ରା କିଭଳି ସମ୍ପନ୍ନ ହେଉଛି, ତାହା ଦେଖିବାକୁ ବାକି ରହିଲା।

## ଚୁଆ ପାଣିରେ ମେଣ୍ଟୁଛି ଶୋଷ

**ମାଲକାନଗିରି,୩।୪(ସଂଚାର ବ୍ୟୁରୋ):** ଜଳ ପାଇଁ ନାନାଦି ସମସ୍ୟା। ପାଣି ବୁନ୍ଦାଏ ପାଇଁ ମହିଳାଙ୍କୁ ଯିବାକୁ ପଡୁଛି ଗାଁ ପାଖ ଚୁଆକୁ। ଅନ୍ୟପଟେ ଦୂଷିତ ଜଳ ବ୍ୟବହାର ଦ୍ୱାରା ରୋଗରେ ପୀଡିତ ହେଉଛନ୍ତି ଲୋକେ। ଏହି ଦୃଶ୍ୟ ହେଉଛି କୋରୁକୁଣ୍ଡା ବ୍ଲକ ଅନ୍ତର୍ଗତ ନାକାମାମୁଡ଼ି ପଞ୍ଚାୟତର ଗୋପୀଗୁଡା ଗାଁ ର। ଏହି ଦୃଶ୍ୟ ବୟାନ କରୁଛି, ଜଳ ସମସ୍ୟା ଏଠିକାର ମୁଖ୍ୟ ସମସ୍ୟା ବୋଲି। ଦିନ ମଜୁରିଆ କାମ କରି ପରିବାର ପ୍ରତିପୋଷଣ କରିନିଅନ୍ତି, କିନ୍ତୁ ଜଳ କଷ୍ଟ କଥା କହିଲେ ନସରେ। ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନଙ୍କୁ ଜଣେଇଲା ପରେ ବି ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ରହିଛି ଗାଁ। ଗାଁରେ ମୋଟ୍ ୨୦ ରୁ ଊର୍ଦ୍ଧ୍ୱ ପରିବାର ରହୁଥିବା ବେଳେ ଚୁଆ ପାଣି ହିଁ ଏକମାତ୍ର ଭରସା। ଦୁଇ ବର୍ଷ ପୂର୍ବରୁ ଗାଁରେ ନଳକୂଅ ଖୋଳାଯାଇ ସୋଲାର ପାଣି ଦିଆଯାଇଥିଲା ତାହା ଗୋଟିଏ ମାସ ଚାଲିବା ପରେ ମୋଟର ପୋଡ଼ିଗଲା। ହେଲେ ଠିକାଦାର ମୋଟର ତିଆରି କରିବା ପାଇଁ ନେଇ ଆଜି ପର୍ଯ୍ୟନ୍ତ ଦେଖାନାହିଁ।

## ତେଜସ୍ୱିନୀ ମହିଳା ସଂଗଠନ ପକ୍ଷରୁ ଉତ୍କଳ ଦିବସ ପାଳନ
## ଭାଷା ଭିତ୍ତିକ ରାଜ୍ୟ ଗଠନ ପାଇଁ ବହୁ ସଂଘର୍ଷ କରିବାକୁ ପଡ଼ିଥିଲା



**ଧାମନଗର,୩।୪(ସଂଚାର ବ୍ୟୁରୋ):** ଓଡିଶା ତେଜସ୍ୱିନୀ ମହିଳା ସଂଗଠନ ପକ୍ଷରୁ ବୁଧବାର ସନ୍ଧ୍ୟାରେ ସ୍ୱରାଜ ବାର୍ତ୍ତା କାର୍ଯ୍ୟାଳୟ ପରିସରରେ ଉତ୍କଳ ଦିବସ ପାଳନ ହୋଇଯାଇଛି। ସଭାପତି କଳ୍ପନା ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଯୋଗଦେଇ ଓଡ଼ିଶାର ସଂସ୍କୃତି, କଳା, ଭାସ୍କର୍ଯ୍ୟ ହିଁ ଓଡ଼ିଶାର ପରିଚୟ ବୋଲି ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଅଧ୍ୟକ୍ଷ ଶିବଚରଣ ଖାମୁରାଇ ଯୋଗ ଦେଇ କୁଳବୃଦ୍ଧ ମଧୁସୂଦନ ଦାସ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଶ୍ରେୟ ବୋଲି ସୂଚନା ଦେଇଥିଲେ। କିନ୍ତୁ ତାଙ୍କୁ ଅଦ୍ୟାବଧି ରାଜ୍ୟ ସ୍ତରରେ ଯଥୋଚିତ ସମ୍ମାନ ମିଳିନାହିଁ। ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷ ନିହାର ରଞ୍ଜନ କର ଯୋଗ ଦେଇ ଓଡ଼ିଆ ଭାଷାକୁ ସମ୍ମାନ ଦେବା ଆମର ପ୍ରଥମ କର୍ତ୍ତବ୍ୟ ହେବା ଜରୁରି ବୋଲି ସେ କହିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଖଣ୍ଡ ବିଖଣ୍ଡିତ ରାଜ୍ୟକୁ ଏକତ୍ର କରି ରଖିପାରିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନେତା ପ୍ରଭାକର ପରିଡା, ଆଇନଜୀବୀ ପ୍ରବୋଧ ଅଗସ୍ତି, ଖବରଦାତା ପ୍ରଦୀପ ବଳ, ସମ୍ପାଦିକା ଅଞ୍ଜନା ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ମନୋରମା ରାୟ, ଆଇନଜୀବୀ ଚଇତାଳି ଖିଲାର, ଶିକ୍ଷୟିତ୍ରୀ ସାବିତ୍ରୀ ସେଠୀ, ଗୀତାଞ୍ଜଳି ଅଗସ୍ତି, ସଂଯୁକ୍ତା ଯାଦବ, ଆଇନଜୀବୀ ଅଞ୍ଜୁବାଳା ରାଉତ ପ୍ରମୁଖ କବିତା ପାଠ କରିଥିଲେ।

### ଶିକ୍ଷୟିତ୍ରୀଙ୍କ ଦାୟିତ୍ୱହୀନତା
## ଛାତ୍ରୀଙ୍କ ଅଙ୍ଗୁଳିର ଅଗ୍ର ଭାଗ ଛିଣ୍ଡିଗଲା



**ବେତନଟୀ,୩।୪(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧୀନ ସୁଖିଲାହାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଘଟିଥିବା ଏକ ଦୁଃଖଦ ଘଟଣା ଶିକ୍ଷା ବ୍ୟବସ୍ଥାର ଦୁରବସ୍ଥାକୁ ପୁନର୍ବାର ସାମ୍ନାକୁ ଆଣିଛି। ଦ୍ୱିତୀୟ ଶ୍ରେଣୀର ଆଠ ବର୍ଷୀୟା ଛାତ୍ରୀ ଗାୟତ୍ରୀ ମୁର୍ମୁ ଗୁରୁତର ଆହତ ହୋଇଥିବା ବେଳେ ତାଙ୍କ ଡାହାଣ ହାତର ଦୁଇଟି ମଧ୍ୟମ ଅଙ୍ଗୁଳିର ଅଗ୍ରଭାଗ ଛିଡିଯାଇଥିବା ଅଭିଯୋଗ ଉଠିଛି। ଏହି ଘଟଣାକୁ ନେଇ ଅଭିଭାବକ ଓ ଗ୍ରାମବାସୀ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁସାରେ, ସୋମବାର ସକାଳେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ପୂର୍ବରୁ ପହଞ୍ଚି ଖେଳକୁଦରେ ବ୍ୟସ୍ତ ଥିବାବେଳେ ଶିକ୍ଷୟିତ୍ରୀମାନେ ଡେରିରେ ବିଦ୍ୟାଳୟରେ ପହଞ୍ଚିଥିଲେ। ଏହି ସମୟରେ ଅବ୍ୟବସ୍ଥିତ ପରିବେଶ ମଧ୍ୟରେ ଗାୟତ୍ରୀ ଭୁଲବଶତଃ ଦୁଆର ସନ୍ଧିରେ ହାତ ରଖିଥିବାବେଳେ ଅନ୍ୟ ଛାତ୍ରୀମାନେ ଦୁଆର ବନ୍ଦ କରିଦେବାରୁ ତାଙ୍କ ଆଙ୍ଗୁଳି ଗୁରୁତର ଭାବେ ଚାପି ଯାଇଥିଲା। ଯେଉଁଠାରେ ପରିବାର ଲୋକ ଓ ସ୍ଥାନୀୟ ଲୋକ ମାନେ "ଅଙ୍ଗୁଳିର ଅଗ୍ର ଭାଗ ଛିଡିଯାଇଥିବା" ଗୁରୁତର ଅଭିଯୋଗ କରୁଛନ୍ତି, ସେଠାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସାରଳା ମହାନ୍ତ ଓ ଶିକ୍ଷୟିତ୍ରୀ ସତ୍ୟଭାମା ବେହେରା ଏହାକୁ "କେବଳ ନଖ ଉପୁଡିଯାଇଥିବା" ବୋଲି କହି ଏକ ସାଧାରଣ ଘଟଣା କରି ଦେଖାଇବାକୁ ଚେଷ୍ଟା କରିଛନ୍ତି। ଏହି ଭଳି ବିଭ୍ରାନ୍ତିକର ବୟାନ ସତ୍ୟକୁ ଲୁଚାଇବା ପ୍ରୟାସ ନୁହେଁ କି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଘଟଣା ପରେ ଛାତ୍ରୀଙ୍କୁ ପ୍ରଥମେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିଆଯାଇଥିଲା ଗୁରୁତର କ୍ଷତ ଥିବାରୁ ଡାକ୍ତରଙ୍କ ରେଫର ପରେ ବାରିପଦା ପି.ଆର.ଏମ୍ ମେଡିକାଲ କଲେଜକୁ ନିଆଯାଇଥିଲା। ସେଠାରେ ଡାକ୍ତରମାନେ ସର୍ଜରୀ କରାଇବା ପାଇଁ ପରାମର୍ଶ ଦେଇଥିବା ସତ୍ତ୍ୱେ, ଛାତ୍ରୀଙ୍କୁ କେବଳ ଏମର୍ଜେନ୍ସି ରେ ଚିକିତ୍ସା କରି ଘରକୁ ଫେରାଇ ଆଣାଯାଇଥିବା ଅଭିଯୋଗ ଗୁରୁତର ପ୍ରଶ୍ନ ଉଠାଏ। ଯେ ଚିକିତ୍ସା ନିଷ୍ପତ୍ତିରେ ଶିକ୍ଷୟିତ୍ରୀଙ୍କ ଅବହେଳା କାହିଁକି ତା ସହିତ ସ୍କୁଲ ରେ ଶିଶୁର ସୁରକ୍ଷା ଅଧିକାର ଉଲ୍ଲଂଘନ। ବିଦ୍ୟାଳୟରେ ନିରାପତ୍ତା ଦାୟିତ୍ୱ ତୁଲାଇବାରେ ଶିକ୍ଷୟିତ୍ରୀଙ୍କ ବିଫଳତା।

## ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ, ନିଯୁକ୍ତି ପତ୍ର ବଣ୍ଟନ

**ଝାରସୁଗୁଡ଼ା,୩।୪(ସଂଚାର ବ୍ୟୁରୋ):** ଜିଲ୍ଲା ପ୍ରଶାସନ ଓ ପୌର ପରିଷଦର ମିଳିତ ଆନୁକୂଲ୍ୟରେ ଆଜି ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଡିଏମଏଫ ଅଡିଟୋରିୟମଠାରେ ଆୟୋଜିତ ଏହି ସ୍ୱତନ୍ତ୍ର ସମାରୋହରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) - ୨.୦ ର କାର୍ଯ୍ୟାଦେଶ ଏବଂ ନିଯୁକ୍ତି ମେଳାରେ ଯୋଗ୍ୟ ବିବେଚିତ ହୋଇଥିବା ଯୁବକଯୁବତୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମାନ୍ୟବର ରାଜସ୍ୱ ମନ୍ତ୍ରୀଙ୍କ ପ୍ରତିନିଧି ନଭଲ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ବ୍ରଜ ବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ପୌର ପାଳିକା ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ ଏବଂ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀଙ୍କ ସମେତ ବିଭିନ୍ନ ୱାର୍ଡର କାଉନସିଲର ଓ ସରକାରୀ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, "ଯେତେବେଳେ ଜଣେ ଅସହାୟ ପରିବାର ମୁଣ୍ଡ ଉପରେ 'ଛାତ'ଟିଏ ପାଏ ଏବଂ ଜଣେ ଯୁବକ ହାତରେ 'ନିଯୁକ୍ତି'ର ସୁଯୋଗ ପାଏ, ସେତେବେଳେ କେବଳ ଗୋଟିଏ ବ୍ୟକ୍ତି ନୁହେଁ, ବରଂ ସାରା ସମାଜର ବିକାଶ ହୁଏ।"

# କାଳବୈଶାଖୀ ତାଣ୍ଡବ: ଭାଙ୍ଗିଲା ଗଛ, ଉଡ଼ିଲା ଆଜ୍‌ବେଷ୍ଟସ୍



**କୋରାପୁଟ,୩।୪(ସଂଚାର ବ୍ୟୁରୋ):** କୋରାପୁଟ ସହରରେ ଶୁକ୍ରବାର ସନ୍ଧ୍ୟାରେ କାଳବୈଶାଖୀ ତାଣ୍ଡବ ରଚିଛି। କାଳବୈଶାଖୀ ପ୍ରଭାବରେ ଅଞ୍ଚଳର ବିଭିନ୍ନ ସ୍ଥାନରେ ଝଡ଼ତୋଫାନ ହୋଇଛି। ଝଡ଼ତୋଫାନରେ କୋରାପୁଟ-ରାୟଗଡ଼ା ସଂଯୋଗ କରୁଥିବା ୩୨୬ନମ୍ବର ଜାତୀୟ ରାଜପଥ ବଙ୍ଗଲାଗୁଡା ନିକଟରେ ଏକ ବିରାଟକାୟ ଆମ୍ବ ଗଛ ଉପୁଡି ରାସ୍ତା ଉପରେ ପଡ଼ି ରହିବାରୁ ରାଜପଥରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡି ଅଟକି ରହିଥିବା ଦେଖିବାକୁ ମିଳିଛି। ଖବର ପାଇ ଗ୍ରାମର କିଛି ଲୋକ ଆସି ଗଛକାଟି ରାସ୍ତା ସଫା କରିଥିଲେ। ଫଳରେ ଗାଡିଚଳାଚଳ ସ୍ୱାଭାବିକ ହୋଇଥିଲା। ସେହିପରି ଗ୍ରାମ ନିକଟ କାଜୁ କାରଖାନାରେ କାମ କରୁଥିବା ଜଣେ ଶ୍ରମିକଙ୍କ ଘର ଆଜେବେଷ୍ଟସ୍ ପବନରେ ଉଡ଼ି ଯାଇଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ଶ୍ରମିକମାନେ ଅତ୍ୟଧିକ ପବନ ହେବାରୁ ବଙ୍ଗଳାଗୁଡା ଗାଁକୁ ପରିବାର ସହ ଚାଲିଆସିବାରୁ ବିପଦରୁ ବର୍ତ୍ତି ଯାଇଛନ୍ତି। ଅନ୍ୟପକ୍ଷେ ପୋଡ଼ାଗଡ଼ ହାଟପଦା ନିକଟରେ ଏକ ଗଛ ରାସ୍ତା ଉପରେ ପଡିବାରୁ ଯାତାୟତ ବାଧାପ୍ରାପ୍ତ ହୋଇଛି। ହେଲେ ସ୍ଥାନୀୟ ବ୍ୟବସାୟୀମାନେ ଗଛ କାଟି ସଫା କରିଛନ୍ତି। ସେହିପରି କୋରାପୁଟ ସଦର ବ୍ଲକ ଅଧୀନ ବାରିଗୁଡା ଗ୍ରାମର ଅଙ୍ଗନ୍‌ୱାଡ଼ି କେନ୍ଦ୍ର ନିକଟରେ ଥିବା ଏକ ବିରାଟ ପଣସ ଗଛ ଭାଙ୍ଗି ପଡିଥିବା ଦେଖିବାକୁ ମିଳିଛି। ଏପରିକି କାଳବୈଶାଖୀ ପ୍ରଭାବରେ ଅଞ୍ଚଳର ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି।

## ଆମ୍ବୁଲାନ୍ସ ବିଳମ୍ବରେ ପହଞ୍ଚିବାରୁ ଗର୍ଭବତୀଙ୍କ ଅକାଳ ମୃତ୍ୟୁ ଅଭିଯୋଗ



**ଦାରିଙ୍ଗବାଡି,୩।୪(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ଜଣେ ଗର୍ଭବତୀଙ୍କ ଗୁରୁବାର ଅପରାହ୍ନରେ ଅକାଳରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ରାସ୍ତା ଖରାପ ଯୋଗୁ ଆମ୍ବୁଲାନ୍ସ ବିଳମ୍ବରେ ପହଞ୍ଚିବା କାରଣରୁ ଏହି ମୃତ୍ୟୁ ହୋଇଥିବା ପରିବାର ଲୋକ କହିଛନ୍ତି। ମୃତ ଗର୍ଭବତୀ ମହିଳା ହେଲେ ଉକ୍ତ ଥାନା ସରାମୁଲି ପଞ୍ଚାୟତ ସିଞ୍ଜାକୁଟି ଗ୍ରାମର ହେମଲୀ ପାଟମାଝୀ (୨୨) ବୋଲି ଜଣାପଡିଛି। ତାଙ୍କର ଏହା ପ୍ରଥମ ଗର୍ଭ ବୋଲି ଜଣାପଡିଛି । ପ୍ରକାଶ ଯେ, ହେମଲୀ ୭ ମାସର ଗର୍ଭବତୀ ରହିଥିଲେ। ସେ ଗୁରୁବାର ହଠାତ ଅସୁସ୍ଥ ହେବା ସହ ଗୋଡ଼ ହାତ ଛାଟିପିଟି ହୋଇଥିଲା। ପରିବାର ଲୋକ ଆମ୍ବୁଲାନ୍ସ ଡକାଇଥିଲେ ତେବେ ଗାଁକୁ ସବୁଦିନିଆ ଭଲ ରାସ୍ତାଟିଏ ନ ଥିବାରୁ ବିଳମ୍ବରେ ଆମ୍ବୁଲାନ୍ସ ପହଞ୍ଚିଥିଲା। ତାଙ୍କୁ ଗଜପତି ଜିଲ୍ଲା ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

## ଚିତ୍ରକୋଣ୍ଡାର ଶିବାନନ୍ଦ ଆଶ୍ରମରେ ଅଖଣ୍ଡ ରାମାୟଣ ପାଠ

**ମାଲକାନଗିରି,୩।୪(ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ସ୍ଥିତ ଶିବାନନ୍ଦ ଆଶ୍ରମରେ ଅଖଣ୍ଡ ରାମାୟଣ ପାଠ କାର୍ଯ୍ୟକ୍ରମ ଭକ୍ତିମୟ ପରିବେଶରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ପବିତ୍ର ଅବସରରେ ବାବା ରାମଦାସ ରାମାୟଣୀ ବାବାଙ୍କ ଦ୍ୱାରା ରାମାୟଣ ପାଠ କରାଯାଇଥିଲା। ସକାଳ ୬ଟାରୁ ଗୁରୁ ପାଦପୂଜା ଓ ସତସଙ୍ଗ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ଅଖଣ୍ଡ ରାମାୟଣ ପାଠ ଶୃଙ୍ଖଳାବଦ୍ଧ ଭାବେ ଚାଲିଥିଲା ଓ ପ୍ରାୟ ସକାଳ ୧୦ଟା ୩୦ ମିନିଟ୍ ସମୟରେ ସମାପ୍ତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଦିବ୍ୟଜୀବନ ସଂଘର ସଭାପତି ଲକ୍ଷ୍ମଣ ବେହେରା ଓ ସମ୍ପାଦକ ଶଙ୍କର ଦାସଙ୍କ ନେତୃତ୍ୱରେ ସୁଚାରୁ ଭାବେ ପରିଚାଳନା କରାଯାଇଥିଲା। ଭକ୍ତମାନଙ୍କ ପାଇଁ ସକାଳେ ବାଲଭୋଗ ସହ ମଧ୍ୟାହ୍ନ ସମୟରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି ଧାର୍ମିକ ଅନୁଷ୍ଠାନରେ ବହୁ ସଂଖ୍ୟକ ଭକ୍ତ ଯୋଗଦେଇ ଆଧ୍ୟାତ୍ମିକ ଲାଭ ଅନୁଭବ କରିଥିଲେ।

## ବିନା ବହିରେ ଆରମ୍ଭ ହେଲା ନୂଆ ଶିକ୍ଷାବର୍ଷ

**ଜୟପୁର,୩।୪(ସଂଚାର ବ୍ୟୁରୋ):** କୋରାପୁଟ ଜିଲାରେ ନୂଆ ଶିକ୍ଷାବର୍ଷ ଆରମ୍ଭ ହୋଇଯାଇଥିବା ବେଳେ ନୂଆ ଶ୍ରେଣୀରେ ନୂତନ ପାଠ୍ୟକ୍ରମରେ ଛାତ୍ରଛାତ୍ରୀ ପଢ଼ିବେ। ଏଥିପାଇଁ ସରକାରୀ ଓ ଘରୋଇ ବିଦ୍ୟାଳୟରେ ବ୍ୟାପକ ପ୍ରସ୍ତୁତି ଚାଲିଛି। ପ୍ରବେଶ ଉତ୍ସବ ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବାକୁ ଏକାଧିକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ହେଲେ ପିଲାଙ୍କ ନିକଟରେ ପାଠ୍ୟପୁସ୍ତକ ଉପଲବ୍ଧ ହୋଇପାରି ନାହିଁ। ଉଭୟ ରାଜ୍ୟ ସରକାର ଓ ଏନ୍‌ସିଇଆରଟି ଛାତ୍ରଛାତ୍ରୀଙ୍କୁ ବହି ଯୋଗାଇବାରେ ବିଫଳ ହୋଇଛନ୍ତି। ସରକାରୀ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମାଗଣା ପାଠ୍ୟପୁସ୍ତକ ଯୋଗାଣ ଏପର୍ଯ୍ୟନ୍ତ ସମ୍ଭବପର ହୋଇ ପାରିନାହିଁ। ବଜାରରେ ବିକ୍ରି ହେଉଥିବା ବହି ମଧ୍ୟ ମିଳୁନି। ବିଗତ ବର୍ଷଗୁଡ଼ିକ ପରି ଏଥର ମଧ୍ୟ ଏନ୍‌ସିଇଆରଟି ଠିକ୍ ସମୟରେ ପାଠ୍ୟପୁସ୍ତକ ବଜାରକୁ ଛାଡି ପାରିନାହିଁ। କଷ୍ଟେମଷ୍ଟେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଉଭୟ ଅନ୍ ଲାଇନ୍ ଓ ଅଫ୍ ଲାଇନ୍ ରେ ପାଠ୍ୟପୁସ୍ତକ ଉପଲବ୍ଧ କରାଯାଇଛି। ତେବେ ୯ମ ଶ୍ରେଣୀ ସିଲାବସ୍ ପରିବର୍ତ୍ତନ ହୋଇଥିବାରୁ ତାହା ଏବେ ସମସ୍ୟା ସୃଷ୍ଟି କରିଛି। ନୂତନ ସିଲାବସ୍ ଅନୁଯାୟୀ ଏପର୍ଯ୍ୟନ୍ତ ପାଠ୍ୟପୁସ୍ତକ ପ୍ରସ୍ତୁତ ସରି ନ ଥିବାରୁ ଛପା ଯାଇପାରି ନାହିଁ। ବଜାରକୁ ଆସିବାକୁ ଆହୁରି କେତେ ସମୟ ଲାଗିବ ତାହା କେହି କହିପାରୁ ନାହାନ୍ତି। ଏହାଦ୍ୱାରା ପିଲାମାନେ ବହୁ ପରିମାଣରେ ହଇରାଣ ହେଉଛନ୍ତି। ସ୍କୁଲ କର୍ତ୍ତୃପକ୍ଷ ମଧ୍ୟ ପିଲାଙ୍କୁ କେଉଁଭଳି ପଢ଼ାଇବେ ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି। କେବଳ ସିବିଏସ୍‌ଇ ଛାତ୍ରଛାତ୍ରୀ ନୁହନ୍ତି, ଓଡ଼ିଆ ମାଧ୍ୟମ ଛାତ୍ରଛାତ୍ରୀଙ୍କ ପାଖରେ ମଧ୍ୟ ବହି ପହଞ୍ଚି ପାରିନାହିଁ। ଶିକ୍ଷାବର୍ଷ ଆରମ୍ଭ ପୂର୍ବରୁ ପ୍ରଥମରୁ ୮ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ରାଜ୍ୟ ସରକାର ମାଗଣା ପାଠ୍ୟପୁସ୍ତକ ଯୋଗାଇ ଦେବାର ନିୟମ ରହିଛି।

### ମାଲକାନଗିରିରେ ପ୍ରାକ୍ ଶିକ୍ଷାର ବିକଳ ଚିତ୍ର
# ୧୮୫ ଅଙ୍ଗନବାଡ଼ି କେନ୍ଦ୍ରର ନାହିଁ ନିଜସ୍ୱ ଘର



**ମାଲକାନଗିରି,୩।୪(ସଂଚାର ବ୍ୟୁରୋ):** ଶିଶୁମାନେ ଦେଶର ଭବିଷ୍ୟତ। ସେମାନଙ୍କୁ ସୁରକ୍ଷିତ ପରିବେଶରେ ପ୍ରାକ୍-ଶିକ୍ଷା ଦେବା ପାଇଁ ସରକାର ଅଙ୍ଗନବାଡ଼ି କେନ୍ଦ୍ର ଖୋଲିଛନ୍ତି। ହେଲେ ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକରୁ ଆସିଛି ଏକ ଶୋଚନୀୟ ଚିତ୍ର। କେଉଁଠି ଗଛ ମୂଳେ ତ କେଉଁଠି ବିପଦଜନକ ଭଙ୍ଗା ଘରେ ଚାଲିଛି କୋମଳମତି ଶିଶୁଙ୍କ ପାଠପଢ଼ା। ଭଙ୍ଗା ଘରେ ଭବିଷ୍ୟତ। କେଉଁଠି କାନ୍ଥ ଫାଟି ଆଁ କରିଛି ତ କେଉଁଠି ଛାତରୁ ପ୍ଲାଷ୍ଟର ଖସୁଛି। ବାରଣ୍ଡାରେ ବିପଜ୍ଜନକ ଭାବେ ଝୁଲୁଛି ବିଦ୍ୟୁତ୍ ତାର। କାଲିମେଳା ବ୍ଲକ ବଡ଼ିଗେଟା ପଞ୍ଚାୟତର ଟେକଗୁଡ଼ା-ବି ଗାଁର ଅଙ୍ଗନବାଡ଼ି କେନ୍ଦ୍ର। ଦୀର୍ଘ ବର୍ଷ ହେବ ଗାଁର ଜଣେ ବ୍ୟକ୍ତିଙ୍କ ପୁରୁଣା ଇନ୍ଦିରା ଆବାସ ଘରେ ମାସିକ ମାତ୍ର ୫୦୦ ଟଙ୍କା ଭଡ଼ାରେ ଚାଲିଛି ଏହି କେନ୍ଦ୍ର। ବର୍ଷା ଦିନେ ଛାତରୁ ପାଣି ଗଳୁଥିବା ବେଳେ ଖରା ଦିନେ ପ୍ରବଳ ଗରମରେ ସିଝୁଛନ୍ତି ଶିଶୁ। ନା ଅଛି ପିଇବା ପାଣିର ସୁବିଧା, ନା ଅଛି ଶୌଚାଳୟ। ସବୁଠାରୁ ଦୁର୍ଭାଗ୍ୟର କଥା ହେଉଛି, ନୂଆ କୋଠା ପାଇଁ ସରକାରୀ ଅନୁଦାନ ଆସିଛି। ହେଲେ ଠିକାଦାରଙ୍କ ଅବହେଳା ଯୋଗୁଁ ବିଗତ ୨ ବର୍ଷ ହେବ କାମ ଅଧାରେ ପଡ଼ିଛି। ଅଧାଗଢ଼ା ଘର ଭିତରେ ଗଛ ଉଠିଗଲାଣି। ଚାରିଆଡ଼େ ଯେମିତି ଜଙ୍ଗଲ ସୃଷ୍ଟି ହୋଇଛି। ଗାଁର ୬୦ଟି ଆଦିବାସୀ ପରିବାର ନିଜ ପିଲାଙ୍କୁ ଏହି ବିପଦଜନକ କେନ୍ଦ୍ରକୁ ଛାଡ଼ିବାକୁ ଭୟ କରୁଛନ୍ତି। କେବଳ ଟେକଗୁଡ଼ା ନୁହେଁ, ମାଲକାନଗିରି ଜିଲ୍ଲାରେ ମୋଟ ୧୮୫ଟି ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଘର ନାହିଁ। ସେଥିମଧ୍ୟରୁ ଚିତ୍ରକୋଣ୍ଡାରେ ସର୍ବାଧିକ ୬୦ଟି କେନ୍ଦ୍ର ଭଡ଼ାଘରେ ଚାଲିଛି।ଶିକ୍ଷା ବ୍ୟବସ୍ଥାକୁ ନେଇ ସରକାର ବଡ଼ ବଡ଼ କଥା କହୁଥିବା ବେଳେ ମାଲକାନଗିରିରୁ ଆସିଥିବା ଅଭିଯୋଗର ସମାଧାନ କେବେ ହେବ ଏବଂ ଶିଶୁମାନେ କେବେ ଏକ ସୁରକ୍ଷିତ କୋଠାରେ ବସି ପାଠ ପଢ଼ିବେ, ତାକୁ ହିଁ ଅପେକ୍ଷା।